

সুদিরমণ কপরে হারিলে সিন্ধু | ১১

ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar

GET IT ON Google Play | Download on the App Store



'କାନ୍ସ ଫିଲ୍ମ ଫେଷ୍ଟିଭାଲ'ରେ ନଜର ଆସିବେ ଅନୁଷ୍କା, ମାନୁସୀ | ୧୨

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ବିଂଶତମ ବର୍ଷ ସଂଖ୍ୟା-୫୪ Vol. 20 No-54 16 MAY 2023 TUESDAY BHUBANESWAR ମଙ୍ଗଳବାର, ୧୬ ମଇ ୨୦୨୩ ପୃଷ୍ଠା-୧୨ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ଏନଆଇଏ ପକ୍ଷରୁ ୭ ସ୍ଥାନରେ ଚଢାଉ

ଶ୍ରୀନଗର, ୧୫।୫: ଆତଙ୍କବାଦୀଙ୍କୁ ଅର୍ଥ ଯୋଗାଣ ନେଇ ସୋମବାର ଏନଆଇଏ ପକ୍ଷରୁ ଜାମ୍ମୁକାଶ୍ମୀରର ୭ଟି ସ୍ଥାନରେ ଚଢାଉ କରାଯାଇଛି । ଶ୍ରୀନଗର, ପୁଲୱାମା, ଅନନ୍ତନାଗ, ସୋପିଆନ୍ ଓ କୁଲଗ୍ରାମ ସମେତ ଅନ୍ୟ ଦୁଇ ଯାଗାରେ ଚଢାଉ ଚାଲିଛି । ପୂର୍ବରୁ ମଧ୍ୟ ଏହି ମାମଲାରେ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା ।

### ରିମାଣ୍ଡରେ ଯିବେ ଦେଶଦ୍ରୋହ କାର୍ଯ୍ୟରେ ଲିପ୍ତ ୩ ଅଭିଯୁକ୍ତ

କଟକ, ୧୫।୫(ଭାସ୍କର ନ୍ୟୁଜ): ଦେଶଦ୍ରୋହ କାର୍ଯ୍ୟରେ ଲିପ୍ତ ଥିବା ୩ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବାପାଇଁ ଏସଟିଏଫ୍ ଯୋଜନା କରିଛି । ଏ ନେଇ ଅଦାଲତରେ ଆବେଦନ କରାଯିବ ବୋଲି ସୂଚନା ଦିଆଯାଇଛି । ସୂଚନାଯୋଗ୍ୟ ଯେ ରବିବାର ଦେଶଦ୍ରୋହ କାର୍ଯ୍ୟରେ ଲିପ୍ତଥିବା ୩ ଅଭିଯୁକ୍ତଙ୍କୁ ଏସଟିଏଫ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସେମାନଙ୍କ ମଧ୍ୟରେ ନୟାଗଡ଼ର ୨ଜଣ ଥିବାବେଳେ ଯାଜପୁରର ଜଣେ ରହିଛନ୍ତି ।

### ପୌରପାଳିକା ଗୋଦାମ ଗୃହ ଜଳିଗଲା

ଯାଜପୁର, ୧୫।୫(ଭାସ୍କର ନ୍ୟୁଜ): ଯାଜପୁର ଟାଉନରେ ଥିବା ଯାଜପୁର ପୌରପାଳିକା ଗୋଦାମରେ ଅଗ୍ନିକାଣ୍ଡ ଘଟିଛି । ଏହି ଗୋଦାମରେ ଗଚ୍ଛିତ ଥିବା ମଶାତେଲ, ବ୍ଲିଚିଂ ପାଉଡର ସମେତ ଅନ୍ୟାନ୍ୟ ବହୁ ସାମଗ୍ରୀ ଜଳିପୋଡ଼ି ପାଉଁଶ ହୋଇଯାଇଛି । ଅଗ୍ନିଶମବାହିନୀ ନିଆଁକୁ ଆୟତ୍ତ କରିଥିଲା ।

ସେନ୍ସେକ୍ସ: ୬୨,୩୪୫.୭୧
ତାପମାତ୍ରା: ଭୁବନେଶ୍ୱର
ସର୍ବାଧିକ: ୩୮.୪ଡିଗ୍ରୀ
ସର୍ବନିମ୍ନ: ୨୮ ଡିଗ୍ରୀ

### ୧୫।୫ର ମତାମତ

ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଜନଜାତିଙ୍କ ବିକାଶରେ ସହାୟକ ହେଉଛି କି ?




### ଆଜିର ପ୍ରସଙ୍ଗ

ଦେଶଦ୍ରୋହ ମାମଲାରେ ସଂପୃକ୍ତ ଅଭିଯୁକ୍ତଙ୍କୁ କଠୋରେ ଦଣ୍ଡରେ ଦଣ୍ଡିତ କରିବା ଉଚିତ ନୁହେଁ କି ?

ମତାମତ ଦେବା ପାଇଁ ଲଗ୍ଅନ୍ କରନ୍ତୁ
www.odishabhaskar.com

## ପାଣିପାଗ ବିଭାଗର ସୂଚନା

# ୨ ଦିନ ଅସମ୍ଭାଳ ତାତି



- ୧୬, ୧୭ ହିଟ୍‌ୱେଭ୍ ଆଲର୍ଟ
- ପାରଦ ୩ରୁ ୫ ଡିଗ୍ରୀ ବୃଦ୍ଧି ସମ୍ଭାବନା
- ୫ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି
- ଜଳିବ ଆଭ୍ୟନ୍ତରୀଣ ଓଡ଼ିଶା
- ସତର୍କ, ସଚେତନ ରହିବାକୁ ପରାମର୍ଶ

ଭୁବନେଶ୍ୱର ୧୫।୫(ଭାସ୍କର ନ୍ୟୁଜ): ମାଡ଼ି ଆସୁଛି ଡହଡହ ତାତି । ଦୁଇ ଦିନ ସାରା ରାଜ୍ୟରେ ଜାରି ରହିବ ଅସହ୍ୟ ଗରମ ଓ ଗୁଳୁଗୁଳି । ଅନୁଭୂତ ହେବ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ । ୧୬ ଓ ୧୭ ଦୁଇ ଦିନ ଧରି ଜଳିବ ସାରା ରାଜ୍ୟ । ବିଶେଷ କରି ଆଭ୍ୟନ୍ତରୀଣ ଓଡ଼ିଶାରେ ସ୍ଥିତି ସଙ୍ଗୀନ ରୂପ ଧାରଣ କରିବ । ସ୍ୱାଭାବିକ ଠାରୁ ୩ରୁ ୫ ଡିଗ୍ରୀ ବଢିବ ପାରଦ । ଏନେଇ ସୂଚନା ଦେଇଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର । ପଶ୍ଚିମ, ଉତ୍ତର ପଶ୍ଚିମ ଦିଗରୁ ଶୁଷ୍କ ଗରମ ବାୟୁ ରାଜ୍ୟ ଭିତରକୁ ପ୍ରବେଶ କରୁଥିବାରୁ ତାତିର ପ୍ରଭାବ ବୃଦ୍ଧି ପାଇବ । ଡହଡହ ଖରାରେ ସାରା ରାଜ୍ୟ ସିଝିବ । ଉପକୂଳ ଅପେକ୍ଷା ପଶ୍ଚିମ ଓଡ଼ିଶାରେ ତାତିର ପ୍ରଭାବ ଅଧିକ ଅନୁଭୂତ ହେବ । ଏପରିକି କିଛି ଅଞ୍ଚଳରେ ତାପମାତ୍ରା ୪୫ ଡିଗ୍ରୀ ଉପରେ ରହିବ ବୋଲି ସତର୍କ ସୂଚନା ଜାରି କରାଯାଇଛି । ୫ଟି ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଏହିସବୁ ଜିଲ୍ଲାରେ ହିଟ୍‌ୱେଭ୍ ନେଇ ସତର୍କ ଓ ସଚେତନ ରହିବାକୁ ପରାମର୍ଶ ଦିଆଯାଇଛି । ଏହିସବୁ ଜିଲ୍ଲାଗୁଡ଼ିକ ହେଲା ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୋନପୁର ଓ ବଲାଙ୍ଗିର । ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ନଜରରେ ରଖି ଆଲର୍ଟରେ ରହିଛି ପ୍ରଶାସନ । ପ୍ରତିଦିନ ଗ୍ରୀଷ୍ମ ପ୍ରବାହ ନେଇ ରିପୋର୍ଟ ଦେବା ପାଇଁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲା ଯିବା ସହ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ପାନୀୟ • ପୃଷ୍ଠା ୮ ଦେଖନ୍ତୁ

### ୧୭ ସହରର ତାପମାତ୍ରା ୪୦ଡିଗ୍ରୀ ଉପରେ

## ୪୪.୪ ଡିଗ୍ରୀ ସହ ବଲାଙ୍ଗୀର ସବୁଠୁ ଉତ୍ତପ୍ତ



ଭୁବନେଶ୍ୱର, ୧୫।୫(ଭାସ୍କର ନ୍ୟୁଜ): ସାରା ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଲାଗି ରହିଛି । ସୋମବାର ରାଜ୍ୟର ୧୭ଟି ସହରର ତାପମାତ୍ରା ୪୦ଡିଗ୍ରୀ ଉପରେ ଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ୪୪.୪ ଡିଗ୍ରୀ ସହ ବଲାଙ୍ଗୀର ରାଜ୍ୟର ସବୁଠୁ ଉତ୍ତପ୍ତ ସହର ଭାବେ ବିବେଚିତ ହୋଇଥିବାବେଳେ ତା ତଳକୁ ରହିଛି ଟିଟିଲାଗଡ଼ । ଟିଟିଲାଗଡ଼ର ସର୍ବୋଚ୍ଚ ତାପମାତ୍ରା ୪୪ଡିଗ୍ରୀ ଥିବା ଜଣାପଡ଼ିଛି । • ପୃଷ୍ଠା ୮ ଦେଖନ୍ତୁ

### ଭୁବନେଶ୍ୱର-ଦୁବାଇ ବିମାନସେବାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

# 'ଆନ୍ତର୍ଜାତିକ ସଂଯୋଗୀକରଣ ଗୁରୁତ୍ୱପୂର୍ଣ୍ଣ'



ଭୁବନେଶ୍ୱର, ୧୫।୫(ଭାସ୍କର ନ୍ୟୁଜ): ଶେଷରେ ଦୀର୍ଘ ପ୍ରତୀକ୍ଷାର ଅନ୍ତଃ ଘଟିଛି । ଆନ୍ତର୍ଜାତିକ ସଂଯୋଗୀକରଣ କ୍ଷେତ୍ରରେ ଓଡ଼ିଶା ଲେଖିଲା ନୂଆ ଅଧ୍ୟାୟ । ଦୁବାଇକୁ ଭୁବନେଶ୍ୱରରୁ ସିଧାସଳଖ ଉଡ଼ିଲା ଇଣ୍ଡିଗୋ ବିମାନ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପତାକା ଦେଖାଇ ଏହି ଉଡାଣ ସେବାର ଶୁଭାରମ୍ଭ କରିଥିଲେ । ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ୧୭୦ ଯାତ୍ରୀଙ୍କୁ ନେଇ ଦୁବାଇ ଅଭିମୁଖେ ଉଡାଣ ଭରିଛି ଇଣ୍ଡିଗୋ ବିମାନ । ଏହାକୁ ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଶିଳ୍ପର ବିକାଶ ହେଉ କିମ୍ବା ନିବେଶ, ପର୍ଯ୍ୟଟନକୁ ପ୍ରୋତ୍ସାହନ କିମ୍ବା ବିଦେଶରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କ ସହ ଯୋଗାଯୋଗ ନେଇ ଆନ୍ତର୍ଜାତିକ ସଂଯୋଗୀକରଣ ଆବଶ୍ୟକ । ୟୁରୋପ ଓ ଆମେରିକା ବଜାର ପାଇଁ ଦୁବାଇ ହେଉଛି ମଧ୍ୟପ୍ରାଚ୍ୟର ଗେଟ୍ ୱେ । ଦୁବାଇକୁ ପ୍ରଥମ ଦିନର ଫ୍ଲାଇଟ୍‌ରେ ଯାତ୍ରୀଙ୍କ ସହ ମିଶନଶକ୍ତି ସଦସ୍ୟା, କ୍ରୀଡ଼ାବିତ ପ୍ରମୁଖ ଯାତ୍ରା କରିଛନ୍ତି । ଯାତ୍ରୀଙ୍କୁ ଉତ୍ତରୀୟ, ଓଡ଼ିଶା ପର୍ଯ୍ୟଟନ କିଟ୍‌ବ୍ୟାଗ୍, ପୁଷ୍ପଗୁଚ୍ଛ ଓ ମିଠା ଦିଆଯାଇ ବିଦାୟ କରାଯାଇଥିଲା । ସେହିପରି ଦୁବାଇରୁ ଆସି ପହଞ୍ଚିଥିବା ଯାତ୍ରୀଙ୍କୁ ବିମାନବନ୍ଦରରେ ଭବ୍ୟ ସ୍ୱାଗତ ଦିଆଯାଇଥିଲା । ସାଢେ ୪ଘଣ୍ଟାର ଯାତ୍ରା ପରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲେ ୧୭୦ଜଣ ଯାତ୍ରୀ । ସେମାନଙ୍କୁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସ୍ୱାଗତ କରିଥିଲେ । ଏହି ବିମାନ ଚଳାଚଳଦ୍ୱାରା • ପୃଷ୍ଠା ୮ ଦେଖନ୍ତୁ

### ଦୀପାଳିଙ୍କ ନୂଆ ଇନିଂସ

# ବିଧାୟିକା ଭାବେ ନେଲେ ଶପଥ



ଭୁବନେଶ୍ୱର, ୧୫।୫(ଭାସ୍କର ନ୍ୟୁଜ): ଝାରସୁଗୁଡ଼ା ବିଧାନସଭା ଆସନର ନବ ନିର୍ବାଚିତ ବିଧାୟିକା ଦୀପାଳି ଦାସ ସୋମବାର ଶପଥ ନେଇଛନ୍ତି । ବିଧାନସଭାରେ ଉପ ବାଚସ୍ପତି ରଜନୀକାନ୍ତ ସିଂ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ । ବିଧାୟିକା ଭାବେ ଶପଥ ନେବା ପରେ ଦୀପାଳି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ମାର୍ଗ ଦର୍ଶନରେ ସେ ଝାରସୁଗୁଡ଼ାବାସୀଙ୍କ ସେବାରେ ନିଜକୁ ନିୟୋଜିତ କରିବେ । ବାପାଙ୍କ ଅଧୁରା ସ୍ୱପ୍ନ ପୂରଣ ପାଇଁ କାର୍ଯ୍ୟ କରିବେ । ଦୀପାଳିଙ୍କ ଏହି ଶପଥ ଗ୍ରହଣ ସମୟରେ ତାଙ୍କ ସହ ତାଙ୍କ ମା', ଭାଇ ଓ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ରୀତା ସାହୁ ଓ ବିଧାୟକ ପ୍ରଣବ ବଳବନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ । ଦୀପାଳି ରବିବାର ଝାରସୁଗୁଡ଼ାରୁ ଆସି ଭୁବନେଶ୍ୱରରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ • ପୃଷ୍ଠା ୮ ଦେଖନ୍ତୁ

## ଫିଲ୍ମ ଷ୍ଟାଇଲରେ ଗହଣା ଦୋକାନରୁ ଲୁଟ୍

# ଲୁଟିଲେ ୧୫ କୋଟିର ସୁନାଗହଣା



- ଗ୍ରାହକଙ୍କୁ ଧମକାଇଲେ, କର୍ମଚାରୀଙ୍କୁ ପିଟିଲେ
- ସୁରକ୍ଷା କର୍ମୀଙ୍କ ବନ୍ଧୁକ ଭାଙ୍ଗି ଦେଲେ
- ଦୁର୍ବୃତ୍ତଙ୍କ ଆକ୍ରମଣରେ ୨ କର୍ମଚାରୀ ଗୁରୁତର
- ଘଟଣାସ୍ଥଳରେ ପୋଲିସ, ତଦନ୍ତ ଆରମ୍ଭ

ବ୍ୟାସନଗର/ଯାଜପୁର, ୧୫।୫ (ଭାସ୍କର ନ୍ୟୁଜ): ସୋମବାର ମଧ୍ୟାହ୍ନରେ ଯାଜପୁର ରୋଡ଼ ଥାନା ଅନ୍ତର୍ଗତ ବ୍ୟାସନଗରରେ ଥିବା ଏକ ଗହଣା ଦୋକାନରୁ ଫିଲ୍ମ ଷ୍ଟାଇଲରେ ବଡ଼ଧରଣର ଲୁଟ୍ ହୋଇଛି । ୭ ଲୁଟେରା ବନ୍ଧୁକ ମୁନରେ ଗ୍ରାହକ ଓ ଗହଣା ଦୋକାନ କର୍ମଚାରୀଙ୍କୁ ଭୟଭୀତ କରି ୧୫ କୋଟି ଟଙ୍କାର ସୁନା ଓ ହୀରା ଗହଣା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ସିସିଟିଭି ଫୁଟେଜ ଯାଞ୍ଚ କରିଛି । ମିଳିଥିବା ସୂଚନାରୁ ପ୍ରକାଶ ବ୍ୟାସନଗରରେ ଦୀର୍ଘଦିନରୁ ଗହଣା ବ୍ୟବସାୟ କରୁଥିବା ସିନକୋ ଗୋଲ୍ଡ ସୁନା ଦୋକାନରୁ ଏହି ଲୁଟ୍ ହୋଇଥିବା ଜଣାପଡ଼ିଛି । • ପୃଷ୍ଠା ୮ ଦେଖନ୍ତୁ

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଘଷାମୋଡା ପାଇଁ ବ୍ୟାଙ୍କକୁ ଯିବା
ସୁନା ଆଣିବାକୁ ଦୁବେଇ,
ଦୁଇଟା ଜାଗାକୁ ବିମାନ ଉଡିଲା
ନାଆଁଟି 'ଇଣ୍ଡିଗୋ ଚଢେଇ' ।
ଆଜି ସିନା ଦେଲେ ଉଡେଇ,
ସେତେବେଳେ ଜାଣ ହୋସ୍ ବୁଡିଯିବ
ଭଡା ଯେବେ ଦେବେ ବଢେଇ ।




# ମହାନଗର



ଭୁବନେଶ୍ୱର(ଭାସ୍କର ନ୍ୟୁଜ): କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ (କିମ୍‌ସ) ପରିସରରେ ଶିଶୁମାନଙ୍କ ପାଇଁ ଏକ ସୁନ୍ଦର ଶିଶୁ ଉଦ୍ୟାନକୁ କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉଦ୍‌ଘାଟନ କରିଛନ୍ତି। ଏଠାରେ ପିଲାଙ୍କ ମନୋରଞ୍ଜନ ପାଇଁ ସ୍ଲାଇଡରଠାରୁ ଆରମ୍ଭ କରି ଦୋଳି ଓ ଅନ୍ୟାନ୍ୟ ଖେଳ ବ୍ୟବସ୍ଥା ରହିଛି। କିମ୍‌ସକୁ ଚିକିତ୍ସା ପାଇଁ ଆସୁଥିବା ଶିଶୁ କିମ୍ବା ମାଆମାନେ ସେମାନଙ୍କ ଶିଶୁଙ୍କୁ ଏଠାରେ ବିନା ଦ୍ୱିଧାରେ ଖେଳିବା ପାଇଁ ଛାଡ଼ି ପାରିବେ। ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ପ୍ରଫେସର ସିବିକେ ମହାନ୍ତି, କିମ୍‌ସ ମେଡିକାଲ୍ କଲେଜ ଅଧକ୍ଷ ପ୍ରଫେସର ଅମ୍ବିକା ପ୍ରସାଦ ମହାନ୍ତି, କିମ୍‌ସ ମେଡିକାଲ୍ ଅଧୀକ୍ଷକ ଡା. ରାମଚନ୍ଦ୍ର ଦାସଙ୍କ ସମେତ କିମ୍‌ସର ବହୁ ଡାକ୍ତର ଓ କର୍ମଚାରୀ ଉପସ୍ଥିତ ଥିଲେ।



## ଆନ୍ଦୋଳନକୁ ଓହ୍ଲାଇଲେ ହଜାର ହଜାର କନିଷ୍ଠ ଶିକ୍ଷକ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଚୁକ୍ତିଭିତ୍ତିକ ପ୍ରଥା ଉଚ୍ଛେଦ ପାଇଁ ସୋମବାର ଦିନ ହଜାର ହଜାର କନିଷ୍ଠ ଶିକ୍ଷକ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଗତ ୧୫ ତାରିଖରେ ଓଡ଼ିଶାରୁ ସମ୍ପୂର୍ଣ୍ଣ ଚୁକ୍ତିଭିତ୍ତିକ ପ୍ରଥା ଉଚ୍ଛେଦ ଘୋଷଣା ପୂର୍ବରୁ ଚୁକ୍ତିଭିତ୍ତିକ କର୍ମଚାରୀ ମହାସଂଘ ସହ କନିଷ୍ଠ ଶିକ୍ଷକ ମଧ୍ୟ ନିୟମିତ ହେବେ ବୋଲି ୧୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣୀ ଗୃହରେ ପ୍ରତିଶ୍ରୁତି ମିଳିଥିଲା ଏବଂ ୧୫ ତାରିଖ କ୍ୟାବିନେଟ ପୂର୍ବରୁ ସରକାରଙ୍କ ତରଫରୁ କନିଷ୍ଠ ଶିକ୍ଷକମାନଙ୍କୁ ଫୋନ ଯୋଗେ ୭ ଦିନ ଭିତରେ ଆପଣଙ୍କ ବିଭାଗୀୟ ଆଦେଶନାମା ବାହାରିବ ବୋଲି ଜଣାଇଥିଲେ। ୧୫ ଅକ୍ଟୋବରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଘୋଷଣା କଲେ ଓଡ଼ିଶାରୁ ସମ୍ପୂର୍ଣ୍ଣ ଚୁକ୍ତିଭିତ୍ତିକ ପ୍ରଥା ଉଚ୍ଛେଦ ହେଲା। ଏଥିରେ ୫୭ ହଜାର କର୍ମଚାରୀ ଚୁକ୍ତିଭିତ୍ତିକ ଉଚ୍ଛେଦ ହେଲେ କିନ୍ତୁ ଏହି ଘୋଷଣାରୁ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକମାନେ ବାଦ୍ ପଡ଼ିଯାଇଥିଲେ। ବର୍ତ୍ତମାନ ଯେଉଁ ୫୭ ହଜାର କର୍ମଚାରୀଙ୍କ ଚୁକ୍ତିଭିତ୍ତିକ ଉଚ୍ଛେଦ କଲେ ସେଥିରେ ମଧ୍ୟ ପୂର୍ବରୁ କେନ୍ଦ୍ର ରାମ୍‌ସା ସ୍କିମ୍‌ରୁ ହାଇସ୍କୁଲ୍ ଶିକ୍ଷକ, ସ୍ୱାସ୍ଥ୍ୟ ବିଭାଗ କେନ୍ଦ୍ର ସ୍କିମ୍‌ରୁ ନର୍ସିଂ ଅଫିସର ଓ ପଞ୍ଚାୟତ ଜଳଯୋଗାଣ ବିଭାଗର ଡିପ୍ଲୋମାଧାରୀ ମାନଙ୍କୁ ନିୟମିତ ଘୋଷଣା ସହ ୬ବର୍ଷ କାର୍ଯ୍ୟକାଳକୁ ମୂଳ ଚାକିରୀରେ ସାମିଲ୍ କରିଛନ୍ତି। ଅନ୍ୟପଟେ କେନ୍ଦ୍ର ସରକାରଙ୍କ କେନ୍ଦ୍ର ମନ୍ତ୍ରଣାଳୟର ଦାୟାଦ ସମୀର କୁମାର ପତିଙ୍କ ଏକ ସୂଚନା ଅଧିକାର ପତ୍ରର ଉତ୍ତରରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ତା ୨୯.୦୭.୨୦୧୯ରିଖରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି ଯେ, କନିଷ୍ଠ ଶିକ୍ଷକମାନଙ୍କର ବାର୍ଷିକ କାର୍ଯ୍ୟପନ୍ଥା ଓ ବଜେଟ ସମ୍ପୂର୍ଣ୍ଣ ଭାବେ ସମ୍ପୃକ୍ତ ରାଜ୍ୟ ଉପରେ ନିର୍ଭର କରେ। ଏହାର ଅର୍ଥ ସ୍ୱରୂପ ଓଡ଼ିଶାର କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଚୁକ୍ତିଭିତ୍ତିକ ଉଚ୍ଛେଦ ମାନ୍ୟବର ରାଜ୍ୟ ସରକାର କରିପାରିବେ ଏବଂ ଏହା ସମଗ୍ର ଶିକ୍ଷାରେ ମଧ୍ୟ ସ୍ପଷ୍ଟ ଭାବେ ଉଲ୍ଲେଖ ଅଛି। ଶିକ୍ଷକ ନିଯୁକ୍ତି ନିୟମ ଓ ଶିକ୍ଷକମାନଙ୍କ ଦରମା ସମ୍ପୂର୍ଣ୍ଣ ଭାବେ ରାଜ୍ୟ ସରକାରଙ୍କ ନିଷ୍ପତ୍ତି। ଇତିମଧ୍ୟରେ ସଂଘ ତରଫରୁ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନି। କନିଷ୍ଠ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଚୁକ୍ତିଭିତ୍ତିକ ଉଚ୍ଛେଦ କରିବା ଏବଂ ଚୁକ୍ତିଭିତ୍ତିକ ଅବଧି କାର୍ଯ୍ୟକୁ ମୂଳ ଚାକିରିରେ ଯୋଗ କରିବା ଆଦି ଦୁଇଦଫା ଦାବି ନେଇ ସଂଘ ବାରମ୍ବାର ନିବେଦନ କରୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ରାଜ୍ୟ ସରକାର ଦାବୀ ପୂରଣ କରିନାହାଁନ୍ତି । ତେଣୁ ବାଧ୍ୟ ହୋଇ ରାଜ୍ୟର ହଜାର ହଜାର କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ବୋଲି ସଂଘର ସଭାପତି ଅକ୍ଷୟ କୁମାର ପାଢ଼ୀ କହିଛନ୍ତି। ଯଦି ଦୁଇ ଦଫା ଦାବିକୁ ଆଗାମୀ ଦିନରେ ପୂରଣ କରାନଯାଏ, ତେବେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସଂଘର ଉପଦେଷ୍ଟା ଶ୍ରୀକାନ୍ତ ବାରିକ, ସମ୍ପାଦକ ସୌମ୍ୟରଞ୍ଜନ ପ୍ରଧାନ, ମହାସଚିବ ଆଦିତ୍ୟ ନାରାୟଣ ସ୍ୱାଇଁ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ସୋଆକୁ 'ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା' ସମ୍ମାନ ପ୍ରଦାନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟକୁ ଗତ ଶନିବାର ଦିନ ନୂଆଦିଲ୍ଲୀ ଠାରେ ଆୟୋଜିତ ଏଚ୍‌ଆର୍ ଇଣ୍ଡିଆ ନ୍ୟାସ୍‌ନାଲ୍ ଏଚ୍‌ଆର୍ କନ୍‌ଫରେନ୍ସରେ 'ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା' ସମ୍ମାନ ପ୍ରଦାନ କରାଯାଇଛି। ବିଶ୍ୱ ବିଦ୍ୟାଳୟ ପକ୍ଷରୁ ସୋଆ ପ୍ରତିଷ୍ଠାତା ସଭାପତିଙ୍କ ଅଫିସର୍ ଅନ୍ ସ୍ପେଶାଲ ଡ୍ୟୁଟି ଶ୍ରୀ ପ୍ରୀତମ ନାୟକ ଏହି ସମ୍ମାନ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଷ୍ଠିତ କର୍ପୋରେଟ୍ ଓ ଶିକ୍ଷାନୁଷ୍ଠାନରୁ ପ୍ରାୟ ୨୦୦ ଏଚ୍‌ଆର୍ ନେତୃତ୍ୱ ଓ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ନୂଆଦିଲ୍ଲୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ର ଡିଜାଇନରୁଧାଂଶୁ ମଣି, ଚିନ୍ମୟ ମିଶନ୍‌ର ସ୍ୱାମୀ ଚିଦ୍ରୂପାନନ୍ଦ, ପ୍ରତିଷ୍ଠିତ ଶିଳ୍ପପତି ପ୍ରଦୀପ ମହାନ୍ତି, ସମାଜସେବୀ ଡକ୍ଟର ସୁନୀତା ପଚାରଙ୍କୁ ହାର୍ଟ ସେଂଟ୍ରିକ୍ସ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଅଖିଲ୍ ବୁସରାଇ କନ୍‌ସଲ୍‌ଟିଙ୍ଗ୍‌ର ସିଇଓ ଡକ୍ଟର ଅଖିଲ୍ ବୁସରାଇଙ୍କୁ ଆଇକନିକ୍ ଏଚ୍‌ଆର୍ ଲିଡର ଓ ମେଣ୍ଟର ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍‌ର ପୂର୍ବତନ ମାନବସମ୍ବଳ ନିର୍ଦ୍ଦେଶକ ରଞ୍ଜନ ମହାପାତ୍ର, ଏନ୍‌ଡିଆଇଏମ୍‌ର ଅଧକ୍ଷ ଭି.ଏମ୍. ବଂଶଲ, ଏଚ୍‌ଆର୍ ଇଣ୍ଡିଆ ଫୋରମ୍ ସଭାପତି ତଥା ଗ୍ଲୋବାଲ୍ ଏଚଆର୍ ଫୋରମ୍‌ର ଉପଦେଷ୍ଟା ସମର ମହାପାତ୍ର, ଚିତ୍ରକଳା ଓ କାରୁକାର୍ଯ୍ୟ ବିଶେଷଜ୍ଞ ପୁଷ୍ପା ସାହୁ ଏବଂ ଆଧାତ୍ମିକ ଶିକ୍ଷକ ଭି.ପି ସିଂହ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ।

## ମାର୍କେଟ ବିଲ୍ଡିଂରେ ଉଚ୍ଛେଦ ସମୟରେ ଉତ୍ତେଜନା



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସୋମବାର ଦିନ ୧୧ ଘଟିକା ସମୟରେ ବିଏମ୍‌ସି, ବିଡ଼ିଏ, ଜିଏ ଏବଂ ପୋଲିସ୍‌ର ମିଳିତ ଉଚ୍ଛେଦକାରୀ ଦଳ ଆସି ୟୁନିଟ୍-୨ସ୍ଥିତ ମାର୍କେଟ ବିଲଡିଙ୍ଗ ପାଖରେ ଜୋତା ପଲିସ୍ କରୁଥିବା ଦୋକାନ ଗୁଡ଼ିକୁ ଭାଙ୍ଗିବା ଆରମ୍ଭ କରିଥିଲେ। ଉଚ୍ଛେଦ ସମୟରେ ଜଣେ ଦୋକାନୀ ଉଠାଦୋକାନୀ ଉଚ୍ଚ ନ୍ୟାୟାଳୟର ଆଦେଶକୁ ଦେଖାଇବାରୁ ବିଏମ୍‌ସି ଅଧିକାରୀ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଫୋପାଡ଼ି ଦେବା ସହ ଦୋକାନ ଉଚ୍ଛେଦ କରିବା ପାଇଁ ଆମ୍ଭଙ୍କୁ ବିଏମ୍‌ସି କମିଶନର କହିଛନ୍ତି ବୋଲି ପ୍ରକାଶ କରିଥିଲେ । ଅଧିକାରୀ ଜଣକ ଡ୍ରୋଜର ଚଲାଉଥିବା ବ୍ୟକ୍ତିଙ୍କୁ ଦୋକାନ ଭାଙ୍ଗିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହି ସମୟରେ ବହୁ ମହିଳା ଉଠାଦୋକାନୀ ଆଇନକୁ ମାନୁନଥିବା ଅଧିକାରୀଙ୍କୁ ବିରୋଧ କରିଥିଲେ। ଓଡ଼ିଶା ଉଠାଦୋକାନୀ ମହାସଂଘର ମହିଳା ଦୋକାନୀମାନେ ପ୍ରତିବାଦ କରିବାରୁ ସେ ଅଫିସର ମହିଳା ଦୋକାନୀମାନଙ୍କୁ ଦେଖିଦେବେ ବୋଲି ପୋଲିସ୍ ସମ୍ମୁଖରେ ଧମକ ଦେବାରୁ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ମହାସଂଘର ରାଜ୍ୟ ସଭାପତି ପ୍ରତାପ ସାହୁ ସେଠାରେ ପହଞ୍ଚି ବିଏମ୍‌ସି ଓ ବିଡ଼ିଏ ଅଧିକାରୀଙ୍କୁ କିଏ ଆପଣଙ୍କୁ ନିର୍ଦ୍ଦେଶ ଦେଇ ଦୋକାନ ଉଚ୍ଛେଦ କରିବାକୁ ବୋଲି ପଚାରିବାରୁ ବିଏମ୍‌ସି ଅଧିକାରୀମାନେ ଆମକୁ ଯିଏ ଦେଉଛି ଦେଉ, ଆମେ କିନ୍ତୁ ଦୋକାନ ଉଚ୍ଛେଦ କରିବୁ ବୋଲି କହିବାରୁ ପରିସ୍ଥିତି ଜଟିଳ ହୋଇପଡ଼ିଥିଲା। ରାଜ୍ୟ ସରକାର ଯଦି ୨୪ ଘଣ୍ଟା ଭିତରେ ମହିଳା ଉଠାଦୋକାନୀ ମାନଙ୍କୁ ଦୁର୍ବ୍ୟବହାର କରିଥିବା ବିଏମ୍‌ସି, ବିଡ଼ିଏ କର୍ମଚାରୀମାନଙ୍କୁ ଗିରଫ ନକରନ୍ତି, ତେବେ ହଜାର ହଜାର ଉଠାଦୋକାନୀ ବିଏମ୍‌ସି କମିଶନର ଓ ମେୟରଙ୍କ ବାସଭବନ ଆଗରେ ଅହୋରାତ୍ର ଧାରଣା ଦେବେ ବୋଲି ମହାସଂଘର ସଭାପତି ପ୍ରତାପ କୁମାର ସାହୁ ଚେତାବନୀ ଦେଇଛନ୍ତି।

## ୬୫ ଅଭିଯୋଗର ସମାଧାନ ଦିଗରେ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ

କଟକ(ଭାସ୍କର ନ୍ୟୁଜ): ସୋମବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସ୍ୱାନ ସମ୍ମିଳନୀ କକ୍ଷରେ ଯୁଗ୍ମ ଜନଅଭିଯୋଗ ଶୁଣାଣି କଟକ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଡଃ. ଭବାନୀ ଶଙ୍କର ଚୟନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରକାଶଥାଉକି ଜିଲ୍ଲାରେ ପ୍ରତ୍ୟେକ ସୋମବାର ଜିଲ୍ଲାପାଳ ବିଭିନ୍ନ ବ୍ଲକ ଏବଂ ଉପଖଣ୍ଡମାନଙ୍କରେ ଯୁଗ୍ମ ଜନଅଭିଯୋଗ ଶୁଣାଣି କରିବା ସହ ତାହାର ତ୍ୱରିତ ସମାଧାନ ନିମନ୍ତେ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦେବା ସହ ପଦକ୍ଷେପମାନ ଗ୍ରହଣ କରୁଛନ୍ତି । ଉକ୍ତ ଜନ ଅଭିଯୋଗ ଶୁଣାଣି ଶିବିରରେ ଉପ-ଆୟୁକ୍ତ ପୋଲିସ କମିଶନରେଟ ଭୁବନେଶ୍ୱର-କଟକ ପିନାକ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ଶିବୋ ଟପୋ, ମୁଖ୍ୟଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ, କଟକ ଅମ୍ବର କୁମାର କର, ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସତ୍ୟବ୍ରତ ଛୋଟରାୟ ପ୍ରମୁଖ ଉପସ୍ଥିତ ରହି ଜନଅଭିଯୋଗ ଶୁଣାଣିରେ ସହାୟତା ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ ଆଜିର ଜନଅଭିଯୋଗ ଶୁଣାଣିରେ ସମୁଦାୟ ୬୫ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ସାମୁହିକ ଅଭିଯୋଗ ୫ ଗୋଟି ଏବଂ ବ୍ୟକ୍ତିଗତ ଅଭିଯୋଗ ୬୦ଗୋଟି ପ୍ରଶାସନର ହସ୍ତଗତ ହୋଇଥିଲା । ଜିଲ୍ଲାପାଳ ଡଃ.ଚୟନୀ ୧୭ଗୋଟି ଅଭିଯୋଗର ଶୁଣାଣି ଶିବିରରେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇ ଏହାର ତ୍ୱରିତ ସମାଧାନ କରିଥିଲେ । ଜିଲ୍ଲାପାଳ ଡଃ. ଚୟନୀ ମାହାଙ୍ଗା ବ୍ଲକ ଅନ୍ତର୍ଗତ ଓଳକଣା ବାସିନ୍ଦା ଶ୍ରୀ ହୃଷିକେଶ ମଲ୍ଲିକ କର୍କଟ ରୋଗ ଚିକିତ୍ସା ନିମନ୍ତେ ୫୦୦୦/- ଓ କଣ୍ଡାପଡା ବ୍ଲକ ଅନ୍ତର୍ଗତ ଚଉପଡା ଗୋବିନ୍ଦପୁର ବାସିନ୍ଦା ଭାଗିରଥି ଓଝାଙ୍କୁ ଚିକିତ୍ସା ନିମନ୍ତେ ୧୦,୦୦୦/- ଟଙ୍କା ଆର୍ଥିକ ସହାୟତା ନିମନ୍ତେ ରେଡକ୍ରସ ପାଣ୍ଠିରୁ ସହାୟତା ପ୍ରଦାନ କରିଥିଲେ ।

## ଭେଙ୍କେଟେଶ୍ୱର ଇଂରାଜୀ ମାଧ୍ୟମ ବିଦ୍ୟାଳୟର ୧୦ ଶ୍ରେଣୀ ଆଇସିଏସ୍‌ଇ ପରୀକ୍ଷାରେ ସଫଳତା




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଦଶମ ଶ୍ରେଣୀ ଆଇସିଏସଇ ପରୀକ୍ଷାରେ ଭେଙ୍କେଟେଶ୍ୱର ଇଂରାଜୀ ମାଧ୍ୟମ ବିଦ୍ୟାଳୟ ୟୁନିଟ-୪ ସ୍କୁଲର ସମସ୍ତ ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି। ଓମ ପ୍ରକାଶ ପଣ୍ଡା ୯୮ ପ୍ରତିଶତ ନମ୍ବର ରଖି ଟପର ହୋଇଥିବା ବେଳେ ଆଶୁତୋଷ ମିଶ୍ର ୯୬ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ଓ ଅଭିଷେକ ମିଶ୍ର ୯୫ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅଧିକାଂଶ ଛାତ୍ରଛାତ୍ରୀ ବିଭିନ୍ନ ବିଷୟରେ ୧୦୦ ପ୍ରତିଶତ ନମ୍ବର ରଖିଛନ୍ତି। ସଫଳତା ପାଇଁ ବିଦ୍ୟାଳୟ ଚେୟାରମ୍ୟାନ ସୂର୍ଯ୍ୟ ପ୍ରକାଶ ପତି, ପ୍ରଶାସନ ହିମାଂଶୁ ଶେଖର ପତି, ଅଧ୍ୟକ୍ଷ ବସନ୍ତ ତ୍ରିପାଠୀ, ଉପାଧ୍ୟକ୍ଷା ଗୀତାଞ୍ଜଳି ଦାସ ଓ ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ରାଜ୍ୟ ଖବର





ଯୋଡା,(ଭାସ୍କର ନ୍ୟୁଜ): ସୋୟାବାଲି ସ୍ଥିତଜିନ୍ଦଲ ସ୍କୁଲର ଛାତ୍ରଛାତ୍ରୀମାନେ ସିବିଏସଇ ଦ୍ୱାଦଶ ଓ ଦଶମ ଶ୍ରେଣୀ ପରୀକ୍ଷାରେ ଅଭୂତପୂର୍ବ ସଫଳତା ଅର୍ଜନ କରିଛନ୍ତି । ସଦ୍ୟ ପ୍ରକାଶିତ ପରୀକ୍ଷା ଫଳାଫଳ ଅନୁଯାୟୀ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀର ସମସ୍ତ ୧୧୬ଜଣ ଛାତ୍ରଛାତ୍ରୀ କୃତୀତ୍ୱ ସହ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେଥିମଧ୍ୟରୁ ୬ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱର ନମ୍ବର ରଖିଥିବା ବେଳେ ଛାତ୍ରୀ ତନ୍ନୁ ସର୍ବାଧିକ ୯୩ ପ୍ରତିଶତ ନମ୍ବର ରଖିଛନ୍ତି। ଏଥିସହିତ ପ୍ରଭୋଜିତ କୌର ଓ ବେଦାନ୍ତ ଦୁବେ (୯୨.୨ ପ୍ରତିଶତ),ନିଷ୍ଠା ତ୍ରିପାଠୀ (୯୧.୮ ପ୍ରତିଶତ),ଶ୍ରୁତି ପାଢ଼ୀ (୯୧.୨ ପ୍ରତିଶତ), ହର୍ଷରାଜ ସିଂହ (୯୦.୨ ପ୍ରତିଶତ) ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ସେହିପରି ଦଶମ ଶ୍ରେଣୀ ପରୀକ୍ଷାରେ ବିଦ୍ୟାଳୟର ୨୫ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱର୍ ନମ୍ବର ରଖିଥିବା ବେଳେ ଛାତ୍ର ସୁମନ୍ୟୁ ଓମ୍ ପ୍ରକାଶ ସର୍ବାଧିକ ୯୬.୪ ପ୍ରତିଶତ ନମ୍ବର ରଖିଛନ୍ତି । ଛାତ୍ରଛାତ୍ରୀଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟର ଅଧକ୍ଷା, ଶିକ୍ଷକ, ଶିକ୍ଷୟତ୍ରୀ,ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକଗଣ ତଥା ବିଦ୍ୟାଳୟର ପରିଚାଳନା ସମିତିର ସଦସ୍ୟଗଣ କୃତୀ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

### ଗେଙ୍ଗୁଟି ନଦୀରେ କୁମ୍ଭୀର ଆତଙ୍କ

## ନଦୀ ପାର୍ଶ୍ୱରେ ତାରବାଡ଼ ଘେରାଇବାକୁ ବନବିଭାଗ ନିକଟରେ ଦାବି



ତିହିଡ଼ି,(ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଈଶ୍ୱରପୁର ଗ୍ରାମ ଦେଇ ପ୍ରବାହିତ ଗେଙ୍ଗୁଟି ନଦୀରେ ଅଧିକାଂଶ ସମୟରେ କୁମ୍ଭୀର ଭାସୁଥିବାରୁ ନଦୀକୂଳିଆ ଗ୍ରାମର ଲୋକମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି । ବନବିଭାଗ ଏ ନେଇ ଲୋକମାନଙ୍କୁ ସଚେତନ କରାଇବା ସହିତ ନଦୀ ପାର୍ଶ୍ୱରେ ତାରବାଡ଼ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି । ପ୍ରକାଶ ଯେ, ଶ୍ୟାମସୁନ୍ଦରପୁର ପଞ୍ଚାୟତର ଈଶ୍ୱରପୁର, ସାପକାଟିଆ, ଶ୍ୟାମସୁନ୍ଦରପୁର ଇତ୍ୟାଦି ୫ଟି ଗ୍ରାମର ଲୋକ ନଦୀରେ ମାଛ ଧରି ଜୀବିକା ନିର୍ବାହ କରିଥାନ୍ତି। ନଦୀରେ କୁମ୍ଭୀର ଭାସୁଥିବା ଦେଖି ଲୋକମାନେ ନଦୀକୁ ଯାଇ ପାରୁନାହାନ୍ତି। କିଛିଦିନ ପୂର୍ବରୁ ଗେଙ୍ଗୁଟି ନଦୀରେ କୁମ୍ଭୀର କାଁପଡ଼ା ଗ୍ରାମର ଜଣେ ବ୍ୟକ୍ତିଙ୍କର କୁମ୍ଭୀର ଆକ୍ରମଣରେ ମୃତ୍ୟୁ ହୋଇଥିବା ବେଳେ ଗାଇଗୋରୁ ମଧ୍ୟ କୁମ୍ଭୀର ଆକ୍ରମଣ ଶିକାର ହେଉଛନ୍ତି। ଏଥିପାଇଁ ଭୟଭୀତ ହୋଇ ଲୋକମାନେ ନଦୀକୁ ଯାଇ ପାରୁନଥିବାରୁ ଜୀବିକା ନିର୍ବାହରେ ବାଧା ସୃଷ୍ଟି ହେଉଛି। ନଦୀ ପାର୍ଶ୍ୱବର୍ତ୍ତୀ ଗ୍ରାମର ଲୋକମାନଙ୍କୁ ଏଥିପାଇଁ ସଚେତନ କରାଇବା ସହିତ ବନ ବିଭାଗ ପକ୍ଷରୁ ନଦୀ ପାର୍ଶ୍ୱରେ ତାରବାଡ଼ ବ୍ୟବସ୍ଥା କରିବାକୁ ସରପଞ୍ଚ ପବିତ୍ରମୋହନ ମଳିକ, ପୂର୍ବତନ ସମିତିସଭ୍ୟ ଯଶୋବନ୍ତ ମଳିକ, ସୁଧୀର ମଳିକ, ଦିଲୀପ ମଳିକ, ତରୁଣ କୁମାର ମଳିକ, ଆଶିଷ ମଳିକ, ନରେନ୍ଦ୍ର କୁମାର ମଳିକ, ବିକାଶ ମଳିକ, ଦୟାନିଧି ମଳିକଙ୍କ ସମେତ ବହୁ ଗ୍ରାମବାସୀ ଦାବି କରିଛନ୍ତି।

## ସ୍ୱର୍ଗତ ଦେବେନ୍ଦ୍ର ନାୟକଙ୍କ ନବମ ଶ୍ରାଦ୍ଧ ବାର୍ଷିକ ପାଳିତ

ଏରସମା (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଚଟୁଆ ପଞ୍ଚାୟତ ଚଟୁଆ ଗ୍ରାମର ସ୍ୱଗତ ଦେବେନ୍ଦ୍ର ନାୟକଙ୍କ ନବମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଶ୍ରାଦ୍ଧ ବାର୍ଷିକ ଅବସରରେ ଚତୁର୍ଥ ପ୍ରହରୀ ନାମଯଜ୍ଞ ଓ ସଂକୀର୍ତ୍ତନ ହୋଇଯାଇଛି।ଏଥିରେ ଚଟୁଆ ଗ୍ରାମ ପଞ୍ଚାୟତର ହାରାହାରି ୫୦ ଜଣ ଅସହାୟ ବୃଦ୍ଧ ବୃଦ୍ଧାଙ୍କୁ ବସ୍ତ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ୱଗତ ନାୟକଙ୍କ ଭଣଜା କୃଷ୍ଣ ଚନ୍ଦ୍ର ଦାସ, ପୁତ୍ର ବିକ୍ରମ ନାୟକ, ସଂଗ୍ରାମ ନାୟକ, ସଞ୍ଜୟ ନାୟକ, ଅଜୟ ନାୟକ, ବୋହୂ ରଶ୍ମିତା ନାୟକ,ନାତି ବିଶ୍ୱାସ ନାୟକ ଓ ସତ୍ୟ ନାରାୟଣ ନାୟକ ପ୍ରମୁଖ ସମସ୍ତ ପରିବାର ଲୋକ ଉପସ୍ଥିତ ଥିଲେ। ଏହି ଆୟୋଜିତ ଶ୍ରାଦ୍ଧ ବାର୍ଷିକ ଉତ୍ସବରେ ଚଟୁଆ ପଞ୍ଚାୟତ ସରପଞ୍ଚ ପ୍ରକାଶ ଚନ୍ଦ୍ର ସୁନ୍ଦରରାୟ, ବାଲିତୁଠ ପଞ୍ଚାୟତ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ, ବାଲିତୁଠ ଅଞ୍ଚଳର ଯୁବ ସମାଜସେବୀ ଗଣେଷ ରାଉତ, ଶିକ୍ଷାବିତ ସୁରେନ୍ଦ୍ର ନାଥ ନାୟକ ,ସଞ୍ଜୟ ନାୟକ, ଭାଗ୍ୟଧର ବେହେରା, ପ୍ରମୋଦ ରାଉତ, ପ୍ରଭାତ ରାଉତ ପ୍ରମୁଖ ଗ୍ରାମର ଶତାଧିକ ସଂଖ୍ୟାରେ ଲୋକ ଉପସ୍ଥିତ ଥିଲେ।

## ଉଚିତ ମଜୁରୀ ନପାଇ ଆନ୍ଦୋଳନକୁ ଓହ୍ଲାଇଲେ ଶ୍ରମିକ



ଯୋଡା,(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ଯୋଡା ସ୍ଥିତ ଟାଟା ଷ୍ଟିଲ ଅଧିନରେ ଥିବା ଠିକା ସଂସ୍ଥା କେଇସିର ( କେଇସି) ଠିକା ଶ୍ରମିକ ମାନେ ବିଭିନ୍ନ ଦାବି ଉପସ୍ଥାପନ କରି ସୋମବାର ସକାଳ ୭ ଘଟିକା ଠାରୁ ୧୦ ଘଟିକା ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିବା ଦେଖିବାକୁ ମିଳିଛି । ଖବରରୁ ପ୍ରକାଶ ଟାଟା ଷ୍ଟିଲ କମ୍ପାନୀ ଅଧିନରେ କାର୍ଯ୍ୟ କରୁଥିବା ଏକ ଠିକା ସଂସ୍ଥା କେଇସି ଶ୍ରମିକ ମାନଙ୍କୁ ନିୟମ ଅନୁଯାୟୀ ୮ ଘଣ୍ଟା ପରିବର୍ତ୍ତେ ୧୨ ଘଣ୍ଟା କାର୍ଯ୍ୟ କରାଇ ଆସୁଥିବା ବେଳେ ଏଥି ପାଇଁ ଓଭର ଟାଇମ ବାବଦକୁ ଉପଯୁକ୍ତ ମଜୁରୀ ଦେଉ ନଥିବା ଅଭିଯୋଗ କରି ଶ୍ରମିକ ମାନେ ଏହି ଆନ୍ଦୋଳନ କରିଥିବା ସେମାନେ କହିଛନ୍ତି। ଉକ୍ତ ଠିକା ସଂସ୍ଥା ଶ୍ରମିକ ମାନଙ୍କର ମାସିକ ଦରମା ମଧ୍ୟ ଠିକ୍ ସମୟରେ ପ୍ରଦାନ କରୁ ନଥିବା ଅଭିଯୋଗ କରିଛନ୍ତି । ଏହା ସହିତ ଓଭର ଟାଇମ କାର୍ଯ୍ୟ କରିଥିବା ଶ୍ରମିକଙ୍କ ଅର୍ଥ ପ୍ରଦାନ କରାଯାଉ ନାହିଁ। ଯଦିଓ କିଛି ଶ୍ରମିକଙ୍କୁ ଦିଆଯାଉଛି, ସେମାନଙ୍କ ଠାରୁ କିଛି ଟଙ୍କା ଠିକା ସଂସ୍ଥା କାଟି ନେଉଥିବା ଜଣାପଡିଛି। ଯାହାର କିଛି ହିସାବ ଦିଆ ଯାଉନାହିଁ । ଏ ବାବଦରେ କୌଣସି ଅଭିଯୋଗ କଲେ ଗେଟ୍‌ପାସ୍ ରଖି କାର୍ଯ୍ୟରୁ ବାହାର କରିଦେବାର ଧମକ ଉକ୍ତ ଠିକା ସଂସ୍ଥା ପକ୍ଷରୁ ଦିଆ ଯାଉଥିବା ଶ୍ରମିକ ମାନେ ଅଭିଯୋଗ କରିଛନ୍ତି । ପିଏଫ୍ (ପ୍ରୋଭିଡେଣ୍ଟ ଫଣ୍ଡ) ପ୍ରଦାନରେ ହେରଫେର କରାଯାଉଥିବା ମଧ୍ୟ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଟାଟାଷ୍ଟିଲର ଉଚ୍ଚ ପଦସ୍ଥ ଅଧିକାରୀ ମାନଙ୍କୁ ଅବଗତ କରାଇଥିଲେ ମଧ୍ୟ ତାହାର କୌଣସି ସୁଫଳ ନମିଳିବା ଏକ ପରିତାପର ବିଷୟ । ଠିକା ସଂସ୍ଥା ଓ ଅଧିକାରୀ ମାନଙ୍କ ମଧ୍ୟରେ ଥିବା ମଧୁଚନ୍ଦ୍ରିକାରେ ବଳି ପଡୁଛନ୍ତି ଶ୍ରମିକ । ଦୀର୍ଘ ୪ ଘଣ୍ଟା ଆନ୍ଦୋଳନରେ ବସିବା ପରେ ଠିକା ସଂସ୍ଥାର ଅଧିକାରୀମାନେ ଘଟଣା ସ୍ଥଳରେ ପହଞ୍ଚି ଶ୍ରମିକମାନଙ୍କ ସହିତ ଆଲୋଚନା କରି ସମସ୍ୟାର ସମାଧାନ ଆସନ୍ତା ଦୁଇ ଦିନ ମଧ୍ୟରେ କରାଯିବ ବୋଲି କହିଥିଲେ। ଦୁଇ ଦିନ ମଧ୍ୟରେ ଶ୍ରମିକଙ୍କ ଦାବି ପୂରଣ ଦିଗରେ ଆବଶ୍ୟକ ପଦକ୍ଷେପ ନିଆ ଯିବ ବୋଲି ଠିକା ସଂସ୍ଥା ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ଶ୍ରମିକମାନେ ଆନ୍ଦୋଳନରୁ ଓହରିଥିଲେ । ଏ ସମ୍ପର୍କରେ ଯୋଡା ଟାଟା ଷ୍ଟିଲ ମୁଖ୍ୟ ସରୋଜ ବାନାର୍ଜୀ ଖାମ ଖିଆଲି ଭାବେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଶ୍ରମିକ ମାନେ ବେଳେ ବେଳେ ଏହିପରି ଆନ୍ଦୋଳନ କରନ୍ତି । ତେବେ ସେମାନେ ଯେଉଁ ଅଭିଯୋଗ ଆଉ ଦାବି କରିଛନ୍ତି, ଉକ୍ତ ଦାବି ଉପରେ ସେ ତଦାରଖ କରିବେ। ଦୀର୍ଘ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ଟାଟାଷ୍ଟିଲ ଯୋଡା ଖଣି ମଣ୍ଡଳରେ ଖଣି ଓ କାରଖାନାରୁ କୋଟି କୋଟି ଟଙ୍କା ରୋଜଗାର କରୁଥିଲେ ମଧ୍ୟ ଶ୍ରମିକ ତଥା ଏ ଅଞ୍ଚଳର ଜନସାଧାରଣଙ୍କ ନିମନ୍ତେ ସେଭଳି କିଛି ଆଖି ଦୃଶିଆ କାର୍ଯ୍ୟ କରିନଥିବା ଏ ଅଞ୍ଚଳ ପ୍ରତି ଟାଟାଷ୍ଟିଲର ବୈମାତୃକ ମନୋଭାବ କେବେ ବରଦାସ୍ତ କରାଯିବ ନାହିଁ ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି ।

## ଯୁବକମାନେ କଲେ ଡ୍ରେନ ସଫା



କଣିହାଁ, (ଭାସ୍କର ନ୍ୟୁଜ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ କଣିହାଁ ପଞ୍ଚାୟତ ଅନ୍ତର୍ଗତ ଟୋଲକବେଡା ଗ୍ରାମର ଚକାଡୋଲା ଟ୍ରଷ୍ଟର ସଦସ୍ୟମାନେ ଗ୍ରାମର ଡ୍ରେନ, ରାସ୍ତା, ପୋଖରୀ ତୁଠ ସଫା ସୁତୁରା କରିଥିବାର ଦେଖିବାକୁ ମିଳିଛି ଓନି ସ୍ୱାର୍ଥପର ସେବା ହେବତ ଏମିତି। ଆଗକୁ ବର୍ଷା ଦିନ ଆସୁଥିବାରୁ ଏହାକୁ ଦୃଷ୍ଟିରେ ରଖି ଏ ପରି ପଦକ୍ଷେପ ଗ୍ରହଣ କରାଯାଇଥିବା ସଦସ୍ୟମାନେ କହିଛନ୍ତି । ତେବେ ଚକାଡୋଲା କମିଟିର ଏ ମହାନ କାର୍ଯ୍ୟକୁ ଗ୍ରାମବାସୀ ବେଶ ପ୍ରଶଂସା କରିଥିବା ଜଣାପଡିଛି। ଏହିପରି କାର୍ଯ୍ୟକ୍ରମ ଆଗକୁ ଜାରି ରହିବ ବୋଲି ସଂଘର ସଭାପତି ସୁଶିଲ ନାଏକ ଓ ସମ୍ପାଦକ ଜ୍ୟୋତିରଞ୍ଜନ ନାଏକ ମତପ୍ରକାଶ କରିଛନ୍ତି।

## ଲାଞ୍ଜିପଲ୍ଲୀ ତାରାଦେବୀଙ୍କ ଯାତ୍ରା, ମା'ଙ୍କ କୁଙ୍କୁମ ପୂଜା



ବ୍ରହ୍ମପୁର, (ଭାସ୍କର ନ୍ୟୁଜ ): ୧୯୭୯ରୁ ଲାଞ୍ଜିପଲ୍ଲୀ ରାଜା ସ୍ୱର୍ଗତଃ ରଘୁନାଥ ସିଂଦେଓ ଦ୍ୱାରା ଆରମ୍ଭ ହୋଇଥିବା ମା' ତାରାଦେବୀଙ୍କ ଯାତ୍ରାକୁ ମନ୍ଦିର ପରିଚାଳନା କମିଟି ସମସ୍ତଙ୍କ ସହଯୋଗରେ ପରି ଚାଳନା କରିଆସୁଛି। ଏହି ଯାତ୍ରାର ପ୍ରଚାର ପ୍ରସାରରେ ସମସ୍ତଙ୍କ ସହଯୋଗ ନିମନ୍ତେ ମା'ଙ୍କ ଅସ୍ଥାୟୀ ପୀଠ ନିକଟରେ କମିଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଜରିଆରେ ସୂଚନା ପ୍ରଦାନ କରାଯାଇଛି। ଗତ ୮ତାରିଖଠାରୁ ଆରମ୍ଭ ହୋଇଥିବା ମା'ଙ୍କ ଏହି ଯାତ୍ରା ଆସନ୍ତା ୨୯ ତାରିଖରେ ସମାପନ ହେବ। ସଂକ୍ରାନ୍ତି ଅବସରରେ ମା'ଙ୍କ ନିକଟରେ ସୋମବାର ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ କୁଙ୍କୁମ ପୂଜା ପାଇଁ ୨୦୦ ମହିଳା ଅସ୍ଥାୟୀ ମଣ୍ଡପରେ ଉପସ୍ଥିତ ରହିବେ ବୋଲି କମିଟି ପକ୍ଷରୁ କୁହାଯାଇଛି। ପ୍ରତ୍ୟେକ ଦିନ ପଣ୍ଡିତ ନରସିଂହ ତ୍ରିପାଠୀଙ୍କ ଦ୍ୱାରା ଚଣ୍ଡିପାଠ ସହ ମା'ଙ୍କ ରୀତିନୀତି ଅନୁସାରେ ଧୂପ, ଦୀପ ନୈବେଦ୍ୟ, ସନ୍ଧ୍ୟାରେ ୧୦୮ ଆଳତୀ ସହ ଦିନ ତମାମ୍ ମା'ଙ୍କ ପୂଜାର୍ଚ୍ଚନା ଜାରି ରହିଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ପରିଚାଳନା କମିଟି ଓ ପୋଲିସ୍ ସହଯୋଗରେ ପ୍ରତ୍ୟେକ ଦିନ ସେବା ଜାରି ରହୁଛି। ରବିବାର ସନ୍ଧ୍ୟାରେ ୧୦୮ ଆଳତି ପରେ ରାଜା ଘର ଭୋଗ ସାରି ବାଳିକା ଉଚ୍ଚ ବିଦ୍ୟାଳୟ, ଖଳା ସାହି, ମହାଲକ୍ଷ୍ମୀ ନଗର ପ୍ରଥମ ଲାଇନ୍, ଦ୍ୱିତୀୟ ଲାଇନ୍, ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖ କେଶବନଗର-ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଲାଇନ୍, ଖଳା ସାହି, ବ୍ରାହ୍ମଣ ସାହି ହୋଇ ଅସ୍ଥାୟୀ ମଣ୍ଡପକୁ ମା'ଙ୍କ ଘଟ ପ୍ରତ୍ୟାବର୍ତ୍ତନ କରିଥିଲା। ସୋମବାର ସଂକ୍ରାନ୍ତିରେ ପୂର୍ବତନ ସାଂସଦ ତଥା ସିନେ ତାରକା ସିଦ୍ଧାନ୍ତ ମହାପାତ୍ର ମା'ଙ୍କ ଦର୍ଶନ କରିଥିଲେ । ଯାତ୍ରାରେ ବିଭିନ୍ନ ସାହିରେ ରଥ, କଳାକୁଞ୍ଜ, ଅପେରା, ମୀନାବଜାର ସହ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି। ସାମ୍ବାଦିକ ସମ୍ମିଳନୀରେ ସଭାପତି ଭଗବତ ପ୍ରସାଦ ସିଂଦେଓ, ସମ୍ପାଦକ ହୃଷିକେଶ ପାତ୍ର, ଉପଦେଷ୍ଟା ଜଗନ୍ନାଥ ସାବତ, କେ.ବଳରାମ ଦାସ, କାହ୍ନୁଚରଣ ଚୌଧୁରୀ, ଲଡୁକିଶୋର ପାଣିଗ୍ରାହୀ, କର୍ପୋରେଟର ବନିତା ସାହୁ ଓ ସ୍ୱର୍ଣ୍ଣ ଲତା ସାବତ, ଟି.ଭେଙ୍କଟ ରାଓ, ରାଜେନ୍ଦ୍ର କୁମାର ସାବତ, ପି.ସୀମାଦ୍ରି ପାତ୍ର, ସତ୍ୟବ୍ରତ ସିଂଦେଓ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ରାଉନସୁଗର ସହ ବାଇକ୍ ଜବତ, ୨ଗିରଫ

ତିହିଡ଼ି,(ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ପାଳିଆବିନ୍ଧା ପଞ୍ଚାୟତ ଅଧୀନ ହାଟୁଆରୀ ଗ୍ରାମ ନିକଟରୁପୋଲିସ ୨୬୦ ମିଲିଗ୍ରାମ ବ୍ରାଉନସୁଗାର ସହିତ ବ୍ୟବହୃତ ଆପାଚି ବାଇକ୍ (ନଂ ଓଡି୨୨ଏଲ୫୮୯୯)କୁ ଜବତ କରିଛି। ଏ ସମ୍ପର୍କରେ କେଶ ନଂ ୨୧୭/୨୩ରେ ଏକ ମକଦ୍ଦମା ରୁଜୁ କରି ପାଳିଆ ଗ୍ରାମର କମଳାକାନ୍ତ ସେଠୀ (୨୭) ଓ ରାଜେନ୍ଦ୍ର ପାତ୍ର(୨୮)ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ରବିବାର ରାତିରେ ତିହିଡ଼ି ଥାନା ଅଧିକାରୀ ଏମଡି ହାଫିଜ୍ ଓ ପୋଲିସ କର୍ମଚାରୀ ରାତ୍ରିକାଳୀନ ପେଟ୍ରୋଲିଂ କରୁଥିଲେ। ଏହି ସମୟରେ ଆପାଚି ବାଇକ୍‌ରେ କମଳାକାନ୍ତ ଓ ରାଜେନ୍ଦ୍ର ସନ୍ଦେହଜନକ ଭାବେ ଦ୍ରୁତ ଗତିରେ ଯାଉଥିଲେ। ଥାନା ଅଧିକାରୀ ଶ୍ରୀ ହାଫିଜ୍ ହାଟୁଆରୀ ଗ୍ରାମ ନିକଟରେ ତାଙ୍କୁ ଅଟକାଇ ତଲାସି କରିବା ପରେ ସେମାନଙ୍କ ନିକଟରୁ ବ୍ରାଉନସୁଗାର ବାହାରିଥିଲା ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି।



"ବିକଶିତ ଭାରତର ସଂକଳ୍ପ ପୂରଣ ପାଇଁ
ଆମ ସରକାର ଯୁବକଙ୍କ ପ୍ରତିଭା ଓ ଶକ୍ତିକୁ
ସଠିକ୍ ମାର୍ଗ ଦେବା ପାଇଁ ପ୍ରତିବଦ୍ଧ।"

- ପ୍ରଧାନମନ୍ତ୍ରୀ, ନରେନ୍ଦ୍ର ମୋଦୀ

# ଯୁବଶକ୍ତିକୁ

## ମିଳୁଛି ପର୍ଯ୍ୟାପ୍ତ ସୁଯୋଗ

# ନବ ଭାରତର

## ଆଧାର ପରିଣତ ପାଇଁ

# ରୋଜଗାର ମେଳା

ସଂକଳ୍ପକୁ ସାକାର କରି ଦେଶର

# ୧୦ ଲକ୍ଷ

ଯୁବକଙ୍କୁ ସରକାରୀ ଚାକିରି ଯୋଗାଇଦେବା

## ନିଯୁକ୍ତି ପତ୍ର ବଣ୍ଟନ

ଦେଶର **୪୫** ସ୍ଥାନରେ **୭୧ ହଜାର**ରୁ ଅଧିକ ନବ ନିଯୁକ୍ତ ଯୁବକଙ୍କୁ
ପ୍ରଧାନମନ୍ତ୍ରୀ
**ନରେନ୍ଦ୍ର ମୋଦୀଙ୍କ**
ଦ୍ୱାରା

୧୬ ମଇ, ୨୦୨୩ ପ୍ରାତଃ ୧୦:୩୦

- ସହଯୋଗୀ ରାଜ୍ୟ ସରକାରଙ୍କ ସହିତ ମିଶି ଭାରତ ସରକାର ପ୍ରତି ମାସରେ ୧ଲକ୍ଷ ନୂଆ ଚାକିରି ସୃଷ୍ଟି କରୁଛନ୍ତି।
- ବିଶେଷ ଅନ୍‌ଲାଇନ୍ ସିଷ୍ଟମରେ ଖାଲି ପଦ ଓ ନିଯୁକ୍ତି ପ୍ରକ୍ରିୟାରେ ନିରନ୍ତର ନିରୀକ୍ଷଣ।
- ମହିଳା, ଦିବ୍ୟାଙ୍ଗଜନ ଓ ଆକାଂକ୍ଷୀ ଜିଲ୍ଲାର ଆଶାୟୀଙ୍କୁ ବିଶେଷ ଲାଭ ମିଳିବ।
- ବିଭିନ୍ନ ସରକାରୀ ବିଭାଗରେ ସମସ୍ତ ନବ-ନିଯୁକ୍ତଙ୍କୁ ଅନ୍‌ଲାଇନ୍ ଟ୍ରେନିଂ ପାଇଁ କର୍ମଯୋଗୀ ପ୍ରାରମ୍ଭ ମଡ୍ୟୁଲ୍
- ସମସ୍ତ ନିଯୁକ୍ତି ୟୁପିଏସ୍‌ସି, ଏସ୍‌ଏସ୍‌ସି, ରେଳବାଇ ରିକ୍ରୁଟିମେଣ୍ଟ ବୋର୍ଡ ଜରିଆରେ କରାଯାଉଛି।
- ସରଳ, ନିଷ୍ପକ୍ଷ ଓ ପାରଦର୍ଶୀ ଚୟନ ପ୍ରକ୍ରିୟା

ଡିଡି ନ୍ୟୁଜ୍‌ରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିପାରିବେ

cbc 06305/15/0001/2324

# ରାଜ୍ୟ ଖବର




ଜୟପୁର, (ଭାସ୍କର ନ୍ୟୁଜ୍): ଚାକିରିଆ ପୁଅ ୪ ଦିନ ହେବ ନିଖୋଜ ହୋଇଛି। ଏନେଇ ନିଖୋଜ ପୁଅର ବାପା ଜୟପୁର ଟାଉନ ଥାନାରେ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି। ନିଖୋଜ ନିରଞ୍ଜନ ବାଘ ଜୟପୁର ଆଇଟିଡିଏ ଅଫିସରେ ଏସ୍‌ଏମ୍‌ଏସ୍ ପୋଷ୍ଟରେ ରହି ଭିଡିଭିକେ ଯୋଜନାରେ କାର୍ଯ୍ୟ କରୁଥିଲେ। ଗୁରୁବାର କାର୍ଯ୍ୟରେ ଯୋଗ ଦେଇଥିଲେ। ଶୁକ୍ରବାରଠାରୁ ସେ ଅଫିସ ଅସିନଥିବା କାର୍ଯ୍ୟାଳୟ ସୂତ୍ରୁ ସୂଚନା ଦିଆଯାଇଛି। ୧୨.୫.୨୩ ତାରିଖରୁ ଯୁବକ ଜଣକ ନିଖୋଜ ଅଛନ୍ତି। ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଞ୍ଚଳର ନିରଞ୍ଜନ ବାଘ। ସେ ପାରାବେଢ଼ା ସ୍ଥିତ ଏକ ରୁମରେ ଭଡା ରହୁଥିଲେ। ସେ ଜୟପୁର ଆଇଟିଡିଏ ୨୦୨୨ ମସିହାରୁ କାର୍ଯ୍ୟ କରୁଥିଲେ। ରୁମରୁ ବାହାରି ସ୍କୁଟିରେ ଯାଇ ଥିବା ବେଳେ ତାଙ୍କର କିଛି ଖବର ମିଳୁନାହିଁ। ତାଙ୍କ ନିକଟରେ ମୋବାଇଲ ରହିଛି। କିନ୍ତୁ ମୋବାଇଲ ସୁଇଚ ଅଫ୍ ରହିଛି। ବହୁ ଖୋଜା ଖୋଜା କରି ପୁଅର ସନ୍ଧାନ ନପାଇବାରୁ ବାପା ସହଦେବ ବାଘ ଜୟପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଟାଉନ ଥାନା ଅଧିକାରୀ ସମ୍ବିତ କୁମାର ବେହେରା ସୂଚନା ଦେଇଛନ୍ତି।

## ଶିଳ୍ପ ପ୍ରତିଷ୍ଠା ନାଁ'ରେ ଚାଲିଛି ଶହଶହ ମୂଲ୍ୟବାନ ଗଛ କଟା



ଲହୁଣୀପଡ଼ା, (ଭାସ୍କର ନ୍ୟୁଜ୍): ଶିଳ୍ପ ପ୍ରତିଷ୍ଠା ନାଁରେ ଶହ ଶହ ବର୍ଷର ପୁରୁଣା ଗଛକୁ ଦୁର୍ବୃତ୍ତମାନେ ରାତା ରାତି କାଟି ସଫା କରିବା ଘଟଣା ସାମ୍ନାକୁ ଆସିବା ଏବଂ ବନବିଭାଗକୁ ଏ ସଂକ୍ରାନ୍ତରେ ପଚାରି ବାରୁ କିଛି ଜାଣି ନ ଥିବା କଥା କହିବା ସାଧାରଣତଃ ଲୋକମାନେ ସହଜରେ ଗ୍ରହଣ କରି ପାରୁନାହାନ୍ତି। ତେବେ କିଛି ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ବ୍ଲକ୍ ଅନ୍ତର୍ଗତ ଦର୍ଜିଙ୍ଗ ଗ୍ରାମରେ। ମିଳିଥିବା ସୂଚନାରୁ ପ୍ରକାଶ ଯେ, ବାଙ୍କି ରେଞ୍ଜ ଅନ୍ତର୍ଗତ ରାଜାମୁଣ୍ଡା ବନବିଭାଗ ଅଧୀନସ୍ଥ ଦର୍ଜିଙ୍ଗ ଗ୍ରାମରେ ଓଡ଼ିଶା ଫାର୍ମ ପ୍ରଡ୍ୟୁସ ପ୍ରାଇଭେଟ୍ ଲିମିଟେଡ ନାମରେ ଜଣେ ବ୍ୟକ୍ତି ଲିଜ୍ ସୂତ୍ରରେ ୪.୭୯ ଏକର ଜାଗା ନେଇଛନ୍ତି। ଯାହାର ଡାଇରେକ୍ଟର ହେଉଛନ୍ତି ରାଉରକେଲାର ନବଯୋତ ସିଂ ସେ ଗତ ୨୦୦୪ ମସିହାରେ ଦର୍ଜିଙ୍ଗ ଗ୍ରାମ ଖାତା ନମ୍ବର ୧୩୨/୭୪, ପ୍ଲଟ୍ ନମ୍ବର ୯୫୦, ୯୨୩, ୯୭୬, ୯୩୭ ଲିଜ୍ ସୂତ୍ରରେ ନେଇ ଥିବା କଥା କହୁଛନ୍ତି। ତେବେ ଗ୍ରାମବାସୀଙ୍କ ଅଗୋଚରରେ ସେ କେମିତି ଜମିକୁ ହାତେଇ ନେଲେ ତାହା ସାଧାରଣ ଲୋକଙ୍କ ମନରେ ପ୍ରଶ୍ନ। ଅନ୍ୟପକ୍ଷରେ ଶ୍ରୀ ସିଂ ଯଦି ଲିଜ୍ ପାଇଥିଲେ ତେବେ ଶହଶହ ବର୍ଷର ପୁରୁଣା ଗଛକୁ ରାତା ରାତି ଦୁଇଶହରୁ ଊର୍ଦ୍ଧ ଶାଳ, ପିଆଶାଳ ପରି ମୂଲ୍ୟବାନ ଗଛକୁ କାଟି ଜେସିବି ଲଗାଇ ମୂଳରୁ ଉପାଡ଼ି ଏରିଆ ବାହାରକୁ ପାର କରିଦେଇ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମୂଳ ଥିଲେ ସିନା ବନ ବିଭାଗ ଗଛ ଚିହ୍ନଟ କରି ବନବିଭାଗ ଜୋରିମାନା ଆଦାୟ କରିବ। ତେଣୁ 'ମୁଲୁ ମାଇଲେ ଯିବ ସରି ଦେବଙ୍କ ସହ କିମ୍ବା କଳି' ସଦୃଶ୍ୟ କରିଛନ୍ତି ଶ୍ରୀ ସିଂ। ୪.୭୯ ଏକର ପରିମିତ ସବୁଜିମା ଭରା ଜଙ୍ଗଲ ପରିବେଶକୁ ସୌନ୍ଦର୍ଯ୍ୟୀକରଣ କରିବା ସହିତ ପରିବେଷଣ ସନ୍ତୁଳିତ କରିବାରେ ସାହାର୍ଯ୍ୟ କରିଥାଏ। ଏହାଛଡା ଆଦିବାସୀ ସଂପ୍ରଦାୟର ଲୋକମାନେ ଆଦିମ କାଳରୁ ବସବାସ କରିଛନ୍ତି। ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରି ପରିବାର ପ୍ରତିପୋଷଣରେ କରିଥାନ୍ତି। ମାତ୍ର ଜଙ୍ଗଲ ଜମି ଉପରେ ଶିଳ୍ପ ପ୍ରତିଷ୍ଠା କରିବା ସେ ପୁଣି ବିନା ଗ୍ରାମ ସଭା ତଥା ବିନା ପଲ୍ଲୀସଭାରେ ଆଇନକୁ ହାତକୁ ନେଇ ଶିଳ୍ପ ନାଁରେ ଶହଶହ ଗଛକୁ ରାତା ରାତି କାଟି ସଫା କରିବା କେତେ ଦୂର ଯଥାର୍ଥ ତାହା ସାଧାରଣ ଲୋକଙ୍କ ମନରେ ଗୋଟିଏ ପ୍ରଶ୍ନ। ଏ ସଂକ୍ରାନ୍ତରେ ରେଞ୍ଜରଙ୍କୁ ପଚାରି ବୁଝିବାରୁ ଏ ସଂକ୍ରାନ୍ତରେ ମୁଁ କିଛି ଜାଣି ନାହିଁ ବୋଲି ସଫେଇ ଦେଇଥିଲେ। କି ଗଛ କାଟିବା ସମ୍ପର୍କରେ ଆମପାଖରେ କିଛି ସୂଚନା ମଧ୍ୟ ନାହିଁ ବୋଲି ସଫେଇ ଦେଇଛନ୍ତି। ସେହିପରି ଲହୁଣୀପଡ଼ା ତହସିଲଦାରଙ୍କୁ ପଚାରି ବୁଝିବାରୁ ସେ ମଧ୍ୟ କିଛି ଜାଣି ନଥିବା କଥା କହିଛନ୍ତି। ତେବେ ସାଧାରଣ ଲୋକ ଟିଏ ନିଜ ବାଡ଼ିରେ ଥିବା ଗଛଟିଏ କାଟିବା ପାଇଁ ଅନୁମତି ମାଗିଲେ ବନବିଭାଗ ନାକେଦମ କରିଦେଉଛନ୍ତି। କିନ୍ତୁ ଶିଳ୍ପ ନାଁରେ ଶହ ଶହ ଗଛ କଟା ହେଉଛି ବନବିଭାଗ ନାକ ତଳେ ବନବିଭାଗ ଜାଣିପାରୁ ନାହିଁ କେମିତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ମିଳିତ ଅଭିଯୋଗ ଶୁଣାଣି



ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ଭଞ୍ଜନଗର ଉପଖଣ୍ଡସ୍ତରୀୟ ଦିବ୍ୟାଙ୍ଗ ଓ ସାଧାରଣ ଜନତାଙ୍କ ଜନ ସମାଧାନ ସୋମବାର ଅନୁଷ୍ଠିତ ହୋଇଯାଇଛି। ଆରକ୍ଷୀ ଅଧିକ୍ଷକ ଜଗମୋହନ ମୀନା, ଭଂଜନଗର ଉପଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ଆଜିର ଏହି ଅଭିଯୋଗ ଶୁଣାଣିରେ ସମୁଦାୟ ୧୮୨ଟି ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ବ୍ୟକ୍ତିଗତ ଅଭିଯୋଗ ୧୭୫ଟି ଥିବାବେଳେ ଗ୍ରାମୀୟ ଅଭିଯୋଗ ୭ଟି ଥିଲା। ଉପଜିଲ୍ଲାପାଳ ଶ୍ରୀ ରାୟ ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀ ମୀନା ତ୍ୱରିତ ୧୦ଟି ଅଭିଯାଗର ଫଇସଲା କରିଥିଲେ। ଆଜିର ଅଭିଯୋଗ ସମୟରେ ୯ଜଣଙ୍କୁ ବାର୍ଦ୍ଧକ୍ୟ, ବିଧବା ଭତ୍ତା ପ୍ରଦାନ କରିଥିଲେ ଏବଂ ଏହା ସହିତ ଜଣକୁ ରେଡକ୍ରସ ପାଣ୍ଠିରୁ ଦଶ ହଜାର ଟଙ୍କା ଆର୍ଥିକ ସାହାଯ୍ୟ ଦିଆଯାଇଥିଲା। ଗ୍ରହଣ କରିଥିବା ଆବେଦନଗୁଡିକର ଶୁଣାଣି କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପ୍ରେରଣ କରାଯାଇ ତୁରନ୍ତ ସମାଧାନ କରିବା ଦିଗରେ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣି ସମୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଜୟ କୁମାର ମଲ୍ଲିକ, ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୀତାଂଶୁ କୁମାର ଶତପଥୀ, ଭଞ୍ଜନଗର ତହସିଲଦାର ଅଚ୍ୟୁତାନନ୍ଦ ଯାନୀ, ବିଡିଓ, ଶଶିଭୂଷଣ ମହାପାତ୍ର, ଭଞ୍ଜନଗର ସହାୟକ ଜିଲ୍ଲାପାଳ ରାମଚନ୍ଦ୍ର ମହାପାତ୍ର, ଭଂଜନଗର ଅତିରିକ୍ତ ଯୋଗାଣ ଅଧିକାରୀ, ସାମାଜିକ ସୁରକ୍ଷା ଅଧିକାରୀ ଏସିଓ ଶବର, ଏଷ୍ଟାବ୍ଲିସମେଣ୍ଟ ଅଧିକାରୀ ଅନିଲ କୁମାର ପଣ୍ଡା, ଭଞ୍ଜନଗର ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ ଏବଂ ପ୍ରତ୍ୟେକ ବିଭାଗର ଅଧିକାରୀମାନେ ଯୁଗ୍ମ ଅଭିଯୋଗ ଶୁଣାଣିରେ ଉପସ୍ଥିତ ଥିଲେ।

## ଗ୍ରୀଷ୍ମକାଳୀନ ହ୍ୟାଣ୍ଡବଲ ପ୍ରଶିକ୍ଷଣ ଶିବିର

ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍): ଗ୍ରୀଷ୍ମକାଳୀନ ହ୍ୟାଣ୍ଡବଲ ତାଲିମ ଶିବିର-୨୦୨୩ ଉଦ୍‌ଘାଟିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲା ହ୍ୟାଣ୍ଡବଲ ଆସୋସିଏସନ୍ ପକ୍ଷରୁ ଖଲ୍ଲିକୋଟ ବିଶ୍ୱ ବିଦ୍ୟାଳୟ ଖେଳ ପଡ଼ିଆରେ ଆରମ୍ଭ ହୋଇଛି ପ୍ରଶିକ୍ଷଣ ଶିବିର। ଶିବିରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ୧୫୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ କର୍ପୋରେଟର ତଥା ସଂଘର କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ଶୁକ୍ଳ ଅଧ୍ୟକ୍ଷତା କରିଥିଲେ। ସଭାରେ ଅତିଥି ଭାବେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ବିଧାୟକ ତଥା ଜିଲ୍ଲା ହ୍ୟାଣ୍ଡବଲ ସଂଘର ସଭାପତି ବିକ୍ରମ କୁମାର ପଣ୍ଡା, ନିଗମ ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ.ବିବେକ ରେଡ୍ଡୀ, ବରିଷ୍ଠ ସାମ୍ବାଦିକ ଜଗନମୋହନ ମହାପାତ୍ର, କର୍ପୋରେଟର ଦୁର୍ଗା ଲାୟକ, ମିତେନ ଭୂୟାଁ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସଂଘର ସାଧାରଣ ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ସାଙ୍ଗଠନିକ ସମ୍ପାଦକ ଶକ୍ତିଧର ରାଜଗୁରୁ ସଭା ପରିଚାଳନା କରିଥିଲେ। ସଂଘର କୋଷାଧ୍ୟକ୍ଷ ଡାକ୍ତର ମନୋଜ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏନ୍‌ଆଇଏସ୍ କୋଚ ପ୍ରଶାନ୍ତ କୁମାର ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିବା ଏହି ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ୧ ମାସ ପର୍ଯ୍ୟନ୍ତ ଚାଲିବ। ଅତିଥିମାନେ ଆଗାମୀ ଦିନରେ ଜାତୀୟସ୍ତରରେ ଏକ ଦିବାରାତ୍ର ହ୍ୟାଣ୍ଡବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ ନେଇ ପ୍ରତିଶ୍ରୁତି ଦେଇଥିଲେ। ଗଞ୍ଜାମ ଜିଲ୍ଲାରେ ଦୀର୍ଘ ୨୫ ବର୍ଷରୁ ଅଧିକକାଳ ଧରି ହ୍ୟାଣ୍ଡବଲ ଖେଳ ଆରମ୍ଭ ହୋଇ ଆଜି ପର୍ଯ୍ୟନ୍ତ ସବ୍ ଜୁନିୟର, ଜୁନିୟର, ସିନିୟର ଆଦି ବିଭିନ୍ନ ବର୍ଗରେ ଉଭୟ ପୁରୁଷ ଓ ମହିଳା ବିଭାଗରେ ବହୁ ଖେଳାଳି ରାଜ୍ୟ ଓ ଜାତୀୟସ୍ତରରେ ପ୍ରତିନିଧି କରିସାରିଛନ୍ତି। ସେହିଭଳି ଜିଲ୍ଲାର ବହୁ ହ୍ୟାଣ୍ଡବଲ ଖେଳାଳି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ ନିଯୁକ୍ତି ପାଇଥିବାରୁ ଏହି ଖେଳ ପ୍ରତି ପିଲାଙ୍କ ମଧ୍ୟରେ ଦିନକୁ ଦିନ ଆଗ୍ରହ ବଢ଼ିବାରେ ଲାଗିଛି। ପ୍ରଶିକ୍ଷଣ ଶିବିରରେ ମୁଖ୍ୟ କୋଚ୍ ପ୍ରଶାନ୍ତ କୁମାର ରଥଙ୍କୁ ଜିଲ୍ଲାର ବହୁ ବରିଷ୍ଠ ଖେଳାଳି ତାଲିମ ପ୍ରଦାନରେ ସହଯୋଗ କରୁଛନ୍ତି। ଉଦ୍‌ଘାଟନୀ ସଭାରେ ଦକ୍ଷିଣ ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଟିମ୍ କ୍ଲିନ୍ ସିଟିର ବହୁ ସଦସ୍ୟ ସାମିଲ ହୋଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ପେଟ ପାଇଁ ମଜୁରି ଲାଗୁଛନ୍ତି ପୂର୍ବତନ ସମିତିସଭ୍ୟା

### 'ପଞ୍ଚାୟତରୁ ବ୍ଲକ୍, ସବୁଠି ମିଳିଛି ପ୍ରତାରଣା ଓ ପ୍ରବଞ୍ଚନା'



ରାଇରଙ୍ଗପୁର, (ଭାସ୍କର ନ୍ୟୁଜ୍): 'ପିଲାଙ୍କ ମୁହଁରେ ଦାନା ଦେବାପାଇଁ ହାଡ଼ଭଙ୍ଗା ଖଟଣି' ସମିତିସଭ୍ୟା ଥିବାବେଳେ ବଡ଼ବଡ଼ିଆଙ୍କ ଗାଡ଼ି ଆସି ଘର ଆଗରେ ଛିଡ଼ା ହେଉଥିଲା। ଏବେ ଭାଗ୍ୟର ବିଡ଼ମ୍ବନା, ଗଣ୍ଡେ ଦାନା ପାଇଁ ସେହି ବଡ଼ବଡ଼ିଆଙ୍କ ନିକଟରେ ଖଟିବାକୁ ପଡୁଛି। ଏହି ପୂର୍ବତନ ସମିତି ସଭ୍ୟା ହେଉଛନ୍ତି, ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ବ୍ଲକ୍ କଳାବାଡିଆ ପଞ୍ଚାୟତ ଜଗନ୍ନାଥଖୁଣ୍ଟା ଗାଁର ବେଲ ସିଂ (୪୩)। ୨୦୧୨ ମସିହା ପଞ୍ଚାୟତ ନିର୍ବାଚନରେ ବାଙ୍ଗିରିପୋଷି ବ୍ଲକ୍ କଳାବାଡ଼ିଆ ପଞ୍ଚାୟତରୁ ସମିତିସଭ୍ୟା ଭାବେ ନିର୍ବାଚିତ ହୋଇଥିଲେ ବେଲ। ସେତେବେଳେ ଗାଁ ଦାଣ୍ଡରେ ବାଣ ଫୁଟିଥିଲା, ଲୋକେ ଖୁସି ମନାଇଥିଲେ। ପରବର୍ତ୍ତୀ ସମୟରେ ବ୍ଲକ୍ ଅଧକ୍ଷ ପଦରେ ନିଜ ଦଳର ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଭୋଟ୍‌ର ଆବଶ୍ୟକତା ପଡ଼ିବାରୁ ବେଲଙ୍କୁ ରାତିଅଧରେ ଘରୁ ଉଠାଇ ନେଇ ଅଜ୍ଞାତବାସକୁ ପଠାଇ ଦିଆଗଲା। ପରିବାର ସହିତ ପଞ୍ଚାୟତବାସୀ ଭାବିଲେ, ଆମର ଦୁଃଖ ଗଲା। ଗାଁ ବୋହୂ ବେଲର କ୍ଷମତା ବଢ଼ିଲା। ସ୍ୱାମୀ ମାଣ୍ଡୁ ସିଂ ମଧ ଗର୍ବ ଅନୁଭବ କଲେ। ସବୁ ଠିକ୍‌ଠାକ୍ ଚାଲିଥିବା ବେଳେ ହଠାତ୍ ବେଲଙ୍କ ଭାଗ୍ୟରେ ଯେମିତି ଦୁର୍ଦ୍ଦିନ ମାଡ଼ିଆସିଲା। ନିର୍ବାଚିତ ହେବାର ୪ ବର୍ଷ ଭିତରେ ଶାଶୂ ଓ ଦୁଇ ଭେଣ୍ଡିଆ ଦିଅର ଆଗପଛ ହୋଇ ଆଖି ବୁଜିଲେ। ସେପଟେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ସ୍ୱାମୀ ମାଣ୍ଡୁ ସିଂ ମଧ ୮ ମାସ ତଳେ ପତ୍ନୀଙ୍କୁ ଛାଡ଼ି ଚାଲିଗଲେ। ଏହିଠାରୁ ଭଗବାନ ବିଧବା ବେଲଙ୍କର ଅସଲ ପରୀକ୍ଷା ଆରମ୍ଭ କରିଦେଲେ। ଦାରିଦ୍ର୍ୟ କଷାଘାତରେ ଜର୍ଜରିତ ହୋଇ ଭଲ ପଢୁଥିବା ଦୁଇପୁଅ ପାଠପଢ଼ା ଛାଡ଼ିଦେଲେ। ଏମିତିକି ୩ ପ୍ରାଣୀଙ୍କ ପେଟକୁ ଦାନା ଯୋଗାଡ଼ ପାଇଁ ୧୬ ବର୍ଷର ବାଳୁତ ବଡ଼ପୁଅ ବାଧ୍ୟବାଧକତାରେ ଚେନ୍ନାଇ ଯାଇ ଦାଦନ ଖଟିଲା। ବାପାର ଆକସ୍ମିକ ମୃତ୍ୟୁପରେ ଏବେ ସେ ଘରକୁ ଫେରିଆସିଛି। ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ୧୫ କିଲୋ ଚାଉଳ ବା କେତେଦିନ ଯାଆନ୍ତା। ପାଖରେ ଯାହା କିଛି ସଞ୍ଚିତ ଅର୍ଥ ଥିଲା, ସେଥିରେ ସ୍ୱାମୀଙ୍କର ଚିକିତ୍ସା ଓ ଶୁଦ୍ଧିକ୍ରିୟାରେ ସରିଗଲା। ଶେଷକୃତ୍ୟ ପାଇଁ ପଞ୍ଚାୟତରୁ ହରିଶ୍ଚନ୍ଦ୍ର ଯୋଜନାରେ ଟଙ୍କା ଦୁଇ ହଜାର ବି ମିଳିଲାନି। ଗୋଟିଏ ସମୟରେ ଲୋକଙ୍କ ଭତ୍ତା ପାଇଁ ସୁପାରିସ କରୁଥିଲେ ବେଲ। ଅଥଚ ସ୍ୱାମୀ ମୃତ୍ୟୁର ୮ ମାସ ପରେ ନିଜର ବିଧବା ଭତ୍ତା ପାଇଁ ପଞ୍ଚାୟତ ଓ ବ୍ଲକ୍‌କୁ ଧାଇଁ ଧାଇଁ ନିରାଶ ହେବାପରେ ସମସ୍ତଙ୍କୁ ଛି କରି ଦେଇଛନ୍ତି। ଦୁଇପିଲାଙ୍କ ମୁହଁରେ ଦାନା ଦେବାପାଇଁ ଘର ଚାରିକାନ୍ଥରୁ ବାହାରିଛନ୍ତି। ଦିନକୁ ଦୁଇଶହ ଟଙ୍କା ମଜୁରିରେ ଗାଁର ମହିଳା ଶ୍ରମିକମାନଙ୍କ ସହିତ କୋଡ଼ି, କୋଦାଳ ଧରି କାମ କରିବାକୁ ପ୍ରତିଦିନ ଯାଉଛନ୍ତି ବାରିପଦା ସହରକୁ। ଏ ସଂପର୍କରେ ସରପଞ୍ଚ ମିତା ନାଏକଙ୍କୁ ପଚରାଯିବାରୁ ସେ କହିଥିଲେ, ଏବେ ଅନ୍‌ଲାଇନ୍ ମାଧ୍ୟମରେ ଭତ୍ତା ଦିଆଯାଉଛି। ଆମ ହାତରେ କିଛି ନାହିଁ କହି ନିଜର ଅସହାୟତା ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ, ବିଡିଓ ଶରତ ଚନ୍ଦ୍ର ମଲ୍ଲିକ ଏ ନେଇ ଅନୁଧ୍ୟାନ କରିବେ ବୋଲି କହିଛନ୍ତି।

## ସରକାରୀ ଚିକିତ୍ସାଳୟରେ ରକ୍ତ ଅଭାବ

### ସମ୍ପର୍କୀୟଙ୍କ ଭରସାରେ ରୋଗୀଙ୍କ ଜୀବନ

ମୟୂରଭଞ୍ଜ, (ଭାସ୍କର ନ୍ୟୁଜ୍): ସଚେତନତା ଅଭାବରୁ ରକ୍ତ ଦେବାକୁ ବାହାରୁନାହାନ୍ତି ଅଧିକ ରକ୍ତଦାତା। ଶିବିରରୁ ଆଉ ପୂର୍ବଭଳି ସଂଗୃହୀତ ହେଉନାହିଁ ପର୍ଯ୍ୟାପ୍ତ ରକ୍ତ। ଏଥିପାଇଁ ପ୍ରଶାସନର ପ୍ରମୁଖ ଦାୟିତ୍ୱ ରହିଥିଲେ ମଧ୍ୟ ଏ ଦିଗରେ ଦୃଷ୍ଟି ଦିଆଯାଉନଥିବାରୁ ବାରିପଦା ପିଆରଏମ୍ ମେଡିକାଲ କଲେଜ ଚିକିତ୍ସାଳୟ ସମେତ ଜିଲ୍ଲାର ପ୍ରମୁଖ ଡାକ୍ତରଖାନାଗୁଡ଼ିକରେ ବର୍ତ୍ତମାନ ରକ୍ତର ଅଭାବ ଦେଖାଦେଇଛି। ଫଳରେ ଥାଲସେମିଆଠାରୁ ଆରମ୍ଭ କରି ଜରୁରୀକାଳୀନ ରୋଗୀ ବହୁ ହନ୍ତସନ୍ତ ହେଉଛନ୍ତି। ପିଆରଏମ୍ ମେଡିକାଲ କଲେଜ ଚିକିତ୍ସାଳୟରେ ପ୍ରତିମାସରେ ୩ ଶହରୁ ଊର୍ଦ୍ଧ୍ୱ ଥାଲସେମିଆ ଓ ଅନ୍ୟ ରୋଗୀ ରକ୍ତ ନେଉଥିବା ବେଳେ ପ୍ରତିଦିନ ହାରାହାରି ୫୦ରୁ ୬୦ ୟୁନିଟ୍ ପର୍ଯ୍ୟନ୍ତ ରକ୍ତ ଦରକାର ପଡିଥାଏ। ଏମିତି ଦେଖିବାକୁ ଗଲେ ମାସକୁ ୧୧୦୦ ୟୁନିଟ୍ ରକ୍ତର ଆବଶ୍ୟକତା ରହିଛି। ହେଲେ ଏହାର ଅଧା ବି ମହଜୁଦ୍ ରହି ପାରୁନାହିଁ। ଖରା ପାଇଁ ମଧ୍ୟ ରକ୍ତ ସଂଗ୍ରହ ପରିମାଣ କମିଯାଉଥିବା କୁହାଯାଉଛି। ଏବେ ପିଆରଏମ୍ ରକ୍ତଭଣ୍ଡାରରେ ମୋଟ୍ ୧୫୭ ୟୁନିଟ୍ ରକ୍ତ ଥିବା ବେଳେ ନେଗେଟିଭ୍ ଗ୍ରୁପ୍‌ର ରକ୍ତ ଆଦୌ ନାହିଁ। ପଜିଟିଭ୍ ଗ୍ରୁପ୍‌ର ଯେତିକି ବି ଅଛି, ତାହା ସମୁଦ୍ରକୁ ଶଙ୍ଖେ। ଏଭଳି ସ୍ଥଳରେ କେବଳ ଗୁରୁତର ରୋଗୀଙ୍କୁ ରକ୍ତ ଦେବା ଲାଗି ପ୍ରାଥମିକତା ଦିଆଯାଉଥିବା କହିଛନ୍ତି ରକ୍ତଭଣ୍ଡାର କର୍ମଚାରୀ। ଯଥେଷ୍ଟ ରକ୍ତ ନଥିବାରୁ ରୋଗୀ ତାଙ୍କ ସମ୍ପର୍କୀୟ ଓ ଚିହ୍ନା ପରିଚିତଙ୍କୁ ଖୋଜୁଛନ୍ତି। ଅଧିକାଂଶ ରୋଗୀଙ୍କ ସମ୍ପର୍କୀୟ ରକ୍ତ ଦେବାକୁ ଚାହୁଁ ନଥିବାରୁ ସେମାନଙ୍କୁ ପ୍ରଥମ ଥର ଗୋଟିଏ ୟୁନିଟ୍ ରକ୍ତ ଦିଆଯାଇ ସ୍ୱେଚ୍ଛା ରକ୍ତଦାତାଙ୍କ ଜରିଆରେ ରକ୍ତ ଯୋଗାଡ଼ କରିବାକୁ କୁହାଯାଉଛି। ବିହାର, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ରାଜ୍ୟରୁ ଅନେକ ରୋଗୀ ଏଠାକୁ ଆସୁଛନ୍ତି। ରକ୍ତ ଦେବାକୁ ସେମାନଙ୍କ ସମ୍ପର୍କୀୟ କେହି ନଥିବାରୁ ରୋଗୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମିତିକି ରକ୍ତଭଣ୍ଡାର ସମ୍ମୁଖରେ ସେମାନେ ଘଣ୍ଟାଘଣ୍ଟା ବସି ରହୁଥିବା ଦେଖିବାକୁ ମିଳୁଛି। ଆଜି ଧୁଧୁ ଖରାରେ ଜଣେ ମହିଳା ରୋଗୀଙ୍କୁ ଷ୍ଟ୍ରେଚରରେ ଧରି ତାଙ୍କ ସମ୍ପର୍କୀୟ ରକ୍ତଭଣ୍ଡାର ସମ୍ମୁଖରେ ଠିଆ ହୋଇ ରହିଥିଲେ। ରକ୍ତ ଯୋଗାଡ ପରେ ଦିଆଯିବ ବୋଲି କହିବା ପରେ ସେମାନେ ୱାର୍ଡକୁ ଫେରିଥିଲେ। ପ୍ରକାଶଥାଉକି, ପୂର୍ବରୁ ବର୍ଷତମାମ ଜିଲ୍ଲାବ୍ୟାପୀ ରକ୍ତଦାନ ଶିବିର ଆୟୋଜନ ହେଉଥିଲା। ରକ୍ତଦାନ ଶିବିରକୁ ଅଧିକ ଲୋକାଭିମୁଖୀ କରିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ବି ରହିଛି। ତେବେ ଜିଲ୍ଲା ପ୍ରଶାସନ ଏ ଦିଗରେ ଆଦୌ ତତ୍ପରତା ପ୍ରକାଶ କରୁନି। ପୁଲିସ ବାହିନୀ ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ ନିମନ୍ତେ ୨୦୧୮ ମସିହାରେ ମୟୂରଭଞ୍ଜ ଏସ୍‌ପିଙ୍କୁ ସରକାର ୧୦ ଲକ୍ଷ ଟଙ୍କା ଦେଇଥିଲେ। କାଁଭାଁ ୩/୪ଟି ଶିବିର କରି ପୁଲିସ ବିଭାଗ ଆଉ ଏ ଦିଗରେ ମୁଣ୍ଡ ଖେଳାଉନାହିଁ। ଏଥିଲାଗି ଆସିଥବା ୧୦ ଲକ୍ଷ ଟଙ୍କା କେମିତି ଓ କୋଉ ବାଟରେ ଖର୍ଚ୍ଚ କରାଯାଇଛି, ତାର ଉତ୍ତର ମଧ୍ୟ କେହି ଦେଉନାହାନ୍ତି। ସୂଚନା ଅଧିକାର ଆଇନ୍ ବଳରେ ଏହି ତଥ୍ୟ ମଗାଯାଇଥିବା ବେଳେ ୬ ମାସ ପରେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଏ ବାବଦରେ ତଥ୍ୟ ଦେବାକୁ ସକ୍ଷମ ହୋଇନାହାନ୍ତି। ଜିଲ୍ଲାପାଳଙ୍କୁ ସରକାରଙ୍କ ନିର୍ଦ୍ଦେଶ ଓ ଏସ୍‌ପିଙ୍କୁ ଅର୍ଥ ପ୍ରଦାନ ସତ୍ତ୍ୱେ ମୟୂରଭଞ୍ଜ ଜିଲ୍ଲାରେ ରକ୍ତଦାନ ଶିବିର ବେଶି ଆୟୋଜନ ନ ହେବା ବିଡ଼ମ୍ବନାର ବିଷୟ। ରକ୍ତ ସଙ୍କଟ ଦୂର ପାଇଁ ଲୋକଙ୍କ ମଧ୍ୟରେ ଅଧିକରୁ ଅଧିକ ସଚେତନତା ହେବା ଆବଶ୍ୟକ ବୋଲି କହିଛନ୍ତି ରକ୍ତଦାତା ଡ.ନିରୋଜ କୁମାର ପୋଥାଳ। ପ୍ରଶାସନ ଏଥିପାଇଁ ଆଗ୍ରହ ପ୍ରକାଶ କରୁନଥିବାରୁ ରକ୍ତର ଅଭାବ ଦେଖା ଦେଇଥିବା କହିଛନ୍ତି ସ୍ୱେଚ୍ଛା ରକ୍ତଦାତା ଦେବାଶିଷ ଦାସ।

## ରହିଲାନି ବିଦ୍ୟୁତ୍, ଅନ୍ଧାରରେ ହେଲା ଜନଶୁଣାଣି



ବାଲିପାଟଣା, (ଭାସ୍କର ନ୍ୟୁଜ୍): ବାଲିପାଟଣା ବ୍ଲକ୍ କାର୍ଯ୍ୟାଳୟ ସଭାଗୃହରେ ଆଜି ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଜନ ଶୁଣାଣି କରିଛନ୍ତି। ଏହି ଶିବିରରେ ମୋଟ ୧୨୯ ଗୋଟି ବିଭିନ୍ନ ସମସ୍ୟା ବିଚାର ପାଇଁ ଆସିଥିବା ବେଳେ ସେଥିରୁ କେବଳ ମାତ୍ର ୨ ଗୋଟି ମାମଲାର ସମାଧାନ କରାଯାଇଥିଲା ଏବଂ ଅନ୍ୟ ସବୁ ଅଭିଯୋଗ ଗୁଡ଼ିକୁ ସଂପୃକ୍ତ ବିଭାଗକୁ ପ୍ରେରଣ କରାଯାଇଥିବା ଜଣାପଡିଛି। ଆଜିର କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଦେବବ୍ରତ ସାହୁ, ତହସିଲଦାର ବୁଲବଲ୍ ବେହେରା, ଗୋଷ୍ଠି ଉନ୍ନୟନ ଅଧିକାରୀ ଆଦିକନ୍ଦ ବେହେରା, ଅତିରିକ୍ତ ତହସିଲଦାର ପର୍ଶୁରାମ ମଲ୍ଲିକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଆର୍ତ୍ତବନ୍ଧୁ ନାୟକ, ବାଲିପାଟଣା ଗୋଷ୍ଠି ଚିକିତ୍ସାଧିକାରୀ ଶ୍ରୀକାନ୍ତ ବେହେରା, ବ୍ଲକ୍ ଶିକ୍ଷାଧିକାରୀ ଶୈଳ ଧିରାଜତନୟା ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। କିନ୍ତୁ ଚର୍ଚ୍ଚାର ବିଷୟ ପାଲଟିଛି ଜଣେ ନିରାଶ୍ରୟା ବିଧବା ମହିଳା ବହୁବାର ଜନଶୁଣାଣି କାର୍ଯ୍ୟକ୍ରମରେ ନିଜ ବ୍ୟଥା ବିଖାଣି ବଖାଣି ଥକିଗଲେଣି କିନ୍ତୁ ପାଇପାରୁ ନାହାନ୍ତି ନ୍ୟାୟ। ଘଟଣା କ୍ରମରେ ବାଲିପାଟଣା ଥାନା ଅନ୍ତର୍ଗତ ବରଦାପଡ଼ା ଗ୍ରାମର ପ୍ରଶାନ୍ତ କୁମାର ନାୟକଙ୍କୁ ରଟିଲୋ ଗ୍ରାମର ରାଜଶ୍ରୀ ସ୍ୱାଇଁ ୨୦୧୫ ମସିହାରେ ବିବାହ କରିଥିଲେ। କିନ୍ତୁ ୨୦୨୧ରେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିବା ପରେ ଶ୍ୱଶୁର ଘରେ ତାଙ୍କୁ ନିର୍ଯ୍ୟାତନା ଦିଆଯିବା ସହିତ ତାଙ୍କ ସ୍ୱାମିଙ୍କ ଜୀବନ ବୀମା ଅର୍ଥକୁ ଚଞ୍ଚକତା କରି ଲୁଟି ନେଇଥିଲେ। ଶ୍ୱଶୁର ଘରୁ ତଡ଼ିଦେବାରୁ ଏବେ ରାଜଶ୍ରୀ ତାଙ୍କ ବାପ ଘରେ ଅଛନ୍ତି। ଏନେଇ ରାଜଶ୍ରୀ କମିଶନରେଟ୍ ପୋଲିସ୍ କାର୍ଯ୍ୟାଳୟଠାରୁ ଆରମ୍ଭ କରି ମହିଳା ଥାନା, ବାଲିପାଟଣା ଥାନା, ଜିଲ୍ଲାପାଳ ଜନଶୁଣାଣୀ କାର୍ଯ୍ୟକ୍ରମକୁ ଦୌଡିଦୌଡି ନୟାନ୍ତ ହେଇଗଲେଣି କିନ୍ତୁ ନ୍ୟାୟ ପାଉନାହାନ୍ତି ବୋଲି ରାଜଶ୍ରୀ ଅଭିଯୋଗ କରିଛନ୍ତି। ସବୁ ଥର ଜନଶୁଣାଣିରେ ଜିଲ୍ଲାପାଳ ବୁଝିବେ କହି ଚାଲି ଯାଉଛନ୍ତି। କିନ୍ତୁ ରାଜଶ୍ରୀ ଏବଂ ତାଙ୍କ ପାଞ୍ଚ ବର୍ଷର ପୁଅର ଭବିଷ୍ୟତ ଏବେ ଅନ୍ଧାରରେ। ଅନ୍ୟ ଏକ ଦୃଶ୍ୟରେ ଜିଲ୍ଲାପାଳ ଆସିବେ ବୋଲି ତାଙ୍କ ରହିବା ପର୍ଯ୍ୟନ୍ତ ବିଦ୍ୟୁତ ସରବରାହରେ ବ୍ୟାଘାତ ସୃଷ୍ଟି ନହେବା ପାଇଁ ବିଦ୍ୟୁତ୍ କର୍ମଚାରୀମାନେ ବ୍ଲକ୍ ପରିସରରେ ପଇଁତରା ମାରୁଥିଲେ ମଧ୍ୟ ଅଭିଯୋଗ ଶୁଣାଣି ମଧ୍ୟରେ କରେଣ୍ଟ କଟିଯାଇ ଥିଲା ଫଳରେ କିଛି ସମୟ ପାଇଁ ଅନ୍ଧାରରେ ଜନଶୁଣାଣି ଚାଲିଥିଲା। ନିରାଟ ଖରାକୁ ପ୍ରବଳ ଗୁଳୁଗୁଳିରେ ବିଦ୍ୟୁତ ବିଭାଗର ଏଭଳି କାର୍ଯ୍ୟକୁ ସେଠାରେ ଉପସ୍ଥିତ ଲୋକେ ନାପସନ୍ଦ କରିଛନ୍ତି।

## ମାନବ ଅଧିକାର ସୁରକ୍ଷା ମଞ୍ଚର ନୂତନ କର୍ମକର୍ତ୍ତା

ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍): ଜିଲ୍ଲାର ଅଗ୍ରଣୀ ଲଢୁଆ ସଂଗଠନ ମାନବ ଅଧିକାର ସୁରକ୍ଷା ମଞ୍ଚର ନୂତନ କର୍ମକର୍ତ୍ତା କମିଟି ଗଠନ ହୋଇଯାଇଛି। ଆବାହକ ଆଇନଜୀବୀ ଅବନୀ ଗୟାଙ୍କ ଅଧ୍ୟକ୍ଷତାରେ ଏହି ନୂତନ କମିଟି ଗଠନ ହୋଇଥିବା ବେଳେ ସଭାପତି ଭାବେ ଗଗନ ଚନ୍ଦ୍ର ମଲ୍ଲିକ, ଉପସଭାପତି ବିରେନ କୁମାର ବେହେରା, ସାଧାରଣ ସମ୍ପାଦକ ସୁବାଷ ଚନ୍ଦ୍ର ମିଶ୍ର, ସହସମ୍ପାଦକ ଭାବେ ବିଜୟ ଚନ୍ଦ୍ର ବିଶୋଇ ଓ ଏସ. କେଶବ ଲିଙ୍ଗମ ମନୋନୀତ ହୋଇଛନ୍ତି। ପୂର୍ବଭଳି ଏସ୍.ସାମ୍ବଶିବା ରାଓଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଛି। ବଂଶୀଧର ଭୂୟାଁ, ମାଗୁଣି ନାହାକ ଓ ଶ୍ୟାମ ସୁନ୍ଦର ଖାଡ଼ଙ୍ଗାଙ୍କୁ ନେଇ ଉପଦେଷ୍ଟା ମଣ୍ଡଳୀ ଗଠନ ହୋଇଥିବାବେଳେ ସାଙ୍ଗଠନିକ ସମ୍ପାଦକ ଭାବେ ମନୋଜ କୁମାର ତରାଇ, ହୃଷିକେଶ ପାତ୍ର ଓ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ସମାଜସେବୀ ସଞ୍ଜୟ ମାଝୀ, କବିରାଜ ସାହୁ, ରାମଚନ୍ଦ୍ର ସାହାଣୀ, ରମେଶ ଚନ୍ଦ୍ର ବେହେରା, ବୃନ୍ଦାବନ ପରିଡା ଓ ଯୁବନେତା ନିରଞ୍ଜନ ସାହୁଙ୍କୁ ମନୋନୀତ କରାଯାଇଛି। ଆଜି ସମସ୍ତ ନୂତନ କର୍ମକର୍ତ୍ତା ଦେଶର ସମ୍ବିଧାନକୁ ସାକ୍ଷୀ ରଖି ନିଜ ନିଜ ଦାୟିତ୍ୱ ସୁଚାରୁ ରୂପେ ପାଳନ କରିବେ ବୋଲି ଶପଥ ପାଠ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ ଭଳି ସମସ୍ତ ଜରୁରୀ ବିଭାଗରେ ଦେଖାଯାଉଥିବା ମୌଳିକ ସମସ୍ୟାର ସମାଧାନ ପାଇଁ ସବୁଦିନ ଭଳି ମାନବ ଅଧିକାର ସୁରକ୍ଷା ମଞ୍ଚ ଲଢେଇ କରିବ ବୋଲି ସମସ୍ତ ସଦସ୍ୟ ଆଜି ଦୃଢୋକ୍ତି ପ୍ରକାଶ କରିଛନ୍ତି।

## ଦେଶୀ ମଦ ଭାଟି କର୍ମଚାରୀଙ୍କୁ ଆକ୍ରମଣ

ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଗାନ୍ଧୀ ଛକ ଫାଣ୍ଡି ଅନ୍ତର୍ଗତ ରାଜପୁର ନିକଟରେ ଥିବା ଦେଶୀ ମଦ ଭାଟି କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ। ସୂଚନା ଅନୁସାରେ ରାଜପୁର ଦେଶୀ ମଦ ଭାଟି ମ୍ୟାନେଜର ସଞ୍ଜିତ ରଞ୍ଜନ (୪୧) ଙ୍କର ଅଭିଯୋଗ ଅନୁସାରେ ତାଙ୍କର କିଛି କର୍ମଚାରୀ ଆଜି ଅପରାହ୍ନ ୫ ଟାରେ ତାଙ୍କର ଦୁଇ କର୍ମଚାରୀ କ୍ରିଷ୍ଣା ତିୱାରୀ ଏବଂ ମହେନ୍ଦ୍ର ସିଂ ଚାନ୍ଦିନୀମାଲ ଛକ କେଚୋବାହାଲ ଅଞ୍ଚଳରେ ପାଟ୍ରୋଲିଂ କରିବାକୁ ଯାଇଥିଲେ। ଉଭୟ ଫେରୁଥିବା ବାଟରେ ଏକ କାର୍‌ରେ ଓଡି ୨୩ ଏଲ୍ ୫୫୭୭ ଦୁଇଜଣ ବ୍ୟକ୍ତି ଏବଂ ଅନ୍ୟ ଏକ କଳା ରଙ୍ଗ କାରରେ ପାଞ୍ଚ ଜଣ ବ୍ୟକ୍ତି ସେମାନଙ୍କର ରାସ୍ତା ରୋକିବା ସହିତ ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ ଏବଂ ଆକ୍ରମଣ କରିବା ଆରମ୍ଭ କରିଥିଲେ। ସେଥି ମଧ୍ୟରୁ ଜଣେ କର୍ମଚାରୀ ମହେନ୍ଦ୍ର ସିଂ ଘଟଣାସ୍ଥଳରୁ ଖସି ପଳାଇଥିବା ବେଳେ କ୍ରିଷ୍ଣା ତିୱାରୀଙ୍କୁ ଅଭିଯୁକ୍ତମାନେ ଘଟଣାସ୍ଥଳରେ ଅଟକ ରଖିଥିଲେ। ହତ୍ୟା କରିବା ଉଦ୍ଦେଶ୍ୟରେ ପାଟି ଏବଂ ଆଖିରେ ପଟି ଲଗାଇ କ୍ରିଷ୍ଣା ତିୱାରୀଙ୍କୁ ସେଠାରୁ ଅପହରଣ କରିନେଇଥିଲେ। ଖସି ଆସିଥିବା ମହେନ୍ଦ୍ର ସିଂ ଆସି ସବୁ କଥା ତାଙ୍କ ମଦ ଭାଟି ମ୍ୟାନେଜରଙ୍କୁ କହିବା ପରେ, ସେମାନେ ପ୍ରାୟ ୩ ଘଣ୍ଟା ଖୋଜା ଖୋଜି କରିବା ପରେ କୃଷ୍ଣ ତିୱାରୀଙ୍କୁ ଏକ ଜଙ୍ଗଲରେ ପଟି ବନ୍ଧା ଅବସ୍ଥାରେ ପାଇଥିଲେ। କ୍ରିଷ୍ଣା କହିବା ଅନୁସାରେ ତାଙ୍କୁ ସେଠାରୁ ୭ ଜଣ ଯୁବକ ଉଠାଇ ନେଇଥିଲେ ଏକ କୋଠରୀରେ ଅପହରଣ କରି ୩ ଘଣ୍ଟା ପର୍ଯ୍ୟନ୍ତ ବନ୍ଦୀ କରି ତାଙ୍କୁ ଆକ୍ରମଣ କରିଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କୁ ସେ ଚିହ୍ନି ପାରିଥିଲେ।

## କୁଖ୍ୟାତ ଡକାୟତ ଗ୍ୟାଙ୍ଗ୍ ଗିରଫ



ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍): ବ୍ରହ୍ମପୁର ଓ ଗଞ୍ଜାମ ପୁଲିସ୍ ଜିଲ୍ଲାରେ ଏକାଧିକ ଡକାୟତି ମାମଲାରେ ସମ୍ପୃକ୍ତ ଥିବା ଏକ କୁଖ୍ୟାତ ଡକାୟତ ଗ୍ୟାଙ୍ଗକୁ ଗୋଷାଣୀନୂଆଗାଁ ପୁଲିସ୍ ଧରିବାରେ ସଫଳ ହୋଇଛି। ଏହି ଗ୍ୟାଙ୍ଗର ୭ ଡକାୟତକୁ ଗିରଫ କରାଯାଇ ୫ ବାଇକ, ଗୋଟିଏ ଦେଶୀ ବନ୍ଧୁକ ଓ ଗୋଟିଏ ଖେଳନା ବନ୍ଧୁକ, ୧୭ ମୋବାଇଲ, ୩୮ଗ୍ରାମ ସୁନା ଓ ୫୫ ଗ୍ରାମର ରୂପା ଅଳଙ୍କାର ସହ ୩୩୩୨ଟଙ୍କା ଜବତ କରାଯାଇଛି ବୋଲି ଜିଲ୍ଲା ପୁଲିସ୍ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମପୁର ଏସ୍‌ପି ଡ.ଶ୍ରବଣା ବିବେକ ଏମ୍ ସୂଚନା ଦେଇଛନ୍ତି। ଗତ ୧୧ ତାରିଖରେ କେଶବନଗର ତୃତୀୟ ଲାଇନ୍‌ର ପ୍ରଭୁ ପ୍ରସାଦ ବେହେରା ପ୍ରାତଃ ଭ୍ରମଣରେ ଖଜୁରୀଆ ରାସ୍ତାଆଡକୁ ଯାଉଥିବା ବେଳେ କେତେକ ଦୁର୍ବୃତ୍ତ ତାଙ୍କୁ ଅଟକାଇଥିଲେ। ସେମାନେ ୨ ବାଇକ୍ ଯୋଗେ ଆସି ପ୍ରଭୁଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ତାଙ୍କ ନିକଟରୁ ହଜାରେ ଟଙ୍କା ନେଇଥିଲେ। ଗୋଷାଣୀନୂଆଗାଁ ଥାନାରେ ଏତଲା ଦେବା ପରେ ପୁଲିସ୍ ତଦନ୍ତକରି ଏହା ପଛରେ ଏକ ବଡ ଗ୍ୟାଙ୍ଗ ସମ୍ପୃକ୍ତ ଥିବା ଜାଣିବାକୁ ପାଇଥିଲା। ଏସ୍‌ପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଥାନାଧିକାରୀ ସ୍ମୃତି ପ୍ରଧାନଙ୍କ ଦ୍ୱାରା ଗଠିତ ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଏହି ଗ୍ୟାଙ୍ଗର ମୋଟ ୭ ଜଣଙ୍କୁ ଗିରଫ କରିଥିଲେ। ସେମାନଙ୍କ ମଧ୍ୟରେ ଜଣେ ନାବାଳକ ଥିବା ଜଣାପଡ଼ିଛି। ଅଭିଯୁକ୍ତମାନେ ହେଲେ ବଡ଼ବଜାର ଥାନା ବ୍ରଜରାଜନଗର ଦ୍ୱିତୀୟ ଲାଇନ୍‌ର ସୁଶାନ୍ତ କୁମାର ସାହୁ (୨୪) ଓ କିଷନ ସାହୁ (୨୪), ଶ୍ରୀରାମନଗରର ସୁମନ ଚୌଧୁରୀ (୧୯), ଗଣପତି ନଗର ପଞ୍ଚମ ଲାଇନ୍‌ର ସାଗର ସାହୁ (୧୯), ନିମଖଣ୍ଡି ଥାନା ଝାଡାଙ୍ଗୁଲିର ସୁକଦେବ ସାହୁ (୨୩) ଓ ଛତ୍ରପୁର ଥାନା ସିନ୍ଦୁରପୁରର ପିଙ୍କୁ ସାହୁ (୨୫)। ସୁଶାନ୍ତଙ୍କ ନିକଟରୁ ଗୋଟିଏ ଲାଲ୍ ରଙ୍ଗର ବୁଲେଟ୍ ବାଇକ୍ ସହିତ ୪ ମୋବାଇଲ, ସୁମନଙ୍କ ପାଖରୁ ଗୋଟିଏ ୟାମା ବାଇକ୍ ସହିତ ୪ ମୋବାଇଲ ଓ ଗୋଟିଏ ଖେଳନା ବନ୍ଧୁକ ପୁଲିସ୍ ଜବତ କରିଛି। ସାଗର ପାଖରୁ ଗୋଟିଏ ପଲ୍‌ସର ବାଇକ୍ ସହିତ ୨ ମୋବାଇଲ, ସୁକଦେବଙ୍କ ପାଖରୁ ଗୋଟିଏ ହୁଣ୍ଡାସାଇନ୍ ବାଇକ୍ ସହିତ ୩ ମୋବାଇଲ, ପିଙ୍କୁ ସାହୁ ପାଖରୁ ଗୋଟିଏ ଦେଶୀ ବନ୍ଧୁକ ସହିତ ୨ ମୋବାଇଲ୍, କିଷନ ସାହୁଙ୍କ ପାଖରୁ ୨ ସୁନା ଚେନ୍ ଜବତ ହୋଇଛି। ଏହି ଗ୍ୟାଙ୍ଗର ସଂପୃକ୍ତ ନାବାଳକ ପାଖରୁ ଗୋଟିଏ ଟିଭିଏସ୍ ଆପାଚ୍ ବାଇକ୍, ୨ ରୁପା ବ୍ରେସ୍‌ଲେଟ, ୨ ସୁନା ଚେନ୍, ଗୋଟିଏ ସୁନା ମୁଦି ଜବତ କରିଛି ପୁଲିସ୍। ଅଭିଯୁକ୍ତଙ୍କ ନାମରେ ବ୍ରହ୍ମପୁର ଓ ଗଞ୍ଜାମ ପୁଲିସ୍ ଜିଲ୍ଲାର ବିଭିନ୍ନ ଥାନାରେ ୧୪ ମାମଲା ରହିଛି। ଅଧିକାଂଶ ଅଭିଯୁକ୍ତ ସହରର ବିଭିନ୍ନ ବାଇକ୍ ଗ୍ୟାରେଜରେ କାମ କରୁଥିଲେ। ଗତ ୩ମାସ ହେଲା ଏମାନେ ଏହି ଗ୍ୟାଙ୍ଗ ଗଠନକରି ପ୍ରଥମେ ବାଇକ୍ ଚୋରି କରିବା ପରେ ଚୋରି ବାଇକ୍‌ରେ ହିଁ ଲୁଟତରାଜୁ କରି ଅପରାଧ ଘଟାଉଥିଲେ। ସେମାନଙ୍କ ପାଖରେ ଗୋଟିଏ ଦେଶୀ ବନ୍ଧୁକ ଥିବାବେଳେ ଲୁଟତରାଜ ବେଳେ ଖେଳନା ବନ୍ଧୁକ ବ୍ୟବହାର କରୁଥିଲେ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଟାଉନ୍ ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡାଙ୍କ ସହିତ ଗୋଷାଣୀନୂଆଗାଁ ଥାନାଧିକାରୀ ସ୍ମୃତିପ୍ରଭା ପ୍ରଧାନ ଉପସ୍ଥିତ ଥିଲେ।



ଜୟପୁର (ଭାସ୍କର ନ୍ୟୁଜ୍): ଜୟପୁର ସଦର ଥାନା ଅନ୍ତର୍ଗତ ନିଳାଗୁଡା ଜଙ୍ଗଲରେ ଅବକାରି ଚଢାଉ ହୋଇଛି । ମଦ ମାଫିଆ ମାନେ ମଦ ଓ ପୋଚ ଲୁଚାଇ ରଖି ଥିବା ସୂଚନା ପାଇ ଜୟପୁର ଅବକାରି ବିଭାଗ ତରଫରୁ ଚଢାଉ କରାଯାଇଛି । ଚଢାଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ବହୁ ମଦ ଭାଟି ଭାଙ୍ଗିଛି ଜୟପୁର ଅବକାରି ବିଭାଗ । ଚଢାଉ କରି ୧୪ ଶହ ଲିଟର ପୋଚ ଓ ୯୦ ଲିଟର ଦେଶି ମଦ କୁ ଜବତ କରି ନଷ୍ଟ କରିଛି । ଘଟଣା ସ୍ଥଳରୁ ମଦ ରନ୍ଧା ସରଞ୍ଜାମ ଡ୍ରମ ଅଦିକୁ ଜବତ କରିଥିବା ଜୟପୁର ଅବକାରି ଓଆଇସି ସଞ୍ଜୟ କୁମାର କାଣ୍ଡି ସୂଚନା ଦେଇଛନ୍ତି ।

# ଚାଷୀଙ୍କୁ ଦିଆଯାଉନି ଉଚିତ୍ ମୂଲ୍ୟ



ତେନ୍ତୁଳିଖୁଣ୍ଟି (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକର ବିଜ୍ରାଗୁଡ଼ା ଠାରେ ବେଆଇନ ଭାବେ କୃଷି ଫାର୍ମ କରି ଶ୍ରମିକମାନଙ୍କୁ ଉଚିତ୍ ମୂଲ୍ୟ ନ ଦେଇ ହଇରାଣ କରାଯାଉ ଥିବା ନେଇ ତେନ୍ତୁଳି ଖୁଣ୍ଟି ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି ବରିଷ୍ଠ ଚାଷୀ ବୃନ୍ଦ । ସୂଚନା ଅନୁଯାୟୀ ଗତ ଦୁଇବର୍ଷ ହେବ ତେନ୍ତୁଳିଖୁଣ୍ଟି ବ୍ଲକ କୁକୁଡ଼ାବାଇ ପଞ୍ଚାୟତ ଅନ୍ତର୍ଗତ ବିଜରା ଗୁଡା ଠାରେ ୪୬ଏକର, କବାଗୁଡା ୧୨ ଏକର, ତାରାପଦର ୧୫ ଏକର ଆଦିବାସୀ ହରିଜନମାନଙ୍କ ଜମି ଶାଗ ମାଛ ଦରରେ ଜଗଦଲ ପୂର୍ର ଜଣେ ବ୍ୟବସାୟୀ ହସମୁକ୍ ଚାଓ୍ୱଲା କ୍ରୟ କରିଥିବା ଜଣାପଡିଛି । ସେଠାରେ ବିଭିନ୍ନ ପ୍ରକାର ପନିପରିବା ଚାଷ ଉତ୍ପାଦନ କରି ବାହାର ରାଜ୍ୟକୁ ରପ୍ତାନି ହେବା ଦ୍ୱାରା ଏ ଅଞ୍ଚଳରେ ପନିପରିବା ଆକାଶ ଛୁଆଁ ଦର ବୃଦ୍ଧି ହେଉଛି । ଏବଂ ବ୍ୟବସାୟୀ ମାଲାମାଲ୍ ହେଉଛି । ଏଥିରେ କାମ କରୁଥିବା ଶ୍ରମିକମାନଙ୍କୁ ମାତ୍ର ୧୩୦ଟଙ୍କା ପାରିଶ୍ରମିକ ଦେଇ ୯ରୁ ୧୦ଘଣ୍ଟା ଖଟାଉଥିବା ବୁଦ୍ଧିଜୀବୀମାନେ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଅଧିକ ଉତ୍ପାଦନ ଆଶାରେ ଚାଷ ଜମି ଗୁଡିକରେ ବିଭିନ୍ନ ସାର ଓ କୀଟ ନାଶକ ଔଷଧ ପକାଉଛନ୍ତି । ଫଳରେ ଜମି ଗୁଡିକର ଉର୍ବରତା କମି ଯାଉଛି । ଏବଂ କାମ କରୁଥିବା ଶ୍ରମିକ ମାନଙ୍କର ସ୍ୱାସ୍ଥ୍ୟ ମଧ ଖରାପ ହେଉଛି । ଏହା ସହିତ ନାବାଳକ ନାବାଳିକାମାନଙ୍କୁ କାମରେ ଲଗାଉ ଛନ୍ତି । ଶ୍ରମିକମାନଙ୍କୁ କାମ ମିଳୁ ନ ଥିବା ଯୋଗୁଁ ଏଠାରେ କାମ କରିବା ବାଧ ହେଉଥିବା ସୂଚନା ମିଳିଛି । ସେମାନଙ୍କୁ ଉଚିତ୍ ପାରିଶ୍ରମିକ ମିଳୁନାହିଁ । ଗତ ଦୁଇ ବର୍ଷ କାମ କରିଥିବା ଶ୍ରମିକକୁ ସରକାରୀ ମୂଲ୍ୟରେ ବଳକା ଅର୍ଥ ପ୍ରଦାନ କରିବା ପାଇଁ ସମ୍ମିଳନୀରେ ଦାବି ହୋଇଛି । ନଚେତ୍ ଆଗାମୀ ଦିନରେ ରାଜ ରାସ୍ତାରେ ଆନ୍ଦୋଳନ କରିବା ନେଇ ଚେତାବନୀ ଦେଇଛନ୍ତି ଚାଷୀ । ସେହିପରି କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ବିଜାଗୁଡା ଠାରେ ମଧ ୯୦ଏକର ଜମି କହି ୧୫୦ ରୁ ଉର୍ଦ୍ଧ ଜମି କ୍ରୟ କରି ଚାଷ କରୁଥିବା ଜଣାପଡିଛି । ସେଠାରେ ମଧ ସ୍କୁଲ, ଓ ଛୋଟ ପିଲାମାନଙ୍କୁ କାମରେ ଲଗା ଯାଉ ଥିବା ଅଭିଯୋଗ କରିଛନ୍ତି ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା ମାଳତୀ ମାଝୀ । ଏ ନେଇ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଚାଷୀ ନେତା ତଥା ବୁଦ୍ଧିଜୀବୀମାନେ ଦାବି କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଟ ନେତା ତଥା ଚାଷୀ ନାରାୟଣ ପାତ୍ର, ନନ୍ଦହାଣ୍ଡି ଜିଲ୍ଲାପରିଷଦ ସଦସ୍ୟ ଦିବ୍ୟ ଦାନ ଖୁରା, ବୋରିଗୁମ୍ମା ବ୍ଲକ ସାଂସଦ ପ୍ରତିନିଧି କେଶବ ପଣ୍ଡା, କୋରାପୁଟ ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା ମାଳତୀ ମାଝୀ, ତେନ୍ତୁଳିଖୁଣ୍ଟି ପୁର୍ବତନ ପଞ୍ଚାୟତ ସମିତି ଅଧକ୍ଷା ପି. ନାଗରନ୍ମ, କୋରାପୁଟ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ହରେ କୃଷ୍ଣ ଅନକା, ତେନ୍ତୁଳିଖୁଣ୍ଟି ବ୍ଲକ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଲଳିତ ମୋହନ ନାୟକ, ବରିଷ୍ଠ ଚାଷୀ କିଶୋର ସିଂଙ୍କ ସହ ନବରଙ୍ଗପୁର ବରିଷ୍ଠ ଚାଷୀ ନେତା ବୃନ୍ଦାବନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ସ୍ୱାସ୍ଥ୍ୟକେନ୍ଦ୍ରର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ



ବରଗଡ଼ (ଭାସ୍କର ନ୍ୟୁଜ): ବରଗଡ଼ ସହର ମଧ ରେ ଅବସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ୫ ଟି ଅନ୍ତର୍ଗତ ଆମ ଚିକିତ୍ସାଳୟ ଯୋଜନାରେ ସାମିଲ ହୋଇଥିବା ବେଳେ ଏହି କେନ୍ଦ୍ରର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ପାଇଁ ରାଜ୍ୟ ସରକାର ୩ କୋଟି ଟଙ୍କାର ଆର୍ଥିକ ଅନୁଦାନ ମଞ୍ଜୁର କରିଛନ୍ତି । ସହର ମଧରେ ରହିଥିବା ଏହି ପୁରୁଣା ସ୍ୱାସ୍ଥ୍ୟ କେନ୍ଦ୍ରର ମରାମତି ଓ ପୁନରୁଦ୍ଧାର ଆବଶ୍ୟକତାକୁ ଉପଲବ୍ଧି କରି ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ତେବେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଆମ ଚିକିତ୍ସାଳୟ ଯୋଜନାରେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସାମିଲ କରି ଏହାର ମରାମତି ଓ ପୁନରୁଦ୍ଧାର ପାଇଁ ଆବଶ୍ୟକ ୩ କୋଟି ଟଙ୍କାର ଆର୍ଥିକ ମଞ୍ଜୁରୀ ପ୍ରଦାନ କରିବା ପରେ ଗତ ରବିବାର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟାରମ୍ଭ ଉତ୍ସବରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଚାରୁବାଳା ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ । ଏହି ଉତ୍ସବରେ ବରଗଡ଼ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟ ଆରମ୍ଭର ଶୁଭ ପ୍ରଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ପୌରାଧକ୍ଷା କଳ୍ପନା ମାଝି, ଉପାଧକ୍ଷ ରାଜେଶ ଆଗ୍ରୱାଲଙ୍କ ସମେତ ସମସ୍ତ କାଉନସିଲର ବୃନ୍ଦ ଉପସ୍ଥିତ ଥିଲେ । ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମସ୍ତ ବିଭାଗୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ରହିଥିଲେ । ତେବେ ୫ଟି ଅନ୍ତର୍ଗତ ମୋ ଚିକିତ୍ସାଳୟ ଯୋଜନାରେ ବରଗଡ଼ ଟାଉନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସାମିଲ ହୋଇଥିବାରୁ ଏହି କେନ୍ଦ୍ରର ଭିତ୍ତି ଭୂମି ଆହୁରି ସୁଦୃଢ଼ ହେବ ବୋଲି ବିଧାୟକ ଶ୍ରୀ ଆଚାର୍ଯ୍ୟ ପରିପ୍ରକାଶ କରିବା ସହ ଚିକିତ୍ସାଳୟର ଡାକ୍ତର ପଦବୀ ସହିତ ଅନ୍ୟାନ୍ୟ କର୍ମଚାରୀ ପଦବୀ ତୁରନ୍ତ ପୁରଣ କରାଯିବ ବୋଲି ଉଲ୍ଲେଖ କରିଥିଲେ ।

# ଗଜପତି ଜିଲ୍ଲା କଂଗ୍ରେସର ବିଜୟ ଉତ୍ସବ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲାରେ ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଗତକାଲି ସନ୍ଧ୍ୟାରେ, ଜିଲ୍ଲା କଂଗ୍ରେସ ସଭାପତି ତଥା ମୋହନା ବିଧାୟକ ଦାଶରଥି ଗମାଙ୍ଗଙ୍କ ଅଧକ୍ଷତାରେ କଂଗ୍ରେସ ଦଳର ନେତା କର୍ମୀମାନେ ଉପସ୍ଥିତ ହୋଇଥିଲେ । ଏହି ପରିପ୍ରେକ୍ଷୀରେ ଭାରତରେ କର୍ଣ୍ଣାଟକ ରାଜ୍ୟର ବିଧାନସଭା ନିର୍ବାଚନରେ ସର୍ବମୋଟ ୨୨୪ସ୍ଥାନରେ ଅଖିଳ ଭାରତୀୟ କଂଗ୍ରେସ କମିଟି ପକ୍ଷରୁ ସମସ୍ତ ସ୍ଥାନର କଂଗ୍ରେସ ଦଳର ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ । ସେଥିମଧ୍ୟରୁ ୧୩୬ଗୋଟି ସ୍ଥାନରେ କଂଗ୍ରେସ ଦଳ ବିପୁଳ ପରିମାଣର ଭୋଟ ପାଇ ବିଜୟୀ ହୋଇଥିଲେ । ଯାହା ଫଳରେ କର୍ଣ୍ଣାଟକର ରାଜ୍ୟ ରେ କଂଗ୍ରେସ ସରକାର ଗଢିବା ନେଇ ସାରା ଭାରତରେ କଂଗ୍ରେସ ଦଳରେ ଏକ ଖୁସିର ମାହଲ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ଏହି ଖୁସିରେ ମାହଲ ରେ ଗଜପତି ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ରେ ସମ୍ମୁଖରେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତୀରେ ଓ ପୂର୍ବତନ ବିଧାୟକ ସ୍ୱର୍ଗତ ତ୍ରିନାଥ ସାହୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ବାଣ ଫୁଟାଇ ଖୁସି ଆନନ୍ଦ ଉଲ୍ଲାସର ସହିତ ମିଷ୍ଟାନ୍ନ ଖୁଆଖୋଇ ହୋଇ ଗୋଟିଏ ଆନନ୍ଦ ଉଲ୍ଲାସର ବାତାବରଣ ଗଜପତି ଜିଲ୍ଲା କଂଗ୍ରେସରେ ଦେଖିବାକୁ ମିଳିଥିଲା । ଆଜିର ଏହି ବିଜୟ ଉତ୍ସବ କାର୍ଯ୍ୟକ୍ରମରେ ବସନ୍ତ ପଣ୍ଡା, ଅଭିମନ୍ୟୁ ପଣ୍ଡା, ସୂର୍ଯ୍ୟ ନାରାୟଣ ପାତ୍ର, କୁନାମାଝି, ମଫେଲ ସ୍ୱଲସିଂ, ଜାମିନ ସାହିଦ ରଫି, ସଂଗ୍ରାମ ସାହୁ, ବେର୍ନିକ ଗମାଙ୍ଗ, ଗୋବିନ୍ଦ ପାଢ଼ୀ, ପ୍ରମୁଖ ନେତା କର୍ମୀମାନେ ଉପସ୍ଥିତିରେ କାର୍ଯ୍ୟକ୍ରମକୁ ପରିଚାଳନା କରାଯାଇଥିଲା ।

# କର୍ଣ୍ଣାଟକରେ କଂଗ୍ରେସର ବିଜୟ ନେଇ କୋରାପୁଟରେ ବିଜୟ ଉତ୍ସବ



କୋରାପୁଟ (ଭାସ୍କର ନ୍ୟୁଜ):କର୍ଣ୍ଣାଟକ ନିର୍ବାଚନରେ କଂଗ୍ରେସର ବିଜୟକୁ ନେଇ କୋରାପୁଟଠାରେ କଂଗ୍ରେସ ପକ୍ଷରୁ ବିଜୟ ଉତ୍ସବ ପାଳନ କରିଛନ୍ତି । କୋରାପୁଟ ସାଂସଦଙ୍କ ବାସ ଭବନରେ ଆୟୋଜିତ ଏହି ବିଜୟ ଉତ୍ସବରେ ସାଂସଦ ସପ୍ତଗିରି ଉଲ୍ଲାକାଙ୍କ ସହ ପୁର୍ବତନ ବିଧାୟକ ନିମାଇଁ ସରକାର, ରାୟଗଡା ଜିଲା କଂଗ୍ରେସ କମିଟି ସଭାପତି ଦୁର୍ଗା ପଣ୍ଡା, କୋରାପୁଟ ବ୍ଲକ କଂଗ୍ରେସ କମିଟି ସଭାପତି ରମେଶ ବାଖ୍ୟା, କୃଷ୍ଣ କୁଲଦୀପ, ରୁପକ କୁମାର ତୁରୁକ, ବାବୁଲା ବେନିଆ, ନବୀନ ଚନ୍ଦ୍ର ଟାକ୍ରୀ, ଜି ବିଜୟ କୁମାର , ଜୟନ୍ତ କଚିମ ପ୍ରମୁଖ ଉପସ୍ଥିତ ରହି ବାଜା ବଜାଇ, ବାଣ ଫୁଟାଇବା ସହ ପରସ୍ପରକୁ ମିଠା ବାଣ୍ଟି ବିଜୟ ଉତ୍ସବ ମନାଇଥିଲେ । ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ ଯାତ୍ରାର ପ୍ରଭାବ କର୍ଣ୍ଣାଟକ ନିର୍ବାଚନରେ ପଡିଛି । ଯାହାଫଳରେ କର୍ଣ୍ଣାଟକରେ କଂଗ୍ରେସର ବିପୁଳ ବିଜୟ ଘଟିଛି ବୋଲି ସଂାସଦ ଉଲ୍ଲାକା ପ୍ରକାଶ କରିଥିଲେ । ଆସନ୍ତା ୨୦୨୪ ସାଧାରଣ ନିର୍ବାଚନରେ କଂଗ୍ରେସ କେନ୍ଦ୍ରରେ ସରକାର ଗଢିବ ବୋଲି ସେ ସଂାସଦ ଆଶାବ୍ୟକ୍ତ କରିଛନ୍ତି । ସେହିପରି କଂଗ୍ରେସ ପକ୍ଷରୁ କୋରାପୁଟ ବସଷ୍ଟାଣ୍ଡଠାରେ ମଧ୍ୟ ବହୁ କଂଗ୍ରେସ ନେତା ଓ କର୍ମୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ବିଜୟ ଉତ୍ସବ ମନାଇଛନ୍ତି ।

# ଟ୍ରାକ୍ଟର ଓଲଟି ଜଣେ ଯୁବକଙ୍କ ମୃତ୍ୟୁ



କୋଷାଗୁମୁଡ଼ା,(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ଥାନା ଅନ୍ତର୍ଗତ ସାନ ଆମ୍ବଡା ପଞ୍ଚାୟତର ଏସ-କେରାଗାଁ ଗ୍ରାମର ମହାଦେବ ଶିରା (୩୮) ନିଜ ଟ୍ରାକ୍ଟର ଚାପରେ ମୃତ୍ୟୁ ବରଣ କରିଛନ୍ତି । ମହାଦେବ ନିଜ ଟ୍ରାକ୍ଟର ଧରି ବାଲେଙ୍ଗା ଗ୍ରାମକୁ ଯାଉଥିବା ସମୟରେ ଆଜି ଦିନ ପ୍ରାୟ ୧୨ଟା ସମୟରେ ଗାଁ ନିକଟରେ ରାସ୍ତା କଡ଼କୁ ଓଲଟି ପଡ଼ିଥିଲେ । ଟ୍ରାକ୍ଟର ତଳେ ଚାପି ହୋଇଯିବାରୁ ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ଆଜି ଏହି ଖବର ଶୁଣି କୋଷାଗୁମୁଡ଼ା ଥାନା ଏସ ଆଇ ରାମଚନ୍ଦ୍ର ନାୟକ ଓ ତାଙ୍କ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଶବକୁ କୋଷାଗୁମୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଶବ ବ୍ୟବଚ୍ଛେଦ କରିବା ସହ ପରିବାର ଲୋକଙ୍କୁ ମୃତ ଶରୀର ହସ୍ତାନ୍ତର କରିଛନ୍ତି । ଏହି ଦୁର୍ଘଟଣା ନେଇ କୋଷାଗୁମୁଡ଼ା ଥାନା କେସ ନମ୍ବର ୭୬/୨୩ରେ ମାମଲା ରୁଜୁ କରାଯାଇଥିବା ଦାୟିତ୍ୱରେ ଥିବା ଅଧିକାରୀ ଏସ୍ ଆଇ ଲଳିତ କୁମାର ପଣ୍ଡା କହିଛନ୍ତି ।

# ୨୨ରୁ କଳା ବ୍ୟାଜ୍ ପରିଧାନ

କୋରାପୁଟ,(ଭାସ୍କର ନ୍ୟୁଜ); ମିଳିତ ଅମଲା ମଞ୍ଚ କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ଏକ କାର୍ଯ୍ୟ କାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । କୋରାପୁଟ ଜିଲ୍ଲା ମିଳିତ ଅମଲା ମଞ୍ଚ ସଭାପତି ଶଶୀଭୂଷଣ ଦାଶ ଉକ୍ତ ବୈଠକରେ ସଭାପତିତ୍ୱ କରିଥିଲେ କୋରାପୁଟ ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟ/ ବିଭାଗରେ କାର୍ଯ୍ୟରତ ଅମଲା ଓ କାର୍ଯ୍ୟନିର୍ବାହୀ ସଦସ୍ୟ ମାନେ ଯୋଗଦାନ କରିଥିଲେ । ସରକାରଙ୍କ ଅମଲାମାନଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ ନିତିକୁ ସମସ୍ତେ ନିନ୍ଦା କରିବା ସହିତ ରାଜ୍ୟ ମିଳିତ ଅମଲା ମଞ୍ଚର ନିର୍ଦ୍ଦେଶରେ ମଇ ୨୨ ତାରିଖ ଠାରୁ ମଇ ୩୧ ତାରିଖ ପର୍ଯ୍ୟନ୍ତ କଳା ବ୍ୟାଜ ଅମଲା ଭାଇ ଭଉଣୀମାନେ ମୁଖ୍ୟମନ୍ତ୍ରୀ ଓଡିଶାଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ସ୍ମାରକ ପତ୍ର ପ୍ରଦାନ କରିଥିଲେ ସେହି ପରି କୋରାପୁଟ ଜିଲ୍ଲା ମିଳିତ ଅମଲା ମଞ୍ଚ ପକ୍ଷରୁ ୫୦୦ ରୁ ଉର୍ଦ୍ଧ ଅମଲା ଭାଇ ଭଉଣୀମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୋରାପୁଟ ଜିଲ୍ଲାପାଳଙ୍କ ଜରିଆରେ ସ୍ମାରକ ପତ୍ର ପ୍ରଦାନ କରିଥିଲେ, ତଥାପି କିଛି ସୁଫଳ ମିଳିନଥିବା ସଂଘ ପ୍ରକାଶ କରିଛି । ଉକ୍ତ ବୈଠକରେ ସୁନାକର ରାଉତ ମୁଖ୍ୟ ଉପଦେଷ୍ଟା, ପ୍ରସନ୍ନ କୁମାର ନାୟକ ଅଧକ୍ଷ, ମୋନଜ କୁମାର ବାରିକ୍ ଉପଦେଷ୍ଟା ଓ ନିତ୍ୟାନନ୍ଦ ଭତ୍ରା, ସମ୍ପାଦକ ମିଳିତ ଅମଲା ମଞ୍ଚ କୋରାପୁଟ ଜିଲ୍ଲା ଶାଖାଙ୍କ ସମେତ



ପରିଧାନ କରିବା ସହିତ ଜୁନ ୧ ତାରିଖ ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମସ୍ତ ବିଭାଗ ଓ କାର୍ଯ୍ୟାଳୟ ରେ କାର୍ଯ୍ୟରତ ସମସ୍ତ ଅମଲା ଭାଇ ଭଉଣୀମାନେ ସମୁହ ଛୁଟିରେ ରହିବା ନେଇ ବୈଠକରେ ଚୁଡାନ୍ତ ନିଷ୍ପତି ନିଆଯାଇଥିବା ଜଣା ପଡ଼ିଛି । ଅମଲାମାନେ ଯେମିତି ଏଥିରୁ ବଞ୍ଚିତ ନ ହୁଅନ୍ତି ସେ ନେଇ ୧୬ ଟି ସ୍କ୍ୱାର୍ଡ ଗୋଠନ କରାଯାଇଥିବା ସୁଚନା ମିଳିଛି, ସୂଚନା ଯୋଗ୍ୟ ଯେ ଗତ ଏପ୍ରିଲ ୨୧ ତାରିଖରେ ଓଡ଼ିଶାର ସମସ୍ତ ଜିଲ୍ଲାର ଅମଲା ମଞ୍ଚର ବରିଷ୍ଠ ସଦସ୍ୟ କର୍ମକର୍ତ୍ତା ଓ ବହୁ ସଂଖ୍ୟକ ଅମଲା ଯୋଗଦେଇଥିଲେ । ପରିଶେଷରେ ଶ୍ରୀ ଦାଶ ସମସ୍ତ ଉପସ୍ଥିତ ଅମଲା ମାନଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ । ନିବନ୍ଧକ ବିଭାଗ, ରାଜସ୍ୱ ବିଭାଗ ଓ ତତ୍ ସହିତ ଜିଲ୍ଲାର ୩୨ ଟି ବିଭାଗର କାର୍ଯ୍ୟରତ ସମସ୍ତ ଅମଲା ଯଦି ଛୁଟି ରେ ରୁହନ୍ତି ତାହେଲେ ସମସ୍ତ କାର୍ଯ୍ୟାଳୟ ଏକ ପ୍ରକାର ଠପ୍ ହେବା ନେଇ ଚର୍ଚ୍ଚା ଜୋର ଧରିଛି ।

# ରୋଗିଣା ସ୍ତ୍ରୀର ଆତ୍ମ ହତ୍ୟା ପରେ ସ୍ୱାମୀ କଲେ ଆତ୍ମହତ୍ୟା

କଣ୍ଟାବାଞ୍ଜି (ଭାସ୍କର ନ୍ୟୁଜ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଥାନା ଦାବିରି ଗାଁର ଉଭୟେ ସ୍ୱାମୀସ୍ତ୍ରୀ ଗୋଟିଏ ଦିନରେ ଆତ୍ମ ହତ୍ୟା କରିଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁସାରେ ଦାବିରୀ ଗାଁର ଗୋଧନ ମଲ୍ଲିକ (୪୫) ଓ ତା'ର ସ୍ତ୍ରୀ ଚନ୍ଦ୍ରକଳା ମଲ୍ଲିକ (୪୦) ଉଭୟେ ରବିବାର ରାତିରେ ବେକରେ ରଶି ଲଗାଇ ଆତ୍ମ ହତ୍ୟା କରିଛନ୍ତି । ଗୋଧନ ମଲ୍ଲିକ ୫/୬ ବର୍ଷ ତଳେ ବେଲପଡା ଥାନା ଫୁଲକାନି ଗାଁର ସାବିତ୍ରିକୁ ବିବାହ କରିଥିଲେ । ତା'ର ମୃତ୍ୟୁ ପରେ ଚନ୍ଦ୍ରକଳା ମଲ୍ଲିକକୁ ଦ୍ୱିତିୟ ବିବାହ କରିଥିଲେ । ଚନ୍ଦ୍ରକଳା ସିକ୍ଲିନ(ରକ୍ତ ହୀନତା) ରୋଗରେ ଦୀର୍ଘ ବର୍ଷରୁ ରୋଗାକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ । ଗୋଧନ ଜଣେ ଦିନ ମଜୁରୀଆ ଏବଂ ପଥର ଖୁଦାନରେ କାମ କରି ଯାହା ରୋଜଗାର କରେ ସେଥିରେ ତାର ପରିବାର ଭରଣ ପୋଷଣ କରି ଆସୁଥିଲା । ସ୍ତ୍ରୀ ଚନ୍ଦ୍ରକଳାର ଚିକିତ୍ସା ପାଇଁ ଅନେକ ବର୍ଷ ହେଲା ସଂଘର୍ଷ କରି ଆସୁଥିବା ବେଳେ ଅର୍ଥ ବାଧକ ସାଜୁ ଥିବାରୁ ସ୍ତ୍ରୀ ମଧ୍ ମ୍ରିୟମାଣ ହୋଇ ରବିବାର ରାତିରେ ନିଜ ଘରେ ବେକରେ ରଶି ଲଗାଇ ଆତ୍ମ ହତ୍ୟା କରିଥିବା ବେଳେ ଗୋଧନ ଗାଁ ଠାରୁ ୨/୩ କି.ମି. ଦୂର ଟାଣ ପଡା ନିକଟରେ ଥିବା ପୁସ୍ତମ ମଲ୍ଲିକର ଚାଷ ଜମିରେ ଥିବା ଏକ ଗଛରେ ଗୋଧନ ବେକରେ ରଶି ଲଗାଇ ଆତ୍ମ ହତ୍ୟା କରିଥିବା ଦେଖିବାକୁ ମିଳିଛି । ଏହି ଘଟଣା ବିଷୟରେ କଣ୍ଟାବାଞ୍ଜି ପୋଲିସ ଜାଣିବା ପରେ ଘଟଣାସ୍ଥଳକୁ ଯାଇ ଅଧିକ ଅନୁସନ୍ଧାନ କରିବା ସହିତ ଘଟଣା ଉପରେ ଜମି ମାଲିକ ପୁସ୍ତମ ମଲ୍ଲିକ ଏକ ଲିଖିତ ଅଭିଯୋଗ ଘଟଣାସ୍ଥଳରେ ଉପସ୍ଥିତ ଥିବା ଥାନାଧିକାରୀ ରଶ୍ମିତା ବେହେରାଙ୍କୁ ଦେଇଛନ୍ତି । ଏହି ଖବର ଲେଖିବା ମଧରେ ଗୋଧନ ମଲ୍ଲିକ ମୃତ ହୋଇଥିବା ସ୍ଥାନରେ ଆଇ.ଆଇ.ସି. ବେହେରା ଏବଂ ଅନ୍ୟ ପୋଲିସ କର୍ମଚାରୀ ଏବଂ ଦାବିରି ଗାଁର ଘରେ ମୃତ ହୋଇଥିବା ଚନ୍ଦ୍ରକଳା ମଲ୍ଲିକର ଶବକୁ ଏ.ଏସ୍.ଆଇ.ସୁବାଷ ଚନ୍ଦ୍ର ପଶାୟତ ଜଗି ରହିଥିବ ଦେଖିବାକୁ ମିଳିଛି । ବଲାଙ୍ଗିରରୁ ସାଇଣ୍ଟିଫିକ ଟିମ୍ ଆସିଲା ପରେ ଅଧିକ ତଥ୍ୟ ଜଣା ପଡିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ ।

# ଶ୍ରୀ ସତ୍ୟସାଇ ସେବା ସଂଗଠନ ପକ୍ଷରୁ ରକ୍ତଦାନ ଶିବିର

ଜୟପୁର (ଭାସ୍କର ନ୍ୟୁଜ୍): ଶ୍ରୀ ସତ୍ୟ ସାଇ ସେବା ସଂଗଠନ ତରଫରୁ ଅମୃତ ବିନ୍ଦୁ କାଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜୟପୁର ଏମଜି ରୋଡ ସ୍ଥିତ ସତ୍ୟସାଇ ସେବା ସମିତି ଠାରେ ଅନୁଷ୍ଠିତ ହୋଇଛି । ସମିତିର ସଦସ୍ୟ ମାନେ ଏଠାରେ ଉପସ୍ଥିତ ରହି ରକ୍ତଦାନ କରିଥିଲେ । ଏହି ରକ୍ତଦାନ ଶିବିରରେ ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଏଠାରେ ଜିଲ୍ଲା ଚିକିତ୍ସାଳୟ ତରଫରୁ ଡାକ୍ତର ଏସ୍ଏସ୍ ମିଶ୍ର ଉପସ୍ଥିତ ଥିଲେ । ଜିଲା ସଭାପତି କେ ମାର୍କେଣ୍ଡେୟ ସାରାଫ, କେ ମୋହନ ରାଓ ଆଚାରି, ଏସ ରମେଶ ଗୁପ୍ତା, ଏମ. ଭେଙ୍କେଟରାଓ ପ୍ରମୁଖ ଉପସ୍ଥିତ ଥିଲେ ।

# ମିଳୁନି ଏନ୍‌ସିଆଇପି କର୍ମଚାରୀଙ୍କୁ ଦରମା

ପାରଳାଖେମୁଣ୍ଡି, ଗଜପତି ଜିଲ୍ଲାର ଏନ୍ ସିଏଲ୍ ପି କାର୍ଯ୍ୟରତ କର୍ମଚାରୀଙ୍କୁ ଦୀର୍ଘ ଏକ ବର୍ଷରୁ ଅଧିକ ହେବ ଦରମା ମେଳି ନାହିଁ । ସୂଚନା ଯୋଗ୍ୟ ଯେ ଜିଲ୍ଲା ରେ ଅଧିକ ସଂଖ୍ୟକ କର୍ମଚାରୀ ରହିବା କଥା ମାତ୍ର ୩ ଜଣ ରେ ଚାଲିଛି କାର୍ଯ୍ୟାଳୟ । ଏଠାରେ ଜଣେ ପିଅନ, ଏକାଉଣ୍ଟ,ଷୋନ୍ନ ଦ୍ୱାରା ପରିଚାଳିତ ହେଉଛି । ସେମାନଙ୍କୁ ଗତ ବର୍ଷ ୨୦୨୨ ମଇ ରୁ ଦରମା ପାଇବାରୁ ବଂଚିତ ଅଛନ୍ତି । ଏହି କର୍ମଚାରୀଙ୍କୁ ଟ, ଦ ଓ ଘର ଭଡ଼ା ମଧ ମେଳୁ ନାହିଁ । ସେମାନଙ୍କ ପରିବାର ରାଜ ରାସ୍ତାରେ । ପିଲା ମାନଙ୍କ ପାଠ ପଢା ପାଇଁ ବାକି ଋଣ କରିଛନ୍ତି । ଏହି କର୍ମଚାରୀଙ୍କୁ ବକିଆ ଦରମା ନମିଳିଲେ ଅଫିସ ଆଗରେ ଧାରଣା ଦେବ ଚେତାବନୀ ଦେଇଛନ୍ତି । ଏଥି ପ୍ରତି ଜିଲ୍ଲା ପ୍ରଶାସନ ଧାନ ଦେବା ଦରକାର ।

## ଉପଭୋକ୍ତାଙ୍କୁ ଅପମିଶ୍ରିତ ପେଟ୍ରୋଲ ବିକ୍ରି ମହଙ୍ଗା ପଡିଲା

# ୩୦ ହଜାର ତଣ୍ଡ ଗଣିଲେ ପମ୍ପ ମାଲିକ



ବୌଦ୍ଧ (ଭାସ୍କର ନ୍ୟୁଜ): ପେଟ୍ରୋଲ ଟାଙ୍କିରେ ଅପମିଶ୍ରିତ ପେଟ୍ରୋଲ ବିକିବା ପେଟ୍ରୋଲ ପମ୍ପ ମାଲିକଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହେଲା । ରାଷ୍ଟ୍ରୀୟ ଖାଉଟି ଅଦାଲତର ନିର୍ଦ୍ଦେଶ କ୍ରମେ ଉପଭୋକ୍ତାଙ୍କୁ ୩୦ହଜାର ଟଙ୍କା କ୍ଷତିପୂରଣ ଗଣିବାକୁ ପଡିଲା । ଏଭଳି ଏକ ନଜିର ସାମ୍ନାକୁ ଆସିଛି ବୌଦ୍ଧ ଜିଲ୍ଲାରେ । ପ୍ରାପ୍ତ ସୂଚନା ମତେ ୨୦୧୪ ମସିହା ଅଗଷ୍ଟ ୧୦ ତାରିଖ ଦିନ ବୌଦ୍ଧର ବରିଷ୍ଠ ସାମ୍ବାଦିକ ଯୁଗଳ କିଶୋର ସାମଲ ପୁରୁଣା ବ୍ଲକଛକ ସ୍ଥିତ ବୌଦ୍ଧ ଫିଲିଙ୍ଗ ଷ୍ଟେସନକୁ ଯାଇ ନିଜ କାରରେ ୧୫ଶହ ଟଙ୍କାର ପେଟ୍ରୋଲ ପକାଇଥିଲେ । ମାତ୍ର କିଛିବାଟ ଯିବାପରେ ହଠାତ ଗାଡିର ଷ୍ଟାଟବନ୍ଦ ହୋଇଯିବାରୁ ସେ ମେକାନିକ ଡାକି ଚେକ କରିବା ବେଳେ ଅପମିଶ୍ରିତ ତେଲ ଯୋଗୁଁ ଇଞ୍ଜିନ ସିଜ ହୋଇଯାଇଥିବା ଜଣାପଡିଥିଲା । ଫଳରେ ସାମଲ ନିରୁପାୟ ହୋଇ ସମ୍ପୃକ୍ତ କାର କମ୍ପାନୀର କଟକ ସ୍ଥିତ ୱାର୍କସପ୍‌ରେ ଗାଡିକାମ କରାଇ ଥିଲେ । ସେଠାରୁ ଫେରିବା ପରେ ସେ ୨୦୧୪ ସେପ୍ଟେମ୍ବର ୯ତାରିଖରେ ବୌଦ୍ଧ ଜିଲ୍ଲା ଖାଉଟି ଆୟୋଗରେ ଏକ ମାମଲା ଦାୟାର କଲେ । ୨୦୨୦ ଡିସେମ୍ବର ୩୧ ତାରିଖରେ ଉକ୍ତ ମାମଲାର ରାୟ ପ୍ରକାଶ ପାଇଥିଲା । ସେଥିରେ ଉପଭୋକ୍ତାଙ୍କୁ ଫିଲିଙ୍ଗ ଷ୍ଟେସନ ମାଲିକ ୫୦ହଜାର ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ହୋଇଥିଲା । ଉକ୍ତ ରାୟକୁ ଚ୍ୟାଲେଞ୍ଜ କରି ପେଟ୍ରୋଲ ପମ୍ପ ମାଲିକ ରାଜ୍ୟ ଖାଉଟି ଆୟୋଗରେ ଅପିଲ କରିଥିଲେ । ରାଜ୍ୟ ଖାଉଟି ଆୟୋଗ ୨୦୨୩ ମାର୍ଚ୍ଚ ୨ ତାରିଖରେ ଜିଲ୍ଲା ଖାଉଟି ଆୟୋଗ ଦେଇଥିବା ନିର୍ଦ୍ଦେଶ ୫୦ ହଜାର କ୍ଷତିପୂରଣ ରାଶିକୁ ୩୦ ହଜାର ଟଙ୍କାକୁ ସୀମିତ କରି ୪୫ ଦିନ ମଧ୍ୟରେ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏଥିରେ ଖିଲାପ କଲେ ଶତକଡା ୯ ପ୍ରତିଶତ ସୁଧ ହାରରେ ସମସ୍ତ ଅର୍ଥ ପୈଠ କରିବାକୁ ରାଜ୍ୟ ଖାଉଟି ଆୟୋଗ ନିର୍ଦ୍ଦେଶ ଦେଇଥିଲେ । ଏଥିରେ ସନ୍ତୁଷ୍ଟ ନହୋଇ ସମ୍ପୃକ୍ତ ପେଟ୍ରୋଲ ପମ୍ପ ମାଲିକ ରାଷ୍ଟ୍ରୀୟ ଖାଉଟି ଆୟୋଗର ଦ୍ୱାରସ୍ଥ ହୋଇଥିଲେ । ୨୦୨୩ ଅପ୍ରେଲ ୨୭ ତାରିଖରେ ପେଟ୍ରୋଲ ପମ୍ପ ମାଲିକଙ୍କ ସମସ୍ତ ଯୁକ୍ତିକୁ ରାଷ୍ଟ୍ରୀୟ ଆୟୋଗ ନୂଆଦିଲ୍ଲୀ ଅଗ୍ରାହ୍ୟ କରି ଆବେଦନକୁ ଖାରଜ କରି ରାଜ୍ୟ ଖାଉଟି ଅୟୋଗର ରାୟକୁ କାଏମ ରଖିଥିଲେ । ତଦନୁସାରେ ରାଷ୍ଟ୍ରୀୟ ଖାଉଟି ବିବାଦ ସମାଧାନ ଶିବିରରେ ଅଧକ୍ଷ ହିମାଂଶୁ ଭୂଷଣ ନାୟକ ଓ ସଦସ୍ୟ ପ୍ରଦିପ କୁମାର ନାୟକଙ୍କ ଉପସ୍ଥିତିରେ ଶ୍ରୀ ସାମଲଙ୍କୁ ୩୦ ହଜାର ଟଙ୍କାର ଡିଡି ପ୍ରଦାନ କରାଯାଇଛି । ଏହି ମାମଲାର ଚୂଡ଼ାନ୍ତ ନିର୍ଦ୍ଦେଶନାମା ଉପଭୋକ୍ତାଙ୍କୁ ଭୁଆଁ ବୁଲାଇ ପେଟ୍ରୋଲ ପମ୍ପରେ ଅପମିଶ୍ରଣ କରୁଥିବା ଅସାଧୁ ବ୍ୟବସାୟିଙ୍କ ପାଇଁ ସତର୍କ ଘଣ୍ଟି ଏବଂ ଖାଉଟି ଆୟୋଗ ଉପରେ ଲୋକଙ୍କ ଭରୋସା ବୃଦ୍ଧି ପାଇବାରେ ବିଶେଷ ସହାୟକ ହେବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

# ବିଶ୍ୱ ମାତୃ ଦିବସ ପାଳିତ



ନବରଙ୍ଗପୁର,(ଭାସ୍କର ନ୍ୟୁଜ୍): ବିଶ୍ୱ ମାତୃଦିବସ ଅବସରରେ ସ୍ଥାନୀୟ ମିଶନ ଶକ୍ତି ସଭା ଗୃହରେ କନ୍ୟା ସଙ୍ଗଠନର ସଭାପତି ସ୍ୱର୍ଣ୍ଣଲତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଶ୍ୱମାତୃ ଦିବସ ପାଳନ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ମୁନ୍ନା ଖାନ୍ ଏବଂ ଜିଲ୍ଲାପାଳ ଡଃ. କମଳ ଲୋଚନ ମିଶ୍ର ଯୋଗ ଦେଇ ମା' ଶବ୍ଦକୁ ବର୍ଣ୍ଣନା କରିବାକୁ ଶବ୍ଦକୋଷ ନିଅଣ୍ଟ ପଡିଯିବ । ଜୀବନରେ ସବୁବେଳେ ଦରକାର ମା' । ମା' ଶବ୍ଦରେ ଅଛି ମଧୁରତା ଅମୃତର ସ୍ୱାଦ ବୋଲି ନିଜ ନିଜ ବକ୍ତବ୍ୟରେ କହିଥିଲେ । କନ୍ୟା ସଙ୍ଗଠନର ଉପଦେଷ୍ଟା ତଥା ଆଇନ ପରାମର୍ଶଦାତା ରାମ ପ୍ରସାଦ ପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଜଗତର ନାଥ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ଜ୍ୱଳନ ପରେ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଥିଲା । ଦୁର୍ଗା ପ୍ରସାଦ ପାଢି ଓ ମନୋଜ ପଟ୍ଟନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅତିରିକ୍ତ ଆରକ୍ଷୀ ଅଧକ୍ଷକ ଡଃ. ଚନ୍ଦ୍ର ଶେଖର ହୋତା ଯୋଗଦେଇ କନ୍ୟାମାନେ ଭବିଷ୍ୟତରେ ଆଗକୁ କେମିତି ନିର୍ଯ୍ୟାତିତ ନହେବେ ସେଥିପାଇଁ ପ୍ରଶାସନିକ ସ୍ତରଠାରୁ ଆରମ୍ଭ କରି ବ୍ୟକ୍ତି ଗତ ଓ ସାମାଜିକ ସ୍ତରରେ ମିଳିତ ପ୍ରୟାସ କରିବା ଉଚିତ୍ ବୋଲି କହିଥିଲେ । ସମ୍ମାନିତ ଅତିଥୀ ଭାବେ ନବରଙ୍ଗପୁର ନୋଡାଲ ରାଜା ଚୈତନ୍ୟ ଦେବ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରିୟା ନାୟକ ମହିଳାମାନଙ୍କୁ ଆଇନ ଗତ ସୁରକ୍ଷା ଏବଂ ତାର ଦିଗ ବିଷୟରେ ବିସ୍ତୃତ ଭାବେ ମତ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ବଲ୍ଲଭ ରାଉତ, ସମ୍ମାନିତ ଅତିଥି ଭାବେ ଶରତ ଚନ୍ଦ୍ର ତ୍ରିପାଠ, ମନୋରମା ମାଝୀ, ଜେମାମଣି ବିଷୋୟୀ, ହେମଲତା ମାଝୀ, ରାଜ୍ୟ ଶିକ୍ଷକ ମହାସଂଘର ସଭାପତି ରମଣୀ ରଞ୍ଜନ ତ୍ରିପାଠୀ, ରାଜ୍ୟ ଅମଲା ସଂଘର ସଭାପତି ତ୍ରିପତି ବାଲାଜୀ ସାହୁ ଯୋଗଦେଇ ମା' ଥିଲେ ବଇରୀ ହାରେ । ଜୀବନର ସାହାଟିଏ ମା' । ବିନା ଦରମାରେ ବିନା ବିଶ୍ରାମରେ ଯିଏ ପରିବାର ପାଇଁ ନିଜକୁ ସମର୍ପି ଦିଏ ସିଏ ମା' । ମା'ରଣ କେବେ କେହି ଶୁଝି ପାରିବେ ନାହିଁ । ଆମେ ମା'କୁ ସମ୍ମାନ ଦେଲେ ଆମେ ଆଗେଇବା ବୋଲି କହିଥିଲେ । ପଣ୍ଡିତ ଶରତ ଚନ୍ଦ୍ର ତ୍ରିପାଠୀ କନ୍ୟା ଓ ମା'ଶବ୍ଦର ବିଶେଷ ବାଖ୍ୟା କରିଥିଲେ । ଏହି ଅବସରରେ କବୟିତ୍ରୀ ବାସନ୍ତୀ ଲତା ଜେନାଙ୍କ ରଚିତ କବିତା ସଙ୍କଳନର ଦ୍ୱିତୀୟ ଅର୍ଘ୍ୟ 'କରୁଣା କଣିକା 'ମୁଖ୍ୟ ଅତିଥି ଏବଂ ସମ୍ମାନିତମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଏହି ପୁସ୍ତକର ସମୀକ୍ଷା ସ୍ୱପ୍ନା ମହାନ୍ତି ଏବଂ ପ୍ରଭାସିନୀ ମହାନ୍ତି କରିଥିଲେ । କବିତା ପାଠୋତ୍ସବର ଅଧକ୍ଷା ଭାବେ ହେମଲତା ମାଝୀ ଓ ମୁଖ୍ୟ ଅତିଥୀ ଭାବେ ମନୋରମା ମାଝୀ ଯୋଗଦେଇଥିଲେ । ଶୁଭଶ୍ରୀ ଗନ୍ତାୟତ, ସୁଶୋଭିତା ତୁରୁକ, ପ୍ରଭାସିନୀ ମହାନ୍ତି, କବିତା ପାଠୋତ୍ସବର ସଂଯୋଜନା କରିଥିଲେ । କନ୍ୟା ସଙ୍ଗଠନର ଉପ ସଭାପତି ରଘୁନାଥ ରଥ, କବି ସନ୍ତୋଷ ସାହୁ, ଆଇନଜୀବୀ ଶ୍ରୀକାନ୍ତ କୁମାର ପଣ୍ଡା, ଆଲୋକ ସାହୁ, ସାନିଜ ପାତ୍ର, ବାଲୁକା ଶିଳ୍ପୀ ବାଳ କୃଷ୍ଣ ହଡଙ୍ଗୀ,ପି. ରବିକାନ୍ତ ରଘୁରାମ, ସୀମାଞ୍ଚଳ ପାଢୀ, ସନ୍ତୋଷ ଷଡଙ୍ଗୀ, ଓଡିଶା ଆଦର୍ଶ ବିଦ୍ୟାଳୟ ପାଟିକା ସଂଘର ଅଧକ୍ଷା, ସମ୍ପାଦିକା, କାର୍ଯ୍ୟକର୍ତ୍ତା ଓ ସଦସ୍ୟମାନେ, କବି, କବୟିତ୍ରୀ ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇଥିଲେ ।



"ଭଗବତ୍ କରୁଣା, ଭଗବତ୍ ଇଚ୍ଛା ଓ ଭଗବତ୍ କର୍ମରେ ପୂର୍ଣ୍ଣ ବିଶ୍ୱାସ ରଖି ଚାଲ। ସବୁ କିଛି ଠିକ୍ ହୋଇଯିବ।"
-ଶ୍ରୀମା



"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ।"
- ଉତ୍କଳମଣି ଗୋପବନ୍ଧୁ ଦାସ



## ଜନଜାତି ସଂସ୍କୃତିର ସୁରକ୍ଷା

# ରାଜ୍ୟ ସରକାରଙ୍କ ବଳିଷ୍ଠ ପଦକ୍ଷେପ

ଓଡ଼ିଶାର ବଣ ପାହାଡ଼ଘେରା ଅନୁନ୍ନତ ଅଞ୍ଚଳରେ ୬୨ ବର୍ଗର ଆଦିବାସୀ ବା ଜନଜାତି ସଂପ୍ରଦାୟ ବସବାସ କରନ୍ତି । ପ୍ରକୃତି କୋଳରେ ବଢ଼ିଥିବା ଆଦିବାସୀମାନେ ଆଧୁନିକ ଶିକ୍ଷା ଓ ସଭ୍ୟତା ଠାରୁ ଅପହଞ୍ଚ ଦୂରତ୍ୱରେ ରହିଥିଲେ ମଧ୍ୟ ସେମାନଙ୍କର ନିଜସ୍ୱ ସଂସ୍କୃତି ଓ କଳାନୈପୁଣ୍ୟ ଖୁବ୍ ସମୃଦ୍ଧ ଏବଂ ଏଥିରେ ମୌଳିକତାର ଝଲକ୍ ଦେଖିବାକୁ ମିଳିଥାଏ । ରାଜ୍ୟ ଜନସଂଖ୍ୟାର ଏକ ବଡ଼ ଅଂଶ ରୂପେ ପରିଗଣିତ ହେଉଥିବା ଜନଜାତିଙ୍କ କଳା ଓ ସଂସ୍କୃତିର ସୁରକ୍ଷା ତଥା ବିକାଶ ପାଇଁ ଓଡ଼ିଶା ସରକାର ଏକ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ଲକ୍ଷ୍ୟରେ ରବିବାର ଦିନ ସ୍ୱତନ୍ତ୍ର ଉନ୍ନୟନ ପରିଷଦରେ ଆଉ ୧୪ଟି ଜିଲ୍ଲାକୁ ସାମିଲ କରାଯାଇଛି । ପୂର୍ବରୁ ଏହି ପରିଷଦରେ କେବଳ ୯ଟି ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ସାମିଲ ଥିବା ସ୍ଥଳେ ବର୍ତ୍ତମାନ ଅଣ-ଆଦିବାସୀ ବହୁଳ ୧୪ଟି ଜିଲ୍ଲା ସାମିଲ ହେବା ଦ୍ୱାରା ସମୁଦାୟ ଜିଲ୍ଲା ସଂଖ୍ୟା ୨୩କୁ ବୃଦ୍ଧି ପାଇଲା । ଜନଜାତି ସଂସ୍କୃତିର ସଂରକ୍ଷଣ ସାଙ୍ଗକୁ ତାହାର ପ୍ରସାର ଏବଂ ଛୋଟବଡ଼ ସମସ୍ତ ଜନଜାତି ଗୋଷ୍ଠୀଙ୍କ ମୌଳିକ ପରିଚୟକୁ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ନବୀନ ସରକାର ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସ୍.ଡି.ସି)କୁ ଏକ ବଳିଷ୍ଠ ମାଧ୍ୟମ ରୂପେ ଗଠନ କରିଛନ୍ତି । ନୂତନ ଭାବେ ପରିଷଦରେ ସାମିଲ ହୋଇଥିବା ଜିଲ୍ଲାଗୁଡ଼ିକ ମଧ୍ୟରେ ଅନୁଗୁଳ, ବଲାଙ୍ଗୀର, ବାଲେଶ୍ୱର, ବରଗଡ଼, ବୌଦ୍ଧ, ଦେବଗଡ଼, ଢେଙ୍କାନାଳ, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି, ନୂଆପଡ଼ା, ନୟାଗଡ଼ ଓ ସମ୍ବଲପୁର ଅନ୍ତର୍ଭୁକ୍ତ । ରାଜ୍ୟ ସରକାର ପ୍ରଥମ ଥର ପାଇଁ ୨୦୧୭-୧୮ ବର୍ଷରେ ଏହି ପରିଷଦକୁ ଗଠନ କରିଥିଲେ । ରାଜ୍ୟ ସରକାର ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପରିସୀମାକୁ କେବଳ ବୃଦ୍ଧି କରିନାହାନ୍ତି, ଏଥିସହିତ ଚଳିତ ଆର୍ଥିକ ବର୍ଷରେ ପରିଷଦ ଅନ୍ତର୍ଭୁକ୍ତ ଯୋଜନାଗୁଡ଼ିକୁ ତ୍ୱରାନ୍ୱିତ କରିବା ଲାଗି ୨୨୩କୋଟି ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି । ଏହାଫଳରେ ୨୩ଟି ଜିଲ୍ଲାର ୮୦ଲକ୍ଷରୁ ଅଧିକ ଜନଜାତି ବର୍ଗର ଲୋକ ଉପକୃତ ହେବେ ବୋଲି ଆଶା କରାଯାଉଛି । ପରିଷଦର କଳେବର ବୃଦ୍ଧି ଅବସରରେ ୟୁନିଟ୍-୧ସ୍ଥିତ ଆଦିବାସୀ ପଡ଼ିଆରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପସ୍ଥିତ ରହି ପାରମ୍ପରିକ ଆଦିବାସୀ ସଂସ୍କୃତିର ମହତ୍ତ୍ୱ ଓ ବିଶେଷତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ । ମୁଖ୍ୟମନ୍ତ୍ରୀ ଦର୍ଶାଇଥିଲେ ଯେ, ଶ୍ରୀଜଗନ୍ନାଥ ସଂସ୍କୃତି ଓ ଜନଜାତି ସଂସ୍କୃତି ମଧ୍ୟରେ ଗଭୀର ସମ୍ପର୍କ ରହିଛି । ଏଥିରେ ପ୍ରକୃତି ଓ ପରିବେଶ ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ପ୍ରକୃତିର ପୂଜା ଓ ଭ୍ରାତୃତ୍ୱଭାବ ଆଦିବାସୀ ସଂସ୍କୃତିର ମୂଳ ଆଧାର ହୋଇଥିବାରୁ ଏହାର ସୁରକ୍ଷା, ସଂରକ୍ଷଣ ଓ ପ୍ରଚାର ପ୍ରସାର ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ । ରାଜ୍ୟର ସମୁଦାୟ ୧୭୨ଟି ବ୍ଲକରେ କାର୍ଯ୍ୟକାରୀ ହେବାକୁ ଯାଉଥିବା ନୂଆ ପରିଷଦ ଦ୍ୱାରା ସମସ୍ତ ଛୋଟ ଛୋଟ ବର୍ଗର ଜନଜାତି ଗୋଷ୍ଠୀ ସେମାନଙ୍କ କଳା ଏବଂ ଐତିହ୍ୟର ସୁରକ୍ଷା ପାଇଁ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିପାରିବେ । ଜନଜାତି ସଂସ୍କୃତି, ଜୀବନ ପ୍ରତି ସେମାନଙ୍କର ଦୃଷ୍ଟିଭଙ୍ଗୀ, ପ୍ରକୃତିର ସଂରକ୍ଷଣ ଓ ସେମାନଙ୍କ ଚିକିତ୍ସା ପ୍ରଣାଳୀ ସମ୍ପର୍କରେ ଅଧିକ ଗବେଷଣା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ରାଜ୍ୟ ସରକାର ଜନଜାତି ବର୍ଗର କଲ୍ୟାଣ ଏବଂ ସେମାନଙ୍କ ସଂସ୍କୃତିକୁ ସୁରକ୍ଷିତ ରଖିବା ପାଇଁ ଯେଉଁସବୁ ମହତ୍ ପଦକ୍ଷେପ ଗ୍ରହଣ କରୁଛନ୍ତି, ତଳସ୍ତରରେ ତାହା ଯେପରି ଠିକ୍ ଭାବରେ କାର୍ଯ୍ୟକାରୀ ହୁଏ, ସେଥିପ୍ରତି ଧ୍ୟାନ ଦିଆଯିବା ଉଚିତ୍ । ଜନଜାତି ବର୍ଗ ପ୍ରତି ନବୀନ ସରକାରଙ୍କ ନିଷ୍ଠା ଓ ଅଙ୍ଗୀକାରବଦ୍ଧତା ଏହାଦ୍ୱାରା ପୁନଃପ୍ରମାଣିତ ହୋଇଛି ।

# ସଡ଼କରେ ଆମେ ସୁରକ୍ଷିତ ଜୀବନ ଚାହୁଁ




ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର, ଝାଞ୍ଜିରୀ ମଙ୍ଗଳା, କଟକ
ମୋ : ୯୯୩୭୧୭୪୦୯୭


ସଡ଼କ ସୁରକ୍ଷା ସପ୍ତାହ ସାରା ଦେଶରେ ପ୍ରତିବର୍ଷ ପାଳିତ ହୋଇଥାଏ, ସରକାରଙ୍କ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କୁ ସଡ଼କ ସୁରକ୍ଷା ବିଷୟରେ ଶିକ୍ଷା ଦେବା ସହିତ ସ୍କୁଲ, କଲେଜରେ ମଧ୍ୟ ଶିକ୍ଷା ଦିଆଯାଏ । ଆପଣମାନେ କୁହନ୍ତୁ ତ' ଗୋଟିଏ ସପ୍ତାହ ଶିକ୍ଷା ଏବଂ ତା' ପରେ ବର୍ଷର ଆଉ ୫୧ ସପ୍ତାହ ଆମେ ତଥା ସରକାରୀ କଳ ସୁରକ୍ଷାକୁ ଭ୍ରୂକ୍ଷେପ କରି ନିଜ ନିଜର କାର୍ଯ୍ୟରେ ବ୍ୟସ୍ତଥା'ନ୍ତି । ଦୁର୍ଘଟଣା ଯାନ୍ତ୍ରିକ ତ୍ରୁଟି ଜନିତ ଯଦି ୧୦ ପ୍ରତିଶତ ହେଉଥାଏ ତେବେ ୮୦ ପ୍ରତିଶତ ମାନବ ତ୍ରୁଟି ଜନିତ ଏବଂ ବାକି ୧୦ ପ୍ରତିଶତ ରାସ୍ତାର ଦୁରାବସ୍ଥା ତଥା ସଂକେତ ଅଭାବରୁ ହୋଇଥାଏ । ପରିବହନ ଏବଂ ପୋଲିସ ପଦାଧିକାରୀମାନେ ଗାଡି ଚାଳନା ଜନିତ ନିୟମକୁ କଡାକଡ଼ି ଭାବେ ତଦାରଖ କରିବା ସହିତ ଅମାନିଆଙ୍କୁ ଦୃଢ଼ ହସ୍ତରେ ଦମନ କରିବାକୁ ଚେଷ୍ଟିତ ହେବା ଉଚିତ୍ । ଅଭିଭାବକମାନେ ନିଜେ ସତର୍କ ହେବା ସହିତ ନିଜ ପିଲାଙ୍କୁ ଦେଉଥିବା ବାଇକ୍ ବା କାର୍ ସେମାନେ ଚଳାଇବା ପାଇଁ ନିୟମ ଅନୁସାରେ ଉପଯୁକ୍ତ କି ନୁହେଁ ପ୍ରଥମେ ଦେଖନ୍ତୁ । ପିଲାଙ୍କ ଅଭିଳାଷ ପୂରଣ କରିବାକୁ ଯାଇ ଭବିଷ୍ୟତରେ ଦୁଃଖକୁ ଆମନ୍ତ୍ରଣ କରିବା ଆଦୌ ଉଚିତ୍ ନୁହେଁ। ଗାଡ଼ି ଚଳାଇବା ବେଳେ ହେଲମେଟ ଓ ସିଟବେଲ୍ଟ ଆମ ପାଇଁ ନିତ୍ୟାନ୍ତ ଜରୁରୀ, ଏହା ନିଜେ ଅନୁଭବ କରିବା ଉଚିତ୍। ଯୁବପିଢ଼ି ନିୟମ ମାନି ଗାଡ଼ି ଚଳାନ୍ତୁ, ନିର୍ଦ୍ଧାରିତ ବେଗରେ ଗାଡି ଚଳାଇବା ସହିତ ଗାଡିର ନମ୍ବର ପ୍ରାଞ୍ଜଳ ଭାବେ ଲେଖନ୍ତୁ, ବର୍ତ୍ତମାନ ସରକାର ନିୟମ କରିଛନ୍ତି ଯେ ପ୍ରତି ଗାଡ଼ିରେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ଲାଗିବ, ଏହା ଏକ ଉତ୍ତମ ପଦକ୍ଷେପ ଏହାକୁ ସମସ୍ତେ ସ୍ୱାଗତ କରିବା କଥା କିନ୍ତୁ କିଛି ବ୍ୟକ୍ତି ବିଶେଷ ଏହି ପଦକ୍ଷେପକୁ ବିଭିନ୍ନ ଆଳ ଦେଖାଇ ବିରୋଧ କରୁଛନ୍ତି ? ବର୍ତ୍ତମାନ ଦେଖିବାକୁ ମିଳୁଛି ଅନେକ ଗାଡ଼ି , ବାଇକ ନିଜର ଗାଡ଼ିରେ ନମ୍ବର ଲେଖୁ ନାହାନ୍ତି ଆଉ ଯଦି ଲେଖୁଛନ୍ତି ତ ' ଏମିତି ଚିତ୍ର ବିଚିତ୍ର କରି ଲେଖୁଛନ୍ତି ଯାହା ପଢିବା ମୁସ୍କିଲ, ଅନେକ ବ୍ୟବସାୟିକ ଯାନ ଜାଣିଶୁଣି ଗାଡ଼ିର ପଛପଟେ ଥିବା ନମ୍ବର ପ୍ଲେଟକୁ ଚାଲାଖି କରି ଘୋଡ଼ାଇ ଦେଇଥାନ୍ତି ବା ବିଭ୍ରାନ୍ତ କରିବାକୁ ଚେଷ୍ଟା କରି ଥା'ନ୍ତି ଯାହାକି ଏକ ଅପରାଧ ବୋଲି ବିବେଚନା କରାଯାଇପାରେ ? ଏହି କାର୍ଯ୍ୟ ଦ୍ୱାରା ନିଜେ ଅସୁବିଧାରେ ପଡିବା ସହିତ ଅନ୍ୟମାନଙ୍କୁ ମଧ୍ୟ ଅସୁବିଧାରେ ସେମାନେ ପକାଉଛନ୍ତି । ଅନେକ ଜ୍ଞାନୀବ୍ୟକ୍ତି ଏହି ହାଇ ସିକ୍ୟୁରିଟି ନମ୍ବର ପାଇଁ ଥିବା ନିର୍ଦ୍ଧାରିତ ଶେଷ ତାରିଖକୁ ବିରୋଧ କରି ସମୟ ପରେ ସମୟ ବଢାଇବାକୁ ସରକାରଙ୍କୁ ଅନୁରୋଧ କରୁଛନ୍ତି, ମାନ୍ୟବର ଅଦାଲତ ମଧ୍ୟ ସମୟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ଓ ଯେତେ ସମୟ ଦେଲେ ମଧ୍ୟ ଆଜି ପର୍ଯ୍ୟନ୍ତ ୩୦ ପ୍ରତିଶତ ଗାଡି ମାଲିକ ଆଇନକୁ ମାନିବାକୁ ପ୍ରସ୍ତୁତ ନୁହନ୍ତି ଅଧିକାଂଶ ଗାଡ଼ିରେ ବୀମା ଅବଧି ସରିଯାଇଥିଲେ ମଧ୍ୟ ସେମାନେ ନବୀକରଣ କରିବାକୁ ପଛଘୁଞ୍ଚା ଦିଅନ୍ତି। ପରିବହନ କାର୍ଯ୍ୟାଳୟ ଦ୍ୱାରା ନିର୍ଦ୍ଧାରଣ ହୋଇଥିବା ନିୟମକୁ ଅବଶ୍ୟ ପାଳନ କରିବାକୁ ସମସ୍ତ ଗାଡ଼ି ଚାଳକ ତଥା ମାଲିକଙ୍କୁ ସରକାରଙ୍କ ତରଫରୁ ଅନୁରୋଧ କରାଯାଇଛି । ଅଧିକାଂଶ ପରିବହନ ତଥା ବ୍ୟବସାୟିକ ଯାନଗୁଡ଼ିକ ନିୟମକୁ ପାଳନ କରନ୍ତି ନାହିଁ, ଏମାନେ ସରକାରଙ୍କୁ ଏକ ଖୋଲା ଆହ୍ୱାନ ଦେଉଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ, କାରଣ ଏମାନଙ୍କ ପଛରେ କିଛି ଲାଞ୍ଚୁଆ କର୍ମଚାରୀ/ପ୍ରତିଷ୍ଠିତ ବ୍ୟକ୍ତିଙ୍କ ହାତ ଥାଏ । କୋମଳମତି ବାଳକ, ବାଳିକାମାନେ ସବୁଠାରୁ ବେଶୀ ବିଶୃଙ୍ଖଳିତ କାରଣ ସେମାନେ ଆଇନ ବିଷୟରେ ସେତେଟା ଜ୍ଞାନ ଆହରଣ କରିନାହାନ୍ତି । ଏହି କ୍ଷେତ୍ରରେ ଅଭିଭାବକ, ଶିକ୍ଷକ, ପ୍ରଶାସକ ପୂର୍ଣ୍ଣମାତ୍ରାରେ ସେମାନଙ୍କୁ ଗାଡ଼ି ଚଳାଚଳ ବିଷୟରେ ଧାରଣା ଦେବା ଉଚିତ୍ ଅନ୍ୟଥା ସେମାନେ ନିଜେ ବିପଦକୁ ଆମନ୍ତ୍ରଣ କରିବା ସହିତ ଅନ୍ୟମାନଙ୍କ ପ୍ରତି ମଧ୍ୟ ବିପଦ ଯେ ସୃଷ୍ଟି କରିବେ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଆପଣ ପରିବହନ କାର୍ଯ୍ୟାଳୟର କି ଗୁଣ ଗାଇବେ, ସେଠି ତ' ମୂଳରୁ ପାହାଚ ପାହାଚ, ସବୁ ନାହିଁ ନାହିଁରେ ଅଫିସ ଚାଲିଛି । ଜନତା ହନ୍ତସନ୍ତ ହେବା ଛଡା ଅନ୍ୟ ଉପାୟ ନାହିଁ ଦୁର୍ନୀତିର ଗନ୍ତାଘର ପାଲଟିଛି ପରିବହନ କାର୍ଯ୍ୟାଳୟ । ସମୟ ସହିତ ତାଳଦେଇ ସରକାର ଯଦି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ'କରିବେ ତେବେ ନେଡ଼ିଗୁଡ଼ କହୁଣିକୁ ବୋହିଯିବା ପରି ଅବସ୍ଥା ହେବ । ଅସାଧୁ କର୍ମଚାରୀ ଏବଂ ଦଲାଲଙ୍କ ମଧୁଚନ୍ଦ୍ରିକା ଆଜି ସାଧାରଣ ଜନତାଙ୍କ ପାଇଁ ଏକ ସମସ୍ୟା । ବିନା ଅର୍ଥେ ମଥୁରା ଗମନ ନ'ହେଲା ପରି ପ୍ରତିଟି ଜାଗାରେ ଅର୍ଥ ଦିଅ କାମ ନିଅ, ଏଇତ ଭାଇ ଆମ ଶାସନ ।

ଜାତୀୟ ରାଜପଥ ଆଜି ମରଣଯନ୍ତାରେ ପରିଣତ ହୋଇଛି । ଛୋଟ ଠାରୁ ବଡ଼ ଯାନର ନିର୍ମାତାମାନେ ବିକ୍ରିର ପ୍ରତିଯୋଗିତାକୁ ନଜରରେ ରଖି ଆଧୁନିକ ଯାନଗୁଡିକର ବେଗ ତଥା ପରିବହନ କ୍ଷମତା ଅନ୍ତର୍ଜାତୀୟ ମାନ ସହିତ ତାଳଦେଇ ବଢ଼ାଇ ଚାଲିଛନ୍ତି କିନ୍ତୁ ଆମ ସଡକ ଏବଂ ତାହାର କାର୍ଯ୍ୟ କ୍ଷମତାର ମାନ ଏହାକୁ ସମ୍ଭାଳିବାକୁ ଅକ୍ଷମ ହେଉଛି ଓ ଲଗାମଛଡ଼ା ଚାଳକଗଣ ଶୀତତାପ ନିୟନ୍ତ୍ରିତ ବା ସାଧାରଣ ଯାନ ଚଳାଇବାବେଳେ କୌଣସି ନୀତି ନିୟମକୁ ଖାତିର କରୁନାହାନ୍ତି, ସୁସ୍ଥ ମସ୍ତିଷ୍କରେ ଧୈର୍ଯ୍ୟର ସହିତ ଗାଡ଼ି ଚଳାଇବା ଉଚିତ୍ ଏହିକଥା ସେମାନେ ଭୁଲିଯାଇଛନ୍ତି । ଜାତୀୟ ରାଜପଥ ପାର୍ଶ୍ୱରେ ନାଲି ପାଣିର ଦୋକାନ ଚାଳକମାନଙ୍କୁ ଆଉଟିକେ ଉଚ୍ଛୃଙ୍ଖଳିତ କରିବାରେ ସାହାଯ୍ୟ କରୁଛି, ନିର୍ଦ୍ଧାରିତ ବେଗ ଠାରୁ ଅଧିକ ବେଗରେ ଗାଡି ଚଳାଇ ଦୁର୍ଘଟଣା ଘଟିବା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି । କିଛି ଯାତ୍ରୀବାହୀ ବସ୍ ପ୍ରତିଯୋଗିତା ମୂଳକ ବସ୍ ଚଳାଇ ଅଧିକ ଉପାର୍ଜନ ଆଶାରେ ସର୍ବସ୍ୱ ହରାଇ ବସିବା ସହିତ ନିରୀହ ଯାତ୍ରୀଙ୍କ ଜୀବନ ସହ ଜୁଆ ଖେଳୁଛନ୍ତି । ଅତ୍ୟଧିକ ଏଆର ହର୍ଣ୍ଣ ବ୍ୟବହାର ଏକ ସାଧାରଣ କଥାରେ ପରିଣତ ହୋଇ ଗଲାଣି ଏହା ଉପରେ ଅଙ୍କୁଶ ନାହିଁ କହିଲେ ଚଳେ । ଆମ ଜାତୀୟ ରାଜପଥର ନକ୍ସାରେ ଅନେକ ତ୍ରୁଟି ପରିଲକ୍ଷିତ ହୁଏ, ଗାଡି ରଖିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ନାହିଁ, ଆପଦକାଳୀନ ସହାୟତା ତଥା ଚାଳକମାନଙ୍କୁ ସଡ଼କ ସୁରକ୍ଷା ବିଷୟରେ ସତର୍କ କରାଇବାକୁ କେହି ନାହାନ୍ତି (ହୁଏତ କାଗଜପତ୍ରରେ ଥିବେ) ଯାତ୍ରୀଙ୍କ ଜୀବନ ପ୍ରତି କାହାରି ନଜର ନାହିଁ କହିଲେ ଚଳେ । ପ୍ରତି ୫୦ କିଲୋମିଟର ବ୍ୟବଧାନରେ ଟୋଲ ଗେଟ ବସାଇ ସରକାରଙ୍କ ଦ୍ୱାରା ଅର୍ଥ ଆଦାୟ ଚାଲିଛି । ସରକାର ଓ ଜନସାଧାରଙ୍କ ଇଚ୍ଛାଶକ୍ତିର ଅଭାବ ଫଳରେ ଅକାଳରେ ଦୁର୍ମୂଲ୍ୟ ଜୀବନ ଚାଲିଯାଉଛି ଯାହାରକି କୌଣସି ଭରଣା ହୋଇପାରୁନାହିଁ ନାହିଁ । ସବୁ ବିଭାଗର ସହଯୋଗ ଆଉ ସଚେତନାର ବାର୍ତ୍ତା ବହୁଳଭାବେ ଲୋକଲୋଚନକୁ ଆସିଲେ ହିଁ ଦୁର୍ଘଟଣା କମିବ । ତେବେ ଆଉ ଗୋଟିଏ ଦିଗକୁ ଯଦି ତର୍ଜମା କରିବା ତେବେ ସରକାରୀ ବାବୁମାନଙ୍କୁ ଯେତେ କାର୍ଯ୍ୟ ଚାପ ଦିଆ ଯାଇଛି ତାହା ଖୁବ୍ ଅଧିକ ତେଣୁ ସେମାନେ ସବୁ ବିଷୟରେ ଧ୍ୟାନଦେବା ସମ୍ଭବ ହେଉନାହିଁ ଫଳରେ ସେମାନେ ବିରକ୍ତ ହୋଇ କିଛି କାର୍ଯ୍ୟ କରିବାକୁ ଆଗଭର ହେଉ ନାହାନ୍ତି । ବାବୁମାନଙ୍କର ଏହା କାର୍ଯ୍ୟ ପ୍ରତି ଏକପ୍ରକାର ବିତୃଷ୍ଣା ନା' ସେମାନଙ୍କର ଅପାରଗତାର ପରିଚୟ, ନା' ବିଭାଗୀୟ କାର୍ଯ୍ୟାନୁଷ୍ଠାନର ଅଭାବ ?

ସୁସ୍ଥ ମାନସିକତା ଥିବା ଚାଳକ ଏବଂ ଲଗାତାର ଭାବେ ଘଣ୍ଟା ଘଣ୍ଟା ଧରି ଦୂରଗାମୀ ଗାଡି ଚଳାଉଥିବା ଡ୍ରାଇଭରମାନଙ୍କୁ ନିର୍ଦ୍ଦିଷ୍ଟ ବ୍ୟବଧାନରେ ବାଧ୍ୟତାମୂଳକ ବିଶ୍ରାମ ଦେବାପାଇଁ କଠୋର ନିୟମ ହେବା ଦରକାର ଓ ବିଶ୍ରାମ ବିହୀନ ଗାଡି ଚାଳନା ଦୁର୍ଘଟଣାର ପ୍ରମୁଖ କାରଣ ହୋଇଥାଏ । ଉତ୍ତମ ସଡ଼କ, ଶୃଙ୍ଖଳିତ ଗାଡି ଚାଳନା, ଓଭର ଲୋଡ଼ ବିହୀନ ଯାତ୍ରା, ଗାଡ଼ିର ନିୟମିତ ରକ୍ଷଣାବେକ୍ଷଣ, ଜାତୀୟ ରାଜପଥ କଡରେ ବେଆଇନ ଭାବେ ଗାଡି ନ'ରଖିବା ନିର୍ଭୁଲ ସଡ଼କ ସଂକେତ ଦେବା, ରାସ୍ତାକଡ଼ରେ ଦୋକାନ ବଜାର କରି ରାସ୍ତାକୁ ସଂକୁଚିତ ନ'କରିବା ଦ୍ୱାରା ଦୁର୍ଘଟଣାକୁ ଆମେ ଅନେକାଂଶରେ କମାଇ ଦେଇପାରିବା ? ସୁଚିନ୍ତିତ ଉପାୟରେ ଜାତୀୟ ରାଜପଥରେ ଦୂରଗାମୀ ଗାଡ଼ିର ଡ୍ରାଇଭରମାନଙ୍କୁ ବିଶ୍ରାମ ଦେବା ପାଇଁ ବିଶ୍ରାମାଳୟ/ମୋଟେଲ ତଥା ବଡ଼ ଗାଡ଼ିଗୁଡ଼ିକୁ ନିରାପଦ ପାର୍କିଂ, ଚୋରି ନହେବା ପାଇଁ ସୁରକ୍ଷା କର୍ମୀ ନିୟୋଜିତର ବ୍ୟବସ୍ଥା କରିବା ଦ୍ୱାରା କିଛି ମାତ୍ରାରେ ଦୂରଗାମୀ ଟ୍ରକ୍/ବସ୍ ଦୁର୍ଘଟଣାକୁ ଏଡ଼ାଇ ଦେଇ ହେବ ।

ଆମେମାନେ ନିଜେ ନିଜକୁ ଯେତିକି ସତର୍କ କରିବା କଥା ତାହା ହୁଏତ ଭୁଲିଯାଉଛୁ ବା ଜାଣିଶୁଣି ଭୁଲ କରୁଛୁ ଯାହାର ପରିଣତି ଅତି ସାଙ୍ଘାତିକ ହେଉଛି ବେଳେ ବେଳେ ଅମୂଲ୍ୟ ଜୀବନ ଚାଲିଯାଉଛି, ଅଧିକାଂଶ ବ୍ୟକ୍ତି ସମୟ ବଞ୍ଚାଇବାକୁ ଯାଇ ଅତ୍ୟଧିକ ବେଗରେ ଗାଡି ଚଳାଇଥାନ୍ତି ଏହାଦ୍ୱାରା ନିଜ ଜୀବନ ସହିତ ଅନ୍ୟର ଜୀବନକୁ ମଧ୍ୟ ବାଜି ଲଗାଇ ଦେଇଥାନ୍ତି । ଦୁର୍ଘଟଣା ଦ୍ୱାରା ଅକାଳରେ ଲିଭିଯାଉଥିବା ଜୀବନ ଦୀପ ତା'ର ପରିବାର ପାଇଁ ଅପୂରଣୀୟ କ୍ଷତି ଆଣିଦିଏ ଯାହାର କି କୌଣସି ବିକଳ୍ପ ନଥାଏ ? 'ଦ୍ରୁତ ଗତି ମହା ବିପତ୍ତି', 'ବରଂ ଡେରି ହେଉ କିନ୍ତୁ ଜୀବନ ରହୁ', 'ମୋଟେ ନପହଞ୍ଚିବା ଠାରୁ ଡେରିରେ ପହଞ୍ଚିବା ଭଲ' ଏହିପରି ଅନେକ ବିଜ୍ଞାପନ ରାଜରାସ୍ତା ପାର୍ଶ୍ୱରେ ଦର୍ଶାଯାଇଛି । ଏହି କ୍ଷେତ୍ରରେ ସମୟ ବଡ଼ ନୁହେଁ ଜୀବନ ବଡ଼ । ତେଣୁ 'ସଡ଼କ ସୁରକ୍ଷା ଜୀବନ ରକ୍ଷା' ଏହାକୁ ଅବଶ୍ୟ ମାନି ଚାଲିବା ସମସ୍ତଙ୍କ ପାଇଁ ଜରୁରୀ ?

# କ୍ଷୁଧା-ତୃଷା ନିବାରକ ତରଭୁଜ




ପ୍ରେମାନନ୍ଦ ପାଣିଗ୍ରାହୀ
ଭୁଷଳ, ଭୁବନ, ଢେଙ୍କାନାଳ
ମୋ- ୯୪୩୭୭୨୯୩୮୪


ଧରାପୃଷ୍ଠରେ ଏବେ ଗ୍ରୀଷ୍ମର ରାଜତ୍ୱ ଚାଲିଛି । ଚାରିଆଡେ ଅଗ୍ନିବର୍ଷା। ତାପମାତ୍ରା ହୁହୁ ହୋଇ ବଢୁଛି। ଯେଉଁଆଡେ ଚାହିଁଲେ ଧୁଧୁ ଖରା। ମୁଣ୍ଡ ଉପରେ ଖସି ପଡୁଛି ମେଞ୍ଚାମେଞ୍ଚା ନିଆଁ ହୁଳା। ତଳେ ଭୂଇଁ ଥମ୍‌ଥମ୍। ଦ୍ୱିପ୍ରହରରେ ପୁଣି ଉତ୍ତପ୍ତ ପବନର ଝାସ। ଦେହରୁ ବହି ଯାଉଛି ଝାଳ। ଖରାକୁ ନେଇ ସବୁଠି ଆତଙ୍କ। ଏହି ତାପରୁ ଟିକିଏ ରକ୍ଷା ପାଇବା ପାଇଁ ମନଖୋଜେ ଟିକେ ଶୀତଳ ପରଶ। ପ୍ରକୃତି ବି ଆମ ପାଇଁ ଭରି ଦେଇଛି ଋତୁ ଅନୁଯାୟୀ ଭିନ୍ନ ଭିନ୍ନ ସ୍ୱାଦିଷ୍ଟ ଫଳ। ଏହି ସ୍ୱତନ୍ତ୍ର ଫଳଗୁଡିକରେ ଭରି ରହିଥାଏ ଭିନ୍ନ ସ୍ୱାଦ ଓ ଭିନ୍ନ ମହକ। ଖରା ଆସିଲେ ଯେଉଁ ଫଳ ପିଲା ଠାରୁ ବୁଢା, ଗରିବ ଠାରୁ ଧନୀ ସମସ୍ତଙ୍କର ପ୍ରିୟ ହୋଇଥାଏ, ସେ ହେଉଛି ତରଭୁଜ। ତରଭୁଜ ଦେଖିବାକୁ ଯେମିତି ଆକର୍ଷଣୀୟ ଖାଇବାକୁ ସେମିତି ନରମ। ତେଣୁ ସବୁବର୍ଗର ଲୋକେ ଏହାକୁ ପସନ୍ଦ କରିଥାନ୍ତି। କ୍ଷୁଧା ତୃଷା ଉଭୟ ନିବାରଣ କରିଥାଏ ତରଭୁଜ। କେତେକ ବି ତରଭୁଜକୁ ଖରାବେଳିଆ ସାଥି କହନ୍ତି। ତାପ ବଢିଲେ ଏହି ଖରାଦିନିଆ ସାଥୀଟିକୁ ଖୋଜା ପଡେ। ଗାଁଠାରୁ ଆରମ୍ଭ କରି ସହରର ରାସ୍ତା ପାର୍ଶ୍ୱରେ ଫଳ ବ୍ୟବସାୟୀ ମେଲାଇ ଦିଅନ୍ତି ତରଭୁଜର ପସରା। ବିଭିନ୍ନ ଆକୃତିର ଗଦାଗଦା ତରଭୁଜ ପାଖରେ ଲୋକଙ୍କ ଭିଡ଼ ଜମେ। ଦରକୁ ନେଇ ମୂଲଚାଲ ବି ହୁଏ। ତେବେ ତରଭୁଜର ରକ୍ତିମ ତଥା ମାଂସାଳ ଶସକୁ ଗରମ ଆଉ ତାତି ସମୟରେ ଖାଇବାକୁ ଭାରି ମଜା ଲାଗେ। ନିଆରା ତା'ର ଅନୁଭବ। ତରଭୁଜ ଯେ କେବଳ ଶରୀରକୁ ସତେଜ ରଖେ ତାହା ନୁହେଁ ବରଂ ଶରୀରରୁ ଜଳୀୟ ଅଂଶ କମ୍ ହେବାକୁ ଦିଏ ନାହିଁ।

ତରଭୁଜ ଗ୍ରୀଷ୍ମ ଋତୁର ଏକ ପ୍ରମୁଖ ଫଳ। ମୋଟା ଚର୍ମଯୁକ୍ତ ଏହି ଗୋଲାକୃତି ଫଳର ବାହ୍ୟ ରଙ୍ଗ ଗାଢ ସବୁଜ ଓ ସବୁଜ ଛିଟା ହୋଇଥିବାବେଳେ ଭିତର ପାଚିଲା ଅଂଶ ଗାଢ ସିନ୍ଦୁର ବର୍ଣ୍ଣ। ଏହା ପାଣିରେ ଭରପୂର ଏକ ଫଳ। ଯେଉଁଥିରେ ୯୨ ପ୍ରତିଶତ ପାଣି ଏବଂ ୬ ପ୍ରତିଶତ ଶର୍କରା ରହିଥାଏ। କେବଳ ସ୍ୱାଦିଷ୍ଟ, ମାଂସାଳ ଓ ପାଣି ଜାତୀୟ ଫଳ ଭାବରେ ନୁହେଁ, ଏଥିରେ ଭରି ରହିଛି ବହୁ ରୋଗ ପ୍ରତିରୋଧକ ଗୁଣ। ଏହା ଏପରି ଏକ ଫଳ ଯାହାକୁ ବହୁ ପୁରାତନ କାଳରୁ ମଣିଷ ଉଭୟ ଖାଦ୍ୟ ଓ ଔଷଧ ଆକାରରେ ବ୍ୟବହାର କରିଆସୁଛି।

ତରଭୁଜକୁ ଇଂରାଜୀ ଭାଷାରେ ଓ୍ୱାଟରମେଲନ କୁହାଯାଉଥିବା ବେଳେ ହିନ୍ଦୀରେ ତରଭୁଜ୍ କୁହାଯାଏ। ଏହି ଫଳର ଚର୍ମ ମୋଟା। ଭିତର ଶସ ଓ ମଞ୍ଜିରେ ଭରପୂର। କଞ୍ଚାବେଳେ ଏହାକୁ ତରକାରୀ ଭାବରେ ଖିଆଯାଏ। ଭିତର ଅଂଶ କଞ୍ଚା ଅବସ୍ଥାରେ ଧଳା ରଙ୍ଗର ହୋଇଥିବା ବେଳେ ମଞ୍ଜିଗୁଡିକ ସାମାନ୍ୟ ଖଇରିଆ ରଙ୍ଗ ଧାରଣ କରିଥାଏ। ଅନ୍ୟ ଫଳଗୁଡିକ ପାଚିଲେ ତା'ର ବାହ୍ୟ ରଙ୍ଗଗୁଡିକ ହଳଦିଆ ଧାରଣ କରିଥାଏ କିନ୍ତୁ ତରଭୁଜ ପାଚିଲେ ସେମିତି ହୁଏ ନାହିଁ। ତରଭୁଜ ପାଚିଲେ ତାର ବାହ୍ୟ ଅଂଶ ସାମାନ୍ୟ ହଳଦିଆ ହୁଏ। ଓଜନ ସାମାନ୍ୟ ହାଲୁକା ହୁଏ ଓ ଭିତରଟି ନିଦା ଲାଗେ। ଏପରି ମନେ ହେଲେ ଜାଣିବା ଯେ ତରଭୁଜଟି ପାଚିଛି ଓ ଖାଇବା ଉପଯୋଗୀ ହୋଇଛି। ପାଚିଲା ତରଭୁଜକୁ କାଟିଦେଲେ ଶସ ପୂରା ଲାଲ ଦେଖାଯିବ ଆଉ ମଞ୍ଜିଗୁଡିକ କଳା ବର୍ଣ୍ଣ ଦେଖାଯିବ। ଡିସେମ୍ବରରୁ ଫେବୃଆରୀ ମଧ୍ୟରେ ତରଭୁଜ ଚାଷ ହୋଇଥାଏ। ମୁଖ୍ୟତଃ ଶୁଷ୍କ ଜଳବାୟୁ ଅଞ୍ଚଳରେ ଏହି ଫସଲ ଭଲ ହୁଏ। ତେବେ ନଦୀକୂଳ ଏହି ତରଭୁଜ ଚାଷ ପାଇଁ ସବୁଠାରୁ ଉପଯୁକ୍ତ। ଏହି କିସମର ଜମିରୁ ତରଭୁଜ ଅଧିକ ଉତ୍ପାଦନ ହେବା ସହିତ ଫଳରେ ମିଠା ଅଂଶ ରହିଥାଏ। ଆମ ଦେଶର ଉତ୍ତର ପ୍ରଦେଶ, ରାଜସ୍ଥାନ, ମଧ୍ୟପ୍ରଦେଶର ଜଳବାୟୁ ତରଭୁଜ ଚାଷ ପାଇଁ ସର୍ବାଧିକ ଉପଯୁକ୍ତ ବୋଲି ଜଣାଯାଏ। ଏହିସବୁ ରାଜ୍ୟର ଅତ୍ୟଧିକ ବାଲିଆ ମାଟିରୁ ଆରମ୍ଭ କରି ଚିକ୍କଣ ମାଟି ପର୍ଯ୍ୟନ୍ତ ତରଭୁଜ ଫସଲ ସଫଳତାର ସହ ଚାଷ କରାଯାଇଥାଏ।

ଗ୍ରୀଷ୍ମ ଋତୁରେ ଛକ ଯାଗା ହେଉ କି ରାସ୍ତାପାର୍ଶ୍ୱ ଗଛର ଛାଇ ହେଉ ବ୍ୟବସାୟୀମାନେ ଗଦାଗଦା ତରଭୁଜର ପସରା ମେଲିଥାନ୍ତି। କେଉଁଠି କିଲୋ ଦରରେ ତରଭୁଜ ଗୋଟା ବିକ୍ରୀ ହୁଏ ତ କେଉଁଠି ଗୋଟା ତରଭୁଜକୁ କାଟି କରି ବ୍ୟବସାୟୀମାନେ ସେଥିରେ ସୈନ୍ଧବଲୁଣ, ଲଙ୍କାଗୁଣ୍ଡ, ଖଣ୍ଡ ବରଫ ଭରି ଗରାଖଙ୍କୁ ବିକ୍ରି କରିଥାନ୍ତି। ଖରା ଦାଉରୁ ରକ୍ଷା ପାଇବା ସହ ସାଙ୍ଗସାଥୀଙ୍କୁ ଆତିଥେୟତା ପ୍ରଦର୍ଶନ ପାଇଁ ତରଭୁଜ ଖୁବ୍ ଭଲ ହୋଇଥାଏ। ଏହି ମାଂସାଳ ଓ ପାଣି ଜାତୀୟ ଫଳ ତରଭୁଜକୁ ଖାଇବାକୁ ପିଲା ଠାରୁ ବୁଢା ପର୍ଯ୍ୟନ୍ତ ସମସ୍ତଙ୍କର ଲାଳସା ଥାଏ। ବଜାରରେ ମିଳୁଥିବା ଯେକୌଣସି କୃତ୍ରିମ ପାନୀୟ ବା ଫଳରସ ଠାରୁ ତରଭୁଜ ସର୍ବତର ସ୍ୱାଦ ସମ୍ପୂର୍ଣ୍ଣ ନିଆରା। ବିଶେଷ କରି ଗ୍ରୀଷ୍ମ ଋତୁରେ ତରଭୁଜ ମିଳୁଥିବାରୁ ଏହାର ଜୁସ୍ ପିଇବାକୁ ଭାରି ଭଲ ଲାଗେ। ଖରାଦିନେ ଶରୀରରୁ ଯେଭଳି ଝାଳ ବାହାରେ ତଦ୍ୱାରା ଦେହରୁ ଜଳୀୟ ଅଂଶ କମି ହାଲିଆ ଲାଗେ। ତେବେ ଏହି ସମୟରେ ତରଭୁଜ ଖାଇବା ଦ୍ୱାରା ଶରୀରରୁ ନିର୍ଗତ ହୋଇ ଯାଇଥିବା ଜଳୀୟ ଅଂଶ ବଜାୟ ରହେ।



ଗ୍ରୀଷ୍ମ ଋତୁରେ ଅତ୍ୟଧିକ ଖରା ଯୋଗୁଁ ଶରୀରର ତାପମାତ୍ରା ୪୦.୬ ଡିଗ୍ରୀରୁ ଅଧିକ ବୃଦ୍ଧି ପାଏ। ଫଳରେ ତ୍ୱଚା ଶୁଖିଯାଏ। ଆଖି, ମୁହଁ ଉପରେ ମଧ୍ୟ ଖରାର ପ୍ରଭାବ ପଡେ। ଖରାଦିନ ପାଇଁ ତରଭୁଜ ଏକ ଚମତ୍କାର ସୌନ୍ଦର୍ଯ୍ୟ ପ୍ରସାଧନ ଭାବରେ କାମ ଦିଏ। ପାଚିଲା ତରଭୁଜର ଲାଲ ଅଂଶକୁ ହାତଗୋଡ, ମୁହଁ ଓ ବେକ ଇତ୍ୟାଦି ଶରୀରର ଯେଉଁ ଅଂଶ ବାହାରକୁ ଦେଖାଯାଏ ସେଥିରେ ଘଷିଲେ ଚର୍ମ ସୁସ୍ଥ ରହେ ଓ ଉଜ୍ଜ୍ୱଳ ଦିଶେ। ଯଦି ମୁହଁରେ ଦଶ ମିନିଟ ତରଭୁଜକୁ ଧୀରେ ଧୀରେ ଘଷାଯାଏ ତେବେ କିଛି ସମୟ ପରେ ହାଲ୍କା ଉଷୁମ ପାଣିରେ ମୁହଁକୁ ଧୋଇଲେ ମୁହଁ ସଫା ରହେ।

ଜଳୀୟ ଅଂଶଯୁକ୍ତ ଖାଦ୍ୟ ମଧ୍ୟରେ ତରଭୁଜ ଅନ୍ୟତମ। ତରଭୁଜରେ ୯୨ ଶତକଡା ଜଳ ରହିଥାଏ। ଏହା ଶରୀରରେ ଜଳୀୟ ଅଂଶ ବଜାୟ ରଖିବା ସହିତ ବିଭିନ୍ନ ରୋଗରୁ ରକ୍ଷା କରିଥାଏ। ଅତ୍ୟଧିକ ଗରମ ଯୋଗୁଁ ମନୁଷ୍ୟ ଶରୀରରୁ ଆବଶ୍ୟକତା ଠାରୁ ଅଧିକ ଝାଳ ବାହାରିଯାଏ, ଯଦ୍ୱାରା ଶରୀର ଅସନ୍ତୁଳିତ ହୋଇଥାଏ। ଖରାଦିନେ ଦୁଇରୁ ତିନି ଗ୍ଲାସ୍ ତରଭୁଜ ସର୍ବତ ପିଇବା ଦ୍ୱାରା ଶରୀରରେ ଠିକ୍ ଭାବରେ ଅସନ୍ତୁଳନତା ଦୂର ହୁଏ। ତରଭୁଜରେ ଶ୍ୱେତସାର, ତନ୍ତୁ, ଜଳୀୟ ଅଂଶ, ଭିଟାମିନ-ଏ, ଆମିନୋ ଏସିଡ ପ୍ରଚୁର ପରିମାଣରେ ଥାଏ। ତରଭୁଜରେ ଚର୍ବିଜାତୀୟ ଉପାଦାନ ନଥିବାରୁ ଶରୀରର ଓଜନ କମାଇବାରେ ଏହା ସହାୟକ ହୋଇଥାଏ। ତରଭୁଜରେ ବିଟା କାରୋଟିନ୍ ଥିବାରୁ ଏହା ହୃଦ୍‌ରୋଗ ଆଶଙ୍କାକୁ ହ୍ରାସ କରିଥାଏ। ଶରୀରରେ ଠିକ୍ ଭାବରେ ରକ୍ତ ପ୍ରବାହ କରିବାରେ ତରଭୁଜ ସାହାଯ୍ୟ କରେ। ପ୍ରତିଦିନ ତରଭୁଜ ଖାଇଲେ ଶରୀରକୁ ପ୍ରାୟ ୨୩ ପ୍ରତିଶତ ଶକ୍ତି ମିଳେ।

# 'ଲଜ୍ଜା'




କାଳି ଦାସ
ବ୍ରହ୍ମପୁର, ଖୋଡ଼ାସିଙ୍ଗ କଳିଙ୍ଗନଗର
ମୋ- ୭୨୦୫୧୦୦୮୩୯


ଦୀର୍ଘ ଦିନ ହେବ ଦେଶର ପହିଲମାନମାନେ ଜନ୍ତର ମନ୍ତରରେ ବସି ଧାରଣା ଦେଉଛନ୍ତି। ମହିଳା ପହିଲମାନମାନଙ୍କର କହିବା କଥା ଯେ ସେମାନେ ଯୌନ ଶୋଷଣର ଶିକାର ହୋଇଛନ୍ତି। ଏହାକୁ ବିରୋଧ କରି ସେମାନେ ଧାରଣାରେ ବସିଛନ୍ତି କିନ୍ତୁ କେନ୍ଦ୍ର ସରକାରଙ୍କ ପାଖରୁ କୌଣସି ଆଶ୍ୱାସନ ସେମାନେ ଆଜିଯାଏଁ ପାଇପାରି ନାହାନ୍ତି। ମହିଳାଙ୍କ ଉପରେ ହେଉଥିବା ଯୌନ ଶୋଷଣ ଏକ ଜଘନ୍ୟ ଅପରାଧ। ସବୁଠାରୁ ନିମ୍ନ ସ୍ଥାନରେ କାମକରୁଥିବା ମହିଳା ଯେମିତି ଏଥିରେ ଶିକାର ହେଉଛନ୍ତି, ସେହିପରି ସର୍ବୋଚ୍ଚ ସ୍ଥାନରେ କାମ କରୁଥିବା ମହିଳା ମଧ୍ୟ ଏହି ଯୌନ ଶୋଷଣର ଶିକାର ହେଉଛନ୍ତି। ଯୌନ ଶୋଷଣ ବା ଯୌନ ଉତ୍ପୀଡନ ମହିଳାଙ୍କ ଆତ୍ମସମ୍ମାନକୁ ଧୂଳିସାତ କରିଦିଏ। ନିଜ ଇଚ୍ଛା ବିରୁଦ୍ଧରେ ନିଜର ଅସହାୟତା ପାଇଁ କିଏ ଜଣେ ତାକୁ ଶୋଷଣ କରୁଛି ଏହାଠାରୁ ଅଧିକ ଯନ୍ତ୍ରଣା ଦାୟକ ଆଉ କ'ଣ ହୋଇପାରିବ ? ବର୍ତ୍ତମାନ ଆମର ଅନେକ ମହିଳା ରେସଲେର ଏକାଠି ହୋଇ ନିଜ ଉପରେ ହୋଇଥିବା ଯୌନ ଶୋଷଣ ବିରୋଧରେ ସ୍ୱର ଉଠାଇଛନ୍ତି। ଆମ ଦେଶରେ ଏମିତି ଏକ ଘଟଣାକୁ ସାର୍ବଜନୀନ କରିବା ପାଇଁ ସମସ୍ତେ ପଛଘୁଞ୍ଚା ଦିଅନ୍ତି। ଏଇଥିପାଇଁ ଶୋଷଣ କରୁଥିବା ବ୍ୟକ୍ତିର ମନବଳ ବଢିଥାଏ। ଯୌନ ଶୋଷଣର ଘଟଣା ଆମ ଦେଶରେ କିଛି ନୂଆ ନୁହେଁ। ଶିକ୍ଷାକ୍ଷେତ୍ରରେ ଚାକିରି କ୍ଷେତ୍ରରେ ଏମିତି ଅନେକ ଘଟଣା ସାମ୍ନାକୁ ଆସିଛି। ସିନେମା ଜଗତରେ କାଷ୍ଟିଂକାଉଚ୍ ନାଁରେ ମହିଳାଙ୍କ ଶୋଷଣ ଖବର ଗଣମାଧ୍ୟମରେ ପ୍ରକାଶ ପାଇଛି। ଅନେକ ସମୟରେ ମହିଳାଙ୍କୁ କାମ ଦେବାର ପ୍ରଲୋଭନ ଦିଆଯାଇ ସେମାନଙ୍କୁ ଶୋଷଣ କରାଯାଉଛି। କିନ୍ତୁ ଖେଳ କ୍ଷେତ୍ରରେ ମଧ୍ୟ ମହିଳାଙ୍କ ଶୋଷଣ ହେଉଛି ତାହା ଜଣାନଥିଲା। କେବଳ ରେସଲେରମାନଙ୍କର ଯୌନ ଶୋଷଣ ହେଉଛି ଏହା ନୁହେଁ ଅନ୍ୟ ଖେଳର ଖେଳାଳିମାନଙ୍କ ସହିତ ମଧ୍ୟ ଯୌନ ଶୋଷଣ ବା ଯୌନ ଉତ୍ପୀଡନ ହେଉଛି । ବିଗତ ଦିନ ପୂର୍ବତନ ମହିଳା ଫୁଟବଲ ପ୍ଲେୟର ନିଜ ସହିତ ହୋଇଥିବା ଯୌନ ଶୋଷଣର କଥା ଉଠେଇଥିଲେ। ଆଜି ମହିଳା ରେସଲେରମାନେ ଯାହାକୁ ବିରୋଧ କରି ଜନ୍ତର ମନ୍ତରରେ ବସିଛନ୍ତି ଯଦି ସେମାନେ ସଫଳ ହେଲେ ତା'ହେଲେ ଅନେକ କ୍ଷେତ୍ରରେ ମହିଳାଙ୍କୁ ଶୋଷଣ କରୁଥିବା ବ୍ୟକ୍ତିମାନେ ଡରିବେ। ମହିଳା ପହିଲମାନ ମାନଙ୍କର ଅଭିଯୋଗ ଯେ ରେସ୍‌ଲିଂ ଫେଡେରେସନ ଅଫ ଇଣ୍ଡିଆର ପ୍ରେସିଡେଣ୍ଟ ବ୍ରିଜଭୂଷଣ ସିଂ ସେମାନଙ୍କୁ ନିଜ ଅଫିସ୍‌କୁ ଡାକି ବିଭିନ୍ନ ପ୍ରକାର ଯୌନ ଅତ୍ୟାଚାର କରୁଛନ୍ତି ତେଣୁ ତତ୍କାଳ ତାଙ୍କୁ ଏହି ପଦରୁ ବରଖାସ୍ତ କରାଯାଉ ଏବଂ ପୋଲିସ ତାଙ୍କୁ ଗିରଫ କରୁ। ବ୍ରିଜଭୂଷଣ ସିଂ ବିଜେପି ଦଳର ଏମ୍‌ପି ହୋଇଥିବାରୁ କେନ୍ଦ୍ର ସରକାର ତାଙ୍କୁ ବଞ୍ଚାଉଛନ୍ତି। ଏହି ଭିତରେ ରେସଲେର୍‌ମାନଙ୍କୁ ସମର୍ଥନ ଦେବା ପାଇଁ କୃଷକ ସଂଗଠନ ଆଗେଇ ଆସିଛି। ବିଭିନ୍ନ ଖାପ୍ ପଞ୍ଚାୟତ ମଧ୍ୟ ନିଜର ସମର୍ଥନ ଦେଇଛନ୍ତି । ନିକଟରେ ଜେଲରେ ଥିବା ଆମ୍ ଆଦମୀ ପାର୍ଟିର ନେତା ଦୁଷ୍କର୍ମ କରୁଥିବା ବ୍ୟକ୍ତି ଠାରୁ ଫିଜୋଥେରାପି ନେବାକୁ ସମାଲୋଚନା କରୁଥିବା ବିଜେପି ଆଜି ତାର ନିଜ ନେତା ବ୍ରିଜଭୂଷଣ ଉପରେ କ'ଣ କହିବ ? ଦେଶର ପ୍ରମୁଖ ରେସଲେର୍ ଯେଉଁମାନେ ଦେଶ ପାଇଁ ପଦକ ଆଣିଛନ୍ତି ଆଜି ଜନ୍ତର ମନ୍ତରରେ ବସି ନ୍ୟାୟ ମାଗୁଛନ୍ତି ସେମାନଙ୍କ ଭିତରେ ମୁଖ୍ୟ ହେଲେ ବଜରଙ୍ଗ ପୁନିଆ, ଭିନେସ ଫୋଗତ, ଶାକ୍ଷୀ ମଲ୍ଲିକ, ସଂଗୀତା ଫୋଗଟ ରବି ଦହିଆ ଇତ୍ୟାଦି। ବଜରଙ୍ଗ ପୁନିଆ ଅଲମ୍ପିକରେ ବ୍ରୋଞ୍ଜ ପଦକ ପାଇଥିଲେ, ଭିନେସ ଫୋଗଟ କମନୱେଲଥ ଖେଳରେ ସ୍ୱର୍ଣ୍ଣ ପଦକ ପାଇଥିଲେ, ସଂଗୀତା ଫୋଗଟ ନ୍ୟାସନାଲ ଚାମ୍ପିଅନସିପ୍‌ରେ ରୌପ୍ୟ ପଦକ ପାଇଥିଲେ, ଶାକ୍ଷୀ ମଲ୍ଲିକ କମନ ୱେଲଥ ଖେଳରେ ସ୍ୱର୍ଣ୍ଣ ପଦକ ପାଇଥିଲେ, ରବି ଦହିଆ ଅଲମ୍ପିକ ଖେଳରେ ରୌପ୍ୟ ପଦକ ପାଇଥିଲେ ଏବଂ କମନୱେଲଥରେ ସ୍ୱର୍ଣ ପଦକ ପାଇଥିଲେ। ଯେତେବେଳେ ଆମର ଏହି ଖେଳାଳିମାନେ ନିଜର ଶ୍ରେଷ୍ଠ ପଦର୍ଶନ କରି ପଦକ ହାସଲ କରିଥାନ୍ତି ସେତେବେଳେ ଗର୍ବର ସହିତ ତିରଙ୍ଗା ଫରଫର ହୋଇ ଉଡିଥାଏ। "ଜନ ଗଣ ମନ"... ର ପବିତ୍ର ଧ୍ୱନି ଶୁଣିବାକୁ ମିଳିଥାଏ। ଯେଉଁମାନଙ୍କ ସଫଳତାରେ ସମଗ୍ର ଭାରତ ଗର୍ବ ଅନୁଭବ କରେ। ସେମାନେ ଆଜି ନିଜର ସୁରକ୍ଷା ପାଇଁ ଜନ୍ତର ମନ୍ତରରେ ବସିଛନ୍ତି। ଏହି ଭିତରେ ବର୍ଷା ଆସିଛି, ସେମାନଙ୍କୁ ସାହାଯ୍ୟ କରିବାକୁ ଯେଉଁମାନେ ଆସିଛନ୍ତି ସେମାନଙ୍କ ଉପରେ ଦିଲ୍ଲୀ ପୋଲିସ ଆକ୍ରମଣ କରିଛି। ଦିଲ୍ଲୀ ପୋଲିସ ମଦ ପି ଆମର ଦେଶର ମହିଳା ଖେଳାଳିଙ୍କୁ ମଧ୍ୟ ଆକ୍ରମଣ କରିଛି । ଏହା ପୂର୍ବ ରୁ ମହିଳାଙ୍କ ଯୌନ ଶୋଷଣକୁ ନେଇ ଗୋଟିଏ ଅଭିଯାନ ଦେଶରେ ଚାଲିଥିଲା ନା ଥିଲା "ମି ଠୁ"ଏହି ଅଭିଯାନରେ ବିଭିନ୍ନ ବର୍ଗର ମହିଳା ସାମିଲ ହୋଇଥିଲେ ସେମାନେ ନିଜ ଉପରେ ହୋଇଥିବା ଶୋଷଣକୁ ମଧ୍ୟ ଜନସମାଜର ସାମ୍ନାକୁ ଆଣିଥିଲେ। ଏଥିରେ ଅନେକ ନାମୀ ଏବଂ ଉଚ୍ଚ ପଦବୀରେ ରହିଥିବା ଲୋକଙ୍କ ନା ଆସିଥିଲା ।କିନ୍ତୁ ଏହି ଅଭିଯାନକୁ ଦବେଇ ଦିଆଗଲା। ଅନେକ ମହିଳାଙ୍କ ବିରୁଦ୍ଧରେ ମାନହାନି ମୋକଦ୍ଦମା କରାଗଲା। ପ୍ରଥମରୁ ଯୌନ ଶୋଷଣର ଶିକାର ମହିଳା ମାନସିକ ଓ ଶାରୀରିକ ଭାବରେ ଦୁର୍ବଳ, ତା'ପରେ ତାହା ଉପରେ ଅନ୍ୟ ଚାପକୁ ସହ୍ୟ କରିବା ତା'ପାଇଁ କଷ୍ଟକର। ନିଜ ଅଭିଯୋଗକୁ ସତ୍ୟ ପ୍ରମାଣିତ କରିବା ପାଇଁ କୋର୍ଟ କଚେରୀ ଯିବା ସହଜ ନୁହେଁ। କୋର୍ଟ କଚେରୀ ଯିବା ବ୍ୟୟ ସାପେକ୍ଷ। ତା'ସହିତ ଶୋଷଣ କରୁଥିବା ଧୂର୍ତ୍ତ ବ୍ୟକ୍ତି ଏକୁଟିଆ ଜାଗାରେ ମହିଳାଙ୍କ ଶୋଷଣ କରିଥାଏ ତେଣୁ ତା'ର ପ୍ରମାଣ ରଖିବା ସମ୍ଭବ ନୁହେଁ। ଆମର ରେସଲେରମାନେ ଜାନୁୟାରୀ ମାସରେ ପ୍ରଥମେ ଅଭିଯୋଗ ନେଇ ଆସିଥିଲେ ଓ ଜନ୍ତର ମନ୍ତର ରେ ଧାରଣା ଦେଇଥିଲେ। କେନ୍ଦ୍ର ସରକାର ଓ ଖେଳ ମନ୍ତ୍ରୀ ଆମର ରେସଲେର୍‌ମାନଙ୍କୁ ଦୋଷୀ ଉପରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହି ବୁଝେଇ ସୁଝେଇ ଘରକୁ ପଠେଇ ଦେଇଥିଲେ କିନ୍ତୁ ୩ ମାସ ଭିତରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ। ଦିଲ୍ଲୀ ପୋଲିସ ଏଫଆଇଆର ମଧ୍ୟ ରୁଜୁ କଲା ନାହିଁ। ସୁପ୍ରିମ କୋର୍ଟର ହସ୍ତକ୍ଷେପ ପରେ ଦିଲ୍ଲୀ ପୋଲିସ ଏଫଆଇଆର୍ ରୁଜୁ କଲା। ମହିଳା ରେସଲେର୍‌ମାନଙ୍କ ଭିତରେ ଜଣେ ନାବାଳିକା ଖେଳାଳି ମଧ୍ୟ ଅଭିଯୋଗ କରିଛନ୍ତି। ନାବାଳିକାଙ୍କ ସହିତ ହୋଇଥିବା ଯୌନ ଶୋଷଣକୁ pocso actରେ ସାମିଲ କରାଯିବା କଥା କିନ୍ତୁ ଏହି ସବୁ କିଛି ବ୍ରିଜଭୂଷଣ ସିଂ'ଉପରେ ଲାଗୁ ହୋଇନାହିଁ। ଆଜି ମଧ୍ୟ ବିଭିନ୍ନ ମିଡିଆରେ ଆସି ବ୍ରିଜଭୂଷଣ ସିଂ ନିଜକୁ ନିର୍ଦ୍ଦୋଷ ବୋଲି କହି ବୁଲୁଛି। କେନ୍ଦ୍ର ସରକାରଙ୍କ କ'ଣ ଏମିତି ଦୁର୍ବଳତା ରହିଛି ବ୍ରିଜଭୂଷଣ ସିଂ ପାଖରେ କେଜାଣି ଯେତେ ଚେଷ୍ଟା କଲେ ମଧ୍ୟ ଦେଶର ଜନତାଙ୍କୁ ଅଣଦେଖା କରି ଦେଶର ଆଇନ ବ୍ୟବସ୍ଥାକୁ ସମ୍ମାନ ନକରି ବ୍ରିଜଭୂଷଣ ସିଂଙ୍କୁ ଘଣ୍ଟ ଘୋଡେଇ ରଖିଛନ୍ତି । ପିଢି ପରେ ପିଢି ଆମ ଦେଶ ରେ ଯୌନ ଶୋଷଣର ଶିକାର ହେଉଛନ୍ତି। ଗୋଟିଏ ପରେ ଗୋଟିଏ ନାରୀ ଏହାର ଶିକାର ହେଉଛନ୍ତି । ନାରୀ ସଶକ୍ତିକରଣର ଡିଣ୍ଡିମ ବଜା ଯାଉଛି ଅନ୍ୟପଟେ ନାରୀ ସୁରକ୍ଷାର କୌଣସି ପଦକ୍ଷେପ ନିଆଯାଉ ନାହିଁ। ମହିଳାଙ୍କ ସହିତ ଅସଦ୍‌ବ୍ୟବହାର କରୁଥିବା ବ୍ୟକ୍ତିଙ୍କୁ ସାମାଜିକ ସ୍ତରରେ ବହିଷ୍କାର କରାଯାଉ। ମହିଳାଙ୍କ ସହିତ ଦୁର୍ବ୍ୟବହାର କରିଥିବା ବ୍ୟକ୍ତି ମୁଣ୍ଡ ଉଠାଇ ଯଦି ସମାଜରେ ବୁଲିବ ଏବଂ ନିର୍ଯାତିତ ମହିଳା ଯଦି ମୁହଁ ଲୁଚାଇ ରହିବ ତା'ହେଲେ ଦୁର୍ବ୍ୟବହାର କରିଥିବା ବ୍ୟକ୍ତିର ମନବଳ ବଢିବ ଏବଂ ସମାଜରେ ନାରୀର ସୁରକ୍ଷା କମିବ। ଏକ ସୁସ୍ଥ ସମାଜ ପାଇଁ ନାରୀର ସୁରକ୍ଷାକୁ ପ୍ରାଥମିକତା ଦେବାକୁ ପଡିବ। ଭାରତ ପାଇଁ ପଦକ ଆଣିଥିବା ଖେଳାଳିମାନେ ବିଜେପି ସାଂସଦ ବ୍ରିଜଭୂଷଣ ସିଂଙ୍କ ଇସ୍ତଫା ପାଇଁ ଦାବି କରିଥିଲେ ଏବଂ ଚେତାବନୀ ଦେଇଥିଲେ କି ଯଦି କେନ୍ଦ୍ର ସରକାର ବ୍ରିଜଭୂଷଣ ସିଂ ବିରୋଧରେ କୌଣସି ପଦକ୍ଷେପ ନନିଅନ୍ତି ତାହେଲେ ଖେଳାଳିମାନେ ଉଚ୍ଚକୋଟିର ଖେଳ ଖେଳି ପାଇଥିବା ମେଡାଲକୁ ସରକାରଙ୍କୁ ଫେରାଇ ଦେବେ। ଏହା ସେମାନେ ଗଣମାଧ୍ୟମକୁ ମଧ୍ୟ ଜଣେଇ ଥିଲେ। ଧାରଣାରେ ବସିଥିବା ପହିଲମାନଙ୍କ ସମର୍ଥନରେ ବିଭିନ୍ନ ରାଜନୈତିକ ଦଳ ମଧ୍ୟ ଆସିଛନ୍ତି କିନ୍ତୁ କେନ୍ଦ୍ର ସରକାରଙ୍କ ଆଖି ଖୋଲୁନି।



# ଆମ କଳାହାଣ୍ଡି







## 'ମୁଖ୍ୟମନ୍ତ୍ରୀ ସଡ଼କ' ନିର୍ମାଣକୁ ନେଇ ପ୍ରଶ୍ନ

# ବର୍ଷେ ନପୁରୁଣୁ ରାସ୍ତା ବେହାଲ





ଧର୍ମଗଡ଼, (ଭାସ୍କର ନ୍ୟୁଜ୍): କେନ୍ଦ୍ର ଓ ରାଜ୍ୟ ସରକାର ପରିବହନ ତଥା ଗମନାଗମନ ଉନ୍ନତ ପାଇଁ ଅନେକ ଯୋଜନା ଆରମ୍ଭ କରିଛନ୍ତି। ସେଥିମଧ୍ୟରୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ଓ ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ମାଧ୍ୟମରେ ରାସ୍ତା ନିର୍ମାଣ କରାଯାଉଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ଗାଁ ଗଣ୍ଡା ରାସ୍ତାକୁ ଉନ୍ନତ କରଣ କରିବା ସହ ମୁଖ୍ୟ ରାସ୍ତାରେ ସଂଯୋଗ କରିବା ଲକ୍ଷ ରହିଛି। ଏଥିପାଇଁ ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ତତ୍ତ୍ୱାବଧାନ ନିର୍ମାଣ କାମ କରାଯାଉଛି। ତେବେ ବିଭାଗର ଅବହେଳା ତଥା ଠିକାପୋଷା ନୀତି ଆପଣେଇ ସରକାରୀ ଅର୍ଥକୁ ଲୁଟ୍‌ପାଟ୍ ଉଦ୍ଦେଶ୍ୟ ନେଇ ରାସ୍ତା ନିର୍ମାଣ କାର୍ଯ୍ୟ କରୁଥିବା ଭଳି ନଜର ରହୁଛି। ତା'ର ଏକ ଉଦ୍ଦିଷ୍ଟ ଉଦାହରଣ ଏବେ ସାମ୍ନାକୁ ଆସିଛି। ଧର୍ମଗଡ଼ ବ୍ଲକ ଧଅରପୁର ପଞ୍ଚାୟତ ଅନ୍ତର୍ଗତ ଆମ୍ବଗୁଡା ଭାୟା ଧଅରପୁର ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ ହୋଇ ଥିବା ରାସ୍ତା ତାହାର ନଗ୍ନମାନ ପ୍ରମାଣ ଭାବେ ସୂଚାଉଛି। ଛତିଶଗଡ଼ ସୀମାନ୍ତ ଆର୍‌ଡି ରାସ୍ତାଠାରୁ ଆମ୍ବଗୁଡା ଭାୟା ଧଅରପୁର ରାସ୍ତାକୁ ଗତ ୨୦୨୨ ମସିହାରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରାଯାଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ୬,୯୭୦କିମି ଦୂରତା ବିଶିଷ୍ଟ ରାସ୍ତା ନିର୍ମାଣ ପାଇଁ ମୋଟ ୪୮୫,୬୩ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ରାସ୍ତା ନିର୍ମାଣ ପାଇଁ ଠିକାଦାର ଆର୍‌ବିଏସ୍ କନଷ୍ଟ୍ରକ୍ସନ୍‌ଙ୍କୁ ଆଦେଶନାମା ଦିଆଯାଇଥିଲା। ସୂଚନା ଫଳକ ଅନୁଯାୟୀ ଠିକା ସଂସ୍ଥା ଗତ ୬.୦୧.୨୦୨୨ରେ କାର୍ଯ୍ୟ ଆରମ୍ଭ କରି ୫.୦୧.୨୦୨୩ରେ ଶେଷ କରିଥିଲେ। ତେବେ ରାସ୍ତା ନିର୍ମାଣର ବର୍ଷେ ନ ପୁରୁଣୁ ଏବେ ରାସ୍ତା ଅତିଶୋଚନୀୟ ଅବସ୍ଥା ଦେଖାଦେଲାଣି। ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଉଥିବା ଜଣାପଡିଛି। ଛତିଶଗଡ ସୀମାନ୍ତଠାରୁ ଧଅରପୁର ଆମ୍ବଗୁଡ଼ା ପର୍ଯ୍ୟନ୍ତ ରାସ୍ତା ମଝିରେ ଗାତ ସୃଷ୍ଟି ହେବା ସହ ଅଧିକାଂଶ ସ୍ଥାନରେ ପିଚୁ ଉଠି ପଡ଼ିଲାଣି। ନିର୍ମାଣ ଆରମ୍ଭରୁ ନିମ୍ନମାନ କାମ ହେଉଥିବା ନେଇ ବିଭାଗ ନିକଟରେ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ହେଲେ ଅଭିଯୋଗକୁ ବିଭାଗ ଅଧିକାରୀ କର୍ଣ୍ଣପାତ ନ କରି ଠିକା ସଂସ୍ଥାକୁ ଘଷ୍ଟ ଘୋଡେଇ ଥିବା ଲୋକେ ପ୍ରକାଶ କରନ୍ତି। ଏହି ରାସ୍ତା ଦେଇ ଛତିଶଗଡ଼, ନବରଙ୍ଗପୁର, ଚାନ୍ଦାହାଣ୍ଡି, ଝରିଗା, ଉମରକୋଟକୁ ଶହଶହ ଯାନବାହନ ଯାତାୟାତ କରୁଥିବା ବେଳେ ଭାରିଯାନ ଚଳାଚଳ ଲାଗି ରହିଥାଏ। ଗୋଟାଏ ପଟେ ନିମ୍ନମାନ କାମ ହୋଇଥିବା ଓ ଅନ୍ୟପଟେ ଭାରିଯାନ ଚଳାଚଳ ବେଶ ରାସ୍ତା ଶୋଚନୀୟ ହେବା ପ୍ରମୁଖ କାରଣ ବୋଲି ଅଭିଯୋଗ ହୁଏ। ଏନେଇ ଧଅରପୁର ପଞ୍ଚାୟତ ଶତାଧିକ ଗ୍ରାମବାସୀ ଗତ୨୬.୦୪.୨୦୨୩ ତାରିଖରେ ଧର୍ମଗଡ଼ ତହସିଲଦାରଙ୍କ ଦ୍ୱାରାସ୍ତ ହୋଇଛନ୍ତି। ଭାରିଯାନ ଚଳାଚଳକୁ ବନ୍ଦ କରିବା ସହ ରାସ୍ତାର ମରାମତି କରିବା ପାଇଁ ଲିଖିତ ଭାବେ ଜଣାଇ ଥିବା ଗ୍ରାମର ମହେଶ୍ୱର ଖମାରୀ, ଗୌରାଙ୍ଗ ହଂସ, ଉମାକାନ୍ତ ସେଠିଆ, ସୁରେନ୍ଦ୍ର ନାଏକ, ସେବତୀ, ରଶ୍ମିତା ନାଏକ ପ୍ରମୁଖ ପ୍ରକାଶ କରନ୍ତି। ଏନେଇ ଧର୍ମଗଡ଼ ତହସିଲଦାର ହରେକୃଷ୍ଣ ବରିହାଙ୍କୁ ଯୋଗାଯୋଗ କରିଥିଲେ ହିଁ ସମ୍ଭବ ହୋଇ ନ ଥିଲା।

## ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି କର୍କଟ ରୋଗୀ

# ସରକାରୀ ସହାୟତା ଅପେକ୍ଷାରେ ମା' ଓ ସ୍ତ୍ରୀ





ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ଯନ୍ତ୍ରଣାରେ ଛଟପଟ। ଏପରିସ୍ଥିତିରେ ମୁହଁକୁ ମୁହଁ ମିଳାଇ ଆଖିରୁ ଲୁହ ଗଡେଇ ସହାୟତା ହାତ ପାତିଛି ସ୍ତ୍ରୀ। ମୋ ସ୍ୱାମୀଙ୍କୁ ବଞ୍ଚାଇ ଦିଅ-ମୋ ସଞ୍ଜା ସିନ୍ଦୁରକୁ ଭଲ କରିଦିଅ। ସତରେ ଏହା କାହାଣୀ ନୁହଁ। ଜଣେ କର୍କଟ ରୋଗୀର ସ୍ତ୍ରୀଙ୍କ କରୁଣ ଦୃଶ୍ୟ। ଏଭଳି ହୃଦୟ ବିଦାରକ ଘଟଣା ସଦର ବ୍ଲକ ଅନ୍ତର୍ଗତ ବୋର୍ଡ଼। ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମର ରୂପାଧରତାଣ୍ଡି (୩୫)ଗତ ଦ୍ୱି ବର୍ଷ ତଳୁ ବ୍ଲଡ଼କ୍ୟାନ୍ସର ରୋଗରେ ପୀଡିତ। ଭବାନୀପାଟଣା ଡାକ୍ତର ଖାନାଠାରୁ ଆରମ୍ଭ କରି ବୁର୍ଲା ଭୁବନେଶ୍ୱର, କଟକ ସ୍ଥିତି ଡାକ୍ତର ଖାନାରେ ଚିକିତ୍ସା କରାଇଛନ୍ତି। ହେଲେ ଉପଶମ ପାଇବା ଦୂରର କଥା ଦିନକୁ ଦିନ ରୋଗ ବଢିଚାଲିଛି। ଏବେ ରୋଗ ଶଯ୍ୟାରେ ମରଣ ସହ ସଂଗ୍ରାମ କରୁଛନ୍ତି। ଘରରେ ଥିବା ସବୁ ପ୍ରକାର ଜିନିଷ ପତ୍ର ବିକ୍ରି କରି ଏ ଡାକ୍ତର ଖାନାରୁ ସେ ଡାକ୍ତର ଯାଇ ଚିକିତ୍ସା କରାଇଥିଲେ। ଶେଷରେ ନିଜ ବାସନ କୁସନ ବି ବିକ୍ରି କରି ଚିକିତ୍ସା ହେଲେ। ହେଲେ କିଛି ସୁଫଳ ମିଳିଲା ନାହିଁ। ଏବେ ଘର ଚାରିକାନ୍ଥ ଆବଦ୍ଧ କୋଠରୀ ଭିତରେ ଖଟ ଉପରେ ଛଟପଟ ହେଉଛନ୍ତି। କହିବାକୁ ଗଲେ ଜୀବନ ମରଣ ସହ ସଂଘର୍ଷ କରୁଛନ୍ତି। ଡାକ୍ତରଙ୍କ କହିବା ମତେ ଏହି ରୋଗର ଉନ୍ନତମାନର ଚିକିତ୍ସା ଆବଶ୍ୟକ। ସେଥିପାଇଁ ପ୍ରଚୁର ଅର୍ଥ ଆବଶ୍ୟକ ଥିବା ଡାକ୍ତର କହିଥିବା ସ୍ତ୍ରୀ ସଜନା ତାଣ୍ଡି ପ୍ରକାଶ କରନ୍ତି। ପରିବାର ଅତି ଗରିବ ଶ୍ରେଣୀର ଲୋକ ହୋଇଥିବା ବେଳେ କୋଉଠି ଏତେ ପରିମାଣ ଟଙ୍କା ଯୋଗାଡ କରିବେ ତାହା ସହଜରେ ଅନୁମେୟ। ପୀଡିତ ଜଣ ହିଁ ପନିପରିବା ବ୍ୟବସାୟ କରି ପରିବାରକୁ ପ୍ରତିପୋଷଣ କରୁଥିଲେ। ହେଲେ ଏବେ ସେ ରୋଗ ଶଯ୍ୟାରେ ପଡି ରହିଥିବା ବେଳେ ଅନାଟନ ଭିତରେ ପରିବାର। ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କାର୍ଡ ମାଧ୍ୟମରେ ଡାକ୍ତର ଖାନାରେ ଚିକିତ୍ସା କରି ସାରିଛନ୍ତି। ପରିବାରଙ୍କ କହିବା ମତେ କାର୍ଡରେ ଯେତେ ଟଙ୍କା ଥିଲା ଚିକିତ୍ସା କରାଇ ଶେଷ ହୋଇଯାଇଥିବା ଜଣାପଡିଛି। ବର୍ତ୍ତମାନ ଅର୍ଥର ଆବଶ୍ୟକ ରହିଥିବା ବେଳେ ସ୍ତ୍ରୀ 'ଓଡ଼ିଶା ଭାସ୍କର' ନ୍ୟୁଜ ମାଧ୍ୟମରେ ସରକାରଙ୍କୁ ସହାୟତା ପାଇଁ ହାତ ପାତିଛନ୍ତି। ସରକାର ଓ ଜିଲ୍ଲା ପ୍ରଶାସନ ରୂପାଧର ପ୍ରତି ଦୃଷ୍ଟି ଦେଇ ତା'ର ଉନ୍ନତ ଚିକିତ୍ସା କରାଇଲେ ହୁଏତ ପରିବାରରେ ପୁଣି ହସଖୁସି ଫେରି ଆସି ପାରନ୍ତା ବୋଲି ବୁଦ୍ଧିଜୀବୀ ଭିତରେ ଆଲୋଚନା ହେଉଛି। ବର୍ତ୍ତମାନ ତାଙ୍କର ଗୋଟାଏ ୨ବର୍ଷର ଶିଶୁ, ବିଧମା ମା' ଓ ସ୍ତ୍ରୀକୁ ନେଇ ଘର ସଂସାର। ରୂପାଧରଙ୍କ ଚିକିତ୍ସା ଜରୁରୀ ଥିବା ବେଳେ ବିଧବା ମା' ଓ ସ୍ତ୍ରୀ ସରକାରଙ୍କୁ ସହାୟତା ପାଇଁ ନିବେଦନ କରିଛନ୍ତି। ଏଣେ ତୁରନ୍ତ ଉନ୍ନତ ଚିକିତ୍ସା ପାଇଁ ପ୍ରଶାସନ ଓ ସରକାରଙ୍କ ନିକଟରେ ଗ୍ରାମବାସୀଙ୍କ ଦାବି ହେଉଛି। ଏନେଇ ଜିଲ୍ଲା ଚିକିତ୍ସା ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ ହିଁ ସମ୍ଭବ ହୋଇ ନ ଥିଲା।

## ପୁଣି ଲାଗିଲା ମାଓ ପୋଷ୍ଟର

# ପୋଲିସ ଇନଫର୍ମର କାମ ଛାଡ଼ିବାକୁ ଚେତାବନୀ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ମ.ରାମପୁର ଥାନା ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ପଞ୍ଚାୟତ ବାରବନ୍ଧା ଓ ଡୁଡୁକାରଞ୍ଜା ପଞ୍ଚାୟତର ପଞ୍ଚାୟତ ଅଫିସ, ବେଲଗାଁ ଛକ, ଡୁଡୁକାରଞ୍ଜା ଛକ ଇତ୍ୟାଦିରେ ମାଓ ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି। ଏହି ସବୁ ପୋଷ୍ଟରରେ ପୂର୍ବରୁ ନିହତ ହୋଇଥିବା ମାଓବାଦୀ ପଦ୍ମା ଓ କମଳାର ଅଧୁରା ସ୍ୱପ୍ନକୁ ପୂରଣ କରି ସେମାନଙ୍କ ଖାଲି ସ୍ଥାନ ପୂରଣ କରିବା ଭଳି ଅନେକ ଦାବି ରଖିଛନ୍ତି ମାଓବାଦୀ। ଏହି ପୋଷ୍ଟରରେ ପୋଲିସ ଇନ୍‌ଫର୍ମର୍ କାମ କରନ୍ତୁ ନାହିଁ, ଇନ୍‌ଫର୍ମର୍ ଭାବେ କାମ କରୁଥିବା ବ୍ୟକ୍ତି ଛାଡ଼ିବାକୁ ମାଓବାଦୀ ପାର୍ଟି (କେକେବିଏନ୍) ଡିଭିଜନାଲ କମିଟି ଆହ୍ୱାନ କରୁଛି, ଟଙ୍କା ବଡ଼ ନୁହେଁ, ଜୀବନ ବଡ଼ ଭାବି ପୁଲିସ ଖବରଦାତା କାମ ଛାଡ଼ନ୍ତୁ, ପୁଲିସର କଥାରେ ନିଜ ମାନବିକତାକୁ ବିକି ମରନ୍ତୁ ନାହିଁ, ପୁଲିସ ଅଫିସର ଓ ଗୁଇନ୍ଦା ଅଫିସରର ଭୟ, ଚାପ ଓ ପ୍ରଲୋଭନରେ ପଡ଼ନ୍ତୁ ନାହିଁ, ଗାଁ ଗାଁରେ ପୁଲିସ ସୂଚନାଦାତାଙ୍କୁ ଚିହ୍ନିତ କରି ମାଓବାଦୀ ପାର୍ଟିକୁ ସୂଚନା ଦିଅନ୍ତୁ ଏବଂ ପୁଲିସ ସୂଚନା ଦାତାକୁ ଗାଁରୁ ବହିଷ୍କାର କରନ୍ତୁ ବୋଲି ପୋଷ୍ଟରରେ ଉଲ୍ଲେଖ ରହିଛି। ମାଓବାଦୀ ପାର୍ଟି ଆପଣମାନଙ୍କର, ପାର୍ଟି ଉପରେ ବିଶ୍ୱାସ ଓ ଭରସା ରଖ, ପାର୍ଟିକୁ ବଞ୍ଚାଇବା ଆପଣମାନଙ୍କ ଦାୟିତ୍ୱ , ପାର୍ଟି ବିରୁଦ୍ଧରେ ଓ ପୁଲିସକୁ ସୂଚନା ଦେବା ପାଇଁ କହୁଥିବା ବ୍ୟକ୍ତିକୁ ବିରୋଧ କର, ଆଦିବାସୀ, ଦଳିତ ଯୁବକମାନେ ଆର୍‌ଏସ୍‌ଏସ୍ ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳରେ ଯୋଗ ଦିଅନ୍ତୁ ନାହିଁ। କାରଣ ସଙ୍ଘ ପରିବାର ଆଦିବାସୀ, ଦଳିତ ବିରୋଧୀ ଅଟେ। ପୁଲିସ ଇନ୍‌ଫର୍ମର୍ ବଦଳେ ହାତକୁ କାମ ପାଇଁ ସରକାର ପାଖରେ ଦାବି କରନ୍ତୁ ବୋଲି ଉଲ୍ଲେଖ ରହିଛି। ତେବେ ପ୍ରତିଦିନ ସ୍ଥାନୀୟ ଅଞ୍ଚଳରେ ମାଓ ପୋଷ୍ଟର କାରଣରୁ ଲୋକେ ଭୟଭୀତ ହେଉଥିବା ଜଣାପଡ଼ିଛି।

## କିଶୋର କବି ଅମ୍ଳାନଙ୍କର ଦ୍ୱିତୀୟ ଇଂରାଜୀ କବିତା ସଙ୍କଳନ 'ଇନ୍ ବିଟୁଇନ୍ ବ୍ଲୁମସ୍' ଲୋକାର୍ପିତ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଭବାନୀପାଟଣାର କିଶୋର କବି ଅମ୍ଳାନ ଅକ୍ଷାଂଶୁ ସାହୁଙ୍କର ଦ୍ୱିତୀୟ ଇଂରାଜୀ କବିତା ସଙ୍କଳନ 'ଇନ୍ ବିଟୁଇନ୍ ବ୍ଲୁମସ୍'ର ଶୁଭ ଉନ୍ମୋଚନ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ଯୁବ ସଂସ୍କାର ପ୍ରକୋଷ୍ଠରେ ୨୪ ତାରିଖ ରବିବାର ଅପରାହ୍ନରେ ଏକ ସାରସ୍ୱତ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମନୋଜ୍ଞ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ କଳାହାଣ୍ଡି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସଞ୍ଜୟ କୁମାର ଶତପଥୀ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ କବି ଭାଗୀରଥୀ ମିଶ୍ର ଉପସ୍ଥିତ ଥିବାବେଳେ ମୁଖ୍ୟବକ୍ତା ଭାବେ ଦୁର୍ଗାପ୍ରସାଦ ପଣ୍ଡା ଯୋଗ ଦେଇଥିଲେ। ପୁସ୍ତକଟିକୁ ସମୀକ୍ଷା କରିଥିଲେ ଇଂରାଜୀ ବିଭାଗ ମୁଖ୍ୟ ଡ. ଜୟଦେବ ସାହୁ, ଅଧ୍ୟାପକ ଗୋବିନ୍ଦ ସାହୁ ଏବଂ କବି ଲିଙ୍ଗରାଜ ପାତ୍ର। ପ୍ରାରମ୍ଭିକ ସୂଚନା ସାହିତ୍ୟିକ ତଥା ନାଟ୍ୟକାର ପରମେଶ୍ୱର ମୁଣ୍ଡ ପ୍ରଦାନ କରିଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ଅଧ୍ୟାପକ ବଙ୍କିମ ଚନ୍ଦ୍ର ମୁଣ୍ଡ ଓ ସଭାର ସଭାପତିତ୍ୱ ଭାର ତୁଲାଇଥିଲେ କବି ସତ୍ୟ ପଟ୍ଟନାୟକ। ମଞ୍ଚାସୀନ ଅତିଥିମାନଙ୍କ ସମେତ ଉପନ୍ୟାସିକ ରାସବିହାରୀ ବେହେରା, ନାଟ୍ୟକାର ଉମେଶ ଚନ୍ଦ୍ର ଶତପଥୀ, କବି ଡଃ. ହରେକୃଷ୍ଣ ମେହେର, ଗବେଷକ ଉମାଶଙ୍କର କର, ଡଃ ଦାଶରଥି ଆଚାର୍ଯ୍ୟଙ୍କ ଗହଣରେ କବିତା ସଙ୍କଳନର ଉନ୍ମୋଚନ ପର୍ବ ଅନୁଷ୍ଠିତ ହୋଇଥିଲା। ଧନ୍ୟବାଦ ଅର୍ପଣ କରିଥିଲେ କବି, ଚିତ୍ରକର ଡା. ଦୀନବନ୍ଧୁ ସାହୁ। ଏହି ଅବସରରେ ଏକ ବହୁଭାଷୀ କବିତା ପାଠୋତ୍ସବର ଆୟୋଜନ ମଧ୍ୟ କରାଯାଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ବର୍ଷିଆନ୍ କବି ପ୍ରହ୍ଲାଦ ଶତପଥୀ, ସମ୍ମାନିତ ବକ୍ତାଭାବେ ପରମେଶ୍ୱର ମୁଣ୍ଡ, ଡଃ. ତପନ ରଥ, ବଙ୍କିମ ଚନ୍ଦ୍ର ମୁଣ୍ଡ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। କବିତା ପାଠୋତ୍ସବର ଅଧ୍ୟକ୍ଷତା କରିଥିଲେ ନାଟ୍ୟକାର ଡଃ. ଉମେଶ ଚନ୍ଦ୍ର ଶତପଥୀ। ଇଂରାଜୀ, ହିନ୍ଦୀ, ଓଡ଼ିଆ, କୋସଲି, କୁଇ ଆଦି ଭାଷାରେ କବିମାନେ ନିଜସ୍ୱ କବିତା ପାଠ କରିଥିଲେ। ଏହି କବିତା ଆସରରେ ଭାଗୀରଥୀ ମିଶ୍ର, ସତ୍ୟ ପଟ୍ଟନାୟକ, ପ୍ରହ୍ଲାଦ ଶତପଥୀ, ଦୁର୍ଗା ପ୍ରସାଦ ପଣ୍ଡା, ସୁଧୀର ମେହେର, ତପନ ରଥ, ଲଳିତ କାନୁନଗୋ, ଜୟଦ୍ରଥ ସୁନା, ରାଜେଶ ମୁଣ୍ଡ, ବଙ୍କିମ ମୁଣ୍ଡ, ନାହେଦା ସାହିନ, ପୁଣ୍ୟଦୀପା ଖମାରୀ, ତପନ ସାହୁ ପ୍ରମୁଖ ଯୋଗଦାନ କରିଥିଲେ। କବି ରୁବି ଚୌଧୁରୀ, ପ୍ରଶାନ୍ତ ଦାଶ ସଂଯୋଜନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଡା. ଦୀନବନ୍ଧୁ ସାହୁ। କିଶୋର କବି ଅମ୍ଳାନଙ୍କର ପ୍ରକୃତି ଓ ଜୀବନବାଦ ସମ୍ପର୍କରେ ଆଧାରିତ 'ଇନ୍ ବିଟୁଇନ୍ ବ୍ଲୁମସ୍' ର ଉନ୍ମୋଚନ ଉତ୍ସବରେ ସାହିତ୍ୟରେ ରୁଚି ରଖୁଥିବା ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ବ୍ଲାକ୍ ଇଗଲସ୍ ବୁକ୍ ଦ୍ୱାରା ପ୍ରକାଶିତ ଶହେ କୋଡ଼ିଏ ପୃଷ୍ଠା ବିଶିଷ୍ଟ ଏହି ସଂକଳନରେ କିଶୋର କବି ଅମ୍ଳାନଙ୍କର ୪୫ ଗୋଟି କବିତା ସ୍ଥାନିତ ହୋଇଛି। ଏହା ପୂର୍ବରୁ କବି ଅମ୍ଳାନ ଅକ୍ଷାଂଶୁ ସାହୁଙ୍କ ପ୍ରଥମ କବିତା ସଙ୍କଳନଟି ଅନ୍ତର୍ଜାତିକ ସ୍ତରରେ ପ୍ରଶଂସିତ ହୋଇଥିଲା।

## ନୂତନ ଏସ୍‌ଡିପିଓଙ୍କ ସାକ୍ଷାତକାର



କେସିଙ୍ଗା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ଆଦର୍ଶ ଥାନାରେ ନୂତନ ଏସ୍‌ଡିପିଓ ରୋହିତ ବର୍ମାଙ୍କ ଗଣମାଧ୍ୟମ ଓ ପୁଲିସ ମଧ୍ୟରେ ସମନ୍ୱୟ ପାଇଁ ଏକ ସୌଜନ୍ୟ ମୂଳକ ସାକ୍ଷତକାର କେସିଙ୍ଗା ଏସ୍‌ଡିପିଓ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ବର୍ମା ୨୦୧୯ ବ୍ୟାଚ୍ ଆଇପିଏସ୍ ଅଫିସର ବୋଲି ଜଣାପଡିଥିବା ବେଳେ ସେ ବାଲିଗୁଡା ଏସ୍‌ଡିପିଓ ଭାବରେ ସଫଳତାର ସହିତ କାମ କରି ଉଚ୍ଚ ପ୍ରଶଂସିତ ହୋଇଥିବା ଜଣାପଡିଛି। ସେ ଅଞ୍ଚଳର ସମସ୍ତ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ କେସିଙ୍ଗାର ବିଭିନ୍ନ ସମସ୍ୟା ଉପରେ ବିସ୍ତୃତ ଭାବରେ ଆଲୋଚନା କରି କେସିଙ୍ଗା ଅଞ୍ଚଳର ଉନ୍ନତିରେ ମିଳିମିଶି କାମ କରିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ସାଧାରଣ ଲୋକଙ୍କ ସହ କିପରି ପୁଲିସର ସମନ୍ୱୟ ରହିବ ସେନେଇ ଆପଣମାନଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି ବୋଲି ସେ କହିଥିଲେ। ଏହି ସୌଜନ୍ୟମୂଳକ ସାକ୍ଷାତକାରରେ ବରିଷ୍ଠ ସାମ୍ବାଦିକ ସୁଶାନ୍ତ କୁମାର ମହାପାତ୍ର, ସୁରେଶ ଅଗ୍ରୱାଲ, ଦୟାନିଧି ସୁନାନୀ, ଡମ୍ବରୁ ଭୋଇ, ଗାଜିନ୍ଦ୍ର ସାହୁ, ମହମ୍ମଦ ଆଗାଜାନ, ଶିବ ପ୍ରସାଦ ସାହୁ, ବିନୋଦ ଜୈନ, ସଂଗ୍ରାମ ଦେଓ ପ୍ରମୁଖ ସହ ଅନ୍ୟ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ।

# ଦାରୁଣ ନିଦାଘରେ ଖିଲିଖିଲି ହସୁଛି କୃଷ୍ଣଚୂଡ଼ା



କୋକସରା, (ଭାସ୍କର ନ୍ୟୁଜ୍): ପ୍ରଚଣ୍ଡ ଖରାରେ ତ୍ରାହି ତ୍ରାହି ଡାକୁଛି ସଂସାର, କିନ୍ତୁ ଦାରୁଣ ନିଦାଘକୁ ଖାତିର ନକରି ମନଖୋଲି ହସୁଛି କୃଷ୍ଣଚୂଡ଼ା। ତପ୍ତ ବୈଶାଖରେ ତା'ର ଜନ୍ମ, ଗ୍ରୀଷ୍ମ ପୂର୍ବାହ୍ନରେ ତାରୁଣ୍ୟ ଆଉ ମୁଣ୍ଡଫଟା ଖରାରେ ତା'ର ଯୌବନ। ସେ ପ୍ରେମକରେ ନିଦାଘକୁ। ପ୍ରଚଣ୍ଡ ରୌଦ୍ରତାପକୁ ଗର୍ଭସ୍ଥ କରି ନିଜେ ଜଳି ଜଳି ଅନ୍ୟ ପାଇଁ ହସେ। ଏହାରି ଭିତରେ ଏକ ବାର୍ତ୍ତା ରହିଛି ନାରୀ ଜାତି ଏହି କୃଷ୍ଣଚୂଡ଼ା ପରି ଅନେକ ଯନ୍ତ୍ରଣାକୁ ଛାତିରେ ଚାପି ରଖି ନିଜ ପରିବାର ପାଇଁ ସମାଜ ପାଇଁ ହସି ହସି ସବୁ କାମ କରି ଯାଇଥାନ୍ତି। ଜୀବନ ଜୀଇଁବାର କଳା ସିଖାଇଥାଏ କୃଷ୍ଣଚୂଡ଼ା। ଦେବ ଯୋଗ୍ୟ ନହେଲେ ମଧ୍ୟ ଏହି ଅପୂର୍ବ ଫୁଲ ସହ ଯୋଡ଼ି ହୋଇଯାଇଛି ଯଦୁପତି ଯୋଗେଶ୍ୱର ଭଗବାନ ଶ୍ରୀକୃଷ୍ଣଙ୍କ ନାମ। କୃଷ୍ଣ ଯେପରି ସନାତନ ଧର୍ମଧାରାର ଲୋକଙ୍କ ପ୍ରୀୟ ସେମିତି ଏହି ଫୁଲ ଓ ଗଛ ସମସ୍ତଙ୍କର ପ୍ରିୟ। ସମସ୍ତେ ତା'ର ହସରେ ବିମୋହିତ ହୋଇ ଯାଆନ୍ତି। କର୍ମକ୍ଳାନ୍ତ ଶରୀର କୃଷ୍ଣଚୂଡ଼ାକୁ ଦେଖି କ୍ଷଣିକ ପାଇଁ ଭୁଲିଯାଏ ଶାରୀରିକ ବେଦନା। ଓଡ଼ିଶାର ଗାଁ ଗଣ୍ଡାଠାରୁ ଆରମ୍ଭ କରି ସହର ବଜାର ସବୁଠି ଶୋଭା ପାଉଛି ଏହି ବାସହୀନ ଫୁଲ। କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍‌ର ପ୍ରାୟ ପ୍ରତ୍ୟେକ ଗାଁରେ ପସରା ମେଲିଛି କୃଷ୍ଣଚୂଡ଼ା। ରାସ୍ତାର ଦୁଇ ପାର୍ଶ୍ୱ ସହ ଗାଁର ଏଠି ସେଠି ରହି ଜନତାଙ୍କ ମନରେ ବାଣ୍ଟି ଚାଲିଛି ଆନନ୍ଦର ଢେଉ। ଶୀଘ୍ର ବଢୁଥିବାରୁ ଏହି ଗଛକୁ ରାସ୍ତାକଡ଼ରେ ଲଗାଇବାକୁ ଅଧିକ ପ୍ରାଧାନ୍ୟ ଦିଆଯାଉଛି। ତେବେ ଏହି ପ୍ରଜାତିର ରାଧାଚୁଡା (ହଳଦିଆ ଫୁଲ) ଝଡ ବାତ୍ୟାକୁ ସହ୍ୟ କରି ପାରୁଥିବା ବେଳେ କୃଷ୍ଣଚୂଡ଼ା ସହ୍ୟ କରିପାରେ ନାହିଁ। ତେଣୁ ବିଦ୍ୟୁତ ଖୁଣ୍ଟ ଓ ତା'ର ପାଖରେ ଏହି ଗଛକୁ ନଲଗାଇଲେ ଭଲ। ତେବେ ସେ ଯାହାହେଉ ଗ୍ରୀଷ୍ମରେ ଏହି ଫୁଲକୁ ଦେଖି ଅନାମନା ହୋଇ ଯାଉଛି କବିର ମନ। ଲେଖି ପକାଉଛି କବିତା ଉପରେ କବିତା। ଭାବୁକ ଓ ପ୍ରେମିକ-ପ୍ରେମିକାଙ୍କ ମନରେ କୃଷ୍ଣଚୂଡ଼ାକୁ ନେଇ ସ୍ୱପ୍ନ ଓ କଳ୍ପନାର ଅନ୍ତ ନାହିଁ। ଗ୍ରୀଷ୍ମର ତାତି ସହିତ ସୂର୍ଯ୍ୟଙ୍କ ପ୍ରଖର କିରଣରେ ଝଟକୁଛି କୃଷ୍ଣଚୂଡ଼ା। ଏହାର ରଙ୍ଗରେ ରଙ୍ଗୀନ ହୋଇଛି ସାରା ଓଡ଼ିଶା। ଯାହା କବି ଓ ପ୍ରକୃତ ପ୍ରେମୀଙ୍କୁ କରିଛି ଆନମନା।

## ଆଞ୍ଚଳିକ ଯୁବ ଯାଦବ ସମିତିର ସମାବେଶ

# 'ଶିକ୍ଷା ବିନା ସମାଜର ଉନ୍ନତି ଅସମ୍ଭବ'



କୋକସରା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ଲଡୁଗାଁ ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ରବିବାର ଲଡୁଗାଁ ଆଞ୍ଚଳିକ ଯୁବ ଯାଦବ ସମିତିର ଏକ ସମାବେଶ ଅନୁଷ୍ଠିତ ହୋଇଛି। ପ୍ରଥମେ ଅତିଥିମାନେ ମଞ୍ଚାସୀନ ହେବାପରେ ସମାଜର ଆରାଧ୍ୟ ଦେବ ଯଦୁପତି ଭଗବାନ ଶ୍ରୀକୃଷ୍ଣଙ୍କ ପୂଜାର୍ଚ୍ଚନା କରାଯାଇ ସଭାକାର୍ଯ୍ୟ ଆରମ୍ଭ ହେଇଥିଲା। ଏହାପରେ ସ୍ୱର୍ଗତ ଉତ୍କଳ ଯାଦବ ମହାସଭାର ସମ୍ପାଦକ ଧନେଶ୍ୱର ଭାଟିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। କୋକସରା ବ୍ଲକ୍ ଯୁବ ଯାଦବ ସଭାପତି ଶରତ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ମୁଖ୍ୟ ଅତିଥିଭାବେ ଧର୍ମଗଡ଼ ବିଧାୟକ ମୌଷଧୀ ବାଗ ଯୋଗଦେଇ ଶିକ୍ଷା ବିନା ସମାଜର ଉନ୍ନତି ଅସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ଅତିଥି ଭାବେ କୋକସରା ଜିଲ୍ଲା ପରିଷଦ ସଭ୍ୟ ତ୍ରିନାଥ ବାଗ, ମୁଖ୍ୟବକ୍ତା ଭାବେ କୋକସରା ବ୍ଲକ୍ ଯାଦବ ମହାସଭା ସାଧାରଣ ସମ୍ପାଦକ ଅଲେଖ ଗୋପାଳ ଯୋଗଦେଇ ଯୁବକ ବିନା ସମାଜ ତିଷ୍ଠିବା ଅସମ୍ଭବ, ତେଣୁ ଯୁବକମାନେ ସମାଜ ପାଇଁ ସଦା ସର୍ବଦା ଆଗଭର ହେବାପାଇଁ ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥି ପୂର୍ବତନ ଧର୍ମଗଡ଼ ଉପଖଣ୍ଡ ଯାଦବ ସମ୍ପାଦକ ଡମ୍ବରୁଧର ଖର୍ସେଲ, କୋକସରା ବ୍ଲକ୍ ଯାଦବ ସଭାପତି ବିନୋଦ ରାଉତ, ସହସମ୍ପାଦକ ଧନସିଂ ବାଗ, କଳାହାଣ୍ଡି ଜିଲ୍ଲା ଯୁବ ଯାଦବ ମହାସଭା ସାଧାରଣ ସମ୍ପାଦକ ଲିଙ୍ଗରାଜ ବେହେରା, ଜିଲ୍ଲା ଯୁବ ଯାଦବ ସମ୍ପାଦକ ହିମାଞ୍ଚଳ ରାଉତ, ଲଡୁଗାଁ ଅଞ୍ଚଳିକ ଯାଦବ ଉପସଭାପତି ଶଙ୍କର ବାରିକ, ରାଜିବ ହଂସ, କାର୍ଯ୍ୟକାରୀ ସଭାପତି ରୁସ୍ୟସୃଙ୍ଗ ଜାଲ, ସୁଧାଂଶୁ ଶେଖର ନାଗ, ମେଘନାଦ ଚଣ୍ଡୀ, କନ୍ଦ୍ରେଶ୍ୱର ଭାଟି, କୁସୁମଖୁଣ୍ଟି ଆଞ୍ଚଳିକ ଯାଦବ ସମିତି ସମ୍ପାଦକ ହିରଣ୍ୟ ବେହେରା, ଜଗଦୀଶ ନାଏକ, ତୁଳାରାମ ବେହେରା ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଏହି ଅବସରରେ ସମାଜର ଅବହେଳିତ ଓ ଦୁର୍ବଳ ସ୍ଥିତିରେ ଥିବା ପରିବାରକୁ ସହଯୋଗ ପ୍ରଦାନ, ଶିକ୍ଷା, ସ୍ୱାସ୍ଥ୍ୟ, ଅର୍ଥନୈତିକ, ରାଜନୈତିକ, ଓବିସି ସଂରକ୍ଷଣ ବ୍ୟବସ୍ଥା ଓ ବର୍ତ୍ତମାନ ଚାଲିଥିବା ଓବିସି ସର୍ଭେ ବିଷୟରେ ଆଲୋଚନା ହୋଇଥିଲା। ରାଷ୍ଟ୍ରୀୟ ଓବିସି ଜାତି ଆଧାରିତ ଜନଗଣନା ପାଇଁ ଦାବି ଉଠିଥିଲା। ଏହି ସମାବେଶରେ ଫକୀର ମୋହନ ହଂସ, ମଧୁ ସୁଦନ ଚଣ୍ଡୀ, ମକରନ୍ଦ ହଂସ, ଈଶ୍ୱର ହଂସ, ଭଗବାନ ହଂସ ସମେତ ବ୍ଲକର ବିଭିନ୍ନ ଅଞ୍ଚଳରୁ ଶତାଧିକ ଆଞ୍ଚଳିକ ଯାଦବ ସମାଜର କର୍ମକର୍ତ୍ତାମାନେ ଯୋଗଦେଇ ଥିଲେ। ମଞ୍ଚକୁ ଲଡୁଗାଁ ଆଞ୍ଚଳିକ ଯୁବ ଯାଦବର ସମ୍ପାଦକ ଯୋଗୀନ୍ଦ୍ର ହଂସ ଓ ସୁଧୀର କୁମାର ନାଗ ପରିଚାଳନା କରିଥିଲେ। ଅନୀଲ ରାଉତ, ଅଶ୍ୱିନୀ ରାଉତ, ମକ୍ରନ ବଛା, ଦୁର୍ଯୋଧନ ତାଣ୍ଡି, ଲିଙ୍ଗରାଜ ନାଗ, ରୁକ୍ମଣ ବାରିକ, କୁରୁକ୍ଷେତ୍ର ନାଗ, କିଶୋର ନାଗ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଗିରିଧାରୀ ଯୁଏଡ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଶିଫଳ

**ମଙ୍ଗଳବାର, ୧୬ ମଇ ୨୦୨୩**



**ମେଷ:** ଶତ୍ରୁମାନେ ମୁଣ୍ଡ ନୂଆଇଁବେ। ପରିବାରରେ ଅପ୍ରିତିକର ପରିସ୍ଥିତି ଦେଖା ଦେଲେ ମଧ୍ୟ ତାହା କୌଶଳକ୍ରମେ ସମାଧାନ କରିବେ। ରାସ୍ତା ଘାଟରେ ଅତ୍ୟନ୍ତ ସତର୍କତା ସହ ଯାତାୟତ କରିବା ଉଚିତ। ଯାହାର ବେଶି ଉପକାର କରିଥିବେ ତାହାଦ୍ୱାରା ବେଶି ଆଘାତ ପାଇବେ। ବହୁତ ଦିନରୁ ରଖିଥିବା ଧନ ଭିନ୍ନ ବାଟରେ ଖର୍ଚ୍ଚ ହୋଇବ।



**ବୃଷ:** ଘରୋଇ ସଂସ୍ଥାରେ କର୍ମରତ ବ୍ୟକ୍ତିମାନେ ବିଶେଷ ଲାଭବାନ ହେବେ। ଇନ୍ଦ୍ରିୟ ପରାୟଣତା ଓ ବିଷୟବାସନା ଉପରେ ଅଧିକ ଗୁରୁତ୍ୱ ଦେବେ। ପାରିବାରିକ ସ୍ତରରେ ଭୁଲ ବୁଝାମଣା ଜନିତ ସମସ୍ୟା ସମାଧାନ ହୋଇ ଉନ୍ନତି ସହ ଶାନ୍ତି ଉପୁଜିବ। ଆତ୍ମୀୟମାନଙ୍କର ଉପଚାର ରୋଗ ନିବୃତ୍ତି ପାଇଁ ଅଧିକ ଅର୍ଥଖର୍ଚ୍ଚ ହୋଇଯିବ।



**ମିଥୁନ:** ଆଇନ ଅଦାଲତ କ୍ଷେତ୍ରରେ ବିଜୟୀ ହେବେ। ପାରିଶ୍ରମିକ ତୁଳନାରେ ଅଧିକ ଶ୍ରମ କରିବେ। ପାରିବାରିକ ସମସ୍ୟାକୁ ସମାଧାନ କରି ପରିବାରରେ ପ୍ରୀତିଭାଜନ ହେବେ। ଗୃହୋପକରଣ କ୍ରୟ କରିବା ପାଇଁ ମନ ବଳେଇ ପାରନ୍ତି।



**କର୍କଟ:** ଅର୍ଥ ସମ୍ପର୍କୀୟ କଥାହେବା ପାଇଁ ସମୟ ପ୍ରାୟତଃ ଅନୁକୂଳ ରହିବ। ପ୍ରବାସରେ ମଧ୍ୟ କେତେକ କ୍ଷେତ୍ରରେ ଉନ୍ନତିକର ହେବ। ପରିବାରରେ ଆଦରଣୀୟ ହୋଇ ସୁଖଭୋଗ କରିବେ। ଅଧ୍ୟୟନ, ଅଧ୍ୟାପନା ତଥା ରଚନାତ୍ମକ କ୍ଷେତ୍ରରେ ଆଗ୍ରହ ବଢିବ। ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ।



**ସିଂହ:** ଦୂରଯାତ୍ରା କରିବା ଦ୍ୱାରା ବହୁତ ଲାଭ ମିଳିବ। ବ୍ୟାଙ୍କ, ବୀମା, ନିବେଶ ପରି ଆର୍ଥିକ ଗତିବିଧିରେ ବ୍ୟସ୍ତ ରହିବେ। ହଠାତ ମତ ପରିବର୍ତ୍ତନ କରି ସମସ୍ତଙ୍କୁ ଚକିତ କରି ଦେବେ। ପରୀକ୍ଷା ପ୍ରତିଯୋଗୀତାରେ କୃତକାର୍ଯ୍ୟ ହୋଇ ଉଚ୍ଚଶ୍ରେଣୀ ପାଇବେ। ପ୍ରତ୍ୟେକ କ୍ଷେତ୍ରରେ ଉଚ୍ଚସ୍ଥିତି ରକ୍ଷା କରି ଚଳିବେ। କର୍ମକ୍ଷେତ୍ରରେ ଶୁଭ ଫଳ ପାଇବେ।



**କନ୍ୟା:** ସାମାଜିକ ପ୍ରତିଷ୍ଠା, ମାନସମ୍ମାନ ବୃଦ୍ଧି ହେବ। କର୍ମକ୍ଷେତ୍ରରେ ଦୀର୍ଘଦିନର ଆଶା ପୂରଣ ହେବା ଫଳରେ ପ୍ରଶଂସିତ ହେବେ। ବାଦବିବାଦ, ପରୀକ୍ଷା ପ୍ରତିଯୋଗିତା, ମାଲିମୋକଦ୍ଦମା ଓ ସାକ୍ଷାତ୍କାରରେ ସଫଳ ହେବେ। ବକେୟା ଅର୍ଥ କିଛି ମିଳିବ ଓ ଆୟ ଉପାର୍ଜନର ବୃଦ୍ଧି ହେବ। ବନ୍ଧୁ ବାନ୍ଧବଙ୍କଦ୍ୱାରା ଅନେକ କାର୍ଯ୍ୟ ହାସଲ କରିବେ।



**ତୁଳା:** କଳା, ସାହିତ୍ୟ, କ୍ରୀଡା, ଚଳଚ୍ଚିତ୍ର ତଥା ଆନୁଷ୍ଠାନିକ କାମରେ ପ୍ରଶଂସା ମିଳିବ। ଆୟ ବୃଦ୍ଧି ହୋଇ ଆର୍ଥିକ ଉନ୍ନତି ହେବା ସହ ଗୃହବାହାନ ପ୍ରାପ୍ତି ହେବ। କର୍ମ ନିଯୁକ୍ତି କ୍ଷେତ୍ରରେ ଆପ୍ରାଣ ଚେଷ୍ଟା କରି ସଫଳ ହେବେ। ବ୍ୟବସାୟକୁ ପ୍ରସାରିତ କରିବେ। ବ୍ୟବସାୟରେ ଅତ୍ୟନ୍ତ ଲାଭ ହେବେ।



**ବିଛା:** ଶତ୍ରୁମାନେ ମିତ୍ରଭାବ ଆଚରଣ କରିବେ। ବ୍ୟବସାୟରେ ସଫଳତା ଅର୍ଜନ ତଥା ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ବାଦବିବାଦ, ମାଲିମୋକଦ୍ଦମା, ଖେଳ, କୁଦ, ପ୍ରତିଯୋଗିତାରେ ପ୍ରଶଂସା ପାଇବେ। ରାଜନୀତିରେ ସଫଳତା ମିଳିବ। କର୍ମକ୍ଷେତ୍ରଟି ସୁଦୃଢ ହେବ ଓ ବ୍ୟୟ ଅପେକ୍ଷା ଆୟ ବୃଦ୍ଧି ହେବ। କର୍ମକ୍ଷେତ୍ରରେ ସହକର୍ମୀ ଓ ଉପରିସ୍ଥ କର୍ମଚାରୀଙ୍କ ଠାରୁ ପ୍ରଶଂସିତ ହେବେ। ପାରିବାରିକ କ୍ଷେତ୍ରରେ ଶାନ୍ତି ବିରାଜମାନ କରିବ।



**ଧନୁ:** ସାମାଜିକ କାର୍ଯ୍ୟରେ ସଫଳ ସିଦ୍ଧହେବେ। ପରିବାରରେ ଖୁସିର ବାତାବରଣ ସ୍ଥାୟୀ ରହିବ। ସୁଖ ସମୃଦ୍ଧି ବୃଦ୍ଧି ଓ ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନ ହେବ। ସେୟାର ବଜାରରେ ଲାଭ ମିଳିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇ ଯଶ, ମାନସମ୍ମାନ ପ୍ରତିଷ୍ଠା ମିଳିବ। ପାରିବାରିକ ସ୍ଥିତିରେ ଶାନ୍ତି ପାଇବେ। ଦୂରଯାତ୍ରାର ସୁଯୋଗ ମିଳିବ। ବିଦ୍ୟାକ୍ଷେତ୍ରରେ କମ୍ ପରିଶ୍ରମରେ ଆଶାଜନକ ଫଳ ପ୍ରାପ୍ତିହେବା ଫଳରେ ପ୍ରଶଂସିତ ହେବେ।



**ମକର:** ସନ୍ତାନର ଭବିଷ୍ୟତ ପାଇଁ ଯୋଜନା କରି ପୁଞ୍ଜି ନିବେଶ କରିବେ। ଜାଗା, ଜମି, ବାସଗୃହ ଓ ଯାନବାହାନ କ୍ରୟ କରିବାର ସୁବିଧା ପାଇବେ। ହସଖୁସିରେ ସମୟ ବିତାଇବେ। ପରିବାରରେ ଯେତେ ସମସ୍ୟା ଥିଲେ ମଧ୍ୟ ଶାନ୍ତି ଅନୁଭବ କରିବେ। ଚାକିରୀ କ୍ଷେତ୍ରରେ ପଦୋନ୍ନତିର ସୂଚନା ପାଇବା ସହ ସ୍ଥାନାନ୍ତର ମଧ୍ୟ ହୋଇ ପାରେ। ଶିକ୍ଷାକ୍ଷେତ୍ରରେ ପରୀକ୍ଷା ପରିଣାମ ଅନୁକୂଳ ହେବ।



**କୁମ୍ଭ:** ବ୍ୟବସାୟରେ ଆତ୍ମବିଶ୍ୱାସ ବୃଦ୍ଧି ପାଇବା ସହ କମ୍ ପରିଶ୍ରମରେ ଆଶାଜନକ ଫଳ ପ୍ରାପ୍ତିହେବ। ଗୃହୋପକରଣ କ୍ରୟ କରିବା ପାଇଁ ମନ ବଳେଇବେ। ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଖୁସି ରହିବ। ରାଜନୈତିକ ଜୀବନ ଝଡଝଞ୍ଝାମୟ ହେବାର ସମ୍ଭାବନା ରହିଛି। ସ୍ୱାସ୍ଥ୍ୟ ପାଇଁ ସତର୍କ ରହିବା ଉଚିତ। ଈର୍ଷାପରାୟଣ ବ୍ୟକ୍ତିମାନେ କଟୁ ବଚନ ଶୁଣେଇବେ।



**ମୀନ:** ବ୍ୟବସାୟ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତିହେବା ସହ ବ୍ୟବସାୟରେ ଭଲ ଲାଭହେବ ଓ ଋଣରୁ ମୁକ୍ତି ମିଳିବ। ସମସ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଲେ ଅଚାନକ ଧନପ୍ରାପ୍ତି ହେବ। ଗୃହୋପକରଣ କ୍ରୟ କରିବା ପାଇଁ ମନ ବଳେଇବେ ଓ ଧାର୍ମିକ କାର୍ଯ୍ୟରେ ରୁଚି ବୃଦ୍ଧି ହେବ। ବନ୍ଧୁଙ୍କୁ ଆପ୍ୟାୟିତ କରିବାରେ ସମର୍ଥ ହେବେ। ପ୍ରତିଯୋଗୀତାରେ କୃତକାର୍ଯ୍ୟ ହୋଇ ଉଚ୍ଚଶ୍ରେଣୀ ପାଇବେ ।



ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଚିକିଟୀ, (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଚିକିଟୀ ପୌରପରିଷଦରେ ମହାଲକ୍ଷ୍ମୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ ପଣ୍ଡିତ ଅଶୋକ କୁମାର ପାଢିଙ୍କ ପୌରୋହିତ୍ୟରେ ଶନିବାର ଠାରୁ ଶୁଭାରମ୍ଭ ହୋଇଛି । ପ୍ରଥମ ଦିବସରେ ମଣ୍ଡଳାଧିବାସ, ଅଙ୍କୁରାରୋପଣ ଓ ନାମଧିବାସ କରାଯାଇଥିବାବେଳେ ଦ୍ୱିତୀୟ ଦିବସରେ ପ୍ରାତଃକାଳରେ ନିକଟସ୍ଥ ବାହୁଦା ନଦୀରୁ ଶହ ଶହ ମହିଳା ଜଳଯାତ୍ରା କରିଥିବା ସହ ଦିକ୍ଷା ଗ୍ରହଣ, ପ୍ରତିଷ୍ଠା ଆରମ୍ଭ, ସାଲାସଂସ୍କାର, ବଇଦିକାଗ୍ନି ସ୍ଥାପନ ଓ ନାମଯଜ୍ଞ ଆରମ୍ଭ ହୋଇଥିଲା । ସୋମବାର ଦିନ ମଣ୍ଡଳ ପୂଜା ଘୃତଯଜ୍ଞ୍ୟ ଦେବତାଧିବାସ ରୁକବେଦାନ୍ତ ଏକସହ ଆଠ ଶ୍ରୀ ସୂକ୍ତପାରାୟଣ ଓ ହବନ, ମଙ୍ଗଳ ବାରରେ ମହାସ୍ନାନ ଦେବତା ସ୍ୱସ୍ତିକ ମଣ୍ଡଳେ ସୟନ ଓ ଯିବାନ୍ୟାସ, ବୁଧୁବାରରେ ପାର୍ଶ୍ୱଦ୍ୱାର ଚକ୍ର ଧ୍ୱଜ ସ୍ଥାପନ, ମହାଧିକ ଭ୍ରମଣ, ଯଯମାନ ପ୍ରତିଷ୍ଠା ଓ ପୂର୍ଣ୍ଣାହୁତି ସହ ଅଞ୍ଚଳର ସର୍ବମଙ୍ଗଳ ନିମନ୍ତେ ପ୍ରାର୍ଥନା କରିବା ସହ ଅନେକ ରଙ୍ଗା ରଙ୍ଗ କାର୍ଯ୍ୟକ୍ରମ ସମ୍ପାଦନ କରିବା ନିମନ୍ତେ ଧାର୍ଯ୍ୟ କରାଯାଇଥିବାବେଳେ ଭକ୍ତମାନଙ୍କୁ ପ୍ରତିଦିନ ପ୍ରସାଦ ସେବନ ନିମନ୍ତେ ବ୍ୟବସ୍ଥା କରାଯାଇଥିବା ମନ୍ଦିର କମିଟି ମୁଖ୍ୟ ସଭାପତି ଧର୍ମା ସାହୁ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ସକାଶେ ଚିକିଟୀ ପେଣ୍ଠ ତଥା ଆଖପାଖ ଅଞ୍ଚଳର ଅନେକ ଜ୍ଞାନୀଗୁଣୀ ବ୍ୟକ୍ତିମାନେ ପୂର୍ଣ୍ଣ ସହଯୋଗ କରୁଥିବା ମଧ ଦେଖିବାକୁ ମିଳିଛି । ଏଠାରେ ପଣ୍ଡିତ ଅଶୋକ କୁମାର ପାଢୀ ମୁଖ୍ୟଯଗ୍ନିକ ହୋଇଥିବାବେଳେ ଦ୍ୱାରିକାନାଥ ସତପତି, ରୂପଚନ୍ଦ୍ର ପାଢୀ, ରାଜୀବଲୋଚନ, ପ୍ରୋମୋଦ ପଣ୍ଡା ପ୍ରମୁଖ ଯୋଗଦାନ କରିଥଲେ ।

## ମନରେଗା କାମରେ ମହାଦୁର୍ନୀତି

# ସ୍ୱର ଉତ୍ତୋଳନ କରିବାରୁ ଥାନାରେ ଏତଲା

ଚିକିଟୀ, (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଚିକିଟୀ ବ୍ଲକରେ ମନରେଗା କାମରେ ବ୍ୟାପକ ଦୁର୍ନୀତି ହେବାରେ ଲାଗିଛି । ଇତି ମଧ୍ୟରେ ରମ୍ଭା ପଞ୍ଚାୟତରେ କିଛିବର୍ଷ ହେଲା ବ୍ୟାପକ ଦୁର୍ନୀତି ଘଟୁଛି ବୋଲି ଗ୍ରାମର ଜନସାଧାରଣ ସ୍ୱର ଉଠାଇଥିଲେ । ତେବେ ଦୁର୍ନୀତି କରିବା ବ୍ୟକ୍ତିମାନେ ମେଳିବାନ୍ଧି ଉଦ୍ଦେଶ୍ୟମୂଳକ ଭାବରେ ତଥ୍ୟ ପଦାକୁ ଆଣିଥିବା ବ୍ୟକ୍ତିଙ୍କ ନାମରେ କେ.ନୂଆଗାଁ ଥାନାରେ ଏତଲା ଦେଇଥିଲେ । ଅଭିଯୋଗ ହେବା ପରେ ଆଜି ଶହ ଶହ ମହିଳା ପୁରୁଷ ମିଶି କେ.ନୂଆଗାଁ ଥାନା ଆଗରେ ଜମାହୋଇଥିଲେ । ଅଭିଯୋଗ ପ୍ରକାରେ ରମ୍ଭା ପଞ୍ଚାୟତରେ ଚାଲିଥିବା ମାନରେଗା କାମରେ ସବୁବେଳେ କାମକୁ ନଯାଇ ପାରୁଥିବା ବ୍ୟକ୍ତିଙ୍କ ଖାତାକୁ ଟଙ୍କା ଯାଉଥିବାବେଳେ ଉକ୍ତ ବ୍ୟକ୍ତିଙ୍କ ଠାରୁ ଟଙ୍କା ଉଠାଇ ଦଲାଲମାନେ ନିଜେ ରଖୁଥିବା, ଭାରତ ବାହାରେ କାମ କରୁଥିବା ବ୍ୟକ୍ତିମାନଙ୍କର ମଧ ହାଜିରା




ପକାଇ ସେମାନକ ବ୍ୟାଙ୍କ ଖାତାକୁ ଟଙ୍କା ଯାଉଥିବା କିପରି ସମ୍ଭବ ବୋଲି ମଧ ଅଭିଯୋଗ ଆସୁଥିବା ମଧ ଦେଖିବାକୁ ମିଳୁଛି । ସୂଚନା ପ୍ରକାରେ ଗତ ଦୁଇଦିନ ତଳେ ରମ୍ଭା ଗ୍ରାମର ଡି.ବେଣୁଗୋପାଳ ନାମକ ବ୍ୟକ୍ତି ଏହି ରମ୍ଭା ଗ୍ରାମରେ ଚାଲିଥିବା ମନେରେଗା ଦୁର୍ନୀତି ବିଷୟରେ ଅନ୍‌ଲାଇନ ତଥ୍ୟ ବାହାରକରି ଅଭିଯୋଗ କରିଥିଲେ । ପରେ ପରେ ଏହି ବିଷୟ ଗ୍ରାମବାସୀଙ୍କୁ ଜଣାଇବା ପରେ ଗ୍ରାମବାସୀ ଏକ ହୋଇ ଗ୍ରାମ ମଧ୍ୟରେ ମିଟିଂ କରିଥିଲେ । ମିଟିଂରେ ସତ୍ୟାସତ୍ୟ ଜାଣିବା ସକାଶେ ଗାଁ ସାଥୀକୁ ଡକାଇବାରୁ ଗାଁସାଥି ସତ୍ୟଭାମା ସାହୁ ଅନ୍ୟତ୍ର ଚାଲିଯାଇ କିଛି ଲୋକଙ୍କୁ ଧରି ଡି.ବେଣୁଗୋପାଳ ନାମରେ ଥାନାରେ ଏତଲା ପ୍ରଦାନ କରିଥିଲେ । ଏତେଲା ଅନୁଯାଇ ପୁଲିସ ବେଣୁ ଗୋପାଳକୁ ଖବର ପଠାଇବା ପରେ ଆଜି ଗ୍ରାମର ଶହ ଶହ ମହିଳା, ପୁରୁଷ ମିଶି ଥାନାକୁ ଆସି ନିଜର ଅଭିଯୋଗ ପ୍ରକାଶ କରିଥିଲେ । ଥାନା ଅଧିକାରୀ ଜଣକ ପରସ୍ପର କଥାବାର୍ତ୍ତା କରି ଜନଗହଳିକୁ ପ୍ରଶମିତ କରିଥିଲେ । ଏହି ବ୍ଲକର ଅନେକ ପଞ୍ଚାୟତରେ ଏଭଳି ଘଟଣା ଘଟୁଥିଲେ ମଧ ପ୍ରଶାସନ ଜାଣି ଅଜଣା ସାଜିଥିବାରୁ ସାଧାରଣରେ ଅସନ୍ତୋଷ ଦେଖିବାକୁ ମିଳୁଛି । ଉକ୍ତ ଘଟଣା ବିଷୟରେ କିଛିଦିନ ତଳେ ଏହି ରମ୍ଭା ଗ୍ରାମର କିଛି ଜନସାଧାରଣ ବିଡିଓଙ୍କୁ ଅଭିଯୋଗ କରିବା ସକାଶେ ଯାଇଥିବାବେଳେ ବିଡିଓ ମହାଶୟ ଏମାନଙ୍କୁ ଦେଖା କରିନଥିଲେ ବୋଲି ମଧ ଆଜି ଗଣମାଧ୍ୟମ ଆଗରେ ପ୍ରକାଶ କରିବା ସହ ଉପରୋକ୍ତ ବିଷୟରେ ଆମେ ଉପଜିଲ୍ଲାପାଳଙ୍କୁ ଦେଖାକରି ନିଜର ଅଭିଯୋଗ ପ୍ରଦାନ କରିବୁ ବୋଲି ଉପସ୍ଥିତ ଗ୍ରାମବାସୀ ପ୍ରକାଶ କରିଛନ୍ତି । ଦୁର୍ନୀତି ବିଷୟରେ କାର୍ଯ୍ୟରତ ବିଡିଓଙ୍କୁ ପଚାରିବାରୁ ସେ କହିଲେ ଯେ ଅଭିଯୋଗ ଭିତ୍ତିହୀନ । ଯଦି ସତ ତେବେ ମୋ ପାଖରେ କିଛି ଲିଖିତ ଅଭିଯୋଗ ନାହି ତଥାପି ମଧ ମୁଁ ଘଟଣାନୁ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି ବୋଲି ପ୍ରକାଶ କରିଛନ୍ତି ।

## ଜଙ୍ଗଲ ଜମିରୁ ହେଉଛି ମୋରମ ଲୁଟ୍

# ଚେଇଁ ଶୋଇଛି ପ୍ରଶାସନ



ଯାଜପୁର, (ଭାସ୍କର ନ୍ୟୁଜ୍) : ଯାଜପୁର ଜିଲ୍ଲା ଧର୍ମଶାଳା ତହସିଲ ତଥା ଡାଳିଯୋଡ଼ା ଫରେଷ୍ଟ ରେଞ୍ଜ ଅଞ୍ଚିରା ପଞ୍ଚାୟତ ଅଧୀନ ଗମ୍ଭାରିଆ ଗ୍ରାମ ନିକଟରୁ ଜଙ୍ଗଲ ଓ ରାଜସ୍ୱ ବିଭାଗ ଜମିରୁ ବେଧଡ଼କ ଭାବେ ମୋରମ ଲୁଟ କରାଯାଉଥିବା ଅଭିଯୋଗ ହୋଇଛି । ଦୀର୍ଘଦିନ ଧରି ଏହି ଚୋରା କାରବାର ଚାଲିଛି । ପ୍ରତ୍ୟେକ ରାତି ୧୦ଟାଠାରୁ ବଡ଼ ବଡ଼ ମେସିନ୍ ସାହାଯ୍ୟରେ ମୋରମ ଖୋଳାଯାଇ ହାଇୱା ଯୋଗେ ବିଭିନ୍ନ ରେଲୱେ ସାଇଡ୍‌କୁ ଚାଲାଣ କରାଯାଉଛି । ପ୍ରତିଦିନ ଏଠାରୁ ପ୍ରାକୃତିକ ସମ୍ପଦ ଲୁଟ୍ ହେଉଥିବାବେଳେ ଜଙ୍ଗଲ ଓ ରାଜସ୍ୱ ବିଭାଗ ବିପୁଳ ଟଙ୍କା ହରାଉଛନ୍ତି । କିନ୍ତୁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । ଫଳରେ ଉକ୍ତ ଅଞ୍ଚଳରୁ ମୋରମ ଚାଲାଣ କରି ବ୍ୟବସାୟୀ ମାଲାମାଲ ହେଉଛନ୍ତି । ମୋରମ ଖୋଳା ଯାଇଥିବା ସ୍ଥାନ ଗୋଟିଏ ଗୋଟିଏ ପୋଖରୀ ହୋଇଯାଉଛି । ଅନେକ ସମୟରେ ସେଠାରେ ପଡ଼ି ଗୃହପାଳିତ ପ୍ରାଣୀଙ୍କ ଜୀବନ ଯାଉଛି । ମୋରମ ଚୋରା ଚାଲାଣ ସଲା ସୁତରାରେ ଚାଲିଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି । ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି । ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ତହସିଲଦାର ସ୍ୱାଗତ ଦାସଙ୍କୁ ଫୋନ ଦ୍ୱାରା ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇ ପାରିନାହିଁ । କଟକ ବନଖଣ୍ଡ ଡିଏଫ୍‌ଓ ଅଜିତ କୁମାର ଶତପଥୀଙ୍କୁ ପଚାରିବାରୁ ସେ କହିଛନ୍ତି, ଏଥିପ୍ରତି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## କେବେ କାର୍ଯ୍ୟକ୍ଷମ ହେବ ନୂତନ ଅଙ୍ଗନବାଡ଼ି କେନ୍ଦ୍ର ?

ବାଲିପାଟଣା, (ଭାସ୍କର ନ୍ୟୁଜ୍) : ନୂତନ ଭାବେ ନିର୍ମିତ ଅଙ୍ଗନବାଡ଼ି କେନ୍ଦ୍ର ଦୀର୍ଘଦିନ ଧରି କାର୍ଯ୍ୟକ୍ଷମ ହେଇପାରୁନି । ଅଙ୍ଗନବାଡି କେନ୍ଦ୍ରରେ ମୁଗ ବିରି ଗଦା ହୋଇ ରହିଛି । ନିର୍ମାଣ କାର୍ଯ୍ୟ ମଧ ନିମ୍ନମାନର ଏବଂ ସନ୍ଧ୍ୟା ରେ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି ଅଙ୍ଗନବାଡି କେନ୍ଦ୍ର । ଏପରି ଗମ୍ଭିର ଅଭିଯୋଗ ଆଣି ଜିଲ୍ଲାପାଳଙ୍କୁ ଭେଟିଛନ୍ତି ଇନ୍ଦୋଳକୁଶିଆରି ଗ୍ରାମବାସୀ । ଘଟଣା କ୍ରମରେ ବାଲିପାଟଣା ବ୍ଲକ ଅନ୍ତର୍ଗତ ଇନ୍ଦୋଳକୁଶିଆରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ନବନିର୍ମିତ ଅଙ୍ଗନବାଡି କେନ୍ଦ୍ର ଏଯାଏଁ କାର୍ଯ୍ୟକ୍ଷମ ହୋଇପାରି ନାହିଁ । ଦୀର୍ଘବର୍ଷ ଧରି ଅସ୍ଥାୟୀ ଭାବରେ ପାଖରେ ଥିବା ଟିଙ୍କିପଡ଼ା ପ୍ରାଥମିକ ବିଦ୍ୟାଳୟରେ ଅଙ୍ଗନବାଡି କେନ୍ଦ୍ର ଚାଲୁଅଛି । କିନ୍ତୁ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ସମ୍ପୂର୍ଣ୍ଣ ହୋଇଯାଇଥିବାବେଳେ ଏହି କେନ୍ଦ୍ରକୁ ଏଯାଏଁ କାର୍ଯ୍ୟକ୍ଷମ କରାଯାଇନାହିଁ । ନିର୍ମାଣ ହୋଇଥିବା ଅଙ୍ଗନବାଡି କେନ୍ଦ୍ର ଗୃହ ମଧ ନିମ୍ନମାନର ବୋଲି ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି । ଯଥା- ଛାତ ସିଲିଂ ପ୍ଲାଷ୍ଟର କରାନଯାଇ ରଙ୍ଗ ବୋଳି ଦିଆଯାଇଛି, ଛାତ ମଧ ଗ୍ରେଡିଂ କରାଯାଇନାହିଁ, ଝରକା ବନ୍ଧ ପ୍ଲାଷ୍ଟର ହୋଇନାହିଁ, ଏହି କେନ୍ଦ୍ରର ଶୌଚାଳୟ ଏବଂ ରୋଷେଇ ଘର ମଧ ଠିକ୍ ଭାବରେ ନିର୍ମାଣ କରାଯାଇନାହିଁ । ଏବେ ଏହି କେନ୍ଦ୍ର ଗୃହରେ କିଛି ଲୋକ ମୁଗ ବିରି ଗଦା କରି ରଖିଥିବା ଦେଖିବାକୁ ମିଳିଛି ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଗ୍ରାମର କୁନି କୁନି ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଏହି କେନ୍ଦ୍ରରେ ସନ୍ଧ୍ୟାବେଳେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ଜମୁଛି । ତେଣୁ ଆଜି ସ୍ଥାନୀୟ ଗ୍ରାମବାସୀ ଲିଖିତ ଅଭିଯୋଗ ଆଣି ବ୍ଲକ୍‌ରେ ଜିଲ୍ଲାପାଳଙ୍କୁ ପ୍ରଦାନ କରିବା ସହିତ ତୁରନ୍ତ ଏହି ଅଙ୍ଗନବାଡି କେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବାକୁ ଅନୁରୋଧ କରିଛନ୍ତି । ଅନ୍ୟପଟେ ଏହି ବିଷୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିକନ୍ଦ ବେହେରାଙ୍କୁ ପଚାରିବାରୁ କହିଛନ୍ତି ଗୃହର କିଛି କାମ ବାକି ରହିଯାଇଥିବାରୁ ଏହାକୁ କାର୍ଯ୍ୟକ୍ଷମ କରିବାରେ ବିଳମ୍ବ ହେଉଛି । ଯଥାଶୀଘ୍ର ଏହି କେନ୍ଦ୍ରକୁ କାର୍ଯ୍ୟକ୍ଷମ କରାଯିବ ବୋଲି ପ୍ରତିଶୃତି ଦେଇଛନ୍ତି ଗୋଷ୍ଠୀ ଉନ୍ନୟନ ଅଧିକାରୀ ।

# କରଞ୍ଜିଆରେ ଆଳୁମିଶନ ଫେଲ୍

କରଞ୍ଜିଆ, (ଭାସ୍କର ନ୍ୟୁଜ୍) : ପଞ୍ଚପିଢ଼ ଉପଖଣ୍ଡର ସଦର ମହକୁମା ହେଉଛି କରଞ୍ଜିଆ । ଏହା ପାଞ୍ଚଟି ବ୍ଲକ ଓ ଗୋଟିଏ ଏନଏସିକୁ ନେଇ ଗଠିତ । ଏହି କରଞ୍ଜିଆରେ ସରକାରୀ ଶିଳ୍ପ ନଥିବାରୁ ବେକାରୀ ସଂଖ୍ୟା ବଢିବାରେ ଲାଗିଛି । ଯଦି ବା ଏଠାରେ ବେସରକାରୀ ଭାବେ ୧୧ଟି ଶୀତଳ ଭଣ୍ଡାର ଥିଲା ସେଥିରେ କିଛି ବେକାର ଯୁବକଯୁବତୀ ନିଯୁକ୍ତି ହେବା ସହ କିଛି ଶ୍ରମିକ ବି ନିଜର ଗୁଜୁରାଣ ମେଣ୍ଟାଉଥିଲେ । ଏହି ଶୀତଳ ଭଣ୍ଡାରରେ ଆଳୁ ଆମଦାନୀ ସମୟରେ ଗଚ୍ଛିତ କରି ରଖୁଥିଲେ ଓ ଆଳୁର ଅଭାବ ସମୟରେ ତାହା ବଜାରକୁ ଛାଡୁଥିଲେ ଯାହା ଫଳରେ ଏ ଅଞ୍ଚଳରେ ଆଳୁର ଅଭାବ ଦେଖା ନଯିବା ସହିତ ବଜାର ଦର ବି ନିୟନ୍ତ୍ରଣରେ ରହୁଥିଲା । ତେବେ ଶୀତଳ ଭଣ୍ଡାରରେ ଆଳୁ ରଖିବା ପାଇଁ ପର୍ଯ୍ୟାପ୍ତ ପରିମାଣରେ ଆଳୁ ଚାଷ ହେଉନଥିଲା ଯାହାଫଳରେ ଆଳୁ ଗଚ୍ଛିତ ପାଇଁ ପଶ୍ଚିମବଙ୍ଗ ଉପରେ ନିର୍ଭର କରିବାକୁ ପଡୁଥିଲା । ପଶ୍ଚିମବଙ୍ଗରୁ ପର୍ଯ୍ୟାପ୍ତ ପରିମାଣରେ ଆଳୁ ଫେବୃଆରୀ ମାସରୁ ପରିବହନ କରି ଶୀତଳ ଭଣ୍ଡାରରେ ଗଚ୍ଛିତ କରାଯାଉଥିଲା । ପୁଣି ଏହି ଆଳୁକୁ ମେ, ଜୁନ୍ ମାସରୁ ବାହାର କରି ବଜାରରେ ବିକ୍ରି ହେଉଥିଲା । ଆଳୁ ଗଚ୍ଛିତ କରିବା ପାଇଁ ଏଠା ମାଲିକମାନେ ୧୧ଟି ୟୁନିଟ ଶୀତଳ ଭଣ୍ଡାର ନିର୍ମାଣ କରିଥିଲେ । ତେବେ ଏହି ବ୍ୟବସାୟରେ ଲଗାତାର ବର୍ଷ ପରେ ବର୍ଷ ବ୍ୟବସାୟୀମାନେ କ୍ଷତି ସହୁ ଥିବା ତଥା ସରକାର ଆଳୁ ବ୍ୟବସାୟୀ ଓ ଶୀତଳ ଭଣ୍ଡାର ମାଲିକମାନଙ୍କୁ ପ୍ରୋତ୍ସାହନ ଯୋଗାଇଲେ ନାହିଁ କି ବିଦ୍ୟୁତ ବିଲ୍‌ରେ ରିହାତି ଦେଲେ ନାହିଁ । ଯାହା ଫଳରେ ବ୍ୟବସାୟୀ ତଥା ଶୀତଳ ଭଣ୍ଡାର ମାଲିକ ଆଉ ଶୀତଳ ଭଣ୍ଡାର ଚଳାଇ ପାରିଲେ ନାହିଁ । ଫଳରେ ଗୋଟେ ପରେ ଗୋଟେ ୟୁନିଟ ବନ୍ଦ ହେବାରେ ଲାଗିଲା, ଯାହା ଏବେ ଗୋଟେ ୟୁନିଟ୍‌ରେ ପହଞ୍ଚିଲାଣି । ଖାଲି ତ ଶୀତଳ ଭଣ୍ଡାର ବନ୍ଦ ହୋଇନି ସେଥିରେ ଲାଗିଥିବା ଲକ୍ଷ ଲକ୍ଷ ଟଙ୍କାର ଯନ୍ତ୍ରପାତି ନଷ୍ଟ ହେଲାଣି । ଏକଦା ଓଡ଼ିଶାରେ ଆଳୁର ଘୋର ଅଭାବ ଦେଖାଦେଲା । ଫଳରେ ସରକାର ଓଡ଼ିଶାରେ ପର୍ଯ୍ୟାପ୍ତ ଆଳୁ ଚାଷ ପାଇଁ ଚିନ୍ତା କଲେ ଏବଂ ଏହାକୁ ଗଚ୍ଛିତ କରିବାକୁ ନୂଆ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ଘୋଷଣା କରି ନିର୍ମାଣ କିରିବାକୁ ୭୫% ରିହାତି ଦେବାକୁ ଘୋଷଣା କଲେ । ଚାଷୀକୁ ରିହାତି ଦରରେ ବିହନ ଯୋଗାଇବାକୁ ବି ଘୋଷଣା କରିଥିଲେ । ତେବେ ବିହନ ଯୋଗାଣ ବହୁ ବିଳମ୍ବ ହେଉଥିବାରୁ ଚାଷୀ ହତାଶ ହେଲେ । ପ୍ରୋତ୍ସାହନ ଅଭାବରୁ ମାଲିକମାନେ ବି ଭାଙ୍ଗି ପଡିଲେ । ଯାହାଫଳରେ ଶୀତଳ ଭଣ୍ଡାର ବନ୍ଦ ହେବାରେ ଲାଗିଲା । ପୁଣିଥରେ ଆଳୁ ପାଇଁ ପଶ୍ଚିମବଙ୍ଗ ଉପର ନିର୍ଭର କଲେ, ଚାଷୀ ଠିକ୍ ସମୟରେ ବିହନ ପାଇଲା ନାହିଁ, ଯାହାଫଳରେ ଆଳୁ ମିଶନ ଫେଲ୍ ହେଲା । ଗତବର୍ଷ ପଶ୍ଚିମବଙ୍ଗରେ ମଧ ଆଳୁ ଉତ୍ପାଦନ ବେଶୀ ନହେବାରୁ ବ୍ୟବସାୟୀ ଉତ୍ତରପ୍ରଦେଶ ଉପରେ ନିର୍ଭର କଲେ । ଫଳରେ କରଞ୍ଜିଆରେ ଆଳୁ କ୍ୱିଣ୍ଟାଲ ପିଛା ୨୦୦୦ ଟଙ୍କାରେ ପାଇକରି ଦରରେ ବିକ୍ରୀହେଲା, କିନ୍ତୁ ଚଳିତ ବର୍ଷ ପଶ୍ଚିମବଙ୍ଗରେ ଆଳୁ ଉତ୍ପାଦନ ଅଧିକ ଥିବାରୁ ଦର ଏକପ୍ରକାର ନିୟନ୍ତ୍ରଣ ଅଛି । ବଜାର ଦର କ୍ୱିଣ୍ଟାଲ ପିଛା ୧୩୦୦ ଟଙ୍କାରେ ବିକ୍ରୀହେଉଛି । ତେବେ କେବେ କରଞ୍ଜିଆରେ ପୁଣି ଶୀତଳ ଭଣ୍ଡାର ଚାଲିବ ଓ ବ୍ୟବସାୟ ପୂର୍ବପରି କେବେ ଚାଲିବ ଦେଖିବାକୁ ବାକି ରହିଲା ।

# ମାଙ୍କଡଙ୍କ ଉତ୍ପାତରେ ଥରହର ବାଗଲପୁର ଗ୍ରାମବାସୀ

## ଶଙ୍କର ନାମଧାରୀ ବ୍ୟକ୍ତିବିଶେଷ ଅଧିକ ଆତଙ୍କିତ

ବାଲିପାଟଣା, (ଭାସ୍କର ନ୍ୟୁଜ୍) : ମାଙ୍କଡଙ୍କ ଉତ୍ପାତରେ ଥରହର ଗ୍ରାମବାସୀ । ପ୍ରଥମେ ଶଙ୍କର ସାହୁ, ଦ୍ୱିତୀୟରେ ଶଙ୍କର ବେହେରା ଏବେ ଶଙ୍କର ବାରିକ ଏବେ କାହା ପାଳି ? ଗତକାଲି ମାଙ୍କଡଙ୍କ ଆକ୍ରମଣରେ ଦୁଇଜଣ ବ୍ୟକ୍ତି ଗୁରୁତର ହେବା ପରେ ଆଜି ପୁଣି ଦୁଇଜଣ ବ୍ୟକ୍ତି ମାଙ୍କଡଙ୍କ ଆକ୍ରମଣର ଶିକାର ହୋଇଛନ୍ତି । ଏପରି ଏକ ଘଟଣା ଦେଖିବାକୁ ମିଳିଛି ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ବାଗଲପୁର ଗ୍ରାମରେ । ବାଗଲପୁର୍ ଗ୍ରାମରେ କିଛିଦିନ ତଳେ ମାଙ୍କଡମାନଙ୍କ ଆକ୍ରମଣରେ ପାଞ୍ଚଜଣ ଗୁରୁତର ଏବଂ ୧୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିଲେ । ଖବର ପ୍ରସାରଣ ପରେ ବାଲିପାଟଣା ବନାଞ୍ଚଳ ତରଫରୁ ମାଙ୍କଡ ଧରା ଅଭିଯାନ କରାଯାଇ ଦୁଇଟି ମାଙ୍କଡକୁ ଧରି ଅନ୍ୟତ୍ର ଛଡା ଯାଇଥିବାବେଳେ ମାଙ୍କଡମାନଙ୍କ ଉତ୍ପାତ କମିଥିଲା । କିଛିଦିନର ନିରବତା ପରେ ଗତକାଲି ପୁଣି ବାଗଲପୁର ଗ୍ରାମର ବୁଲି ସ୍ୱାଇଁ(୮୮) ଏବଂ ଶଙ୍କର ବେହେରା (୬୦) ମାଙ୍କଡ କାମୁଡାରେ ଗୁରୁତର ହୋଇ ଡାକ୍ତରଖାନା ରେ ଭର୍ତ୍ତି ହୋଇଥିବା ବେଳେ ଆଜି ସେହି ଗ୍ରାମର ବସନ୍ତ ସ୍ୱାଇଁ(୬୨) ଏବଂ ଶଙ୍କର ବାରିକ (୮୦) ମାଙ୍କଡ କାମୁଡାରେ ଗୁରୁତର ହୋଇ ଡାକ୍ତରଖାନା ରେ ଭର୍ତ୍ତି ହୋଇଛନ୍ତି । ଖବର ନେବାରେ ଜଣାପଡିଛି କି ଯାତାୟାତ ସମୟରେ କିମ୍ବା ଏପରିକି ବସିବା ସମୟରେ ମଧ ମାଙ୍କଡମାନେ ଆକ୍ରମଣ କରୁଛନ୍ତି । ଫଳରେ ଏବେ ଗାଆଁରେ କୋକୁଆ ଭୟ ଖେଳିଯାଇଛି । ଲୋକମାନେ କବାଟ ଦେଇ ଘରେ ରହୁଛନ୍ତି ତ ଆଉ କିଛି ଲୋକ ଠେଙ୍ଗା ଧରି ଯିବାଆସିବା କରୁଛନ୍ତି । ସମସ୍ତ ଚାରିଜଣ ଆକ୍ରାନ୍ତ ବ୍ୟକ୍ତି ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିବା ସୂଚନା ମିଳିଛି । ଏହି ଘଟଣା ପରେ ବାଗଲପୁର ଓ ଏହାର ଆଖପାଖ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିବାବେଳେ ଶଙ୍କର ନାମଧାରୀ ବ୍ୟକ୍ତିମାନେ ଅଧିକ ଚିନ୍ତାରେ ଅଛନ୍ତି କାରଣ ସବୁ ଥର ଆକ୍ରମଣର ଶିକାର ହୋଇଥିବା ପ୍ରାୟ ବ୍ୟକ୍ତିଙ୍କ ନାମ ଶଙ୍କର ଅଟେ ତେଣୁ ଶଙ୍କର ନାମଥିବା ବ୍ୟକ୍ତି ଅଧିକ ଆତଙ୍କିତ ଅବସ୍ଥାରେ ଅଛନ୍ତି । ତେବେ ପ୍ରଶାସନ ତୁରନ୍ତ ଏହି ସମସ୍ୟାର ସମାଧାନ ନକରିଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ସାହିତ୍ୟ ପାଇଁ ସମ୍ବର୍ଦ୍ଧିତ ହେଲେ ଶିକ୍ଷାବିତ୍ ଦମ୍ପତି



କାକଟପୁର,(ଭାସ୍କର ନ୍ୟୁଜ୍) : କୋଣାର୍କ ସ୍ଥିତ ଅର୍କଶ୍ରୀ ଶିଳ୍ପୀ ବାଟିକା ଠାରେ କୋଣାର୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିକାଶ ପରିଷଦ ପକ୍ଷରୁ ୬ଷ୍ଠ ବାର୍ଷିକ ରାଜ୍ୟସ୍ତରୀୟ ସାହିତ୍ୟ ଆସର, ଆଲୋଚନାଚକ୍ର, କବିତା ପାଠୋତ୍ସବ ଓ ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ପ୍ରଦୀପ୍ତ କୁମାର ଛାଟୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବିଶିଷ୍ଟ କବି ତଥା ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ପ୍ରସନ୍ନ କୁମାର ପାଟଶାଣୀ ପ୍ରଦୀପ ପ୍ରଜ୍ୱଳନ ପୂବର୍କ ଏହାର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଯୁବ ଲେଖକ ସମ୍ମେଳନର ଅଧ୍ୟକ୍ଷ ତଥା ବିଶିଷ୍ଟ କବି ଶଙ୍କର୍ଷଣ ପରିଡା ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବ୍ୟଙ୍ଗ କବି ହାସ୍ୟକୁମୁଦ ସମ୍ପଦ କୁମାର ରଥ, ବିଶିଷ୍ଟ କବି ତଥା ପ୍ରଶାସନିକ ଅଧିକାରୀ ଡ. ସଂଗ୍ରାମ କେଶରୀ ସାମନ୍ତରାୟ, କାକଟପୁର ବିଡିଓ ଡ. ତୁଷାର ଜ୍ୟୋତି ରଞ୍ଜନ, ପରିବେଶବିତ୍ ଉମେଶ ଚନ୍ଦ୍ର ସ୍ୱାଇଁ, ସମ୍ପାଦକ ଭାଗିରଥି ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ କାକଟପୁର ବ୍ଲକ ଅନ୍ତର୍ଗତ ଓଥକା ପଞ୍ଚାୟତ ନରଣପୁର ଗ୍ରାମର ଶିକ୍ଷାବିତ୍ ଦମ୍ପତିଙ୍କୁ ସାହିତ୍ୟ କ୍ଷେତ୍ରରେ ରଚନା ଓ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଛି । ଶିକ୍ଷକ ନେତା ଥିବା ହୃଦାନନ୍ଦ ସାସମଲଙ୍କୁ କବିତା ରଚନା ପାଇଁ ଧର୍ମପଦ ଶ୍ରେଷ୍ଠ କବି ସମ୍ମାନରେ ସମ୍ମାନିତ କରାଯାଇଥିଲାବେଳେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିବା ସୁନନ୍ଦା ରାଉତଙ୍କୁ କବିତା, କ୍ଷୁଦ୍ରଗଳ୍ପ ଲେଖା ନିମନ୍ତେ ଅର୍କଶ୍ରୀ ଶ୍ରେଷ୍ଠ ଲେଖିକା ସମ୍ମାନ ପ୍ରଦାନ କରାଯାଇଥିଲା । ଏନେଇ ଶିକ୍ଷାବିତ୍ ଦମ୍ପତିଙ୍କୁ କାକଟପୁର ଅଞ୍ଚଳର ଶିକ୍ଷକ ଶିକ୍ଷୟିତ୍ରୀମାନେ ବିପୁଳ ଶୁଭେଚ୍ଛା ଜଣାଇଛନ୍ତି ।

# ଟ୍ରକ ପଛରେ ପିଟିଲା ବାଇକ୍, ୩ ମୃତ

ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍) : ବଡ଼ଚଣା ଥାନା ଅନ୍ତର୍ଗତ କଡ଼େଇ ଛକଠାରେ ୧୬ଜାତୀୟ ରାଜପଥ ନିକଟରେ ଆଜି ଭୋରୁ ଏକ ଶଡ଼କ ଦୁର୍ଘଟଣାରେ ୩ଜଣ ବାଇକ ଆରୋହୀଙ୍କର ଶୋଚନୀୟ ମୃତ୍ୟୁ ଘଟିଛି । ମୃତକ ୩ଜଣ ହେଉଛନ୍ତି ଧର୍ମଶାଳା ଥାନା ଅନ୍ତର୍ଗତ ମାଣିତିର ବାରବାଟୀ ଗ୍ରାମର ଅଭିଶେକ ସର (୨୨), ଧର୍ମଶାଳା ଅନ୍ତର୍ଗତ ଚଡ଼େଇଧରା ଗ୍ରାମର ଅଞ୍ଜା ସାହୁ(୨୬) ଓ କଟକ ଜଗତପୁର ଥାନା ଅନ୍ତର୍ଗତ ବୈକୁଣ୍ଠ ପାଲି ଗ୍ରାମର ଦେବାଶିଷ ନାଏକ (୨୬)ବର୍ଷ ବୋଲି ଜଣାପଡ଼ିଛି । ଏମାନେ ଗୋଟିଏ ବାଇକରେ କଟକ ଅଭିମୁଖେ ଯାଉଥିବା ସମୟରେ କଡ଼େଇ ଛକ ନିକଟରେ ରାସ୍ତା କଡ଼ରେ ଠିଆ ହୋଇଥିବା ଏକ ଟ୍ରକ ପଛପଟେ ପିଟି ହୋଇଯାଇଥିଲେ । ଫଳରେ ତିନିଜଣ ବାଇକ ଆରୋହୀ ଗୁରୁତର ଆହତ ହୋଇଥିଲା । ଖବର ପାଇ ବଡ଼ଚଣା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସେମାନଙ୍କୁ ନିକଟସ୍ଥ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ମାତ୍ର ଡ଼ାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ଥାନା କେସ ନଂ ୧୪୭/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରିରଖିବା ସହ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି ।

## ଲିଙ୍ଗାଡ଼ି ନାଳ ସଂସ୍କାର ଓ ଫୁଟ୍‌ବ୍ରିଜ୍ ନିର୍ମାଣ ପାଇଁ ଦାବି

# ବାସୁଦେବପୁର ବିଧାୟକଙ୍କ ହସ୍ତକ୍ଷେପ ପରେ ଡ୍ରେନେଜ ବିଭାଗର କ୍ଷେତ୍ରୀୟ ତଦନ୍ତ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅଧୀନ ଲିଙ୍ଗାଡ଼ି ଗ୍ରାମ ନିକଟରେ ଥିବା ନାଳ ସଂସ୍କାର ଓ ଫୁଟ୍ ବ୍ରିଜ୍ ନିର୍ମାଣ ସହିତ ପାର୍ଶ୍ୱ ପାଚେରୀ ନିର୍ମାଣ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ନିକଟରେ ଦାବି କରାଯାଇଥିଲା । ବିଧାୟକ ଶ୍ରୀ ରାଉତରାୟ ଡ୍ରେନେଜ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ତୁରନ୍ତ ପଦକ୍ଷେପ ପାଇଁ ଜଣାଇଥିଲେ । ଯାହାଫଳରେ ଗୁରୁବାର ପୂର୍ବାହ୍ନରେ ଡ୍ରେନେଜ ବିଭାଗର ଏସଡିଓ ସମ୍ବିତ କୁମାର ଶିଆଳ ଓ ସହକାରୀ ଯନ୍ତ୍ରୀ ରବିନ୍ ପରମାଣିକ ଲିଙ୍ଗାଡ଼ି ନାଳ ନିକଟରେ ପହଞ୍ଚି କ୍ଷେତ୍ରୀୟ ତଦନ୍ତ କରିଛନ୍ତି । ଏହି ତଦନ୍ତ ସମୟରେ ଗଣେଶ ପ୍ରସାଦ ନାୟକ, ଗଙ୍ଗାଧର ରାଉତ, ରବିନ୍ଦ୍ର ରାଉତ, ବିଶ୍ୱନାଥ ରାଉତ, କାଳନ୍ଦୀ ଖଟୁଆ, ୱାର୍ଡ଼ସଭ୍ୟା ବିନୀ ମହଲ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକାଶ ଯେ ଗୋପାଳିଆ କେନାଲର ଶେଷ ଭାଗରୁ ଲିଙ୍ଗାଡ଼ି ଗାଁ ପାଖ ଦେଇ ଏକ ନାଳ ରହିଛି । ଏହି ନାଳଟି ୧୦ବର୍ଷ ପୂର୍ବେ



ଡ୍ରେନେଜ ବିଭାଗ ପକ୍ଷରୁ ଖୋଳା ଯାଇଥିଲା । ଏବେ ନାଳଟି ପୋତିପଡ଼ିଥିବା ଯୋଗୁ ବିଲରୁ ଜିଳ ନିଷ୍କାସନ ହୋଇପାରୁନାହିଁ । ଅପରପକ୍ଷେ ଗୋପାଳିଆ କେନାଲ ସଂସ୍କାର ହୋଇ ଗଭୀର ହୋଇଥିବାବେଳେ ଏହି ନାଳଟି ସଂସ୍କାର ହୋଇ ପାରୁନଥିବାରୁ ବନ୍ୟା ସମୟରେ ଜଳ ନିଷ୍କାସନ ହୋଇପାରୁନାହିଁ । ଯାହାଫଳରେ ନାଳ ନିକଟରେ ଥିବା ଜମିରେ ପାଣି ଜମି ରହି ଧାନ ଫସଲ ନଷ୍ଟ କରୁଛି । ଏଥିସହିତ ନାଳରେ କ୍ଷମତା ବାହାରେ ପାଣି ହୋଇ ନାଳର ଆଡ଼ିବନ୍ଧ ଭାଙ୍ଗି ବିଭିନ୍ନ ସ୍ଥାନରେ ଘାଇ ସୃଷ୍ଟି ହୋଇ ଚାଷ ଜମିରେ ଅନାବଶ୍ୟକ ବେଳେ ଜଳ ମାଡ଼ି ଫସଲ ନଷ୍ଟ କରୁଛି । ଏ ସମ୍ପର୍କରେ ଗ୍ରାମବାସୀଙ୍କ ପକ୍ଷରୁ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା ।

# ରାଶିଫଳ

**ମଙ୍ଗଳବାର, ୧୬ ମଇ ୨୦୨୩**



**ମେଷ:** ଶତ୍ରୁମାନେ ମୁଣ୍ଡ ନୁଆଇଁବେ । ପରିବାରରେ ଅପ୍ରୀତିକର ପରିସ୍ଥିତି ଦେଖାଦେଲେ ମଧ ତାହା କୌଶଳକ୍ରମେ ସମାଧାନ କରିବେ । ରାସ୍ତାଘାଟରେ ଅତ୍ୟନ୍ତ ସତର୍କତା ସହ ଯାତାୟତ କରିବା ଉଚିତ୍ । ଯାହାର ବେଶି ଉପକାର କରିଥିବେ ତାହାଦ୍ୱାରା ବେଶି ଆଘାତ ପାଇବେ । ବହୁତ ଦିନରୁ ରଖିଥିବା ଧନ ଭିନ୍ନ ବାଟରେ ଖର୍ଚ୍ଚ ହୋଇବ ।



**ବୃଷ:** ଘରୋଇ ସଂସ୍ଥାରେ କର୍ମରତ ବ୍ୟକ୍ତିମାନେ ବିଶେଷ ଲାଭବାନ ହେବେ । ଇନ୍ଦ୍ରିୟ ପରାୟଣତା ଓ ବିଷୟବାସନା ଉପରେ ଅଧିକ ଗୁରୁତ୍ୱ ଦେବେ । ପାରିବାରିକ ସ୍ତରରେ ଭୁଲ୍ ବୁଝାମଣା ଜନିତ ସମସ୍ୟା ସମାଧାନ ହୋଇ ଉନ୍ନତି ସହ ଶାନ୍ତି ଉପୁଜିବ । ଆତ୍ମୀୟମାନଙ୍କର ଉପଚାର ରୋଗ ନିବୃତ୍ତି ପାଇଁ ଅଧିକ ଅର୍ଥଖର୍ଚ୍ଚ ହୋଇଯିବ ।



**ମିଥୁନ:** ଆଇନ ଅଦାଲତ କ୍ଷେତ୍ରରେ ବିଜୟୀ ହେବେ । ପାରିଶ୍ରମିକ ତୁଳନାରେ ଅଧିକ ଶ୍ରମ କରିବେ । ପାରିବାରିକ ସମସ୍ୟାକୁ ସମାଧାନ କରି ପରିବାରରେ ପ୍ରୀତିଭାଜନ ହେବେ । ଗୃହୋପକରଣ କ୍ରୟ କରିବା ପାଇଁ ମନ ବଳେଇ ପାରନ୍ତି ।



**କର୍କଟ:** ଅର୍ଥ ସମ୍ପର୍କୀୟ କଥାହେବା ପାଇଁ ସମୟ ପ୍ରାୟତଃ ଅନୁକୂଳ ରହିବ । ପ୍ରବାସରେ ମଧ କେତେକ କ୍ଷେତ୍ରରେ ଉନ୍ନତିକର ହେବ । ପରିବାରରେ ଆଦରଣୀୟ ହୋଇ ସୁଖଭୋଗ କରିବେ । ଅଧ୍ୟୟନ, ଅଧ୍ୟାପନା ତଥା ରଚନାତ୍ମକ କ୍ଷେତ୍ରରେ ଆଗ୍ରହ ବଢ଼ିବ । ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ ।



**ସିଂହ:** ଦୂରଯାତ୍ରା କରିବା ଦ୍ୱାରା ବହୁତ ଲାଭ ମିଳିବ । ବ୍ୟାଙ୍କ, ବୀମା, ନିବେଶ ପରି ଆର୍ଥିକ ଗତିବିଧିରେ ବ୍ୟସ୍ତ ରହିବେ । ହଠାତ୍ ମତ ପରିବର୍ତ୍ତନ କରି ସମସ୍ତଙ୍କୁ ଚକିତ କରିଦେବେ । ପରୀକ୍ଷା ପ୍ରତିଯୋଗୀତାରେ କୃତକାର୍ଯ୍ୟ ହୋଇ ଉଚ୍ଚଶ୍ରେଣୀ ପାଇବେ । ପ୍ରତ୍ୟେକ କ୍ଷେତ୍ରରେ ଉଚ୍ଚସ୍ଥିତି ରକ୍ଷା କରି ଚଳିବେ । କର୍ମକ୍ଷେତ୍ରରେ ଶୁଭ ଫଳ ପାଇବେ ।



**କନ୍ୟା:** ସାମାଜିକ ପ୍ରତିଷ୍ଠା, ମାନସମ୍ମାନ ବୃଦ୍ଧି ହେବ । କର୍ମକ୍ଷେତ୍ରରେ ଦୀର୍ଘଦିନର ଆଶା ପୂରଣ ହେବ ଫଳରେ ପ୍ରଶଂସିତ ହେବେ । ବାଦବିବାଦ, ପରୀକ୍ଷା ପ୍ରତିଯୋଗିତା, ମାଲିମୋକଦ୍ଦମା ଓ ସାକ୍ଷାତକାରରେ ସଫଳ ହେବେ । ବକେୟା ଅର୍ଥ କିଛି ମିଳିବ ଓ ଆୟ ବୃଦ୍ଧି ହେବ । ବନ୍ଧୁ ବାନ୍ଧବଙ୍କଦ୍ୱାରା ଅନେକ କାର୍ଯ୍ୟ ହାସଲ କରିବେ ।



**ତୁଳା:** କଳା, ସାହିତ୍ୟ, କ୍ରୀଡା, ଚଳଚ୍ଚିତ୍ର ତଥା ଆନୁଷ୍ଠାନିକ କାମରେ ପ୍ରଶଂସା ମିଳିବ । ଆୟ ବୃଦ୍ଧି ହୋଇ ଆର୍ଥିକ ଉନ୍ନତି ହେବା ସହ ଗୃହବାହନ ପ୍ରାପ୍ତି ହେବ । କର୍ମନିଯୁକ୍ତି କ୍ଷେତ୍ରରେ ଆପ୍ରାଣ ଚେଷ୍ଟା କରି ସଫଳ ହେବେ । ବ୍ୟବସାୟକୁ ପ୍ରସାରିତ କରିବେ । ବ୍ୟବସାୟରେ ଅତ୍ୟନ୍ତ ଲାଭ ହେବେ ।



**ବିଛା:** ଶତ୍ରୁମାନେ ମିତ୍ରଭାବ ଆଚରଣ କରିବେ । ବ୍ୟବସାୟରେ ସଫଳତା ଅର୍ଜନ ତଥା ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ବାଦବିବାଦ, ମାଲିମୋକଦ୍ଦମା, ଖେଳ, କୁଦ, ପ୍ରତିଯୋଗିତାରେ ପ୍ରଶଂସା ପାଇବେ । ରାଜନୀତିରେ ସଫଳତା ମିଳିବ । କର୍ମକ୍ଷେତ୍ରଟି ସୁଦୃଢ଼ ହେବ ଓ ବ୍ୟୟ ଅପେକ୍ଷା ଆୟ ବୃଦ୍ଧି ହେବ । କର୍ମକ୍ଷେତ୍ରରେ ସହକର୍ମୀ ଓ ଉପରିସ୍ଥ କର୍ମଚାରୀଙ୍କ ଠାରୁ ପ୍ରଶଂସିତ ହେବେ । ପାରିବାରିକ କ୍ଷେତ୍ରରେ ଶାନ୍ତି ବିରାଜମାନ କରିବ ।



**ଧନୁ:** ସାମାଜିକ କାର୍ଯ୍ୟରେ ସଫଳସିଦ୍ଧ ହେବେ । ପରିବାରରେ ଖୁସିର ବାତାବରଣ ସ୍ଥାୟୀ ରହିବ । ସୁଖ ସମୃଦ୍ଧି ବୃଦ୍ଧି ଓ ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନ ହେବ । ସେୟାର ବଜାରରେ ଲାଭ ମିଳିବ । ଆତ୍ମବିଶ୍ୱାସ ବୃଦ୍ଧି ପାଇ ଯଶ, ମାନସମ୍ମାନ ପ୍ରତିଷ୍ଠା ମିଳିବ । ପାରିବାରିକ ସ୍ଥିତିରେ ଶାନ୍ତି ପାଇବେ । ଦୂରଯାତ୍ରାର ସୁଯୋଗ ମିଳିବ । ବିଦ୍ୟାକ୍ଷେତ୍ରରେ କମ୍ ପରିଶ୍ରମରେ ଆଶାଜନକ ଫଳ ପ୍ରାପ୍ତିହେବା ଫଳରେ ପ୍ରଶଂସିତ ହେବେ ।



**ମକର:** ସନ୍ତାନର ଭବିଷ୍ୟତ ପାଇଁ ଯୋଜନା କରି ପୁଞ୍ଜି ନିବେଶ କରିବେ । ଜାଗା, ଜମି, ବାସଗୃହ ଓ ଯାନବାହାନ କ୍ରୟ କରିବାର ସୁବିଧା ପାଇବେ । ହସଖୁସିରେ ସମୟ ବିତାଇବେ । ପରିବାରରେ ଯେତେ ସମସ୍ୟା ଥିଲେ ମଧ ଶାନ୍ତି ଅନୁଭବ କରିବେ । ଚାକିରି କ୍ଷେତ୍ରରେ ପଦୋନ୍ନତିର ସୂଚନା ପାଇବା ସହ ସ୍ଥାନାନ୍ତର ମଧ ହୋଇ ପାରେ । ଶିକ୍ଷାକ୍ଷେତ୍ରରେ ପରୀକ୍ଷା ପରିଣାମ ଅନୁକୂଳ ହେବ ।



**କୁମ୍ଭ:** ବ୍ୟବସାୟରେ ଆତ୍ମବିଶ୍ୱାସ ବୃଦ୍ଧି ପାଇବା ସହ କମ୍ ପରିଶ୍ରମରେ ଆଶାଜନକ ଫଳ ପ୍ରାପ୍ତିହେବ । ଗୃହୋପକରଣ କ୍ରୟ କରିବା ପାଇଁ ମନ ବଳେଇବେ । ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଖୁସି ରହିବ । ରାଜନୈତିକ ଜୀବନ ଝଡଝଞ୍ଜାମୟ ହେବାର ସମ୍ଭାବନା ରହିଛି । ସ୍ୱାସ୍ଥ୍ୟ ପାଇଁ ସତର୍କ ରହିବା ଉଚିତ୍ । ଇର୍ଷାପରାୟଣ ବ୍ୟକ୍ତିମାନେ କଟୁ ବଚନ ଶୁଣେଇବେ ।



**ମୀନ:** ବ୍ୟବସାୟ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତିହେବା ସହ ବ୍ୟବସାୟରେ ଭଲ ଲାଭହେବ । ଓ ଧାର୍ମିକ କାର୍ଯ୍ୟରେ ରୁଚି ବୃଦ୍ଧି ହେବ । ସମସ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଲେ ଅଚାନକ ଧନପ୍ରାପ୍ତି ହେବ । ଗୃହୋପକରଣ କ୍ରୟ କରିବା ପାଇଁ ମନ ବଳେଇବେ । ବନ୍ଧୁଙ୍କୁ ଆପ୍ୟାୟିତ କରିବାରେ ସମର୍ଥ ହେବେ । ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇ ଉଚ୍ଚଶ୍ରେଣୀ ପାଇବେ ।




ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବେଗୁନିଆ, (ଭାସ୍କର ନ୍ୟୁଜ୍): ବୋଲଗଡ ବ୍ଲକ ଅନ୍ତର୍ଗତ ଧଳାପଥର ଓ ବେଗୁନିଆ ବ୍ଲକର ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର-କୋଲୁହାପାଟଣା ମଧ୍ୟରେ ଥିବା ୬୫ ଏକରରୁ ଉର୍ଦ୍ଧ୍ୱ କାଜୁ ନିଗମର ଜଙ୍ଗଲ ଓ ଆଦିବାସୀ ମାନେ ଲିଜ ସୂତ୍ରରେ ରଖିଥିବା କାଜୁ ଜଙ୍ଗଲରେ ଦୁଇଟି ଜଙ୍ଗଲୀ ହାତୀ ସୋମବାର ଦିନ ପୂର୍ବାହ୍ନରେ ରହିଥିବାର ଖବର ବେଗୁନିଆ ବନଖଣ୍ଡ କାର୍ଯ୍ୟାଳୟର ବନପାଳ ପ୍ରିୟ ଦର୍ଶିନୀ ସେଠୀଙ୍କୁ ଖବର ଦେଇଥିଲେ ।ଏଠାରେ କର୍ମଚାରୀ ଅଭାବ ହେତୁ ବନ ପାଳ ଶ୍ରୀ ସେଠୀ ଓ ପାରାସ୍କାର୍ଡ ଦୁର୍ଗା ପ୍ରସାଦ ପଣ୍ଡା ପହଁଚି ଦୁଇଟି ହାତୀର ଗତିବିଧି ତଦନ୍ତ କରି ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ । ପରେ ଖୋର୍ଦ୍ଧା ଜିଲ୍ଲା ଡିଭିଜନ ରେଞ୍ଜର ଜୟକୃଷ୍ଣ ପଣ୍ଡା,ବୈଦେଶ୍ୱର ବନପାଳ ଗଦାଧର ବିଶ୍ୱାଳ, ବୋଲଗଡ ବନପାଳ ପ୍ରଦିପ ପଟ୍ଟନାୟକ,ପାରା ସ୍କାର୍ଡ ତାରେଶ୍ୱର ରାଉତରାୟଙ୍କ ସମେତ କର୍ମଚାରୀ ପହଁଚି ଦୁଇଟି ଯାକ ହାତୀର ଗତିବିଧିକୁ ଲକ୍ଷ୍ୟ କରି ଗୋବିନ୍ଦପୁର, କୋଲୁହାପାଟଣା, ଧଳା ପଥର, ଗେଡ଼ିଆପଲୀ,ଗୌଡ଼ ନୂଆଗାଁ,ମାଣିବନ୍ଧ ଓ ବଡପଦର ଲୋକମାନଙ୍କୁ ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନ କରିବା ସହ କଳାପଥର ସେକ୍ସନର ବିଦ୍ୟୁତ କାଟ କରା ଯାଇଥିଲା ।ଏଥିରେ ବନ ବିଭାଗ ସୂଚନା ମୁତାବକ ହାତୀ ଦୁଇଟି ରବିବାର ଦିନ ବାଙ୍କୀ ବ୍ଲକ ଅନ୍ତର୍ଗତ ବରପୁଟ ନିକଟସ୍ଥ ଯୋକଲାଞ୍ଜି ଠାରେ ଥିବା ବେଳେ ହାତୀ ଦୁଇଟି ଥିବା ବେଳେ ରବିବାର ଦିନ ଗୋବିନ୍ଦପୁର-କୋଲୁହା ପାଟଣା କାଜୁ ଜଙ୍ଗଲରୁ ନୟାଗଡ଼ ବନାଞ୍ଚଳକୁ ହାତୀ ଘଉଡ଼ାଇବା ପାଇଁ ଖବର ଲେଖା ହେଲା ପର୍ଯ୍ୟନ୍ତ କର୍ମଚାରୀ ମାନେ ଅକ୍ଳାନ୍ତ ପରିଶ୍ରମ ଜାରି ରଖିଛନ୍ତି ।

## ବିଷାକ୍ତ ମଦ ନେଲା ୧୨ ଜୀବନ

# ୯ ଗିରଫ, ୭ ପୋଲିସ ନିଲମ୍ବିତ



ଚେନ୍ନାଇ: ତାମିଲନାଡୁର ବିଲପୁରମ ଓ ଚେଗଲପଟୁରେ ବିଷାକ୍ତ ମଦ ପିଇ ୧୨ ଜଣଙ୍କ ଜୀବନ ଯାଇଛି। ୩୦ ଜଣଙ୍କ ଅବସ୍ଥା ଗୁରୁତର ହୋଇ ରହିଛି। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ପୋଲିସ ଏହି ଘଟଣାରେ ୯ ଜଣଙ୍କୁ ଗିରଫ କରିଛି। ସେହିପରି କାର୍ଯ୍ୟରେ ଅବହେଳା ପାଇଁ ୭ ଜଣ ପୋଲିସ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି। ବିଷାକ୍ତ ମଦ ପିଇବା ପରେ ଲୋକମାନେ ଅସୁସ୍ଥ ଅନୁଭବ କରିଥିଲେ। ସେମାନଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ଜଣଙ୍କ ପରେ ଜଣେ ୧୨ ଜଣଙ୍କ ଜୀବନ ଯାଇଥିଲା। ବିଲପୁରମରେ ୭ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଚେଗଲପଟୁରେ ୫ ଜଣଙ୍କର ମଧ୍ୟ ମୃତ୍ୟୁ ହୋଇଛି। ଏହି ଘଟଣାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ଟିମ୍ ମଧ୍ୟ ଗଠନ କରାଯାଇଛି। ଏହି ଟିମ୍ ଘଟଣାର ତଦନ୍ତ କରିବା ସହ ଏଥିରେ ଅନ୍ୟ କେଉଁମାନେ ସମ୍ପୃକ୍ତ ରହିଛନ୍ତି ସେନେଇ ଖୋଳତାଡ଼ କରିବ। ତେବେ ଦୁଇଟି ଜିଲ୍ଲା ମଧ୍ୟରେ ଦୂରତା ୫୦ କି.ମିରୁ ଉର୍ଦ୍ଧ୍ୱ ହୋଇଥିବା ବେଳେ ଏକ ସମୟରେ ଦୁଇଟି ସ୍ଥାନରେ କିଭଳି ଏକ ପ୍ରକାର ଘଟଣା ଘଟିଲା ତାକୁ ନେଇ ଚର୍ଚ୍ଚା ମଧ୍ୟ ଜୋର ଧରିଛି। ପୋଲିସ ଉଭୟ ସ୍ଥାନରୁ ମଦର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ଗଭୀର ଶୋକପ୍ରକାଶ କରିବା ସହ ମୃତକଙ୍କ ପରିବାର ପିଛା ୧୦ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି। ସେହିପରି ଅସୁସ୍ଥ ବ୍ୟକ୍ତିଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରାଯାଇଛି। ଏଥିପୂର୍ବରୁ ବିହାରରେ ମଧ୍ୟ ବିଷାକ୍ତ ମଦ ପିଇ ବହୁ ଲୋକଙ୍କ ଜୀବନ ଯାଇଥିଲା । ତେବେ ବାରମ୍ବାର ଏଭଳି ଅଘଟଣ ଘଟୁଥିବାରୁ ଏ କ୍ଷେତ୍ରରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ଜୋର ଧରିଛି ।

## ମିଳିତ ଜନ ଶୁଣାଣି ଶିବିର

ଭଦ୍ରକ, (ଭାସ୍କର ନ୍ୟୁଜ୍): ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଜନ ଶୁଣାଣି ଶିବିର ଆୟୋଜନ ନେଇ ଜିଲ୍ଲା କାର୍ଯ୍ୟାଳୟ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜି ବାସୁଦେବପୁର ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏହି ଶିବିର ଆୟୋଜିତ ହୋଇଥିଲା। ଭଦ୍ରକ ଜିଲ୍ଲାପାଳ ଓ ଏସ୍‌ପି ଏହି ଶିବିରରେ ଯୋଗଦେଇ ସମୁଦାୟ ୧୧୬ଟି ଅଭିଯୋଗ ଶୁଣିଥିଲେ। ସେଥି ମଧ୍ୟରେ ୧୦୪ଟି ବ୍ୟକ୍ତିଗତ ସମ୍ୟା ମୂଳକ ଅଭିଯୋଗ ଥିଲାବେଳେ ୧୨ଟି ଅଭିଯୋଗ ସାମୂହିକ ସମସ୍ୟା ଭିତ୍ତିକ ଥିଲା। ଭଦ୍ରକ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତୀମୟ, ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର, ବାସୁଦେବପୁର ବି.ଡ଼ି.ଓ. ସତ୍ୟଜିତ୍ ରାଉତ, ବାସୁଦେବପୁର ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ ପ୍ରମୁଖ ଏହି ଶିବିରରେ ଯୋଗ ଦେଇଥିଲେ। ସାମାଜିକ ସୁରକ୍ଷା ଯୋଜନାରେ ୧୦ ଜଣ ଦିବ୍ୟାଙ୍ଗ ଙ୍କୁ ଉପକରଣ ବଣ୍ଟନ କରାଯାଇଥିଲା। ସେମାନଙ୍କ ମଧ୍ୟରେ ତିନିଚକିଆ ସାଇକେଲ ୭ଟି, ହ୍ୱିଲ ଚେୟାର ୨ଟି ଓ ଦୃଷ୍ଟିବାଧିତ ବାଡ଼ି ୧ଟି ବଣ୍ଟନ କରାଯାଇଥିଲା। ବିଭିନ୍ନ ବିଭାଗ ସମ୍ବନ୍ଧୀୟ ଆଗତ ଅଭିଯୋଗ ଗୁଡ଼ିକର ନିୟମ ଅନୁଯାୟୀ ସମାଧାନ ପାଇଁ ଯଥାଶୀଘ୍ର ପଦକ୍ଷେପ ନେବାକୁ ଜିଲ୍ଲାପାଳ ଶିବିରରେ ଉପସ୍ଥିତ ଜିଲ୍ଲା ଓ ଉକ୍ତ ବ୍ଲକ୍ ସ୍ତରୀୟ ସଂପୃକ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ।

## ଛାତ୍ରୀ ଆତ୍ମହତ୍ୟା ମାମଲା: ପ୍ରେମିକ ଗିରଫ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ଆଜି ନିଶ୍ଚିନ୍ତକୋଇଲି ଥାନା ପୋଲିସ ଜନୈକା ଯୁବତୀର ଆତ୍ମହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ପ୍ରେମିକ କୁ ଗିରଫ କରି କୋର୍ଟ ଚାଲାଣ କରିଥିବାର ପୋଲିସ ସୂତ୍ରରୁ ପ୍ରକାଶ। ନିଶ୍ଚିନ୍ତକୋଇଲି ଗ୍ରାମର ଅନନ୍ତ ମଲିକଙ୍କ କନିଷ୍ଠା କନ୍ୟା ଆରତୀ ମଲିକ(୧୮) ଜଗତପୁର ଥାନା ପାଗା ଠାରେ ଥିବା ଏକ ଘରୋଇ ନର୍ସିଂହୋମରେ ଅଧ୍ୟୟନ କରୁଥିଲେ। ଆରତୀଙ୍କୁ ସ୍ଥାନୀୟ ଅଂଚଳର ଜଣେ ଦଳିତ ଯୁବକ ଦୀର୍ଘ ଦିନ ହେଲା ଭଲପାଇ ଆସୁଥିଲେ। ଏପରିକି ସମ୍ପୃକ୍ତ ଯୁବକ ଜଣକ ଆରତୀଙ୍କ ସହ କିଛି ଅନ୍ତରଙ୍ଗ ମୂହୁର୍ତ୍ତର ଭିଡିଓ ଓ ଫଟୋ ଉତ୍ତୋଳନ କରିଥିଲେ। ଯୁବକ ଜଣକ ଏହି ଫଟୋକୁ ଦେଖାଇ ଆରତୀଙ୍କୁ ବାରମ୍ବାର ବ୍ଲାକ ମେଲିଂ କରିଆସୁଥିଲେ। ଏପରିକି ଯୁବକ ଜଣକ ଆରତୀଙ୍କୁ ମାନସିକ ସ୍ତରରେ ଆଘାତ ଦେଇ ଆସୁଥିଲେ। ଯୁବକଙ୍କ ସହ ଆରତୀଙ୍କର କୌଣସି କାରଣରୁ ମନାନ୍ତର ଓ ମତାନ୍ତର ହୋଇଥିଲା। ଯୁବକ ଜଣକ ପ୍ରତିଶୋଧ ପରାୟଣ ହୋଇ ଯୁବତୀଙ୍କ ଭିଡିଓକୁ ଭାଇରାଲ କରିଦେଇଥିଲେ। ଏହି ଭାଇରାଲ ଘଟଣା ଯୁବତୀ ଜଣକ ଜାଣିବା ପରେ ମାନସିକ ସ୍ତରରେ ଆଘାତ ପାଇଥିଲେ। ଗତ ଏପ୍ରିଲ ୧୨ ତାରିଖ ସନ୍ଧ୍ୟାରେ ଛାତ୍ରୀ ଜଣକ ନିଜ ଘରେ ରଶି ଲଗାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏସମ୍ପର୍କରେ ମୃତା ଆରତୀର ପିତା ଅନନ୍ତ ସମ୍ପୃକ୍ତ ଯୁବକଙ୍କ ନାମରେ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଥାନା କେଶ ନଂ ୭୬/୨୦୨୩ରେ ଏକ ମାମଲା ରୁଜୁ ହୋଇଥିଲା ପୋଲିସ ମୃତା ଆରତୀର ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଥିଲା। ତେବେ ପ୍ରେମିକ ସୁଶୀଲ କୁମାର ସେଠୀ ଫେରାର ହୋଇଯାଇଥିଲା। ଗତ କାଲି ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ଚିନ୍ମୟୀ ସାହୁଙ୍କ ନେତୃତ୍ୱରେ ଏକ ପୋଲିସ ଟିମ କଟକରୁ ସୁଶୀଲକୁ ଗିରଫ କରିଥିଲେ। ଆଜି ଅଭିଯୁକ୍ତ ସୁଶୀଲକୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାକୁ ଶିଶୁଆ ଜେଲ ହାଜତକୁ ପଠାଇ ଦିଆଯାଇଥିବାର ପୋଲିସ ସୂତ୍ରରୁ ପ୍ରକାଶ।

## ■ ମର୍ମନ୍ତୁଦ ଦୁର୍ଘଟଣା ■

# ଗୋଟିଏ ପରିବାରର ୬ ମୃତ



ରାୟପୁର: ମୃତ୍ୟୁ କେତେବେଳେ କାହାପାଇଁ କେମିତି ଆସେ ତାହା ଜାଣିବା ମୁସ୍କିଲ। ସେମାନେ ସପରିବାର ଘରୁ ବାହାରି ଥିଲେ। ହେଲେ ରାସ୍ତାରେ ସତେ ଯେପରି ଜଗି ରହିଥିଲା ଯମ। ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଚାଲିଗଲା ଗୋଟିଏ ପରିବାରର ୬ ଜଣଙ୍କ ଜୀବନ। ଏଭଳି ଏକ ଅଭାବନୀୟ ତଥା ଦୁଃଖଦ ଘଟଣା ଘଟିଛି ଛତିଗଡ଼ର ବଲୋଦାରେ। ସୋମବାର ସକାଳେ ଏକ ଯାତ୍ରୀବାହୀ ପିକ୍‌ଅପ୍ ଓ ଟ୍ରକ୍ ମଧ୍ୟରେ ବଲୋଦା ଛକରେ ମୁହାଁମୁହଁ ଧକ୍କା ହୋଇଥିଲା। ଏଥିରେ ଗୋଟିଏ ପରିବାରର ୬ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ଜଣେ ଶିଶୁ ଥିବା ବେଳେ ୫ ଜଣ ମହିଳା ରହିଛନ୍ତି। ଖବର ପାଇ ପୋଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଆହତମାନଙ୍କୁ ହସ୍ପିଟାଲ ପଠାଇବାର ବ୍ୟବସ୍ଥା କରିଥିଲା। ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି ଯେ ଏହି ପିକ୍‌ଅପ୍‌ରେ ୨୫ରୁ ଅଧିକ ଯାତ୍ରୀ ରହିଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଦ୍ରୁତଗାମୀ ଟ୍ରକ୍ ମୁହାଁମୁହିଁ ଧକ୍କା ଦେଇଥିଲା। ଆହତମାନଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ପୋଲିସ ସମସ୍ତ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ ଯେ ପୂର୍ବରୁ ଗତ ୧୦ ତାରିଖରେ ବିକାପୁର-ବାରଣାସୀ ମୁଖ୍ୟ ରାସ୍ତାରେ ବୋଲେରୋ ଓ ଟ୍ରକ୍ ମଧ୍ୟରେ ଧକ୍କା ହୋଇ ୪ ଜଣଙ୍କ ଜୀବନ ଯାଇଥିଲା।

## ମେରୁଦଣ୍ଡ ଜନିତ ରୋଗର ସଚେତନତା ପାଇଁ ଗଣଦୌଡ଼



କଟକ (ଭାସ୍କର ନ୍ୟୁଜ): ମେରୁଦଣ୍ଡ ଜନିତ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ଲୋକଙ୍କୁ ସଚେତନତା କରାଇବା ପାଇଁ ଏକ ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଉଇନ୍ସ ଫର ଲାଇଫ୍ ଉଆଲଡ ପକ୍ଷରୁ ନରାଜ ସ୍ଥିତ ଓଡିଶା ମେରିଟାଇମ ପଡିଆରେ ଆୟୋଜିତ ଏହି ନିଆରା ସଚେତନତା କାର୍ଯ୍ୟରେ ୨୦୦ରୁ ଉର୍ଦ୍ଧ୍ୱ ଯୁବକ ଯୁବତୀ ସାମିଲ ହୋଇଥିଲେ ।ବିଶେଷ କରି ଅକ୍ଷୟ ମୋହନ ସର୍ବାଧିକ ୧୯ କି.ମି,ଆରିୟାନ ବ୍ରାହ୍ମଣ ୧୪କି.ମି,କରନ ସରକାର ୧୧ କି.ମି ଦୌଡ଼ି ରେକର୍ଡ ସୃଷ୍ଟି କରିଥିଲେ ।ଶେଷରେ ପଡିଆରେ ଏକାଠି ହୋଇଥିବା ଯୁବଗୋଷ୍ଠୀକୁ ଅତିଥି ମାନେ ଘରକୁ ଘର ବୁଲି ଏଭଳି ରୋଗ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବାକୁ ଆହ୍ୱାନ ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ସମାଜସେବୀ ଅଂଶୁମାନ ମହାନ୍ତି,ଆଶିଷ କୁମାର ପଡିଆରୀ, ଅନୁପମ ମିହିର,ସ୍ପନ୍ଦନ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

## ଚାଁଇପୁର ପଞ୍ଚାୟତରେ ପିଡିଏସ୍ ଚାଉଳ ବଣ୍ଟା ବନ୍ଦ

ଡେଲାଙ୍ଗ, (ଭାସ୍କର ନ୍ୟୁଜ୍): ଚଳିତ ମାସ ପ୍ରଥମ ସପ୍ତାହରେ ଚାଁଇପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଚାଁଇପୁର ମୌଜାର ପାଞ୍ଚଟି ୱାର୍ଡରେ ମାଗଣା ପିଡ଼ିଏସ ଚାଉଳ ବଣ୍ଟନ ପ୍ରକ୍ରିୟା ରାଜନୈତିକ ଗୋଷ୍ଠୀ କନ୍ଦଳ ଯୋଗୁଁ ଏକ ପ୍ରକାର ଠପ୍ ହୋଇଯାଇଥିବା ନେଇ ବ୍ଲକ୍ କର୍ତ୍ତୃପକ୍ଷଙ୍କ ନିକଟରେ ଜନସାଧାରଣ ଅଭିଯୋଗ କରିଛନ୍ତି ।ସୂଚନା ଅନୁଯାୟୀ, ପାଞ୍ଚଟି ୱାର୍ଡ ଯଥା ଚାଇଁପୁର ଚଣ୍ଡିସାହି, ପ୍ରଧାନସାହି,(୧),ବେହେରାସାହି, କାଲୁପଡା ନାୟକସାହି (୨)ମହାପାତ୍ର ସାହି, ବ୍ରାହ୍ମଣସାହି (୩), ଗଡକାଲୁପଡା (୪ )ଓ ପଥରଡିହ(୫)ଏହି ପାଞ୍ଚଟି ୱାର୍ଡରେ ମୋଟ ୩ଶହ୮୭ କାର୍ଡ ହୋଲ୍ଡର ପରିବାର ଥିବାବେଳେ ୧ହଜାର ୩୫ ଉପଭୋକ୍ତା ଏହି ସରକାରୀ ସୁବିଧା ହାସଲ କରିଥାନ୍ତି । ଏଥିପାଇଁ ମୋଟ ୬୯ କ୍ୱିଣ୍ଟାଲ ଚାଉଳ ମଞ୍ଜୁର ହୋଇଥିବାବେଳେ ମୂଳ ଡିଲର ଟ୍ୟାଗ୍ ଡିଲରକୁ ଦୁଇ କ୍ୱିଣ୍ଟାଲ କାଟ୍ କରି ୬୭ କ୍ୱିଣ୍ଟାଲ ଦେଇଥାଏ। ଅସଲ କଥାଟି ହେଲା ମାର୍ଥା ଗ୍ରାମ ଶ୍ରୀନିବାସ ମହାପାତ୍ର ଏହି ପାଞ୍ଚଟି ୱାର୍ଡରେ ପୂର୍ବରୁ ରିଟେଲର ଥିଲେ ।ତାଙ୍କର ଦେହାନ୍ତ ପରେ ପଞ୍ଚାୟତର ଆଉ ୮ଟି ୱାର୍ଡର ଡିଲର ବେଣୁଧର ପରିଡାଙ୍କ ଦାୟିତ୍ୱରେ ରହିଥିଲେ ହେଁ ସୁଷମ ବଣ୍ଟନ ଲକ୍ଷ୍ୟରେ ଅକ୍ଷୟ ଚମ୍ପତିଙ୍କୁ ଏହି ୫ଟି ୱାର୍ଡରେ କଣ୍ଟ୍ରୋଲ ସାମଗ୍ରୀ ବଣ୍ଟନ ଟ୍ୟାଗ୍ କରାଯାଇଥିଲା ।ତେବେ ଚଳିତ ବର୍ଷ ଆରମ୍ଭରୁ ଶାସକ ଦଳର କୁଜିନେତା ମାନଙ୍କମଧ୍ୟରେ ଏହି ଚାଉଳ ବଣ୍ଟନକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଟଣାଓଟରା ଚାଲିଛି ।ବର୍ତ୍ତମାନର ସରପଞ୍ଚ ଏବଂ ସମିତି ସଭ୍ୟା ଓ ପୂର୍ବତନ ଦୁଇ ସମିତିସଭ୍ୟଙ୍କ ମଧ୍ୟରେ କ୍ଷମତା ଯୁଦ୍ଧ ଚାଲିଥିବା ହେତୁ ଯୋଗାଣ ଅଧିକାରୀ ଅକ୍ଷୟ ସେଠୀ ନୀରବ ରହୁଥିବା ନେଇ ପ୍ରତିକ୍ରିୟା ଦେଇଛନ୍ତି ।ଏହିସବୁ କାରଣରୁ ଚାଉଳ ବଣ୍ଟନ ବନ୍ଦ୍ ହୋଇଥିବାରୁ ଜନସାଧାରଣଙ୍କ ଅସନ୍ତୋଷକୁ ଆଧାର କରି ଚାଁଇପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଦ୍ୟୁମ୍ନ କୁମାର ପରିଡ଼ା ଡେଲାଙ୍ଗ ବ୍ଲକ୍ ଅଧକ୍ଷା ବାସନ୍ତୀ ସାହୁ, ଉପାଧକ୍ଷ ଦୁର୍ବାସା ନିଶ ଙ୍କ ଏ ବଂ ବିଡିଓ ଲାବନ୍ୟେନ୍ଦୁ ମହାନ୍ତିଙ୍କ ନିକଟରେ ଅଭିଯୋଗ କରିଛନ୍ତି।

## ଏସ୍‌ବିଆଇ କର୍ମଚାରୀ ସଂଘ ଭୁବନେଶ୍ୱର ମଣ୍ଡଳର ସାଧାରଣ ପରିଷଦ ବୈଠକ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ରବିବାର ଦିନ ଭାରତୀୟ ଷ୍ଟେଟବ୍ୟାଙ୍କ କର୍ମଚାରୀ ସଂଘ ଭୁବନେଶ୍ୱର ମଣ୍ଡଳର ସାଧାରଣ ପରିଷଦ ବୈଠକ ରେଲୱେ ଅଡିଟରିୟମ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ସମସ୍ତ ଓଡିଶା ରାଜ୍ୟର କୋଣ ଅନୁକୋଣରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କର ଶାଖା ମାନଙ୍କରେ ନିଯୁକ୍ତି ପ୍ରାପ୍ତ କର୍ମଚାରୀବୃନ୍ଦ ବହୁ ସଂଖ୍ୟା ରେ ଯୋଗଦାନ କରିଥିଲେ । ସର୍ବ ଭାରତୀୟ ବ୍ୟାଙ୍କ ସଂଘ ସମୂହର ଆବାହକ ଏବଂ ଭାରତୀୟ ଷ୍ଟେଟବ୍ୟାଙ୍କ କର୍ମଚାରୀ ସଂଘର ସର୍ବଭାରତୀୟ ସାଧାରଣ ସମ୍ପାଦକ ସଂଜୀବ କୁମାର ବନ୍ଦଲିସ ଏହି ସଭାରେ ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିଲେ । ଷ୍ଟେଟ ବ୍ୟାଙ୍କର ମହାପ୍ରବନ୍ଧକ ପିନାକ ଚକ୍ରବର୍ତ୍ତୀ ,ପୋନ୍ନାବଲମ ଏମ ବିଶିଷ୍ଟ ଅତିଥି ଭାବେ ଯୋଗଦାନ କରି ସାମ୍ପ୍ରତିକ ପରିସ୍ଥିତିରେ ବ୍ୟାଙ୍କିଙ୍ଗ୍ ଶିଳ୍ପର ଭାରତୀୟ ଅର୍ଥନୀତିରେ ଭୂମିକା , ଆଗାମୀ ଦିନରେ ସମ୍ମୁଖୀନ ହେବାକୁ ଥିବା ଆହ୍ୱାନ , କାର୍ଯ୍ୟରତ କର୍ମଚାରୀମାନଙ୍କର ସାମଗ୍ରିକ ବିକାଶ ଉପରେ ଆଲୋକପାତ କରିଥିଲେ। ପ୍ରାୟ ୧୦୦୦ ରୁ ଅଧିକ ସଭ୍ୟମାନଙ୍କ ସହିତ ଅନ୍ୟ ସମସ୍ତ ରାଜ୍ୟର ଷ୍ଟେଟ ବ୍ୟାଙ୍କ କର୍ମଚାରୀ ସଂଘର ସଭାପତି ଓ ସାଧାରଣ ସମ୍ପାଦକ, ଷ୍ଟେଟ ବ୍ୟାଙ୍କ ଅଧିକାରୀ ସଂଘର ନେତୃବୃନ୍ଦ, ଷ୍ଟେଟ ବ୍ୟାଙ୍କ ଅନୁସୂଚିତ ଜାତି/ଜନଜାତି କର୍ମଚାରୀ କଲ୍ୟାଣ ପରିଷଦର ନେତୃବୃନ୍ଦ ଏବଂ ବ୍ୟାଙ୍କର ଅଧିକାରୀମାନେ ଏହି ମହାସଭାରେ ଯୋଗଦାନ କରି ଏହାକୁ ସାଫଲ୍ୟମଣ୍ଡିତ କରିଥିଲେ। ଏହି ସଭାଟି ସ୍ୱାଧୀନ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ସଭାର ଶେଷ ପର୍ଯ୍ୟାୟରେ ଭୁବନେଶ୍ୱର ମଣ୍ଡଳର ସାଧାରଣ ସମ୍ପାଦକ ଶ୍ରୀ ରଘୁନାଥ ପ୍ରସାଦ ଦାସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରଯାଇଥିଲା । ପରିଶେଷରେ ଉପ ସାଧାରଣ ସଂପାଦକ, ଭୁବନେଶ୍ୱର ତପନ କୁମାର ପାଲ ଧନ୍ୟବାଦ ଅର୍ପଣ କରିଥିଲେଓ

## ଅଚଳକୋଟ ସେବା ସମବାୟ ସମିତି ସଭାପତିଙ୍କ ବିୟୋଗରେ ଶୋକସଭା



କଟକ(ଭାସ୍କର ନ୍ୟୁଜ): ତିଗିରିଆ ବ୍ଲକ ଅନ୍ତର୍ଗତ ଅଚଳକୋଟ ଗ୍ରାମ ସେବା ସମବାୟ ସମିତିର ସଭାପତି ତଥା ଆଦର୍ଶ ଶିକ୍ଷକ ଧ୍ରୁବଚରଣ ସ୍ୱାଇଁଙ୍କ ଅକାଳ ବିୟୋଗରେ ଏକ ଶୋକସଭା ସୋମବାର ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ସରପଞ୍ଚ ଗୌରହରି ପରିଡାଙ୍କ ନେତୃତ୍ୱରେ ଆୟୋଜିତ ଏହି ଶୋକସଭାରେ ଦିବଂଗତ ଆତ୍ମାପ୍ରତି ଏକମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଏଥିସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରାଯାଇଥିଲା । ଏଠାରେ ସୂଚନାଯୋଗ୍ୟ ଯେ ଏହି ଅଞ୍ଚଳରେ ସ୍ୱର୍ଗତଃ ସ୍ୱାଇଁଙ୍କ ଜନହିତକର କାର୍ଯ୍ୟ ସମସ୍ତଙ୍କୁ ଆକୃଷ୍ଟ କରିପାରିଥିଲା । ଏଥିସହ ସେ ଜଣେ ନୀତିନିଷ୍ଠ କର୍ତ୍ତବ୍ୟପରାୟଣ ବ୍ୟକ୍ତିଭାବେ ଏହି ଅଞ୍ଚଳରେ ସୁପରିଚିତ ଥିଲେ ବୋଲି ଶୋକସଭାରେ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଥିଲେ । ଏହି ଶୋକସଭାରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସମିତି ସଭ୍ୟ ଅଚ୍ୟୁତାନନ୍ଦ ଜେନା, ମାଧବ ନାୟକ, ସୁବାସ ଧଳ, ନରେଶ ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ ବୋଲି ବିଶିଷ୍ଟ କବି ଡକ୍ଟର ଶରତ ଚନ୍ଦ୍ର ମାଝୀ ସୂଚନା ଦେଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଆନ୍ତର୍ଜାତିକ...

ଆଇଟି, ଉତ୍ପାଦନ ଓ ପର୍ଯ୍ୟଟନର ବିକାଶ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ସୃଷ୍ଟି ହେବ । ସୂଚନାଯୋଗ୍ୟ ଯେ ଦୁବାଇରେ ଆୟୋଜିତ ମେକ୍ ଇନ୍ ଓଡ଼ିଶା କନକ୍ଲେଭରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବିମାନ ଚଳାଚଳ ନେଇ ଘୋଷଣା କରିଥିଲେ ।

### ୪୪.୪ ଡିଗ୍ରୀ...

ସେହିପରି ବୌଦ୍ଧରେ ୪୨.୯, ଝାରସୁଗୁଡ଼ାରେ ୪୩.୬, ସୋନପୁର, ମାଲକାନଗିରି ଓ ସମ୍ବଲପୁରରେ ୪୨.୮, ଭବାନୀପାଟଣାରେ ୪୩.୫, ଅନୁଗୋଳରେ ୪୨.୭, ସୁନ୍ଦରଗଡ଼ରେ ୪୨.୪, ରାଉରକେଲାରେ ୪୨.୨, ତାଳଚେର, ନୟାଗଡ଼ ଓ ନୂଆପଡ଼ାରେ ୪୨, ବରଗଡ଼ରେ ୪୨.୨, ନବରଙ୍ଗପୁରରେ ୪୦.୪ ଓ ହୀରାକୁଦରେ ୪୧.୯ ଡିଗ୍ରୀ ରେକର୍ଡ ହୋଇଛି । ଏଭଳି ତାତି ଆହୁରି ଦୁଇଦିନ ଜାରି ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

### ଲୁଟିଲେ ୧୫ କୋଟିର...

ଅପରାହ୍ନ ସାଢେ ଗୋଟିଏ ସମୟରେ ଦୁଇଜଣ ବ୍ୟକ୍ତି ଗ୍ରାହକ ସାଜି ସୋ ରୁମ ଭିତରକୁ ପ୍ରବେଶ କରିଥିଲେ। ସେମାନେ ସୁନା ଗହଣା ଦେଖିବାକୁ ବରାଦ କରିଥିବା ବେଳେ ଜଣେ ଶୌଚାଳୟକୁ ଯାଇ ବାହାରେ ଥିବା ସହଯୋଗୀଙ୍କୁ ଫୋନ୍ କରିଥିଲା। ପରେ ଅନ୍ୟ ଲୁଟେରାମାନେ ସୋ ରୁମ ଭିତରେ ପ୍ରବେଶ କରିଥିଲେ। ସେମାନେ ଗ୍ରାହକଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ କର୍ମଚାରୀଙ୍କୁ ହାତବାନ୍ଧି ଗୋଟିଏ ସ୍ଥାନରେ ବସାଇ ଦେଇଥିଲେ। ଦାୟିତ୍ୱରେ ଥିବା ସୁରକ୍ଷା କର୍ମୀ ବିରୋଧ କରିବାରୁ ସେମାନେ ତା ଠାରୁ ବନ୍ଧୁକ ଛଡ଼ାଇ ନେଇ ଭାଙ୍ଗି ଦେବା ସହ ମାଡ଼ ମାରିଥିଲେ। ଲୁଟେରାଙ୍କ ମାଡ଼ରେ ଦୁଇଜଣ କର୍ମଚାରୀ ଗୁରୁତର ହୋଇଛନ୍ତି। ଏପରିକି କେତେକ ଗ୍ରାହକଙ୍କ ମୋବାଇଲ ଛଡ଼ାଇ ନେଇଥିବା ମଧ୍ୟ ଅଭିଯୋଗ ହୋଇଛି। ଲୁଟ୍ ପରେ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଛନ୍ତି। ଯାଜପୁର ରୋଡ଼ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଯାଞ୍ଚ କରିବା ସହ ତଦନ୍ତ ଆରମ୍ଭ କରିଛି। ଆହତଙ୍କ ମଧ୍ୟରେ ଜଣେ ମହିଳା କର୍ମଚାରୀ ଥିବାର ସୂଚନା ମିଳିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

### ୨ଦିନ ଅସମ୍ଭାଳ...

ଜଳ ବିଭାଗକୁ ଆଲର୍ଟ ରଖା ଯାଇଛି। ପିଏଚ୍‌ସି ଓ ସିଏଚ୍‌ସି ଗୁଡ଼ିକରେ ଏସି ରୁମ୍ ବ୍ୟବସ୍ଥା ସହ ଆବଶ୍ୟକ ଔଷଧ ଓ ଓଆର୍‌ଏସ୍ ମହଜୁଦ ଥିବା ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ। ଅନ୍ୟପକ୍ଷରେ ଦୁଇ ଦିନ ପରେ ତାତିରୁ ସାମାନ୍ୟ ଆଶ୍ୱସ୍ତି ମିଳିବାର ସମ୍ଭାବନା ରହିଛି। କାଳବୈଶାଖୀ ପ୍ରଭାବରେ ଉପକୂଳ ତଥା ଉତ୍ତର ପୂର୍ବ ଓଡ଼ିଶାର କିଛି ଜିଲ୍ଲାରେ ଘଡ଼ଘଡ଼ି ଓ ବିଜୁଳି ସହ ବର୍ଷାର ସମ୍ଭାବନା ଥିବା ପାଣିପାଗ ବିଭାଗ ସୂଚନା ଦେଇଛି। ଦୁଇଦିନ ପରେ ତାତିର ପ୍ରଭାବ କମିବାର ଥିଲେ ମଧ୍ୟ ଗ୍ରୀଷ୍ମ ପ୍ରବାହ ୨୨ ତାରିଖ ପର୍ଯ୍ୟନ୍ତ ଜାରି ରହିବ।

### ବିଧାୟିକା ଭାବେ...

ନବୀନ ନିବାସରେ ଭେଟି ତାଙ୍କ ଆଶୀର୍ବାଦ ନେଇଥିଲେ। ଝାରସୁଗୁଡ଼ାର ବିକାଶକୁ ଆଗେଇ ନେବା ସହ ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବା ନିମନ୍ତେ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ତାଙ୍କୁ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ ଯେ ଝାରସୁଗୁଡ଼ା ଉପନିର୍ବାଚନରେ ଦୀପାଳି ବିପୁଳ ଭୋଟରେ ନିକଟତମ ପ୍ରତିଦ୍ୱନ୍ଦୀ ବିଜେପି ପ୍ରାର୍ଥୀ ଟଙ୍କଧର ତ୍ରିପାଠୀଙ୍କୁ ପରାସ୍ତ କରିଥିଲେ। ଦୀପାଳି ପ୍ରାୟ ୪୮,୭୨୧ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟଲାଭ କରିଥିଲେ।


C-319

OFFICE OF THE MUNICIPAL COUNCIL: SUNDARGARH

Tender Call Notice No. 1596 ,Dt.10 .05 .2023

COMPETITIVE BIDDING THROUGH e-Procurement

NOTICE INVITING TENDER

Bid Reference No. SNGM-01 / 2023-24 / Dt.10. 05.23

1. Total No. of Works for which Tenders Invited: 13 Nos.
2. Place of Execution: Different locations of Sundargarh Municipality.
3. Estimated Cost of Individual Works excluding GST: Rs1,08,670/- to Rs.16,95,256/-
4. Eligible Class of Contractors: Registered Contractors of Class- 'D' to Class- 'C' as indicated against each work mentioned in the tender call notice.
5. Intending bidders have to participate through "On-Line" bidding only. The website for online bidding is https://www.tendersodisha.gov.in.
6. The bid documents will be available in the above website from 11.00 A.M of Dt. 17.05.2023 to 5.00 P.M of Dt. 27.05.2023 for online bidding.
7. Bids received will be opened on e-Procurement System at 11.00 A.M onwards on Dt. 29.05.2023.
8. The bidder must possess valid and compatible Digital Signature Certificate (DSC).
9. The DTCN for bid shall be available in the e-procurement portal https://www.tendersodisha.gov.in for on-line bidding.

Sd/- Executive Officer
Sundargarh Municipality

OIPR 13130/11/0003/2324



E-108

OFFICE OF THE CDM&PHO, KORAPUT
DISTRICT PROGRAMME MANAGEMENT UNIT, NHM

Advt.No.1621 /DPMU/NHM/2023 Date: 12.05.2023

Tender Call Notice

Sealed tenders are invited from from Travel Agencies / Private Organizations / NGOs / Individuals for hiring of a multi utility A.C. four wheeler vehicle (TATA SAFARI, Mahindra Bolero, Bolero (Neo), Scorpio, XYLO, Maruti Suzuki Ertiga, Innova) only for engagement at DPMU, NHM, Koraput on contract basis. Details regarding the terms & conditions and formats for submission of tender may be downloaded from the website: www.koraput.nic.in. The tenders should reach the office of the undersigned by 02.06.2023 till 11:00 A.M. The undersigned reserves the right to reject any or all the tenders without assigning any reason thereof.

Sd/-
CDM & PHO cum
District Mission Director, Koraput

OIPR 10077/11/0002/2324



CAD-571

OHPC
ISO 9001-14001 18001 Certified

OFFICE OF THE SR. GENERAL MANAGER (ELECTRICAL)
UPPER INDRAVATI HYDRO ELECTRIC PROJECT, MUKHIGUDA,
DIST: KALAHANDI-766026, ODISHA, E-mail: sgmel_uihep@ohpcltd.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

NOTICE INVITING TENDER No. UIHEP-06/2023-24 DATE 11.05.2023

Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from registered firms with minimum of 02 (two) years of relevant experience and fulfilling the eligibility criteria as per the tender specification for the work as mentioned below.

| Description of work | Cost of tender paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Underwater diving and salvage work of UIHEP, Mukhiguda for two years. | 7,080/- (inclusive of GST) | 20,100/- | From 17.05.2023 to 29.05.2023 up to 12.00 Hrs | 29.05.2023 (up to 12:00 Hrs) | 29.05.2023 at 12:30 Hrs |

For details of the tender documents, terms and conditions please visit our website www.ohpcltd.com

Sd/-C&P Head
UIHEP, Mukhiguda

OIPR 04008/11/0008/2324



ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲଡିଂ,
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା ୧୫୨୩୫/ଭୁ.ଉ.କ., ଭୁବନେଶ୍ୱର ତା ୦୮.୦୫.୨୦୨୩ ରିଖ

ସୂଚନା

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଲକ୍ଷ୍ମୀସାଗର ଗୃହ ପ୍ରକଳ୍ପର ୨ୟ ପର୍ଯ୍ୟାୟରେ ଗୃହ ନଂ- LB-106କୁ ଶ୍ରୀମତୀ ଅନିମା ଦାସ, ସ୍ୱାମୀ- ଦିନାନାଥ ଦାସ, ଗ୍ରାମ- ବରତଣା, ପୋ-ବରତଣା, ଥାନା- ଭୋଗରାଇ, ଜିଲ୍ଲା- ବାଲେଶ୍ୱରଙ୍କୁ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ଶ୍ରୀମତୀ ଅନିମା ଦାସ ତା ୨୦.୧୦.୨୦୧୭ରିଖରେ ମୃତ୍ୟୁବରଣ କରିଅଛନ୍ତି । ଆବଣ୍ଟନଗ୍ରାହୀଙ୍କ ମୃତ୍ୟୁପରେ (୧) ଡା. ଦିନାନାଥ ଦାସ (ସ୍ୱାମୀ), (୨) ଶ୍ରୀମା ଦାସ (ଝିଅ), (୩) ଶ୍ରୀମତୀ ଶ୍ରୀୟା ଦାସ ଉତ୍ତରାଧିକାରୀ ସୂତ୍ରରେ ଉକ୍ତ ଘରର ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କଠାରେ ଆବେଦନ କରିଅଛନ୍ତି।
ଏଣୁ ଉକ୍ତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହାହେଲେ ଏହି ସୂଚନା ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସଂପାଦନ କରାଯିବ ।

ସ୍ୱା/-ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଭୁବନେଶ୍ୱର

CAD-575
OIPR 13033/11/0075/2324



ବାଲେଶ୍ୱର, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ନୂଆବଜାର ବୀଣା ହୋଟେଲ ଗଳି ମହିଳା ଓ ଶିଶୁମାନଙ୍କ ଦ୍ୱାରା ୧୨ତମ ଜଉକଣ୍ଢେଇ ବାହାଘର ପାଇଁ ହଳଦୀ ମଖା ଓ ଗାଧୁଆ ପର୍ବ ପାରମ୍ପରିକ ରୀତିରେ ସମାପନ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରଗଡ ଜିଲାର ଯୁବ ବୁଣାକାର ଚନ୍ଦନ ମେହେର ଯୋଗ ଦେଇ ଲାବଣ୍ୟବତୀ ଓ ଚନ୍ଦ୍ରଭାନୁ ଜଉକଣ୍ଢେଇର ବର କନିଆଁ ଦେହରେ ସୁବାସିତ ହଳଦୀ ଲଗାଇ ଶୁଦ୍ଧ ଜଳରେ ଗାଧୋଇ ଦେଇ ଥିଲେ। ଏହା ପରେ ବର କର୍ତ୍ତା ମୌସୁମୀ ଦାସଅଧିକାରୀ ଓ କନିଆଁ କର୍ତ୍ତା ବନିତା ବେହେରା, ସେକ୍ ଚିଣ୍ଟୁ, ଯୁବ ବିକାଶ ସଂଗଠନର ଗୋବିନ୍ଦ ଦଳାଇ, ବାଲେଶ୍ୱରୀ ଜଉକଣ୍ଢେଇ ବାହାଘରର ଆବାହକ ଶିଳ୍ପୀ କେଶୁଦାସ, କନକଲତା ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ହଳଦୀ ମଖା ଓ ଗାଧୁଆ ପର୍ବ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ପୁରୋଧା ତଥା ଜଉକଣ୍ଢେଇ ଶିଳ୍ପୀ ରାକେଶ ବେହେରା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ସନ୍ଧ୍ୟାରେ ପାରମ୍ପରିକ ରୀତିରେ ଲାବଣ୍ୟବତୀ ଜଉକଣ୍ଢେଇ ସହ ଚନ୍ଦ୍ରଭାନୁ ଜଉକଣ୍ଢେଇରର ବିବାହ କାର୍ଯ୍ୟ ସମାନ ହୋଇଯାଇଥିଲା। ଆସନ୍ତା କାଲି ଭୋଜିଭାତ ଓ ନାଚଗୀତ କରି ଆନନ୍ଦ ଉଲ୍ଲାସରେ ଉତ୍ସବ ପାଳନ କରାଯିବ ବୋଲି କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି।

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ଭଞ୍ଜନଗର ଥାନା ଅନ୍ତର୍ଗତ ମୁଜାଗଡ଼ ଗ୍ରାମର ସୁରେନ୍ଦ୍ର ନାୟକଙ୍କ ପୁଅ ଅଶୋକ ନାୟକ(୪୦)ଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ଖବର ନେବାରେ ,ଅଶୋକ ନିଜ ଘରେ ବିଦ୍ୟୁତ କାଯ୍ୟ କରୁଥିବା ବେଳେ ଅସାବଧାନତା ଯୋଗୁଁ ବିଦ୍ୟୁତ ଆଘାତ ପାଇଁ ଟଳି ପଡିଥିଲେ।ଗୁରୁତ୍ୟର ଅବସ୍ଥାରେ ପରିବାର ଲୋକେ ଏକ ଅଟୋ ଯୋଗେ ଭଞ୍ଜନଗର ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଅଶୋକକୁ ମୃତ ଘୋଷଣା କରିଥିଲେ। ପୁଲିସ ଖବରପାଇ ଡାକ୍ତରଖାନାରେ ପହଞ୍ଚି ଅଶୋକକର ମୃତଦେହ ଜବତ କରିବା ସହ ତଦନ୍ତକରି ବ୍ୟବଚ୍ଛେଦ ଗୃହକୁ ପଠାଇଥିଲେ ।ଭଞ୍ଜନଗର ଥାନା କେସ୍ ନମ୍ବର ୧୫/୨୩ରେ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ଧୀରେଶ କୁମାର ଦାଶ ସୂଚନା ଦେଇଛନ୍ତି ।ଅଶୋକର ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା

## ୨୦ଲକ୍ଷ ଟଙ୍କାର ସୁନାଗହଣା ଚୋରି

ନିମାପଡା, (ଭାସ୍କର ନ୍ୟୁଜ୍): ନିମାପଡା ଥାନା ଅଂଚଳରେ ବଢୁଚି ଚୋରମାନଙ୍କ ଆତଙ୍କ। ଘରେ ପଶି କୋଡିଏ ଲକ୍ଷ ଟଙ୍କାର ସୁନା ଗହଣା ଚୋରମାନେ ଲୁଟିନେଇଥିବା ବେଳେ ପୋଲିସ ଚଳାଇଛି ତଦନ୍ତ । ମାତ୍ର ଚୋର କିମ୍ବା ଚୋରି ସୁନାର କୌଣସି ସନ୍ଧାନ ମିଳିପାରିନାହିଁ। ମିଳିଥିବା ସୂଚନା ଅନୁଯାୟୀ ତେରୁଣ୍ଡିଆ ପଞ୍ଚାୟତ ରାଜରାଣି ଗ୍ରାମର ସନ୍ତୋଷ ପ୍ରଧାନଙ୍କ ପରିବାର ରାତ୍ର ଖାଇପିଇ ଶୋଇପଡିଥିବା ବେଳେ କୌଣସି ଚୋର ଘରେ ପଶି ଡ୍ରେସିଂ ଟେବୁଲ ଡ୍ରରେ ଥିବା ବିଭିନ୍ନ ସୁନା ଓ ରୂପା ଗହଣା ଚୋରି କରି ନେଇଯାଇଅଛି। ଏ ସଂପର୍କରେ ସନ୍ତୋଷ ନିମାପଡା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଜିଲ୍ଲାସାଇଣ୍ଟିଫିକ ଟିମ ସହାୟତରେ ତଦନ୍ତ ଜାରି ରଖିଛି। ନିମାପଡା ଅଂଚଳରେ ବେଳକୁ ବେଳ ଚୋରମାନଙ୍କ ଆତଙ୍କ ବଢିବାରେ ଲାଗିଛି । ତୁରନ୍ତ ଏହି ଚୋରମାନଙ୍କୁ ଠାବ କରି ଗିରଫ କରିବା ପାଇଁ ସାଧାରଣରେ ଦାବି ହୋଇଛି।

## ଭିନ୍ନ ମାମଲାରେ ୫ କୋର୍ଟଚାଲାଣ

ବାଲିପାଟଣା, (ଭାସ୍କର ନ୍ୟୁଜ୍): ଆଜି ଭିନ୍ନ ଭିନ୍ନ ମାମଲାରେ ବାଲିପାଟଣା ଥାନା ରୁ ପାଞ୍ଚ ଜଣ କୋର୍ଟ ଚାଲାଣ ହୋଇଥିବା ସୂଚନା ମିଳିଛି। ୨୦୧୮ ମସିହାରୁ ଏକ ଅପହରଣ ଏବଂ ବଳତ୍କାର ମାମଲା ରେ ଫେରାର୍ ଥିବା ଅଭିଯୁକ୍ତ କୁ ଆଜି ଗିରଫ୍ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଜଣଙ୍କ ବାଲିପାଟଣା ଥାନା ଅନ୍ତର୍ଗତ ନରିଶୋ ପଞ୍ଚାୟତ ର କୁଶୁପଦା ର ଶିବ ଜେନା (୨୮) ପିତା ଗଣେଶ ଜେନା। ଶିବ ୨୦୧୮ ମସିହାରୁ ଗୋଆ ରେ ଆତ୍ମଗୋପନ କରିଥିଲେ। କିଛି ମାସ ପୂର୍ବରୁ ସେ ଘରକୁ ଆସିବା ଖବର ପାଇ ଆଜି ଶିବ କୁ ଗିରଫ୍ କରାଯାଇ ୭୯/୧୮ କେଶ୍ ନମ୍ବର ରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ଏକ ଘଟଣା ରେ ଜମିବାଡି ବିବାଦକୁ କେନ୍ଦ୍ରକରି ଆକ୍ରମଣ ମାମଲା ରେ ଭଇରିପୁର ଗ୍ରାମର ପ୍ରଶନ୍ନ ବାରିକ, ବିପିନ ବାରିକ ଏବଂ ତୋଫାନ ବାରିକ ଙ୍କୁ ଗିରଫ୍ କରାଯାଇ ୧୬୬/୨୩ ନମ୍ବର କେଶ୍ ରେ ମାମଲା ରୁଜୁ କରାଯିବା ସହିତ ୧୬୫/୨୩ ରେ ଅନୁରୁପ ଘର ତୋଳା କୁ କେନ୍ଦ୍ରକରି ମାରଣାନ୍ତକ ଆକ୍ରମଣ କରି ମାର୍ଥାପୁର ଗ୍ରାମର ରଞ୍ଜନ ପାତ୍ର କୁ ଗିରଫ୍ କରାଯାଇ ଆଜି କୋର୍ଟ ଚାଲାଣ କରାଯାଇଥିବା ଥାନା ସବ୍ ଇନ୍ସପେକ୍ଟର ରାକେଶ ସାମଲ ସୂଚନା ଦେଇଛନ୍ତି।

## ବାର୍ହା ଆକ୍ରମଣରେ ଦୁଇ ଆହତ

ନିମାପଡା, (ଭାସ୍କର ନ୍ୟୁଜ୍): ନିମାପଡା ଅଂଚଳରେ ବାରହା ଆତଙ୍କ ଦେଖାଦେଇଛି। ଏକ ଗ୍ରାମର ଏକାଧିକ ବ୍ୟକ୍ତିଙ୍କୁ ବାରହା ଆକ୍ରମଣ କରିଥିବା ନେଇ ଅଭିଯୋଗ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ ନିମାପଡା ବ୍ଲକ୍ ତମ୍ପାଳୋ ପଞ୍ଚାୟତ ଚଢେଇଗାଁରେ ବାରହା ଆକ୍ରମଣରେ ଦୁଇଜଣ ଆହତ ହୋଇଛନ୍ତି। ଏହି ଗ୍ରାମର ପ୍ରଜ୍ଞପରମିତା ନାୟକ (୧୬) ଓ ବୁଟୁ ବିଶ୍ୱାଳ (୩୦) ଶୌଚ ହେବାକୁ ପୋଖରୀକୁ ଯାଇଥିବା ବେଳେ କରିଥିଲା । ଏହି ଦୁଇଜଣ ଆହତ ହୋଇ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହେଉଛନ୍ତି। ବାରହା ଆକ୍ରମଣ ଯୋଗୁଁ ସ୍ଥାନୀୟ ଅଂଚଳରେ ଏକ ପ୍ରକାର ଆତଙ୍କ ଖେଳିଯାଇଛି। ତୁରନ୍ତ ବାରହାକୁ ଆୟତ୍ତ କରିବାକୁ ଲୋକମାନଙ୍କ ପକ୍ଷରୁ ଦାବୀ ହୋଇଛି। ସେହିପରି ରେଘଂଳୋ ବସ୍ତି ଅଂଚଳରେ ବାରାହା ଆକ୍ରମଣରେ ପୂର୍ବରୁ ୫ଜଣ ଆହତ ହୋଇ ଥିଲେ । ବନ ବିଭାଗ ବାରହାକୁ ଧରିବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ଧରି ପରିନଥିଲେ ।

### ● ସରକାରୀ ଅର୍ଥ ହରିଲୁଟ୍ ପାଇଁ ସରପଞ୍ଚଙ୍କ ନୂଆ ଫର୍ମୁଲା ●

# କେନାଲ ବନ୍ଧରେ ଗଛ ଲଗାଇ ଟଙ୍କା ଟଲୁ ଉଦ୍ୟମ

ନିଆଳୀ, (ଭାସ୍କର ନ୍ୟୁଜ୍): ବୃକ୍ଷ ସଂଖ୍ୟା ବ୍ୟାପକ ପରିମାଣରେ କମି କମି ଆସୁଥିବାରୁ ଜଳବାୟୁର ବିରାଟ ପରିବର୍ତ୍ତନ ଦେଖାଦେଇଛି। ଏହାକୁ ଦୃଷ୍ଟିରେ ରଖି ଉଭୟ ସରକାର ବୃକ୍ଷରୋପଣ କରି ପରିବେଶର ସୁରକ୍ଷା ପାଇଁ ଅହରହ ଉଦ୍ୟମ ଜାରୀ ରଖିଛନ୍ତି। କିନ୍ତୁ ଏହି ସୁଯୋଗକୁ ଅପବ୍ୟବହାର କରି କିଛି ପଞ୍ଚାୟତ ସ୍ତରର ନେତା ସରପଞ୍ଚ ଓ ବ୍ଲକ ଯନ୍ତ୍ରୀ ସେହି ଯୋଜନାକୁ ହରିଲୁଟ କରିବାକୁ ମସୁଧା ଚଳାଇଛନ୍ତି। ଯାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି କଟକ ଜିଲ୍ଲା ନିଆଳୀ ବ୍ଲକ ପହଙ୍ଗା ପଞ୍ଚାୟତରେ ମନରେଗାରେ ବୃକ୍ଷ ରୋପଣ ଆଳରେ ସ୍ଥାନୀୟ ସରପଞ୍ଚ ବିନାଅନୁ ମତିରେ ବେଆଇନ୍ ଭାବେ କେନାଲ ବନ୍ଧରେ ଗଛ ଲଗାଇ ଲୁଟି



ଚାଲିଛନ୍ତି ଲକ୍ଷଲକ୍ଷ ଟଙ୍କା। ତାକୁ ସହଯୋଗ କରୁଛନ୍ତି ବ୍ଲକ କନିଷ୍ଠ ଜନ୍ତ୍ରୀ। ସୁନେଇ ମୁହଁ ଠାରୁ କୁତାମଚଣ୍ଡି ମନ୍ଦିର ପର୍ଯ୍ୟନ୍ତ କେନାଲ ବନ୍ଧର ଉଭୟ ପାଶ୍ୱରେ ମନରେଗା ଯୋଜନାରେ ୫ଲକ୍ଷ ଟଙ୍କା ବେୟରେ ପ୍ରକଳ୍ପର ଗଛ ଲଗାଇଛନ୍ତି। ଏନେଇ ନିଆଳୀ ଜଳସମ୍ପଦ ବିଭାଗ ସହ ଯୋଗାଯୋଗ କରିବାରେ ଏପରି କରାଯିବା ପାଇଁ ଆମଠାରୁ କେହି ପରିମିସନ ନେଇ ନାହାଁନ୍ତି। ଏବେ ଏହି ବନ୍ଧରେ ରାସ୍ତା ନିର୍ମାଣ କରାଯାଉଛି। ଯଦି ଗଛ ପଡିଥିବ ତାହା ସମ୍ପୂର୍ଣ୍ଣ ଭାବେ ନଷ୍ଟ ହେବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଏହି ବନ୍ଧରେ ମଧ୍ୟ ୨ କୋଟି ରୁ ଉର୍ଦ୍ଧ୍ୱ ଟଙ୍କାର ରାସ୍ତା ନିର୍ମାଣ କାମ ଆରମ୍ଭ ହୋଇ ସମ୍ପ୍ରସାରଣ ହୋଇ ଆସୁଛି। ବିଭାଗୀୟ ଜୈନେକ କର୍ମଚାରୀଙ୍କ ଠାରୁ ଭିତିରି ସୂତ୍ରରୁ ଯାହା ଖବ ମିଳିଛି ସମ୍ପୃକ୍ତ ସରପଞ୍ଚଙ୍କ ସ୍ୱାମୀ ଟିକେ କାମ ଡେରି କରିବାକୁ ଅନୁରୋଧ କରିଛନ୍ତି। ସେ ବିଲ ଆଉ ଉଠାଇବା ପରେ ମାଟି ପୋତିବାକୁ କହିଛନ୍ତି। ଏଠାରେ କଥା ଉଠେ ନିଜର ସ୍ୱାର୍ଥକୁ ଦୃଷ୍ଟି ରେ ନେଇ ସରପଞ୍ଚ ଗଛ ପୋତି ନିଜର ଆୟ ବଢାଉଛନ୍ତି ସିନା କିନ୍ତୁ ସରକାରଙ୍କ ଯୋଜନା ଏଠାରେ ସମ୍ପୂର୍ଣ୍ଣ ଫେଲ ମାରିଛି ସମସ୍ତ ଅର୍ଥ ଏଠାରେ ପାଣିରେ ପଡିଛି। ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ କରାଯାଇ ସମ୍ପୃକ୍ତ ସରପଞ୍ଚଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଦାବି ହେଉଛି।

## ନିଖୋଜ ପୁଅ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ମା'

କୋରେଇ, (ଭାସ୍କର ନ୍ୟୁଜ୍): କୋରେଇ ଥାନା ଅନ୍ତର୍ଗତ କନ୍ତୋର ପଞ୍ଚାୟତର ଗଜେନ୍ଦ୍ରପୁର ଗ୍ରାମର ଭରତ ସାହୁଙ୍କ ପୁଅ ବିଚିତ୍ର ସାହୁ କିଛି ଦିନ ତଳେ ନିଖୋଜ ଥିବା ନେଇ ତାଙ୍କ ମା ଲକ୍ଷ୍ମୀ ସାହୁ କୋରେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ପୁଅ ବିଚିତ୍ରକୁ ନିଖୋଜ ଥିବା ଦିନ ଗଜେନ୍ଦ୍ରପୁର ଗ୍ରାମର ପ୍ରଭାକର ବାରିକ ଫୋନ ଯୋଗେ ଡାକି ନେଇ କୁଆଡେ ପଠେଇଥିବା ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୋରେଇ ପୋଲିସର କୌଣସି ତତ୍ପରତା ପ୍ରକାଶ କରୁ ନଥିବା ଅଭିଯୋଗ ହେଉଛି । ବିଚିତ୍ର ଘରର ଏକ ମାତ୍ର ରୋଜଗାରିଆ ପୁଅ ଥିବାବେଳେ ତାଙ୍କୁ ନପାଇ ପରିବାରରେ ଭିନକ୍ଷମ ବାପା, ମା ଓ ତାଙ୍କ ପତ୍ନୀ ବୋହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତାଙ୍କ ମା କିଛି ଦିନ ତଳେ ଖବର ପାଇଲେ କି ବିଚିତ୍ର ଚେନ୍ନାଇର କୌଣସି ଜେଲରେ ଥିବା ସୂଚନା ତାଙ୍କ ମା ପୋଲିସ କୁ ଜଣାଇଥିଲା ପରେ ସେହି ଦିନର ଫୋନ କଲ ଯାଞ୍ଚ ବ୍ୟାଙ୍କ ନେଣ ଦେଣ ଯାଞ୍ଚର ତଥ୍ୟ ମିଳିବା ପରେ କାହିଁକି ଯେଉଁ ମାନେ ଏହି ଘଟଣାରେ ସମ୍ପୃକ୍ତ ସେମାନଙ୍କ ବିରୁଦ୍ଧରେରେ ସ୍ଥାନୀୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନାହିଁ କି ସେ ବିଷୟରେ ଆଜି ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ତାଙ୍କ ମା ଲିଖିତ ଅଭିଯୋଗ କରିଛନ୍ତି ।ଗ୍ରାମାଞ୍ଚଳରେ କିଛି ଅସାଧୁ ବ୍ୟକ୍ତି ଟଙ୍କାର ପ୍ରଲୋଭନ ଦେଖାଇ କିଛି ନିରୀହ ଲୋକ ମାନଙ୍କୁ ନେଇ ଗଂଜେଇ ଭଳି ଅନେକ ଜିନିଷ ଚୋରା ଚାଲାଣ କରୁଥିବା ଅଭିଯୋଗ ହେଉଛି। ବିଚିତ୍ର ପରି ଅନେକ ଏହି ଭଳି ଚୋରା ଗଂଜେଇ ଚାଲନରେ ଅନ୍ୟ ରାଜ୍ୟକୁ ଯାଇ ପୋଲିସ ହାତରେ ଧରା ପଡି ଜେଲ ଯାଉଛନ୍ତି। ଏ ସବୁ ବିଷୟରେ ଲିଖିତ ଅଭିଯୋଗ ପରେ ଏସ୍ପି ପ୍ରତିଶୃତି ଦେଇଛନ୍ତି ଯଥାଶୀଘ୍ର ବିଚିତ୍ର କେଉଁ ଜେଲ ରେ ଅଛି ତାର ସୂଚନା ସହ ଏହି ଚୋରା ଚଲାଣରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ଉପରେ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ନେବାପାଇଁ କହିଛନ୍ତି।

## ଦୁର୍ବୃତ୍ତ ଭାଙ୍ଗିଲେ ସ୍ୱାଧୀନତା ସଂଗ୍ରାମୀଙ୍କ ନାମିତ ମାର୍ଗ ଫଳକ

ଆସିକା, (ଭାସ୍କର ନ୍ୟୁଜ୍): ଆସିକା ଏନଏସି ୧୪ନମ୍ବର ୱାର୍ଡ ଗୋଟିଏ ସାହିରେ ନାମ ଓଡିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଆଇନଜୀବୀ ସ୍ୱର୍ଗତ ନିରଞ୍ଜନ ପଟ୍ଟନାୟକଙ୍କ ନାମରେ ନିରଞ୍ଜନ ନଗର ଭାବେ ନାମିତ ହୋଇଅଛି। ଏହି ସାହିରେ ଏନ ଏ ସି ପକ୍ଷରୁ ଅତି ସୁନ୍ଦର ଓ ମୂଲ୍ୟବାନ ନିରଞ୍ଜନ ନଗର ନାମରେ ଏକ ମାର୍ଗ ଫଳକ ଲଗାଯାଇଥିଲା। ଏହି ଫଳକ ଲଗେଇବାର ଖୁବ କମ ଦିନ ବ୍ୟବଧାନରେ ଉଦ୍ଦେଶ୍ୟ ମୂଳକ ଭାବେ ଦୁର୍ବୃତ୍ତ ମାନେ ଭାଙ୍ଗିଦେଇଥିବା ଜଣାପଡିଛି. ସ୍ୱାଧୀନତା ସଂଗ୍ରାମୀଙ୍କୁ ଅପମାନିତ କଲାଭଳି ଭଙ୍ଗା ଯାଇଥିବା ଘଟଣାଟିକୁ ସହର ବାସୀ ଦୃଢ଼ ନିନ୍ଦା କରିଛନ୍ତି। ସ୍ଥାନୀୟ ବୁଦ୍ଧିଜୀବୀ ମାନେ ସ୍ଥାନୀୟ ୱାର୍ଡ ମେମ୍ବର ଓ ଏନ ଏ ସି କର୍ତୃପକ୍ଷଙ୍କୁ ଜଣାଇବା ପରେ କୌଣସି ପଦକ୍ଷେପ ନନେଇ ନୀରବତା ଅବଲମ୍ବନ କରିଛନ୍ତି। ଏହି ମାର୍ଗ ଫଳକ ଭାଙ୍ଗିବା ଘଟଣା ବିରୁଦ୍ଧରେ ନୀରବ ରହିବା ଅସଲ ରହସ୍ୟ ବର୍ତ୍ତମାନ ପଦକୁ ଆସିଛି. ଉକ୍ତ ସ୍ଥାନଟି ସ୍ୱର୍ଗତ ସ୍ୱାଧୀନତା ସଂଗ୍ରାମୀ ନିରଞ୍ଜନ ପଟ୍ଟନାୟକଙ୍କ ବାସସ୍ଥଳୀ ରୂପେ ବେଶ ପରିଚିତ ଥିଲା। ସେ ଜୀବିତ ଅବସ୍ଥାରେ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ନିରଞ୍ଜନ ମହିଳା ମହାବିଦ୍ୟାଳୟ ସମେତ ଅନେକ ଦାତବ୍ୟ ଅନୁଷ୍ଠାନ ମାଗଣାରେ ପ୍ରଦାନ କରିଥିଲେ। ତାଙ୍କ ମୃତ୍ୟୁ ପରେ ରହିଯାଇଥିବା ତାଙ୍କର ବିଶାଳ କୂପ ଟିକୁ ଏନ ଏ ସି ପକ୍ଷରୁ ପୋତା ଯିବା ପରେ ବର୍ତ୍ତମାନ ସ୍ଥାନଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଏହି ସ୍ଥାନକୁ ବର୍ତ୍ତମାନ ସାହିରେ ଜଣେ ପ୍ରଭାବଶାଳୀ ପୂର୍ବତନ ସାମ୍ବାଦିକ ପରିବାର ଏନଏସିକୁ ଧରି ହାତେଇବା ପାଇଁ ଉଦ୍ୟମ କରିଛନ୍ତି। ଏହା କାଳେ ଜଣାପଡିଯିବା ଭୟରେ ବେଶ ଚତୁରତାର ସହ ଏନଏସି ପକ୍ଷରୁ ବଜାର ଗୃହ ନିର୍ମାଣ ପରେ ଭଡ଼ା ସୂତ୍ରରେ ଅନେଶ୍ୱତ ବର୍ଷୀୟା ଏଗ୍ରିମେଣ୍ଟ କରି ନିଜ ଅକ୍ତିଆରକୁ ନେବାପାଇଁ ଉଦ୍ୟମ କରାଯାଉଛି ବୋଲି ଅଭିଯୋଗ ଆଣି ସାହି ବାସିନ୍ଦା ସହରାଞ୍ଚଳ ଉଚ୍ଚ ଅଧିକାରୀଙ୍କୁ ଜଣାଇଛନ୍ତି।

# ବିଦ୍ୟୁତ୍ ବିଭାଗର ଅବହେଳା, ଆନ୍ଧାରରେ ହେଲା ଜନଶୁଣାଣି

ବାଲିପାଟଣା, (ଭାସ୍କର ନ୍ୟୁଜ୍): ବାଲିପାଟଣା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଆଜି ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଜନ ଶୁଣାଣି କରିଛନ୍ତି। ଏହି ଶିବିରରେ ମୋଟ ୧୨୯ ଗୋଟି ବିଭିନ୍ନ ସମସ୍ୟା ବିଚାର ପାଇଁ ଆସିଥିବା ବେଳେ ସେଥିରୁ କେବଳ ମାତ୍ର ୨ ଗୋଟି ମାମଲାର ସମାଧାନ କରାଯାଇଥିଲା ଏବଂ ଅନ୍ୟସବୁ ଅଭିଯୋଗ ଗୁଡ଼ିକୁ ସଂପୃକ୍ତ ବିଭାଗକୁ ପ୍ରେରଣ କରାଯାଇଥିବା ଜଣାପଡିଛି । ଆଜିର କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଦେବବ୍ରତ ସାହୁ, ତହସିଲଦାର ବୁଲବଲ୍ ବେହେରା, ଗୋଷ୍ଠି ଉନ୍ନୟନ ଅଧିକାରୀ ଆଦିକନ୍ଦ ବେହେରା, ଅତିରିକ୍ତ ତହସିଲଦାର ପର୍ଶୁରାମ ମଲ୍ଲିକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଆର୍ତ୍ତବନ୍ଧୁ ନାୟକ, ବାଲିପାଟଣା ଗୋଷ୍ଠି ଚିକିତ୍ସାଧିକାରୀ ଶ୍ରୀକାନ୍ତ ବେହେରା, ବ୍ଲକ୍ ଶିକ୍ଷାଧିକାରୀ ଶୈଳ ଧିରାଜତନୟା ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। କିନ୍ତୁ ଚର୍ଚ୍ଚାର ବିଷୟ



୧୨୯ ଅଭିଯୋଗରୁ ମାତ୍ର ୨ ମାମଲାର ସମାଧାନ

ଜନଶୁଣାଣି ଉପରୁ ତୁଟୁଛି ଲୋକଙ୍କ ଭରସା

ପାଲଟିଛି ଜଣେ ନିରାଶ୍ରୟା ବିଧବା ମହିଳା ବହୁବାର ଜନଶୁଣାଣି କାର୍ଯ୍ୟକ୍ରମ ରେ ନିଜ ବ୍ୟଥା ବିଖାଣି ବଖାଣି ଥକିଗଲେଣି କିନ୍ତୁ ପାଇପାରୁ ନାହାନ୍ତି ନ୍ୟାୟ। ଘଟଣା କ୍ରମରେ ବାଲିପାଟଣା ଥାନା ଅନ୍ତର୍ଗତ ବରଦାପଡ଼ା ଗ୍ରାମର ପ୍ରଶାନ୍ତ କୁମାର ନାୟକଙ୍କୁ ରଟିଲୋ ଗ୍ରାମର ରାଜଶ୍ରୀ ସ୍ୱାଇଁ ୨୦୧୫ ମସିହା ରେ ବିବାହ କରିଥିଲେ। କିନ୍ତୁ ୨୦୨୧ ରେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିବା ପରେ ଶ୍ୱଶୁର ଘରେ ତାଙ୍କୁ ନିର୍ଯ୍ୟାତନା ଦିଆଯିବା ସହିତ ତାଙ୍କ ସ୍ୱାମିଙ୍କ ଜିବନ ବିମା ଅର୍ଥକୁ ଚଞ୍ଚକତା କରି ଲୁଟି ନେଇଥିଲେ। ଶ୍ୱଶୁର ଘରୁ ତଡ଼ିଦେବାରୁ ଏବେ ରାଜଶ୍ରୀ ତାଙ୍କ ବାପ ଘରେ ଅଛନ୍ତି। ଏନେଇ ରାଜଶ୍ରୀ କମିଶନରେଟ୍ ପୋଲିସ୍ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ମହିଳା ଥାନା, ବାଲିପାଟଣା ଥାନା, ଜିଲ୍ଲାପାଳ ଜନଶୁଣାଣୀ କାର୍ଯ୍ୟ କ୍ରମ କୁ ଦୌଡି ଦୌଡି ନୟାନ୍ତ ହେଇଗଲେଣି କିନ୍ତୁ ନ୍ୟାୟ ପାଉନାହାନ୍ତି ବୋଲି ରାଜଶ୍ରୀ ଅଭିଯୋଗ କରିଛନ୍ତି। ସବୁ ଥର ଜନଶୁଣାଣି ରେ ଜିଲ୍ଲାପାଳ ବୁଝିବେ କହି ଚାଲି ଯାଉଛନ୍ତି। କିନ୍ତୁ ରାଜଶ୍ରୀ ଏବଂ ତାଙ୍କ ପାଞ୍ଚ ବର୍ଷର ପୁଅ ର ଭବିଷ୍ୟତ ଏବେ ଅନ୍ଧାରରେ। ଅନ୍ୟ ଏକ ଦୃଶ୍ୟରେ ଜିଲ୍ଲାପାଳ ଆସିବେ ବୋଲି ତାଙ୍କ ରହିବା ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହରେ ବ୍ୟାଘାତ ସୃଷ୍ଟି ନହେବା ପାଇଁ ବିଦ୍ୟୁତ୍ କର୍ମଚାରୀମାନେ ବ୍ଲକ୍ ପରିସରରେ ପଇଁତରା ମାରୁଥିଲେ ମଧ୍ୟ ଅଭିଯୋଗ ଶୁଣାଣି ମଧ୍ୟରେ କରେଣ୍ଟ କଟିଯାଇ ଥିଲା ଫଳରେ କିଛି ସମୟ ପାଇଁ ଅନ୍ଧାର ରେ ଜନଶୁଣାଣୀ ଚାଲିଥିଲା । ନିରାଟ ଖରାକୁ ପ୍ରବଳ ଗୁଳୁଗୁଳିରେ ବିଦ୍ୟୁତ ବିଭାଗର ଏଭଳି କାର୍ଯ୍ୟ କୁ ସେଠାରେ ଉପସ୍ଥିତ ଲୋକେ ନାପସନ୍ଦ କରିଛନ୍ତି।

## ବେଧଡକ ଚାଲିଛି ଦେଶୀ ମହୁଲି ମଦ ବିକ୍ରି

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ହିନ୍ଦୋଳ ବ୍ଲକ୍ ର ପ୍ରାୟ ସବୁ ଅଞ୍ଚଳରେ ବେଧଡକ ଭାବେ ଦେଶୀ ମହୁଲି ମଦ ବିକ୍ରି ହେଉଥିବାର ଅଭିଯୋଗ ହେଉଛି। ବିଶେଷ କରି ଗଣ୍ଡାନାଳୀ ଗ୍ରାମର ଅନୁସୂଚିତ ଜାତି ସାହିରେ ବେଧଡକ ଭାବେ ଦେଶୀ ମହୁଲି ମଦ ବିକ୍ରି ହେଉଥିବାର ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ପୋଲିସ୍ ଏବଂ ଅବକାରୀ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି। ପୋଲିସ୍ ଏବଂ ଅବକାରୀ ବିଭାଗ ଏସବୁ ଜାଣି ପାରୁ ନାହାଁନ୍ତି ନା ଜାଣି ନଜାଣିବାର ଅଭିନୟ କରୁଛନ୍ତି ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏମିତି ଦେଶୀ ମହୁଲି ମଦ ବିକ୍ରି ହେବା ଦ୍ୱାରା କେତେ ଯେ ପରିବାର ଭାଙ୍ଗି ଗଲାଣି କେବଳ ସେଇମାନେ ହିଁ କହିପାରିବେ ଯେଉଁମାନେ ଏଭଳି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ପୋଲିସ୍ ଏବଂ ଅବକାରୀ ବିଭାଗ ସକ୍ରିୟ ହୋଇ ଦେଶୀ ମହୁଲି ମଦ ବେପାର କରୁଥିବା ବେପାରୀ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଏବଂ ବୁଦ୍ଧିଜୀବୀ ମହଲରେ ଦୃଢ଼ ଦାବି ହେଉଛି।

## ମଦ ବନ୍ଦ ପାଇଁ ମେଳି ବାନ୍ଧିଲେ ଦଳିତ ମହିଳା



ଟାଙ୍ଗୀ-ଚୌଦ୍ୱାର,(ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା ଟାଙ୍ଗୀ ଥାନା ଅନ୍ତର୍ଗତ ଉଚ୍ଚପଦା ପଂଚାୟତର ମଣିହାଁ ଗ୍ରାମର ଦଳିତ ମହିଳାମାନେ ବେଆଇନ ଦେଶୀ ମଦ ବିକ୍ରି ପାଇଁ ମେଳି ବାନ୍ଧିଛନ୍ତି। ଗତ କିଛି ଦିନ ହେବ ବିଷାକ୍ତ ମଦ ପିଇ ଦୁଇ ଜଣଙ୍କ ମୃତ୍ୟୁ ଘଟି ଥିବା ବେଳେ ଆଉ ଜଣେ କଟକ ବଡ଼ ମେଡିକାଲରେ ସମଙ୍କର ପଡି ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ଏ ନେଇ ଦଳିତ ସାହିର ଅନେକ ମହିଳା ଏକଜୁଟ ହୋଇ ଆଜି ଏହି ଗ୍ରାମରେ ନିଧଡ଼କ ଭାବେ ଚୋରା ଦେଶୀ ମଦ ବିକୁଥିବା ଲୋକଙ୍କ ଘର କୁ ଯାଇ ମଦ ବିକ୍ରି ବନ୍ଦ କରିବା ପାଇଁ ଚେତାବନୀ ଦେଇଥିଲେ। ଏ ସଂକ୍ରାନ୍ତ ରେ ମହିଳା ମାନେ ଟାଙ୍ଗୀ ଥାନାରେ ଅଭିଯୋଗ ଦେଇଥିଲେ ସୁଦ୍ଧା ଥାନାଧିକାରୀ ବେଆଇନ ମଦ ବିକୁଥିବା ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ମଦ ପିଉଥିବା ଲୋକଙ୍କୁ ଝାଡା ବଟିକା ଦେଇ ତାଙ୍କ ଘର ଲୋକ ମଦ ନପିଇବା ପାଇଁ ଏହି ଉପାୟ କରିବା ପାଇଁ ପରାମର୍ଶ ଦେଇଥିଲେ। ଯାହାକି ସ୍ଥାନୀୟ ଅଂଚଳରେ ପୋଲିସର କାର୍ଯ୍ୟ ଦକ୍ଷତା ଉପରେ ଏକ ହାସ୍ୟାସ୍ପଦ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ଦଳିତ ମହିଳା ମାନେ ଏହି ପଂଚାୟତର ସମିତି ସଭ୍ୟା ତଥା ବ୍ଲକ ଅଧକ୍ଷା ମିନାକ୍ଷୀ ଦାସଙ୍କୁ ଏ ସଂକ୍ରାନ୍ତରେ ଜଣେଇ ଥିଲେ ସୁଦ୍ଧା କୌଣସି ସମାଧାନର ସୂତ୍ର ନବାହାରିବାରୁ ବାଧ ହୋଇ ମହିଳା ମାନେ ଆଜି ମେଳି ହୋଇ ମଦ ବନ୍ଦ ପାଇଁ ଆନ୍ଦୋଳନ କରିଥିବା କହିଛନ୍ତି। ଅନ୍ୟପକ୍ଷରେ ଯଦି ଏହି ମଣିହାଁ ଗ୍ରାମରେ ମଦ ବିକ୍ରି ବନ୍ଦ ନହୁଏ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଏହି ମଦ ମୃତ୍ୟୁ ଘଟଣାକୁ ନେଇ ଟାଙ୍ଗୀ ଥାନା ଅଧିକାରୀଙ୍କ ମତାମତ ନେବାରୁ ସେ ଏହି ଘଟଣା ଉପରେ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ସରପଞ୍ଚଙ୍କ ପ୍ରତିକ୍ରିୟା ନମିଳି ପାରିଥିବା ବେଳେ ବର୍ତ୍ତମାନର ବ୍ଲକ ଅଧକ୍ଷା ତଥା ଏହି ପଞ୍ଚାୟତର ସମିତି ସଭ୍ୟାଙ୍କ ଫୋନ ଯୋଗେ ମତାମତ ନେବାରୁ ତୁରନ୍ତ ପୋଲିସ ଓ ଗ୍ରାମ୍ୟ କମିଟି ସହ ଏକ ବୈଠକ କରାଯାଇ ଏହି ପଞ୍ଚାୟତରେ ବେଆଇନ ମଦ ବିକ୍ରିକୁ ବନ୍ଦ କରିବେ ବୋଲି କହିଛନ୍ତି।

### ସାମ୍ବାଦିକଙ୍କ ଘରେ ଶିକ୍ଷକଙ୍କ ମୃତ୍ୟୁ ଘଟଣା

## ଏବେବି ରହସ୍ୟ ଘେରରେ, ପର୍ଦ୍ଦାଫାସ୍ କେବେ ?

ନିଆଳୀ, (ଭାସ୍କର ନ୍ୟୁଜ୍): ନିଆଳୀ ଥାନା ଅଞ୍ଚଳରେ ଜୈନେକ ବରିଷ୍ଠ ସାମ୍ବାଦିକଙ୍କ ଘରେ ଜଣେ ସରକାରୀ ଶିକ୍ଷକଙ୍କ ସନ୍ଦେହ ଜନକ ମୃତ୍ୟୁ ଏବେବି ରହସ୍ୟ ଘେରରେ ରହିଛି। ତାର ପର୍ଦ୍ଦାଫାସ୍ କେବେ ହେବବୋଲି ଏବେ ସାଧାରଣରେ ଆଲୋଚନା ଯୋର ଧରିଛି। ସାମ୍ବାଦିକ ସମାଜର ୪ର୍ଥ ସ୍ତମ୍ଭ ଅନ୍ୟ ୩ଟି ସ୍ତମ୍ଭର ଭୂଲଠିକ୍ କୁ ଲୋକ ଲୋଚନକୁ ଆଣି ସେମାନଙ୍କୁ ସଚେତନ କରାଇବା ଓ ଠିକ୍ ମାର୍ଗରେ ଯିବାପାଇଁ କଲମ ରୂପକ ଚାବୁକ୍ ପ୍ରହାର ଦେଇ ସଚେତନ କରାଏ। କିନ୍ତୁ ଏଠି ପ୍ରଶ୍ନଉଠେ ବାଡ ଯଦି କ୍ଷେତ ଖାଏ ତେବେ ଫସଲକୁ ସୁରକ୍ଷା ଦେବ କିଏ? ନିଆଳୀ ଶିକ୍ଷାବିଭାଗର ଜଣେ ଶାନ୍ତ ସରଳ ପରୋପକାରୀ କର୍ତ୍ତବ୍ୟନିଷ୍ଠ ଶିକ୍ଷକଙ୍କ ଶବ ଦିନ ଦ୍ୱିପ୍ରହରରେ ଜଣେ ସାମ୍ବାଦିକଙ୍କ ଘରୁ ମିଳିବା ପରେ କେସକୁ ଆଜି ପର୍ଯ୍ୟନ୍ତ ଚାପି ଦିଆଯିବା ପଛରେ କି ରହସ୍ୟ ରେହିଛି ତାହା ବିଭିନ୍ନ ମହଲରେ ଆଲୋଡନ ସୃଷ୍ଟି କରିଛି। ଘଟଣାକୁ ଚପାଇ ଦେବାକୁ ନାନା ଉଦ୍ୟମ କରି ଏକ ପ୍ରକାର ସଫଳ ହୋଇଛନ୍ତି ସମ୍ପୃକ୍ତ ସାମ୍ବାଦିକ। ଏବେ ଭଦ୍ର ମୁଖା ପିନ୍ଧି ନିଜକୁ ନିର୍ଦ୍ଦୋଷ ବୋଲାଇ ସାମ୍ବାଦିକ ଜଣକ ସଂଘ କରି ବିଭିନ୍ନ ସଂସ୍ଥାକୁ ଧମକ ଚମକ ଦେଇ ଚାନ୍ଦା ଆଦାୟ କରି ଉତ୍ସବ କରି ସେଥିରେ ମଦ୍ୟପାନ କରି ନାଚି ଖୁସି ମାନାଉଛନ୍ତି। ଘଟଣାକୁ ଦୀର୍ଘ ଦିନ ବିତି ଯାଇଛି ସତ କିନ୍ତୁ ମୃତ ଶିକ୍ଷକଙ୍କ ପରିବାର ଗୋଟିଏ ପଟେ ନ୍ୟାୟ ପାଇ ନଥିବାବେଳେ ଅନ୍ୟପଟେ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତିକୁ ହରାଇ ଦୁଃଖ ଯନ୍ତ୍ରଣାରେ କାଳାତିପାତ କରୁଛନ୍ତି। କିଛି ଶିକ୍ଷକ ବନ୍ଧୁ ନାମ ଗୋପନ ସର୍ତ୍ତରେ ରଖି ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ପାଇଁ ଗଣମାଧ୍ୟମରେ ଖବର ପ୍ରକାଶ କରାଯିବାକୁ ଅନୁରୋଧ କରିଛନ୍ତି।

# ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଆଇସିଏସ୍‌ଇ ଓ ଆଇଏସ୍‌ସି ବୋର୍ଡ ପରୀକ୍ଷାରେ ସଫଳତା









ରାଉରକେଲା, (ଭାସ୍କର ନ୍ୟୁଜ୍): ସେଲ ରାଉରକେଲା ଇସ୍ପାତ କାରଖାନା ପରିଚାଳିତ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ସେକ୍ଟର -୨୦ ଏବଂ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ସେକ୍ଟର -୨୨ର ଛାତ୍ରଛାତ୍ରୀମାନେ ଆଇସିଏସଇ ଏବଂ ଆଇଏସସି ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷାରେ ଉତ୍କୃଷ୍ଟ ପ୍ରଦର୍ଶନ ହାସଲ କରିଛନ୍ତି। ଆଇସିଏସ୍‌ଇ ବୋର୍ଡ ପରୀକ୍ଷାରେ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ସେକ୍ଟର-୨୦ର ୨୯ ଜଣ ଛାତ୍ରଛାତ୍ରୀ ୯୦% ଏବଂ ତଦୁର୍ଦ୍ଧ୍ୱ ମାର୍କ ରଖିଛନ୍ତି। ସେହିଭଳି ୮୬ ଜଣ ଛାତ୍ରଛାତ୍ରୀ ୬୦% ରୁ ୮୯% ମଧ୍ୟରେ ମାର୍କ ହାସଲ କରିଥିବାବେଳେ ୧୯ ଜଣ ୫୦% ରୁ ୫୯% ମାର୍କ ମଧ୍ୟରେ ରହିଛନ୍ତି ଏବଂ ଜଣେ ୫୦%କୁ କମ ମାର୍କ ରଖିଛନ୍ତି । ଆରଏମଏଚପି ବିଭାଗର ଏସ ଏନ୍ ପାଣିଗ୍ରାହିଙ୍କ ସୁପୁତ୍ରୀ , ଗୌତମୀ ପାଣିଗ୍ରାହୀ ଏବଂ ରିପେୟାର ସପ ବିଭାଗର ନକୁଳ ଭୂୟାଁଙ୍କ ସୁପୁତ୍ରୀ ଆନନ୍ଦିତା ଭୂୟାଁ ୯୮% ନମ୍ବର ସହିତ ଯୁଗ୍ମ ଟପ୍ପର ହୋଇଛନ୍ତି । ଆରଏମଏଚପି ବିଭାଗର ରବୀନ୍ଦ୍ର କୁମାର ସାହୁଙ୍କ ସୁପୁତ୍ର ସତ୍ୟବ୍ରତ ସାହୁ ୯୭% ନମ୍ବର ସହ ଦ୍ୱିତୀୟ ସ୍ଥାନ ହାସଲ କରିଥିବାବେଳେ ଅପର୍ଣ୍ଣଚ ସାହୁଙ୍କ ସୁପୁତ୍ର ସ୍ୱସ୍ତିକ ସ୍ୱରୂପ ସାହୁ ୯୬% ନମ୍ବର ସହ ତୃତୀୟ ସ୍ଥାନରେ ରହିଛନ୍ତି। ଆଇଏସସି ପରୀକ୍ଷାରେ, ୧୩ ଜଣ ଛାତ୍ରଛାତ୍ରୀ ୯୦% ଏବଂ ତଦୁର୍ଦ୍ଧ୍ୱ, ୮୧ ଜଣ ଛାତ୍ରଛାତ୍ରୀ ୬୦ରୁ ୮୯% ନମ୍ବର ରଖିଥିବା ବେଳେ ୧୫ ଜଣ ୫୦ ରୁ ୫୯% ମଧ୍ୟରେ ଓ ୧୧ ଜଣ ୫୦% ରୁ କମ ନମ୍ବର ହାସଲ କରିଛନ୍ତି। ଆରସିଏମ ବିଭାଗର ପର୍ଶୁରାମ ପଟ୍ଟନାୟକଙ୍କ ସୁପୁତ୍ରୀ ସ୍ତୁତିଲେଖା ପଟ୍ଟନାୟକ ୯୮% ମାର୍କ ସହ ବିଦ୍ୟାଳୟର ଟପ୍ପର ହୋଇଛନ୍ତି । ଇନଷ୍ଟ୍ରମେଣ୍ଟେସନ ବିଭାଗର ମାନସ କୁମାର ପାତ୍ରଙ୍କ ସୁପୁତ୍ରୀ ଲକ୍ଷ୍ମୀ ପ୍ରିୟା ପାତ୍ର ୯୬.୨୫% ନମ୍ବର ସହିତ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ଏବଂ ଏମଏମ ବିଭାଗର ଝୁମୁର ପାଡ଼ିଙ୍କ ସୁପୁତ୍ର ସାଇ ରାଜୀବ ଏବଂ ଆରଏମଏଚପି ବିଭାଗର ବିଷ୍ଣୁ ମୋହନ ମିଶ୍ରଙ୍କ ସୁପୁତ୍ରୀ ସ୍ୱାତି ସ୍ୱୀକୃତି ମିଶ୍ର ୯୬% ନମ୍ବର ସହ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସେକ୍ଟର-୨୨ରେ ଅଙ୍କିତା ପି ଦାସ ୯୫% ନମ୍ବର ସହ ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ଦିବ୍ୟଜ୍ୟୋତି ଭୋଳ ଏବଂ ଚିନ୍ମୟ କୁମାର ସାହୁ ୯୪.୨% ନମ୍ବର ସହ ଯୁଗ୍ମ ରୂପେ ଦ୍ୱିତୀୟ ସ୍ଥାନ ହାସଲ କରିଥିବାବେଳେ ସାଇ ଅଭିଜିତ ସାହୁ ୯୨.୪% ନମ୍ବର ସହ ତୃତୀୟ ସ୍ଥାନ ଲାଭ କରିଛନ୍ତି। ବିଦ୍ୟାଳୟର ୫ ଜଣ ଛାତ୍ରଛାତ୍ରୀ ୯୦% ରୁ ଅଧିକ ନମ୍ବର ରଖିଥିବାବେଳେ ୮ ଜଣ ଛାତ୍ରଛାତ୍ରୀ ୬୦ରୁ ୮୯% ନମ୍ବର ରଖିଛନ୍ତି। ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଏବଂ ଅଭିଭାବକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇ ଡ଼ିଆଇସି ସେମାନଙ୍କୁ ବିଦ୍ୟାଳୟ ପାଇଁ ସୁନାମ ଅର୍ଜନ ପାଇଁ ଉତ୍ସାହିତ କରିବା ସହ ଦେଶର ଦାୟିତ୍ୱଶୀଳ ଭବିଷ୍ୟତ ନାଗରିକ ଭାବରେ ସବୁସ୍ଥାନରେ ଉତ୍କର୍ଷତା ପ୍ରତିପାଦନ କରିବା ପାଇଁ ଶୁଭକାମନା ଜଣାଇଥିଲେ।

### ଗଞ୍ଜେଇ ନିଶା କଲା ବାୟା

# ନାଚିନାଚି ନିଜ ଘର ଜାଳିଦେଲା ଯୁବକ

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ନିଶା ତ' ନିଶା ଗଞ୍ଜେଇ ନିଶା । ଏହି ନିଶା ଏତେବଡ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି ତାହା ଯେକେହି ନିଜେ ହିଁ ଦେଖିଲେ ବିଶ୍ୱାସ କରିବ। ଗଞ୍ଜେଇ ନିଶାରେ ଟଳମଳ ଯୁବକ ନିଜ ଘରେ ନିଜେ ନିଆଁ ଲଗାଉଥାଏ ଆଉ ନାଚୁଥାଏ। ଚାଳ-ଛପର ଘରର ନିଆଁ ଯେତିକି ହୁତୁହୁତୁ ହୋଇ ଜଳୁଥାଏ ସେତିକି ଉଦଣ୍ଡ ନୃତ୍ୟ କରୁଥାଏ ନିଶାସକ୍ତ ଯୁବକ। ଏ ହେଉଛି ଭଞ୍ଜନଗର ନିକଟ ଗଂଜାମ-କନ୍ଧମାଳ ସୀମାନ୍ତ ସାହାଜଖାଲ ଗାଁର ଦୃଶ୍ୟ। ନିଆଁ ଲଗାଉଥିବା ଯୁବକ ଜଣକ ସେହି ଗ୍ରାମର ପ୍ରଦୀପ ନାୟକ। ଏହି ଗାଁଟି କନ୍ଧମାଳ ଜିଲ୍ଲାର ହୋଇଥିବା ବେଳେ ଯୋଗାଯୋଗ ଦୃଷ୍ଟିରୁ ଘଟଣା ସ୍ଥଳରେ



ପହଞ୍ଚିଥିଲା ଗଂଜାମ ଜିଲ୍ଲା ଭଂଜନଗରର ଅଗ୍ନିଶମ ବାହିନୀ। ଅଗ୍ନିଶମ ବାହିନୀ ପହଞ୍ଚିବା ବେଳକୁ ପ୍ରଦୀପଙ୍କ ଘରର ୩ ବଖରା ଜଳିପୋଡି ପାଉଁଶ ହୋଇସାରିଥିଲା। ଭଂଜନଗର ଅଗ୍ନିଶମ ବିଭାଗ ଅଧିକାରୀ ସୂଚନା ଦେଲେ ବିଦ୍ୟୁତ୍ ସର୍ଟ୍ ସର୍କିଟରୁ ଅଗ୍ନିକାଣ୍ଡ ଘଟିଛି। କିନ୍ତୁ ଘଟଣା ଥିଲା ସଂପୂର୍ଣ୍ଣ ଓଲଟା। ପାରିବାରିକ ଅସନ୍ତୋଷ ଏବଂ ଘରୋଇ ଜମିଜମା ବିବାଦକୁ କେନ୍ଦ୍ରକରି ଅସନ୍ତୋଷ ଭିତରେ ରହିଥିଲା ସାହଜଖାଲ ଗାଁର ପ୍ରଦୀପ ନାୟକ। ସାମାନ୍ୟ ଗଞ୍ଜେଇ ନିଶାରେ ମାନସିକ ଭାରସାମ୍ୟ ହରାଇ ନିଜ ଘରେ ନିଜେ ନିଆଁ ଲଗାଇ ଦେଇଥିଲା। ଘଟଣା ସମୟରେ ସେ ଏତେ ଉତକ୍ଷିପ୍ତ ଥିଲା ଯେ ତାହାର ପାଖକୁ ଯିବାପାଇଁ ସାହି ପଡୋଶୀ କିମ୍ବା ଗାଁ ଲୋକେ ସାହସ ଜୁଟାଇ ପାରିନଥିଲେ। ଘଟଣାଟି ଶନିବାର ରାତିରେ ଘଟିଥିବା ବେଳେ ଉପାନ୍ତ ଅଞ୍ଚଳ ହୋଇଥିବାରୁ ଏହା ରବିବାର ଦିନ ପ୍ରଘଟ ହୋଇଥିଲା। ଅଗ୍ନିକାଣ୍ଡରେ ଘରର ଲୁଗାପଟା, ଖାଇବା ସାମଗ୍ରୀ ଓ କିଛି ଟଙ୍କା ସବୁକିଛି ପୋଡ଼ି ଯାଇଥିଲା। ଯାହାକି ନିଜେ ନିଆଁ ଲଗାଇବା ଘଟଣାକୁ ସ୍ୱୀକାର କରିଥିଲା ପ୍ରଦୀପ। ନିଶା ଛାଡିବା ପରେ ନିଜ ପୋଡା ଘରକୁ ଦେଖି ଅସହାୟ ହୋଇପଡିଥିଲା ପ୍ରଦୀପ। ଏବେ ଘର ଠାରୁ କିଛି ଦୂରରେ ଥିବା ଏକ ଖଜୁରୀ ଗଛ ତଳେ ଜରିପାଲ ଟାଣି ଦୁଇ ଛୁଆ, ସ୍ତ୍ରୀ ଓ ନିଜେ ରହୁଛି। ସ୍ଥାନୀୟ ରଣବା ପଞ୍ଚାୟତର ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ପହଞ୍ଚି ଆବଶ୍ୟକ ଖାଦ୍ୟ ସାମଗ୍ରୀ, ଜରିପାଲ ଓ କିଛି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏବଂ ସଂପୃକ୍ତ କ୍ଷତିଗ୍ରସ୍ତ ପରିବାରକୁ ଆଗକୁ କିଛି ସହାୟତା ଯୋଗାଇ ଦେବାପାଇଁ କହିଛନ୍ତି ସ୍ଥାନୀୟ ସରପଞ୍ଚ। ଏବେ ନିଜ କଲା କର୍ମ କୁ ନେଇ ଅନୁତାପ କରୁଛି ପ୍ରଦୀପ। ସ୍ତ୍ରୀ ଏବଂ ଦୁଇ କଅଁଳା ଛୁଆ ଅସହାୟ ଅବସ୍ଥାରେ ରହିଛନ୍ତି।

# ଜାତୀୟ ଓ ଅନ୍ତର୍ଜାତୀୟ




ପୁଣେ: କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପ୍ରାଦ୍ୟୌଗିକ ପ୍ରଗତି ଉପରେ ଜୋର୍ ଦେଇ କହିଛନ୍ତି ଯେ ୨୦୪୭ ସୁଦ୍ଧା ଭାରତ ବିକଶିତ ରାଷ୍ଟ୍ର ଭାବେ ଉଭା ହୋଇଥିବ। ପୁନେରେ ଉନ୍ନତ ପ୍ରାଦ୍ୟୌଗିକ ପ୍ରତିରକ୍ଷା ସଂସ୍ଥାନ (ଡିଆଇଏଟି)ର ଦୀକ୍ଷାନ୍ତ ସମାରୋହରେ କହିଥିଲେ ଯେ ଏବେ ଦେଶ ଆତ୍ମନିର୍ଭର ଆଡକୁ ଅଗ୍ରସର ହେଉଛି ଓ ଆର୍ଥିକ ବିଶେଷଜ୍ଞଙ୍କ ଅନୁଯାୟୀ ୨୦୨୭ ସୁଦ୍ଧା ଭାରତ ବିଶ୍ୱର ତୃତୀୟ ଅର୍ଥନୈତିକ ରାଷ୍ଟ୍ର ଭାବେ ପରିଗଣିତ ହେବ। ସେ ଆହୁରି କହିଛନ୍ତି ବିଶ୍ୱ କ୍ଷିପ୍ରଗତିରେ ବଦଳୁଛି। ପ୍ରତିରକ୍ଷା କ୍ଷେତ୍ରରେ ପରିବର୍ତ୍ତନ ହେଉଛି। ସେହିପରି ପ୍ରତିରକ୍ଷା କ୍ଷେତ୍ରରେ ଏବେ ସାଇବର ଆଟାକ୍ ପ୍ରମୁଖ ଚିନ୍ତାର କାରଣ ସାଜିଛି। ତେବେ ଯେଉଁଠି ଚ୍ୟାଲେଞ୍ଜ ରହିଛି ସେଠାରେ ସମାଧାନ ବି ରହିଛି ବୋଲି ରାଜନାଥ କହିଥିଲେ।

## ଟ୍ରକ୍ ମାଡ଼ରେ ଜଳିଗଲା ଭ୍ୟାନ୍: ୨୬ ମୃତ

ମେକ୍ସିକୋ: ଉତ୍ତର ମେକ୍ସିକୋର ଟାମୁଲିପାସ୍‌ରେ ଗତକାଲି ସକାଳେ ଏକ ଭୟଙ୍କର ଦୁର୍ଘଟଣା ଘଟିଛି। ଏକ ମାଲବାହୀ ଟ୍ରକ୍ ଓ ଭ୍ୟାନ୍ ମଧ୍ୟରେ ଦୁର୍ଘଟଣା ଘଟିବା ସହ ନିଆଁ ଲାଗିଯିବାରୁ ୨୬ ଜୀବନ ଯାଇଛି। ମୃତକଙ୍କ ମଧ୍ୟରେ ବହୁ ଛୋଟ ଛୁଆ ଥିବା ଜଣାଯାଇଛି। ସ୍ଥାନୀୟ ପୁଲିସ୍ ସୂଚନା ଅନୁଯାୟୀ, ଭ୍ୟାନଟି ଏକ ଘରୋଇ ଟ୍ରାନ୍ସପୋର୍ଟ କମ୍ପାନୀର ହୋଇଥିବା ବେଳେ କିଛି ଲୋକ ତାହାକୁ ଭଡ଼ାରେ ନେଇ ଛୁଟି କାଟିବାକୁ ଯାଇଥିଲେ। ସେମାନେ ଛୁଟିରୁ ଫେରୁଥିବା ବେଳେ ଗତକାଲି ସକାଳେ ଏହି ଦୁର୍ଘଟଣା ଘଟିଛି। ଭ୍ୟାନ୍‌ଟି ଜାତୀୟ ରାଜପଥରେ ଯାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏହାପରେ



ଗାଡ଼ିଗୁଡ଼ିକରେ ନିଆଁ ଲାଗି ଯାଇଥିଲା। ଫଳରେ ଘଟଣାସ୍ଥଳରେ ୨୬ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହି ଦୁର୍ଘଟଣାରେ ବହୁ ଗୁରୁତରଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ବେଳେ ମୃତକଙ୍କ ସଂଖ୍ୟା ବଢ଼ିପାରେ ବୋଲି ଅନୁମାନ କରାଯାଉଛି। ମୃତକଙ୍କ ମଧ୍ୟରେ ଅଧିକାଂଶ ମେକ୍ସିକୋର ବାସିନ୍ଦା ହୋଇଥିବା ଜଣାଯାଇଛି। ଏହି ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଟ୍ରକ୍‌ଟି ପଳାଇ ଯାଇଥିବା ବେଳେ ତା' ଡ୍ରାଇଭରଙ୍କ ସମ୍ପର୍କରେ ପତ୍ତା ମିଳିପାରିନି।

## ସମୀର ୱାଙ୍ଖେଡେଙ୍କ ନାଁରେ ସିବିଆଇ ଏଫ୍‌ଆଇଆର
# ଶାହରୁଖଙ୍କ ପରିବାରକୁ ମଗାଯାଇଥିଲା ୨୫ କୋଟି

ମୁମ୍ବାଇ: ବଲିଉଡ କିଙ୍ଗ ଶାହରୁଖ ଖାନଙ୍କ ପରିବାର ଲୋକଙ୍କୁ ୨୫ କୋଟି ଟଙ୍କା ମଗାଯାଇଥିଲା। ଯଦି ୨୫ କୋଟି ଟଙ୍କା ନ ମିଳିବ, ତା'ହେଲେ ଶାହରୁଖଙ୍କ ପୁଅ ଆର୍ଯ୍ୟନ ଖାନଙ୍କୁ ଡ୍ରଗ୍ସ କେସ୍‌ରେ ଫସାଇ ଦିଆଯିବ। ତେଣୁ ତୁରନ୍ତ ଟଙ୍କା ଦେବାକୁ ଶାହରୁଖଙ୍କ ପରିବାକୁ ଧମକ ମିଳିଥିଲା। ମୁମ୍ବାଇ ଏନସିବିର ପୂର୍ବତନ ମୁଖ୍ୟ ସମୀର ୱାଙ୍ଖେଡେଙ୍କ ନାଁରେ ସିବିଆଇ ରୁଜୁ କରିଥିବା ଏଫଆଇଆରରେ ଏକଥା ଉଲ୍ଲେଖ କରାଯାଇଛି। ୨୦୨୧ ଅକ୍ଟୋବର ମାସରେ ମୁମ୍ବାଇର କ୍ରୁଜରେ ରେଡ୍ କରି ସମୀର ୱାଙ୍ଖେଡେ ଓ ତାଙ୍କ ଟିମ ଆର୍ଯ୍ୟନଙ୍କ ସମେତ ଆଉ କିଛି ଯୁବକଙ୍କୁ ଗିରଫ କରିଥିଲେ। ଏହାକୁ ପୂରା ଦେଶରେ ହଇଚଇ ସୃଷ୍ଟି



ହୋଇଥିଲା। ପରବର୍ତ୍ତୀ ଅବସ୍ଥାରେ ତାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆସିଥିଲା। ଏବେ ତାଙ୍କ ନାଁରେ ଦୁର୍ନୀତି ଓ ଅପରାଧିକ ଆଚରଣ ମାମଲା ସିବିଆଇ ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସିବିଆଇ ରୁଜୁ କରିଥିବା ଏଫଆଇଆରରେ ୨୫ କୋଟି ଟଙ୍କା କଥା ଉଲ୍ଲେଖ କରିବା ସହ ସମୀର ୱାଙ୍ଖେଡେଙ୍କ ବିଦେଶ ଯାତ୍ରା ଓ ଦାମୀ ହାତ ଘଣ୍ଟା କିଣାବିକାର ତଥ୍ୟ ରହିଛି। ସମୀର ୱାଙ୍ଖେଡେ ଓ ଏନସିବିର ତତ୍କାଳୀନ ଗୁଇନ୍ଦା ଅଧିକାରୀ ଆଶିଷ ରଞ୍ଜନ ସେମାନଙ୍କ ଆୟ ଅନୁସାରେ ଖର୍ଚ୍ଚକୁ ଯର୍ଥାଥ ଦର୍ଶାଇ ପାରି ନାହାନ୍ତି। ଏହାର ତଦନ୍ତ କରାଯାଉଛି। ସମୀର ୱାଙ୍ଖେଡେ ଠିକ୍? ଭାବେ ତାଙ୍କ ବିଦେଶ ଗସ୍ତର ତଥ୍ୟ ଉପସ୍ଥାପନ କରି ପାରିନାହାନ୍ତି। ସେଠାରେ କରିଥିବା ଖର୍ଚ୍ଚର ତଥ୍ୟ ମଧ୍ୟ ଭୁଲ ଦେଇଛନ୍ତି ବୋଲି ଏଫଆଇଆରରେ କୁହାଯାଇଛି। ସମୀର ୱାଙ୍ଖେଡେଙ୍କ ବ୍ୟତୀତ ଆଉ ୪ ଜଣଙ୍କୁ ମଧ୍ୟ ଏଫଆଇଆରରେ ଅଭିଯୁକ୍ତ ଭାବେ ଦର୍ଶାଯାଇଛି। ସେମାନେ ହେଲେ ବିଶ୍ୱ ବିଜୟ ସିଂହ, ଆଶିଷ ରଞ୍ଜନ, କେପି ଗୋସାଭି ଓ ତାଙ୍କ ସହଯୋଗୀ ସାନଭିଲେ ଡିସୁଜା। କ୍ରୁଜରୁ ଡ୍ରଗ୍ସ ମିଳିବା ଘଟଣାର ସାକ୍ଷୀ ଭାବେ ସାମ୍ନାକୁ ଆସିଥିବା ଗୋସାଭି ଗିରଫ ଆର୍ଯ୍ୟନ ଖାନଙ୍କ ସେଲଫି ନେଇଥିଲେ। ସେ ଏନସିବିରେ କାମ କରୁ ନଥିବା ବେଳେ କେମିତି ଡ୍ରଗ୍ସ ମାମଲାରେ ଗିରଫ ଆର୍ଯ୍ୟନ ଓ ଅନ୍ୟମାନଙ୍କ ପାଖରେ ପହଁଞ୍ଚିଲେ ବୋଲି ସେତେବେଳେ ବେଶ ଚର୍ଚ୍ଚାର ବିଷୟ ପାଲଟିଥିଲା। ସିବିଆଇ ଏଫଆଇଆରରେ କୁହାଯାଇଛି ଯେ ଗୋସାଭିଙ୍କୁ ଅଭିଯୁକ୍ତମାନଙ୍କ ପାଖରେ ରହିବାକୁ ଅନୁମତି ଦିଆଯାଇଥିଲା। ସେହିପରି ରେଡ୍ ପରେ ତାଙ୍କୁ ଏନସିବି ଅଫିସକୁ ଆସିବା ପାଇଁ ମଧ୍ୟ କୁହାଯାଇଥିଲା। ଏହା ଜଣେ ସ୍ୱାଧୀନ ସାକ୍ଷୀଙ୍କ ପାଇଁ ଥିବା ନିୟମର ଉଲ୍ଲଙ୍ଘନ। ଏହାର ସୁଯୋଗ ନେଇ ଗୋସାଭି ଅଭିଯୁକ୍ତଙ୍କ ସହ ସେଲଫି ନେଇଥିଲେ ଓ ଜଣେ ଅଭିଯୁକ୍ତର କଥାକୁ ମଧ୍ୟ ରେକର୍ଡ କରିଥିଲେ। ଡ୍ରଗ୍ସ ମାମଲାରେ ଗିରଫ ହୋଇଥିବା ଆର୍ଯ୍ୟନ ଖାନଙ୍କ ପରିବାର ଲୋକଙ୍କ ଠାରୁ ୨୫ କୋଟି ଟଙ୍କା ହଡ଼ପ କରିବା ପାଇଁ ଷଡ଼ଯନ୍ତ୍ର ହୋଇଥିଲା। ସେମାନେ ଆର୍ଯ୍ୟନଙ୍କ ପାଖରୁ ବିପୁଳ ପରିମାଣର ଡ୍ରଗ୍ସ ମିଳିଛି ବୋଲି ପ୍ରମାଣ କରି ଦେଖାଇବେ ବୋଲି ତାଙ୍କ ପରିବାର ଲୋକଙ୍କୁ ଧମକ ଦେଇଥିଲେ। ଶେଷରେ ଏହି ଡିଲ୍ ୧୮ କୋଟିରେ ଫାଇନାଲ ହୋଇଥିଲା। ପ୍ରାଥମିକ ଭାବେ ୫୦ ଲକ୍ଷର ଲାଞ୍ଚ ଗୋସାଭି ଓ ତାଙ୍କ ସହଯୋଗୀର ସାନଭିଲେ ଡିସୁଜା ଆଣିଥିଲେ। କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ଲାଞ୍ଚ ବାବଦ ୫୦ ଲକ୍ଷ ଟଙ୍କା ସେମାନେ ଫେରାଇ ଦେଇଥିଲେ।

## ଗେହଲୋଟ୍‌ଙ୍କୁ ପାଇଲଟଙ୍କ ୧୫ ଦିନିଆ ମହଲତ

ଜୟପୁର: ରାଜସ୍ଥାନ କଂଗ୍ରେସର ଦୁଇ ବରିଷ୍ଠ ନେତା ସଚିନ ପାଇଲଟ ଓ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ମଧ୍ୟରେ ଚାଲିଥିବା ବିବାଦ ଏବେ ଆହୁରି ତୀବ୍ର ହୋଇଛି। କର୍ଣ୍ଣାଟକାରେ ମୁଖ୍ୟମନ୍ତ୍ରୀ କିଏ ହେବେ, ତା'କୁ ନେଇ ଦଳ ଦ୍ୱନ୍ଦ୍ୱରେ ଥିବା ବେଳେ ଏବେ ପାଇଲଟ ସିଧାସଳଖ ଗେହଲଟଙ୍କୁ ୧୫ ଦିନିଆ ମହଲତ ଦେଇଛନ୍ତି। ଦୁର୍ନୀତି ବିରୋଧରେ ତଦନ୍ତ ଦାବି କରି ପାଇଲଟ ୫ ଦିନ ହେଲା ଜନ ସଂଘର୍ଷ ଯାତ୍ରା ରାଜସ୍ଥାନରେ କରୁଛନ୍ତି। ଏଠାରେ କଂଗ୍ରେସ କ୍ଷମତାରେ ଥିଲେ ହେଁ ପାଇଲଟ ନିଜ ଦଳର ସରକାର ବିରୋଧରେ ସାଂଘାତିକ ଅଭିଯୋଗ ଆଣି ଶୋଭାଯାତ୍ରା ଚଳାଇଛନ୍ତି। ଆଜି ଏହି ଯାତ୍ରା ଜୟପୁରରେ ଶେଷ ହୋଇଥିବା ବେଳେ ପାଇଲଟ ମୁଖ୍ୟମନ୍ତ୍ରୀ ଗେହଲଟଙ୍କୁ ୧୫ ଦିନର ସମୟ ଦେଇଛନ୍ତି। ପୂର୍ବରୁ ରାଜ୍ୟରେ କ୍ଷମତାରେ ଥିବା ବିଜେପି ସରକାର ବିରୋଧରେ ଆସିଥିବା ସମସ୍ତ ପ୍ରକାରର ଦୁର୍ନୀତି ଅଭିଯୋଗର ତଦନ୍ତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦିଅନ୍ତୁ। ଯଦି ୧୫ ଦିନ ଭିତରେ କୌଣସି ପ୍ରକାରର ପଦକ୍ଷେପ ନ ନିଆଯାଏ, ତା'ହେଲେ ପାଇଲଟ ଆନ୍ଦୋଳନକୁ ଆହୁରି ଜୋରଦାର କରିବେ ବୋଲି ଖୋଲା ଚେତାବନୀ ଦେଇଛନ୍ତି। ଆଜମେରରୁ ଜୟପୁର ଯାଏ ଶୋଭାଯାତ୍ରା କରୁଥିବା ପାଇଲଟ କହିଛନ୍ତି, "ଆମେ ଲୋକଙ୍କ ସମର୍ଥନ ପାଉଛୁ। କାରଣ ଆମ ପ୍ରସଙ୍ଗ ସବୁ ଜରୁରୀ। ମୁଖ୍ୟମନ୍ତ୍ରୀ ହେଉଛନ୍ତି ରାଜ୍ୟରେ ଚେହେରା। ମୁଖ୍ୟମନ୍ତ୍ରୀ ଗେହଲଟ ଓ ମୁଁ ଏକାଠି ହୋଇ ଦୁର୍ନୀତି ବିରୋଧରେ ଲଢ଼ିବା କଥା। କିନ୍ତୁ ମୁଖ୍ୟମନ୍ତ୍ରୀ ମୋର ବାରମ୍ବାର ଦାବି ଓ ଚିଠି ସତ୍ତ୍ୱେ ଦୁର୍ନୀତି ବିରୋଧରେ କୌଣସି ପ୍ରକାରର ପଦକ୍ଷେପ ନେଉ ନାହାନ୍ତି। ଆଗକୁ ନିର୍ବାଚନ ଥିବା ବେଳେ କଂଗ୍ରେସରେ ଏପରି ବିଦ୍ରୋହ ଘାତକ ସାବ୍ୟସ୍ତ ହେବ କି ପ୍ରଶ୍ନର ପାଇଲଟ କହସିଛନ୍ତି, "ମୁଁ କାହା ବିରୋଧରେ କୌଣସି ପ୍ରକାରର ଅଭିଯୋଗ କରୁନି କିମ୍ବା କାହା ସହ ବ୍ୟକ୍ତିଗତ ସ୍ତରରେ ମୋର ତିକ୍ତତା ମଧ୍ୟ ନାହିଁ।

## ଗ୍ରାମୀଣ ଶିଳ୍ପ ପାର୍କ ପରିଦର୍ଶନ କଲେ ବାଘେଲ

ରାୟପୁର: ମୁଖ୍ୟମନ୍ତ୍ରୀ ଶ୍ରୀ ଭୁପେଶ ବାଘେଲ ଭଟ୍ଟାରା ବିଧାନସଭା ନିର୍ବାଚନମଣ୍ଡଳୀରେ ଆୟୋଜିତ ଭେଟ୍ ମୁଲାକାତ କାର୍ଯ୍ୟକ୍ରମରେ ଗାଁ କାଦରର ନୂତନ ନିର୍ମିତ ଗ୍ରାମୀଣ ଶିଳ୍ପ ପାର୍କରେ ସ୍ଥାପିତ ବିଭିନ୍ନ ୟୁନିଟ୍ ପରିଦର୍ଶନ କରିଥିଲେ ଏବଂ ସେଠାରେ ଛୋଟ ଶିଳ୍ପ ପରିଚାଳନା କରୁଥିବା ମହିଳା ଗୋଷ୍ଠୀର ସଦସ୍ୟମାନଙ୍କ ସହ ସେମାନଙ୍କ କାର୍ଯ୍ୟ ଏବଂ ବ୍ୟବସାୟରୁ ମିଳୁଥିବା ଲାଭ ବିଷୟରେ ଆଲୋଚନା କରିଥିଲେ। ମହିଳାମାନେ ମୁଖ୍ୟମନ୍ତ୍ରୀଙ୍କୁ କହିଛନ୍ତି ଯେ ଆରପିଏ ଖୋଲିବା ଦ୍ୱାରା ଛୋଟ କାମ ଆରମ୍ଭ କରି ନିଜ ଗୋଡ଼ରେ ଛିଡ଼ା ହେବାର ଆତ୍ମବିଶ୍ୱାସ ପାଇଛନ୍ତି। ଏଠାରେ ଅର୍ଜିତ ଆୟ ସେମାନଙ୍କୁ ପରିବାର ଚଳାଇବାରେ ମଧ୍ୟ ସାହାଯ୍ୟ କରୁଛି। ମୁଖ୍ୟମନ୍ତ୍ରୀ ପ୍ରଥମେ କାଦର ରିପାରେ



ମସଲା ଉତ୍ପାଦନ ୟୁନିଟ୍ ପରିଦର୍ଶନ କରିଥିଲେ। ଏହି ୟୁନିଟ୍ ପରିଚାଳନା କରୁଥିବା ଓମ୍ ସାଇ ରାମ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ସହ ଆଲୋଚନା କରିବା ପରେ ମୁଖ୍ୟମନ୍ତ୍ରୀ ସେମାନଙ୍କ କାର୍ଯ୍ୟ ବିଷୟରେ ପଚାରି ବୁଝିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଧୂପ ଷ୍ଟିକ୍ ୟୁନିଟ୍ ପରିଚାଳନା କରୁଥିବା ମା ସରସ୍ୱତୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଡୋନା ପଟ୍ଟାଲ ୟୁନିଟ୍ ପରିଚାଳନା କରୁଥିବା ସତ୍ୟନମ୍ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ମହାମାୟା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ମାନଙ୍କ ସହ ଆଲୋଚନା କରିଥିଲେ।

## ଦରକାର ପଡ଼ିଲେ କଂଗ୍ରେସକୁ ସମର୍ଥନ ଦେବି: ମମତା

କୋଲକାତା: ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ବିରୋଧୀଙ୍କ ପାଇଁ ଆସିଛି ବଡ଼ ଖବର। ସବୁବେଳେ ଅଣ କଂଗ୍ରେସ ଓ ଅଣ ବିଜେପି ମେଣ୍ଟ କଥା କହୁଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବେ ନିଜର ଆଭିମୁଖ୍ୟ ବଦଳାଇବାକୁ ରାଜିଥିବା ସଙ୍କେତ ଦେଇଛନ୍ତି। କର୍ଣ୍ଣାଟକାରେ କଂଗ୍ରେସର ବିପୁଳ ବିଜୟ ପରେ ମମତା ବାନାର୍ଜୀଙ୍କ ସ୍ୱର ବଦଳିଛି। ତାଙ୍କ ଦଳ ଟିଏମସି ଦରକାର ପଡ଼ିଲେ କଂଗ୍ରେସକୁ ସମର୍ଥନ ଦେବ ବୋଲି ମମତା କହିଛନ୍ତି। ଯେଉଁ ସବୁ ସ୍ଥାନରେ କଂଗ୍ରେସର ଭଲ ସ୍ଥିତି ରହିଛି, ସେଠାରେ ଟିଏମସି ସମର୍ଥନ କରିବ। କିନ୍ତୁ ସମର୍ଥନ ଆଶା କରୁଥିବା କଂଗ୍ରେସକୁ ମଧ୍ୟ ଟିଏମସି ପ୍ରତି ସମାନ ଆଚରଣ ପ୍ରଦର୍ଶନ କରିବାକୁ ପଡ଼ିବ ବୋଲି ଦିଦି କହିଛନ୍ତି। ମମତା ବାନାର୍ଜୀ କହିଛନ୍ତି, "କଂଗ୍ରେସ ଯେଉଁ ସବୁ ରାଜ୍ୟରେ ଭଲ ସ୍ଥିତିରେ ରହିଛି, ସେଠାରେ ସେମାନେ ଲଢ଼େଇ କରନ୍ତୁ। ଆମେ ତାଙ୍କୁ ସମର୍ଥନ କରିବୁ। କଂଗ୍ରେସ ମଧ୍ୟ ଅନ୍ୟ ଶକ୍ତିଶାଳୀ ଆଞ୍ଚଳିକ ଓ ଜାତୀୟ ଦଳ ପ୍ରତି ସମାନ ଆଭିମୁଖ୍ୟ ରଖିବା ଦରକାର। ନୀତି ସମାନ ରହିବା ଉଚିତ। ଟିଏମସି ଆପଣଙ୍କୁ କର୍ଣ୍ଣାଟକାରେ ସମର୍ଥନ କରିବ। କିନ୍ତୁ ଆପଣ ବେଙ୍ଗଲରେ ଆସି ମୋ ବିରୋଧରେ ଲଢ଼ିଲେ ଚଳିବ ନାହିଁ। ଯଦି କିଛି ଭଲ ଜିନିଷ ପାଇବାକୁ ଚାହୁଁଛନ୍ତି, ତା'ହେଲେ କିଛି ସ୍ଥାନରେ ବଳିଦାନ ଦେବାକୁ ପଡ଼ିବ। ଯେଉଁ ସବୁ ସ୍ଥାନରେ ଆଞ୍ଚଳିକ ଦଳ ଶକ୍ତିଶାଳୀ ରହିଛନ୍ତି, ସେଠାରେ ବିଜେପି ଆଦୌ ଲଢ଼େଇ କରିପାରିବ ନାହିଁ। ଯେଉଁ ସବୁ ସ୍ଥାନରେ ଯେଉଁ



ଦଳ ଶକ୍ତିଶାଳୀ, ସେଠାରେ ଏକାଠି ଲଢ଼ିବା ଉଚିତ।" ମମତା ବାନାର୍ଜୀ କହିଛନ୍ତି, "ଟିଏମସି ଯାହା ଆକଳନ କରୁଛି କଂଗ୍ରେସ ୨୦୦ଟି ଆସନରେ ଶକ୍ତିଶାଳୀ। ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି ଉତ୍ତର ପ୍ରଦେଶରେ ଶକ୍ତିଶାଳୀ। ତେଣୁ ଆମକୁ ସେଠାରେ ତାଙ୍କୁ ସମର୍ଥନ କରିବା ଦରକାର। ମୁଁ କହୁନି ଯେ କଂଗ୍ରେସ ସେଠାରେ ନ ଲଢୁ। ଆମେ ଏ ସମ୍ପର୍କରେ ଆଲୋଚନା କରି ନିଷ୍ପତ୍ତି ନେଇପାରିବା। ଦିଦି ଭାରତରେ ଥିବା ସବୁ ବିରୋଧୀ ଦଳଗୁଡ଼ିକୁ ଏକାଠି ହେବାକୁ ଆହ୍ୱାନ ଦେବା ସହ ଯେଉଁ ସବୁ ସ୍ଥାନରେ ଯେଉଁ ଦଳ ଶକ୍ତିଶାଳୀ ଅଛନ୍ତି, ସେମାନଙ୍କୁ ସେଠାରେ ସମର୍ଥନ କରିବା ପାଇଁ କହିଛନ୍ତି। ସେ କହିଛନ୍ତି, "ଯେକୌଣସି ରିଜନରେ ଯେଉଁ ଦଳ ଶକ୍ତିଶାଳୀ, ସେଠାରେ ଉକ୍ତ ଦଳକୁ ଆମେ ସମସ୍ତେ ସମର୍ଥନ କରିବା ଉଚିତ। ଉଦାହରଣ ସ୍ୱରୂପ ଆପ୍‌କୁ ଦିଲ୍ଲୀର, ଟିଏମସିକୁ ବେଙ୍ଗଲ, ଜେଡିୟୁ-ଆରଜେଡିକୁ ବିହାରରେ ସବୁ ଦଳ ସମର୍ଥନ କରିବା ଉଚିତ। ନୀତୀଶ କୁମାର ଓ ତେଜସ୍ୱୀ ଯାଦବ କଂଗ୍ରେସ ସହ କାମ କରୁଛନ୍ତି। ସେମାନେ ଆଲୋଚନା ଦ୍ୱାରା ଏହାର ନିଷ୍ପତ୍ତି ନେଇପାରିବେ। ଏହସବୁ କଥାକୁ ସବୁ ବିରୋଧ ଦଳ ଚିନ୍ତା କରିବା ଦରକାର।

# ବାଣିଜ୍ୟ




ନୂଆଦିଲ୍ଲୀ: ଷ୍ଟକ୍ ମାର୍କେଟ୍ ନିୟାମକ ସେବି ସୁପ୍ରିମକୋର୍ଟଙ୍କୁ କହିଛନ୍ତି ଯେ ଏହା ୨୦୧୬ ପରଠାରୁ ଆଦାନୀ ଗୋଷ୍ଠୀ ବିରୋଧରେ କୌଣସି ତଦନ୍ତ କରୁନାହିଁ। ସେବି ଅନୁସନ୍ଧାନ ମାମଲାକୁ ଭିତ୍ତିହୀନ ବୋଲି କହିଛି। କିନ୍ତୁ ଅର୍ଥ ମନ୍ତ୍ରଣାଳୟର ଏହି ପ୍ରସଙ୍ଗରେ ଆଉ କିଛି କହିବାର ଅଛି। ଅର୍ଥ ମନ୍ତ୍ରଣାଳୟ ଏହି ପ୍ରସଙ୍ଗରେ ଟୁଇଟ୍ କରି କହିଛନ୍ତି ଯେ ୧୯ ଜୁଲାଇ ୨୦୨୧ରେ ଲୋକସଭାରେ କେନ୍ଦ୍ର ସରକାର ଦେଇଥିବା ଉତ୍ତର ଏପର୍ଯ୍ୟନ୍ତ ରହିଛି। ଅର୍ଥ ମନ୍ତ୍ରଣାଳୟ କହିଛି ଯେ ସମସ୍ତ ଉତ୍ତର ବିଭାଗରୁ ଇନପୁଟ୍ ନେବା ପରେ ଏହି ଉତ୍ତର ଦିଆଯାଇଛି। କଂଗ୍ରେସର ସାଧାରଣ ସମ୍ପାଦକ ତଥା ଯୋଗାଯୋଗ ବିଭାଗର ମୁଖ୍ୟ ଜୟରାମ ରମେଶଙ୍କ ଟ୍ୱିଟର ଜବାବରେ ଅର୍ଥ ମନ୍ତ୍ରଣାଳୟ ଏହା କହିଛି। ସଂସଦରେ ରାଜ୍ୟ ଅର୍ଥମନ୍ତ୍ରୀ ଦେଇଥିବା ଲିଖିତ ଉତ୍ତରକୁ ଜୟରାମ ରମେଶ ମଧ୍ୟ ନିଜ ଟ୍ୱିଟରେ ସଂଲଗ୍ନ କରିଛନ୍ତି, ଯାହା ଟିଏମସି ସାଂସଦ ମହୁଆ ମୈତ୍ରଙ୍କ ପ୍ରଶ୍ନର ଉତ୍ତରରେ ଅର୍ଥମନ୍ତ୍ରୀ ପ୍ରଦାନ କରିଛନ୍ତି।

## ମିଲେଟରେ ମ୍ୟାଜିକ୍ ସୃଷ୍ଟି କରିବାକୁ ସ୍ଥାନୀୟ ସେଫ୍‌ଙ୍କ ସହ ହାତ ମିଳେଇଲେ ଓଡ଼ିଶା ସରକାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍) : ଓଡିଶା ମିଲେଟସକୁ ପ୍ରୋତ୍ସାହିତ କରିବା ପାଇଁ ଓଡିଶା ମିଲେଟ ମିଶନ ରେଷ୍ଟୁରାଂଟ ଏବଂ ସେଫ୍ ମାନଙ୍କ ସହଯୋଗ ନେବା ପାଇଁ ପ୍ରମୁଖ ପଦକ୍ଷେପ ନେଉଛି। ଫାର୍ମ ଟୁ ପ୍ଲେଟ୍ ଏହାକୁ ସାକାର କରିବା ଦିଗରେ ଓଡିଶା ଦୃତ ଗତିରେ ଆଗକୁ ବଢୁଛି କାରଣ ରାଜ୍ୟ ସରକାର ମିଲେଟର ବ୍ୟବହାରକୁ ରାଜ୍ୟରେ ପ୍ରୋତ୍ସାହିତ କରିବା ପାଇଁ ଅନନ୍ୟ ପଦକ୍ଷେପମାନ ଗ୍ରହଣ କରୁଛନ୍ତି। ଏହାର ଏକ ବଳିଷ୍ଠ ଉଦାହରଣ ହେଉଛି ଚାଲିଥିବା ମିଲେଟ ଫୁଡ ଫେଷ୍ଟିଭାଲ। ଓଡିଶା ମିଲେଟ ମିଶନ ଭୁବନେଶ୍ୱରର ପ୍ରତିଷ୍ଠିତ ରେଷ୍ଟୁରାଂଟ ମାଇକେଲସ କିଚେନ ସହଭାଗୀତାରେ ଆଂର୍ଜାତୀୟ ମିଲେଟ ବର୍ଷ ୨୦୨୩ ପରିପ୍ରେକ୍ଷୀରେ ମିଲେଟ ଫୁଡ ଫେଷ୍ଟିଭାଲ ଆୟୋଜନ କରୁଛି। ମଇ ୫ ରୁ ୨୦ ପର୍ଯ୍ୟନ୍ତ ଚାଲିଥିବା ୧୫ ଦିନ ବ୍ୟାପି ଏହି



ଫେଷ୍ଟିଭାଲରେ ମିଲେଟକୁ ମୁଖ୍ୟ ଉପାଦାନ ଭାବରେ ବ୍ୟବହାର କରି ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତୀୟ ଖାଦ୍ୟ ପ୍ରସ୍ତୁତ କରାହେଉଛି। ଏହି ଉତ୍ସବକୁ ସେଲିବ୍ରିଟିଙ୍କ ସହ ରାଜଧାନୀ ବାସିନ୍ଦା ଉପଭୋଗ କରୁଛନ୍ତି। ମଇ ୭ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ସୁନାମଧନ୍ୟ ମାଷ୍ଟର ସେଫ୍ ଓ ରେଷ୍ଟୁରାଂଟ ମାଲିକ ମାଇକେଲଙ୍କ ଉପସ୍ଥିତି ପ୍ରେରଣାଦାୟୀ ଥିଲା। ରେଷ୍ଟୁରାଂଟ ପରିଚାଳନା ଏବଂ ମିଲେଟରୁ ନୂଆ ନୂଆ ଡିସେସ୍ ଓ ଫୁଡ ଆଇଟମ୍‌ସ୍ ତିଆରି କରିବା ବିଷୟରେ ଉପଯୋଗୀ ଜ୍ଞାନ ଦେଇଥିଲେ। ନିଜର ବ୍ୟବସାୟିକ ବୃଦ୍ଧି ଓ ପରିଚାଳନାର ବିକାଶ ପାଇଁ ଉତ୍ସୁକ ୩୦ରୁ ଉର୍ଦ୍ଧ୍ୱ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଅଂଶ ଗ୍ରହଣ କରିଥିଲେ। ଓଡିଶା ସରକାର ରାଜ୍ୟରେ ଉତ୍ପାଦିତ ମିଲେଟର ବ୍ୟବହାର ବୃଦ୍ଧିପାଇଁ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ଗ୍ରହଣ କରୁଛନ୍ତି। କେବଳ ରେଷ୍ଟୁରାଣ୍ଟ ଓ ସେଫ୍ ମାନଙ୍କ ସହଭାଗୀତାରେ ଏହାର ପ୍ରୋତ୍ସାହନ କରୁନାହାନ୍ତି ବରଂ ଏହି କ୍ଷେତ୍ରର ବିଶେଷଜ୍ଞମାନଙ୍କ ସହ ଭାବ ଆଦାନ ପ୍ରଦାନର ସୁଯୋଗ ସୃଷ୍ଟି କରିଛନ୍ତି। ଏହି କାର୍ଯ୍ୟକ୍ରମର ସଫଳତା ବିଷୟରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ସଚିବ ଡଃ ଅରବିନ୍ଦ ପାଢୀ କହିଛନ୍ତି 'ସ୍ଥାନୀୟ ପେଶାଦାରମାନେ ଆଗକୁ ଆସି ସରକାରଙ୍କୁ ସହଯୋଗର ହାତ ବଢାଇ ଏକ ପରିବର୍ତ୍ତନରେ ଯଥେଷ୍ଟ ଭାଗୀଦାର ହୋଇଛନ୍ତି। ପେଷାଦାର ସେଫ୍ ମାଇକେଲଙ୍କ ପ୍ରଭାବରେ ମିଲେଟର ଦୈନନ୍ଦିନ ଗ୍ରହଣୀୟତା ସୃଷ୍ଟି ହୋଇପାରିବ ଏବଂ ଏହା ପାଇଁ ସରକାର ସବୁ ସ୍ତରରେ ସାହାଯ୍ୟ କରିବାକୁ ପ୍ରସ୍ତୁତ। ସେଫ୍ ମାଇକେଲ କହିଥିଲେ 'ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ମିଶନର ଅଂଶ ବିଶେଷ ହୋଇଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ। ଜନସାଧାରଣ ମିଲେଟର ପୁଷ୍ଟିକର ତତ୍ତ୍ୱ ବିଷୟରେ ଜାଣିବା ଦରକାର।

## ସାମସଙ୍ଗ ପକ୍ଷରୁ ୨୦୨୩ ରେଞ୍ଜର ସେମି-ଅଟୋମାଟିକ୍ ୱାଶିଂ ମେସିନ୍ ରେଞ୍ଜ୍ ଉନ୍ମୋଚିତ

ନୂଆଦିଲ୍ଲୀ: ଭାରତର ସର୍ବବୃହତ ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ ସାମସଙ୍ଗ, ଏହାର ୨୦୨୩ ରେର ସେମି-ଅଟୋମାଟିକ ୱାଶିଂ ମେସିନ ରେ୍ର ଶୁଭାରମ୍ଭ କରିଛି, ଯାହା ସଫ୍ଟ କ୍ଲୋଜିଙ୍ଗ ଟଫେନ୍‌ଡ ଗ୍ଲାସ ଲିଡ ଏବଂ ଡୁଆଲ ମ୍ୟାଜିକ ଫିଲ୍ଟର ଭଳି ନୂଆ ବୈଶିଷ୍ଟ୍ୟ ସହିତ ଆସୁଛି। ଏହି ନୂତନ ଶୃଙ୍ଖଳ ଦୁଇଟି ସତେଜ ଦକ୍ଷତା ଭାରିଆଂଟ ଯଥା ୮ କେଜି ଏବଂ ୯କେଜି ସହିତ ଡିଜାଇନରେ ଉନ୍ନତି କରିଛି, ଯାହାର ମୂଲ୍ୟ ୧୫,୦୦୦ଟଙ୍କାରୁ ୧୮୦୦୦ଟଙ୍କା ମଧ୍ୟରେ ରହିଛି। ଅତ୍ୟାଧୁନିକ ୱାଶିଂ ମେସିନ କ୍ରୟ ଉପରେ ଅଗ୍ରଣୀ ବ୍ୟାଙ୍କ କ୍ରେଡିଟ ଏବଂ ଡେବିଟ କାର୍ଡ ଉପରେ ଗ୍ରାହକ ୫% ଅତିରିକ୍ତ କ୍ୟାସବ୍ୟାକ ପାଇପାରିବେ। ଏହା ତିନୋଟି ପ୍ରିମିୟମ ରଙ୍ଗ ମିଶ୍ରଣ ଯଥା ଡାର୍କ ଗ୍ରେ ଓ ୱାଇନ, ଡାର୍କ ଗ୍ରେ ଓ ଇବୋନି ବ୍ଲାକ ଏବଂ ଲାଇଟ ଗ୍ରେ ଓ ଇବୋନି ବ୍ଲାକ ରେ ସାମସଙ୍ଗ.କମ, ଆମାଜନ, ଫ୍ଲିପକାର୍ଟ ଏବଂ ଦେଶର ସମସ୍ତ ପ୍ରମୁଖ ରିଟେଲ ଷ୍ଟୋରଗୁଡ଼ିକରେ ଉପଲବ୍ଧ ରହିଛି। ଗ୍ରାହକମାନେ ମୋଟର ଉପରେ ୫ବର୍ଷର ୱାରେଂଟି ଏବଂ ୨-ବର୍ଷର ବ୍ୟାପକ ଉତ୍ପାଦ ୱାରେଂଟି ପାଇପାରିବେ। ଏଥିରେ ସାମସଙ୍ଗର ପ୍ରଥମ ସଫ୍ଟ କ୍ଲୋଜିଙ୍ଗ ଟଫେନ୍‌ଡ ଗ୍ଲାସ ଲିଡ ଏବଂ ଡୁଆଲ ମ୍ୟାଜିକ ଫିଲ୍‌ଟର ଭଳି ଫିଚରରେ ସୁସଜ୍ଜିତ ରହିଛି। ଫିଲ୍ଟରଗୁଡ଼ିକ ୧୮୦° ପର୍ଯ୍ୟ' ଖୋଲୁଥିବାରୁ ଏହାକୁ ସଫା କରିବା ମଧ୍ୟ ସହଜ। ଏହି ନୂତନ ରେ ମଧ୍ୟ ହେକ୍ସା ଷ୍ଟର୍ମ ପଲସେଟର ସହିତ ଆସୁଛି ଯାହାକି ଏକ ଶକ୍ତିଶାଳୀ ଏବଂ ବହୁମୁଖୀ ଜଳପ୍ରବାହକୁ ତ୍ୱରାନ୍ୱିତ କରିବା ପାଇଁ ତିନୋଟି ରୋଲର ଏବଂ ଛଅଟି ବ୍ଲେଡର ଉପଯୋଗ କରିଥାଏ। ଏହି ନୂଆ ଶୃଙ୍ଖଳର ଅଣକ୍ଷତିକାରକ ଏବଂ କଳଙ୍କ ପ୍ରତିରୋଧି ବଡି ଏହି ସେମି-ଅଟୋମାଟିକ ୱାଶିଂ ମେସିନକୁ ଅତ୍ୟ' ସ୍ଥାୟୀ କରୁଛି ଏବଂ ଗ୍ରାହକଙ୍କୁ ମେସିନର ଦୀର୍ଘ ବ୍ୟବହାର ସହିତ କଳଙ୍କିତ ହେବା ବିଷୟରେ ଚି'। ମୁକ୍ତ ରହିବାକୁ ସୁନିଶ୍ଚିତ କରୁଛି। ଏହି ନୂଆ ରେ ମଧ୍ୟ ର୍‍ୟାଟ ପ୍ରୋଟେକ୍ସନ ବୈଶିଷ୍ଟ୍ୟ ସହିତ ଆସୁଛି ଯେଉଁଥିରେ ପ୍ଲାଷ୍ଟିକ ବେସ୍‌ରେ ଥିବା ଛିଦ୍ରଗୁଡ଼ିକୁ ଏଭଳି ଢ଼ଙ୍ଗରେ ଡିଜାଇନ କରାଯାଇଛି ଯାହାଦ୍ୱାରା ଏହା ମୂଷାମାନଙ୍କ ପ୍ରବେଶ ଏବଂ ସେମାନେ କରୁଥିବା କ୍ଷତିକୁ ଦୂରେଇ ରଖିଥାଏ। ଆମର ନୂତନ ରେରେ ନୂତନ ଭାବେ ଯୋଡ଼ି ହୋଇଥିବା ଫିଚର, ଡିଜାଇନ ଏବଂ ରଙ୍ଗ ବିକଳ୍ପ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରୁଛି।

## ଆର୍‌ଏସ୍‌ପି କୋଲ୍ କେମିକାଲ୍ ବିଭାଗର ଏକଦିବସୀୟ ଅଶୋଧିତ ପିଚୁ ଚାଲାଣରେ କ୍ରମାଗତ ଦୁଇଟି ରେକର୍ଡ



ରାଉରକେଲା(ଭାସ୍କର ନ୍ୟୁଜ୍): ସେଲ ରାଉରକେଲା ଇସ୍ପାତ କାରଖାନାର କୋଲ୍ କେମିକାଲ୍ ବିଭାଗ (ସିସିଡି) ମଇ ୧୨ ଓ ୧୩ ତାରିଖରେ ଏକଦିବସୀୟ ଅଶୋଧିତ ପିଚୁ (କ୍ରୁଡ଼ ଟାର୍) ଚାଲାଣ କ୍ଷେତ୍ରରେ କ୍ରମାଗତ ଦିନରେ ଦୁଇଟି ରେକର୍ଡ ସ୍ଥାପନ କରିଛି। ଉକ୍ତ ୟୁନିଟ୍ ମଇ ୧୨ ତାରିଖରେ ୯୨୦ ଟନ୍ ଅଶୋଧିତ ପିଚୁ ଚାଲାଣ ପୂର୍ବକ ରେକର୍ଡ ସୃଷ୍ଟି କରିଥିବାବେଳେ ଠିକ ଏହାର ପରଦିନ ମଇ ୧୩ ତାରିଖରେ ୧୦୧୦ ଟନ୍ ଅଶୋଧିତ ପିଚୁ ଚାଳନ ପୂର୍ବକ ଏହି ରେକର୍ଡରେ ଉନ୍ନତି ଆଣି ନୂଆ କୀର୍ତ୍ତିମାନ ସ୍ଥାପନ କରିଥିଲା। ଏହା ସହିତ ସିସିଡି ବିଭାଗ କାରଖାନା ପାଇଁ ମଇ ୧୨ ତାରିଖରେ ୩.୮୬ କୋଟି ଟଙ୍କା ଏବଂ ଏହାର ପରଦିନ ମଇ ୧୩ ତାରିଖରେ ୪.୧୬ କୋଟି ଟଙ୍କା ରାଜସ୍ୱ ସୃଷ୍ଟି କରିପାରିଥିଲା। ସୂଚନାଯୋଗ୍ୟ ଯେ, ଆରଏସପି ଗତ ଆର୍ଥିକ ବର୍ଷ ୨୦୨୨-୨୩ରେ ଅଶୋଧିତ ପିଚୁ ବିକ୍ରିରୁ ୪୮୬ କୋଟି ଟଙ୍କାର ରାଜସ୍ୱ ଆଦାୟ କରିଥିଲା। ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ସାମୂହିକଙ୍କୁ ଅଭିନନ୍ଦନ ଜଣାଇବା ପାଇଁ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏସ୍ ଆର ସୂର୍ଯ୍ୟବଂଶୀ ସିସିଡି ବିଭାଗ ପରିଦର୍ଶନ କରିଥିଲେ। ଏହି ଅବସରରେ ସେବା ବିଭାଗର ସିଜିଏମ ଇନ ଚାର୍ଜ ଶ୍ରୀ ଦେବବ୍ରତ ଦତ୍ତ, ୟୁଟିଲିଟି ଓ ପରିବେଶ ବିଭାଗର ସିଜିଏମ ଶ୍ରୀ ଆଇ ରାଜନ, କୋକ ଓଭେନ ଓ ସିସିଡ଼ି ବିଭାଗର ସିଜିଏମ ଶ୍ରୀ ତୁଳାରାମ ବେହେରା, ସସ୍ପ ଓ ଡିଜାଇନ ବିଭାଗର ସିଜିଏମ ଶ୍ରୀ ରବି ରଂଜନ, ମାର୍କେଟିଙ୍ଗ ବିଭାଗର ଜିଏମ ଇନ ଚାର୍ଜ ଶ୍ରୀ ଏସ ସି ମହାନ୍ତି ଏବଂ କୋକ୍ ଓଭେନ, ସିସିଡି, ମାର୍କେଟିଂର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସୁପର୍ ଆପ୍ 'ପିପୋନେଟ୍'ର ଶୁଭାରମ୍ଭ କରିବ ନୁରେ ଭାରତ ନେଟ୍‌ୱର୍କ

ନୂଆଦିଲ୍ଲୀ: ନୁରେ ଭାରତ ନେଟ୍‌ୱର୍କ ପକ୍ଷରୁ ଏହାର ନୂଆ ମୋବାଇଲ ଆପ୍-ପିପୋନେଟ୍‌ର ଶୁଭାରମ୍ଭର ଘୋଷଣା କରାଯାଇଛି। ନୁରେ ଭାରତ ନେଟ୍‌ୱର୍କ ହେଉଛି ଏକ ଅଗ୍ରଣୀ ଡିଜିଟାଲ ଟ୍ରାନ୍ସଫର୍ମେଶନ ଓ ଟେକ୍ନୋଲୋଜି ସଲ୍ୟୁଶନ୍ସ ପ୍ରଦାତା ୩ଆଇ ଇନ୍‌ଫୋଟେକ୍ ଲିମିଟେଡ୍, ଏଫ୍‌ଆଇଏସ୍‌ଏସ୍‌ଟି ଓ ୟେଲୋ ଆଇଏନ୍‌ସି. ମଧ୍ୟରେ ଏକ ଯୌଥ ଉଦ୍ୟୋଗ ସଂଗଠନ (କନ୍‌ସୋର୍ଟିୟମ)। ରେଳ ମନ୍ତ୍ରଣାଳୟ ଅଧିନରେ ଏକ ମିନିରତ୍ନ ପିଏସ୍‌ୟୁ ରେଲ୍‌ଟେଲ୍ କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ୍, ଭାରତୀୟ ରେଳ ନେଟ୍‌ୱର୍କରେ ଏହାର ସାର୍ବଜନିନ ୱାଇଫାଇକୁ ମନିଟାଇଜ୍ କରିବା ପାଇଁ ୩ଆଇ ଇନ୍‌ଫୋଟେକ୍ ନେତୃତ୍ୱାଧୀନ ଏହି କନ୍‌ସୋର୍ଟିୟମ ସହ ସହଭାଗିତା




କରିଛି। ଭାରତୀୟ ରେଳବିଭାଗ ଦୈନିକ ୨୩ ମିଲିୟନ ଯାତ୍ରୀ ସଂଖ୍ୟା ସହିତ ଏସିଆର ସର୍ବବୃହତ୍ ରେଳ ନେଟ୍‌ୱର୍କ ଅଟେ ଏବଂ ରେଲ୍‌ଟେଲ୍ ଦ୍ୱାରା ୬୧୦୯ ରେଳ ଷ୍ଟେସନରେ ପ୍ରଦାନ କରାଯାଉଥିବା ୱାଇଫାଇ ନେଟ୍‌ୱର୍କରେ ପ୍ରତିଦିନ ୧.୫ ମିଲିୟନରୁ ଅଧିକ ଉପଭୋକ୍ତା ଲଗଇନ୍ କରୁଛିଁ। ପିପୋନେଟ୍ ଆପ୍ (ରେଲ୍‌ଟେଲ୍ ଦ୍ୱାରା ପରିଚାଳିତ) ଉପଭୋକ୍ତାଙ୍କୁ ଇ-ଟିକେଟିଙ୍ଗ୍, ଟ୍ରାଭେଲ, ଷ୍ଟେ ରିଜର୍ଭେଶନ, ପୋର୍ଟର ବୁକିଙ୍ଗ୍, ମ୍ୟୁଜିକ୍, ଇନ୍‌ଫୋଟେନ୍‌ମେଂଟ୍, ଏଡୁଟେନ୍‌ମେଂଟ, ଓଟିଟି ଚ୍ୟାନେଲ ଓ ବିଭିନ୍ନ ହେଲ୍ପଲାଇନ୍ ସେବା ଭଳି ଇଂଟିଗ୍ରେଟେଡ୍ ସେବାଗୁଡିକ ସହ ସାହାଯ୍ୟ କରିବ। ପିପୋନେଟ୍ ଭାରତର କାରିଗରମାନଙ୍କୁ ନିଜର ଉତ୍ପାଦଗୁଡିକୁ ବିକ୍ରି କରିବା ପାଇଁ ଏକ ଇକମର୍ସ ପ୍ଲାଟ୍‌ଫର୍ମ ମଧ୍ୟ ପ୍ରଦାନ କରିବ। ନୁରେ ଭାରତ ନେଟ୍‌ୱର୍କ ଏହାର ଡିଜିଟାଲ ମାର୍କେଟିଙ୍ଗ ପ୍ରୟାସଗୁଡିକ ମାଧ୍ୟମରେ ଆଜିର ୧.୫ ମିଲିୟନ ଲଗ୍‌ଇନ୍‌ରୁ ୧୧ ମିଲିୟନରୁ ଅଧିକ ଲଗ୍‌ଇନ୍‌କୁ ବୃଦ୍ଧି କରିବା ସହିତ, ଭାରତର ସେଲରମାନଙ୍କ ପାଇଁ ବାଣିଜ୍ୟିକ ସୁଯୋଗ ମଧ୍ୟ ବହୁଗୁଣିତ ହେବ, ସେମାନଙ୍କର ଆର୍ଥିକ ସ୍ଥିତିକୁ ପରିବର୍ତ୍ତନ କରିବ। ଏହି ପଦକ୍ଷେପ ଦେଶର ଜନତାଙ୍କ ସହିତ ସଂଯୋଜିତ ହେବା ପାଇଁ ଦେଶବ୍ୟାପୀ ସମସ୍ତ ବୃହତ୍, ମଧ୍ୟମ ଓ କ୍ଷୁଦ୍ର ବିଜ୍ଞାପନଦାତାଙ୍କ ଆବଶ୍ୟକତା ଓ ସୁବିଧାଗୁଡିକୁ ଦର୍ଶାଉଛି। ପିପୋନେଟ୍‌କୁ ମୁତୟନ କରିବା ଦ୍ୱାରା ତାହା ବିଜ୍ଞାପନଦାତାଙ୍କୁ ଗ୍ରାମାଂଚଳ, ଅର୍ଦ୍ଧସହରାଂଚଳ ଓ ସହରଗୁଡିକ ଉପରେ ଆଧାରିତ ଭାରତର ଟାୟାର ୧,୨,୩ ଓ ୪ ଟାଉନ୍‌ଗୁଡିକର ଲୋକଙ୍କ ସହ ଭଗୀର ଭାବେ ସଂଯୋଜିତ ହେବାକୁ ଅନୁମତି ଦେବ। ପିପୋନେଟ୍ ମୋବାଇଲ ଆପ୍ ମଧ୍ୟ ଆସଂ। ଅଗଷ୍ଟ ୨୦୨୩ରୁ ଉଭୟ ଆଇଓଏସ୍ ଓ ଆଣ୍ଡ୍ରଏଡ୍ ଭର୍ସନରେ ଗୁଗଲ ପ୍ଲେ ଷ୍ଟୋରରେ ଲୋକମାନଙ୍କ ବ୍ୟବହାର ପାଇଁ ଉପଲବ୍ଧ ହେବ।



ଭୁବନେଶ୍ୱର,(ଭାସ୍କର ନ୍ୟୁଜ) : ଆନ୍ତଃଜିଲ୍ଲା ସାହାଣୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ କଟକ ଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଫାଇନାଲରେ କଟକ କନ୍ଧମାଳକୁ ୨-୧ରେ ପରାସ୍ତ କରି ବିଜୟୀ ହୋଇଛି। ମ୍ୟାଚ୍‌ର ପଞ୍ଚମ ମିନିଟରେ କନ୍ଧମାଳ ପକ୍ଷରୁ ରାକେଶ ଓରାମ ପ୍ରଥମ ଗୋଲ ସ୍କୋର କରିଥିଲେ। ତେବେ ଇଞ୍ଜୁରୀ ଟାଇମରେ ମାତ୍ର ୩ ମିନିଟ ମଧ୍ୟରେ ଦୁଇଟି ଗୋଲ ଦେଇ କଟକ ମ୍ୟାଚକୁ ଜିତି ନେଇଥିଲା। ୯୦+୧ ମିନିଟରେ ଏସ୍.କେ. ଫରିଦ ପ୍ରଥମ ଗୋଲ ଦେଇ ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିବା ବେଳେ ଏହାର ୩ ମିନିଟ ମଧ୍ୟରେ ଦୀନବନ୍ଧୁ ଦାସ ନିର୍ଣ୍ଣାୟକ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟ ଚରଣ ଫାଇନାଲ ୧୭ ତାରିଖ ଦିନ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଫୁଟବଲ ଆସୋସିଏଶନ୍ ଅଫ୍ ଓଡ଼ିଶା (ଫାଓ) ସଭାପତି ଦେବାଶିଷ ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଫାଓ ସମ୍ପାଦକ ଆଶୀର୍ବାଦ ବେହେରା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ ସଭାପତି ବିଜୟ ଦାସ, ରବି ନାରାୟଣ ପଣ୍ଡା ଓ ଦିଲ୍ଲୀପ କୁମାର ସାହୁ ଯୋଗ ଦେଇଥିଲା। ଯୁଗ୍ମ ସଚିବ ବିଶ୍ୱ ରଞ୍ଜନ ଘଡେଇ ଓ ଅଭିଜିତ୍ ପଲ୍ ଯୋଗ ଦେଇଥିଲେ। ଫାଓ ସଦସ୍ୟ ଦୁଲାଲ ଚନ୍ଦ୍ର ପ୍ରଧାନ, କିଶୋର ମିଶ୍ର, ଶିବ ପ୍ରସାଦ ତ୍ରିପାଠୀ, ପ୍ରଭାତ କୁମାର ଭୋଳ, ଅଶୋକ କୁମାର ସାହୁ, ଶୁଭେନ୍ଦୁ ସାମ, ହରି ନାରାୟଣ ପୂଜାରୀ, ତଡିତ କୁମାର ରାଉତ, ବିଜୟ କୁମାର ଦାଶ, ଶିବବ୍ରତ ମଲିକ, ମହିଳା କମିଟି ଚେୟାରମ୍ୟାନ ସହଦେବ ରାଉତ ଓ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ରାଜେନ୍ଦ୍ର ପ୍ରସାଦ ସିଂ ପ୍ରମୁଖ ଯୋଗ ଦେଇଥିଲେ।

### ଶୁଭମନ ଗିଲ୍‌ଙ୍କ ଦମ୍‌ଦାର ଶତକ, ଭୁବନେଶ୍ୱର କୁମାରଙ୍କ ୫ଉ୍ୱିକେଟ ଦଖଲ ବୃଥା

# ପ୍ରଥମ ଦଳ ଭାବେ ପ୍ଲେ ଅଫ୍‌ରେ ଗୁଜରାଟ



ଅହମ୍ମଦାବାଦ : ଓପନର ଶୁଭମନ ଗିଲ୍‌ଙ୍କ ଦମ୍‌ଦାର ଶତକ ଓ ବୋଲିଂ ସଫଳତାକୁ ଆଧାର କରି ଗତବର୍ଷର ଟାଇଟଲ ବିଜେତା ଗୁଜରାଟ ଟାଇଟନ୍‌ସ ସୋମବାର ସ୍ଥାନୀୟ ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଚଳିତ ଆଇପିଏଲ୍‌ର ୬୨ତମ ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦକୁ ୩୪ରନ୍‌ରେ ପରାସ୍ତ କରି ପ୍ରଥମ ଦଳ ଭାବେ ପ୍ଲେ ଅଫ୍ ପର୍ଯ୍ୟାୟରେ ପ୍ରବେଶ କରିଛି। ଗୁଜରାଟ ଆଜି ସୁଦ୍ଧା ୧୩ ଲିଗ୍ ମ୍ୟାଚ୍ ଖେଳି ସର୍ବାଧିକ ୧୮ପଏଣ୍ଟ ହାସଲ କରିଥିବା ବେଳେ ହାଇଦ୍ରାବାଦର ବିଦା ହେବା ରାସ୍ତା ପରିଷ୍କାର ହୋଇଯାଇଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଶୁଭମନ ଗିଲ୍‌ଙ୍କ ପ୍ରଥମ ଶତକ (୧୦୧, ୫୮ ବଲ୍, ୧୩ଚୌକା, ୧ଛକା) ଓ ସାଇ ସୁଦର୍ଶନଙ୍କ ୪୭ରନ୍ ବଳରେ ଗୁଜରାଟ ୯ଉ୍ୱିକେଟ ହରାଇ ୧୮୮ ରନ୍ କରିଥିଲା। ଏହି ଦୁଇ ଖେଳାଳିଙ୍କ ବ୍ୟତୀ ଗୁଜରାଟର ଅନ୍ୟ କୌଣସି ବ୍ୟାଟର ଦୁଇ ଅଙ୍କ ବିଶିଷ୍ଟ ସ୍କୋରରେ ପହଞ୍ଚି ପାରି ନଥିଲେ। ୪ଜଣ ବ୍ୟାଟର ଖାତା ଖୋଲି ପାରି ନଥିବା ବେଳେ ହାଇଦ୍ରାବାଦ ପକ୍ଷରୁ ଭୁବନେଶ୍ୱର କୁମାର ସର୍ବାଧିକ ୫ଉ୍ୱିକେଟ ଦଖଲ କରିଥିଲେ। ତେବେ ଏହି ସଫଳତା ବୃଥା ସାବ୍ୟସ୍ତ ହୋଇଛି। ପଛରେ ବ୍ୟାଟିଂ କରି ହାଇଦ୍ରାବାଦ ୨୦ ଓଭରରେ ୯ଉ୍ୱିକେଟ ହରାଇ ୧୫୪ ରନ୍ କରିଥିଲା। ଦଳ ପକ୍ଷରୁ ହେନରିକ କ୍ଲେଜେନ ସର୍ବାଧିକ ୬୪ରନ୍ କରିଥିବା ବେଳେ ଗୁଜରାଟ ପକ୍ଷରୁ ମହମ୍ମଦ ସାମି ୪ ଓ ମୋହିତ ଶର୍ମା ୩ ଉ୍ୱିକେଟ ଅକ୍ତିଆର କରିଥିଲେ।

### ସୁଦି ରମଣ କପ୍ ବ୍ୟାଡମିଣ୍ଟନ: ସିନ୍ଧୁ ଓ ଶ୍ରୀକାନ୍ତଙ୍କ ଦୁର୍ବଳ ପ୍ରଦର୍ଶନ

# ଦ୍ୱିତୀୟ ପରାଜୟ ସହିତ ଭାରତ ବିଦା

ନୂଆଦିଲ୍ଲୀ: ଚୀନର ସୁଝୋୟୁ ଠାରେ ସଂପ୍ରତି ଚାଲିଥିବା ମିକ୍ସଡ ଟିମ ସୁଦି ରମଣ ବ୍ୟାଡମିଣ୍ଟନ ଚାମ୍ପିଅନଶିପରେ ଲଗାତର ଦ୍ୱିତୀୟ ପରାଜୟ ସହିତ ସଅଳ ବିଦା ହେଲା ଭାରତ। ସୋମବାର ଅନୁଷ୍ଠିତ ମ୍ୟାଚରେ ଗ୍ରୁପ ସିର ଦ୍ୱିତୀୟ ମ୍ୟାଚରେ ଦୁଇ ପ୍ରମୁଖ ଖେଳାଳି ପିଭି ସିନ୍ଧୁ ଓ କିଦାମ୍ବି ଶ୍ରୀକାନ୍ତ ନୈରାଶ୍ୟ ଜନକ ପ୍ରଦର୍ଶନ କରିବା ଫଳରେ ମାଲେସିୟା ଠାରୁ ଭାରତ ୦-୩ରେ ପରାଜୟ ସ୍ୱୀକାର କରିଛି। ପ୍ରଥମ ମ୍ୟାଚରେ ଚାଇନିଜ ତାଇପେଇ ଠାରୁ ହାର ମାନିଥିବା ଭାରତ ଦ୍ୱିତୀୟ ମ୍ୟାଚରେ ବିଜୟୀ ହୋଇ ଥିଲେ ପରବର୍ତ୍ତୀ ରାଉଣ୍ଡକୁ ଯିବା ପାଇଁ ସୁଯୋଗ ସୃଷ୍ଟି କରିଥାନ୍ତା। ମାତ୍ର କ୍ରମାଗତ ପରାଜୟ ଫଳରେ ଟୁର୍ଣ୍ଣାମେଣ୍ଟରୁ ବାଦ ପଡିଛି। ତେବେ ଶେଷ ଗ୍ରୁପ ପର୍ଯ୍ୟାୟ ମ୍ୟାଚରେ ଅଷ୍ଟ୍ରେଲିଆ ସହିତ ମୁକାବିଲା କରିବ ଭାରତ। ଏହି ମ୍ୟାଚର ଫଳାଫଳ ଭାରତ ପାଇଁ କୌଣସି ମୂଲ୍ୟ ନାହିଁ। କାରଣ ପ୍ରତି ଗ୍ରୁପର ଦୁଇ ଲେଖାଏଁ ଦଳ କ୍ୱାର୍ଟରଫାଇନାଲ ଖେଳିବା ପାଇଁ ଯୋଗ୍ୟତା ହାସଲ କରିବେ। ତେଣୁ ଆଗକୁ ବଢ଼ିବା ପାଇଁ ଭାରତ ନିକଟରେ ଆଉ କୌଣସି ସୁଯୋଗ ନାହିଁ। ମାଲେସିଆ ବିପକ୍ଷ ମ୍ୟାଚରେ ସିନ୍ଧୁ ଓ ଶ୍ରୀକାନ୍ତ ଦୁଇଟି ଯାକ ସିଙ୍ଗଲ୍ସ ଓ ଡବଲ୍ସ ମ୍ୟାଚରେ ଭାରତୀୟ ଯୋଡି ଧ୍ରୁବ କପିଳ ଓ ଅଶ୍ୱିନୀ ପୁନ୍ନାପା ହାର ମାନି ଥିଲେ।

### ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍ ପାଇଁ ୨୪ ଜଣିଆ ଭାରତୀୟ ଦଳ ଘୋଷଣା

# ହରମନପ୍ରିତ୍ ସିଂ ଅଧିନାୟକ



ନୂଆଦିଲ୍ଲୀ: ଆଗାମୀ ଏଫଆଇଏଚ୍ ହକି ପ୍ରୋ ଲିଗ୍ ମ୍ୟାଚ୍ ପାଇଁ ସୋମବାର ହକି ଇଣ୍ଡିଆ ପକ୍ଷରୁ ୨୪ ଜଣିଆ ଭାରତୀୟ ଦଳ ନାମ ତାଲିକା ଘୋଷଣା କରାଯାଇଛି। ଓଡ଼ିଶାର ଏକମାତ୍ର ଖେଳାଳି ଭାବେ ଅମିତରୋହି ଦାସ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଚଳିତ ମାସ ୨୬ରୁ ୟୁରୋପୀୟ ଗସ୍ତରେ ଯାଇ ଭାରତୀୟ ଦଳ ଏକାଧିକ ଏଫଆଇଏଚ୍ ହକି ପ୍ରୋ ଲିଗ୍ ଖେଳିବା କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ ଯେ, ଶେଷ ଥର ଭାରତ ନିଜ ଦେଶରେ ଖେଳିଥିବା ମ୍ୟାଚ୍‌ରେ ଅପରାଜୟ ରହିଥିଲା। ରାଉରକେଲାରେ ଅନୁଷ୍ଠିତ ମ୍ୟାଚରେ ଭାରତୀୟ ଦଳ ଚମତ୍କାର ପ୍ରଦର୍ଶନ କରି ବିଶ୍ୱ ଚାମ୍ପିୟନ ଜର୍ମାନୀ ଏବଂ ଅଷ୍ଟ୍ରେଲିଆକୁ ହରାଇ ଲିଗ୍ ପଏଣ୍ଟ ଟେବୁଲ ଶୀର୍ଷ ସ୍ଥାନରେ ରହିଛି। ତେଣୁ ଭାରତୀୟ ଟିମ ୟୁରୋପ ଗସ୍ତରେ ମଧ ଅନୁରୂପ ସଫଳତା ଦୋହରାଇ ପାରିବ ବୋଲି ଅନୁମାନ। ମାତ୍ର ଏହି ସମସ୍ତ ମ୍ୟାଚ୍ ଭାରତୀୟ ଦଳ ପାଇଁ ବରାବର ଚାଲେଞ୍ଜ ସୃଷ୍ଟି କରିବ। ଲଣ୍ଡନରେ ଭାରତୀୟ ଟିମ୍ ବେଲିଜିୟମ ଏବଂ ବ୍ରିଟେନକୁ ଭେଟିବାକୁ ଥିବା ବେଳେ

### ଓଡ଼ିଶାର ଏକମାତ୍ର ଖେଳାଳି ଅମିତ ରୋହି ଦାସ

ନେଦରଲାଣ୍ଡର ଇନ୍ଧୋଭେନରେ ଘରୋଇ ଦଳ ସହିତ ଆର୍ଜେଣ୍ଟିନା ବିରୋଧରେ ମୁକାବିଲା କରିବ। ନୂଆ କୋଚ୍ କ୍ରିଗ୍ ଫୁଲଟନଙ୍କ ନେତୃତ୍ୱରେ ଭାରତୀୟ ହକି ଟିମର ଏହା ପ୍ରଥମ ବିଦେଶ ଗସ୍ତ ହେବାକୁ ଯାଉଛି। ଭାରତୀୟ ଟିମର ନେତୃତ୍ୱ ହରମନପ୍ରୀତ ସିଂଙ୍କୁ ଦିଆଯାଇଛି। ମିଡଫିଲ୍ଡର ସିଂଙ୍କୁ ଉପଅଧିନାୟକ ଦାୟିତ୍ୱ ଦିଆଯାଇଛି। ଅଭିଜ୍ଞ ଖେଳାଳି ଅମିତ୍ ରୋହିଦାସ ଗତ ଘରୋଇ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିଥିବା ଦୃଷ୍ଟିରୁ ୟୁରୋପ ଗସ୍ତରେ ସଫଳ ହେବେ ବୋଲି ଅନୁମାନ କରାଯାଉଛି। **ଗୋଲକିପର:** କ୍ରିଷନ ବାହାଦୂର ପଠକ, ପିଆର.ଶ୍ରୀଜେଶ। **ଡିଫେଣ୍ଡର:** ହରମନପ୍ରୀତ ସିଂ (କ୍ୟାପ୍ଟେନ), ଅମିତ୍ ରୋହିଦାସ, ଜରମନପ୍ରୀତ ସିଂ, ମନପ୍ରୀତ ସିଂ, ସୁମିତ, ସଞ୍ଜୟ, ମନଦୀପ ମୋର୍, ଗୁରୁନ୍ଦର ସିଂ। **ମିଡଫିଲ୍ଡର:** ହାର୍ଦ୍ଦିକ ସିଂ (ଉପଅଧିନାୟକ), ଦିଲପ୍ରୀତ ସିଂ, ମୋଇରଙ୍ଗଥେମ ରବିଚନ୍ଦ୍ର ସିଂ, ସମସେର ସିଂ, ଆକାଶଦୀପ ସିଂ, ବିବେକ ସାଗର ପ୍ରସାଦ। **ଫରୱାର୍ଡ୍ସ:** ଅଭିଷେକ, ଲଳିତ କୁମାର ଉପାଧ୍ୟାୟ, ଏସ କାର୍ତ୍ତି, ଗୁରୁଜନ୍ତ ସିଂ, ସୁଖଜିତ ସିଂ, ରାଜ କୁମାର ପାଲ, ମନଦୀପ ସିଂ, ସିମରନଜିତ ସିଂ।

### ଜୁନ୍ ୧ରୁ ଆଇସିସିର ନୂଆ କ୍ରିକେଟ ନିୟମ

# ହେଲମେଟ୍ ପିନ୍ଧିବା ବାଧ୍ୟତାମୂଳକ



ମୁମ୍ବାଇ : ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଆସନ୍ତା ଜୁନ୍ ୧ରୁ କାର୍ଯ୍ୟକାରୀ କରିବାକୁ ଯାଉଛି ନୂଆ ନିୟମ। ମ୍ୟାଚ୍ ଅବସରରେ ଖେଳ ଓ ଖେଳାଳିଙ୍କ ସ୍ଥିତିରେ ପରିବର୍ତ୍ତନ ଆଣିବା ଲକ୍ଷ୍ୟ ନେଇ ଆଇସିସି ନୂଆ ନିୟମ ପ୍ରଣୟନ ପାଇଁ ନିଷ୍ପତ୍ତି ନେଇଛି। ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ଅଧକ୍ଷତାରେ ଗଠିତ ଆଇସିସି ପୁରୁଷ କ୍ରିକେଟ୍ କମିଟିର ସୁପାରିସ ପରେ ମୁଖ୍ୟ କାର୍ଯ୍ୟନିର୍ବାହୀ କମିଟି ଏହାକୁ ସବୁଜ ସଙ୍କେତ ଦେଇଛି। ଇଂଲଣ୍ଡ ଓ ଆୟରଲାଣ୍ଡ ମଧ୍ୟରେ ଜୁନ୍ ପହିଲାରୁ ଲର୍ଡସରେ ଖେଳାଯିବାକୁ ଥିବା ଟେଷ୍ଟ ମ୍ୟାଚ୍ ପରେ ଏହି ସୁପାରିସ କାର୍ଯ୍ୟକାରୀ ହେବ। ବର୍ତ୍ତମାନ ଅନ୍ତର୍ଜାତୀୟ କ୍ରିକେଟରେ ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ହେଲମେଟ୍‌ର ସୁରକ୍ଷା ବାଧ୍ୟତାମୂଳକ କରାଯାଇଛି। ଏହି ନିୟମ ଅଧୀନରେ ଦ୍ରୁତ ବୋଲରଙ୍କ ସମ୍ମୁଖୀନ ହେବା ସମୟରେ ହେଲମେଟ୍ ପିନ୍ଧିବା ବାଧ୍ୟତାମୂଳକ ହେବ। ପୁଣି ଦ୍ରୁତ ବୋଲିଂ ବିପକ୍ଷରେ ଷ୍ଟମ୍ପ ନିକଟରେ ଉ୍ୱିକେଟ୍ କିପିଂ କରିବା ସମୟରେ ହେଲମେଟ୍ ପିନ୍ଧିବା ବାଧ୍ୟତାମୂଳକ ହେବ। ଏହାଛଡ଼ା ଉ୍ୱିକେଟ୍ ସମ୍ମୁଖରେ ଫିଲ୍ଡରମାନେ ବ୍ୟାଟ୍ସମ୍ୟାନଙ୍କ ନିକଟରେ ଫିଲ୍ଡିଂ କରୁଥିବା ବେଳେ ସେମାନଙ୍କ ପାଇଁ ହେଲମେଟ୍ ପିନ୍ଧିବା ବାଧ୍ୟତାମୂଳକ ହେବ। ଫ୍ରି-ହିଟ୍ ରେ ରନ୍: ଯେତେବେଳେ ବଲ୍ ଷ୍ଟମ୍ପରେ ମାଡ଼ିବ, ଫ୍ରି-ହିଟ୍ ରେ ନିଆଯାଇଥିବା ଯେକୌଣସି ରନ୍ ସ୍କୋର ହୋଇଥିବା ରନ୍ ସହ ସମାନ ବୋଲି ଗଣନା କରାଯିବ। ଏହା ଫ୍ରି-ହିଟ୍ ରୁ ହୋଇଥିବା ବାକି ରନ୍ ସହ ସମାନ ବୋଲି ବିବେଚନା କରାଯିବ। ଗତ କିଛି ମାସ ହେଲା ଅମ୍ପାୟାରଙ୍କ ସଫ୍ଟ ସିଗନାଲ ଖେଳାଳି, ପ୍ରଶଂସକ ଓ ପୂର୍ବତନ କ୍ରିକେଟରଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ମୁଖ୍ୟ ଅମ୍ପାୟାର ଯେଉଁ ସଂକେତ ମାଧ୍ୟମରେ ୩ୟ ଅମ୍ପାୟାରଙ୍କ ନିକଟକୁ ନିଷ୍ପତ୍ତି ପଠାନ୍ତି ତାହାକୁ ସଫ୍ଟ ସିଗନାଲ କହନ୍ତି। କିନ୍ତୁ ଏବେ ଫିଲ୍ଡ ଅମ୍ପାୟାରମାନଙ୍କୁ ନିଜ ନିଷ୍ପତ୍ତିକୁ ତୃତୀୟ ଅମ୍ପାୟାରଙ୍କ ନିକଟକୁ ପଠାଇବା ପାଇଁ ସଫ୍ଟ ସିଗନାଲର ଆବଶ୍ୟକତା ପଡ଼ିବ ନାହିଁ। ଏବେ ଜୁନ୍ ପହିଲାରୁ ଫିଲ୍ଡ ଅମ୍ପାୟାରମାନେ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଟିଭି ଅମ୍ପାୟାରଙ୍କ ସହ ପରାମର୍ଶ କରିବା ପରେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ।

## ଆନ୍ଦୋଳନ ବିଶ୍ୱ ସ୍ତରକୁ ନେବା ପାଇଁ ରେସଲରଙ୍କ ଚେତାବନୀ



ନୂଆଦିଲ୍ଲୀ: ଭାରତୀୟ କୁସ୍ତିମହାସଂଘର ସଭାପତି ବ୍ରିଜଭୂଷଣଙ୍କ ବିରୋଧରେ ଗୁରୁତର ଯୌନ ନିର୍ଯ୍ୟାତନା ଅଭିଯୋଗ ଆଣି ଆନ୍ଦୋଳନ ଚଳାଇଥିବା ଭାରତର ପ୍ରମୁଖ ମହିଳା ଓ ପୁରୁଷ ରେସଲର ମାନେ ଜିଦରେ ଅଟଳ ରହିଛନ୍ତି। ସୋମବାର ପୁଣି ଚେତାବନୀ କହିଛନ୍ତି ଯେ ଆସନ୍ତା ୨୧ ତାରିଖ ମଧ୍ୟରେ କେନ୍ଦ୍ର କ୍ରୀଡାମନ୍ତ୍ରାଳୟ ଯଦି ସେମାନଙ୍କ ଦାବି ପୂରଣ କରିବାରେ ଅବହେଳା ପ୍ରଦର୍ଶନ କରିବେ ,ତେବେ ଏହି ଆନ୍ଦୋଳନକୁ ବିଶ୍ୱ ବ୍ୟାପୀ ପ୍ରସାରିତ କରିବୁ। ଏହି ପ୍ରସଙ୍ଗ ଉପରେ ଅନ୍ୟାନ୍ୟ ଦେଶର ଅଲିମ୍ପିକ ଓ ବିଶ୍ୱ ସ୍ତରୀୟ ପ୍ରତିଯୋଗିତାରେ ପଦକ ଜିତି ଥିବା କ୍ରୀଡାବିତଙ୍କର ଦୃଷ୍ଟି ଆକର୍ଷଣ କରିବୁ। ପ୍ରଥମେ ଚିଠି ମାଧ୍ୟମରେ ବିଶ୍ୱ ସ୍ତରୀୟ ପ୍ରମୁଖ କ୍ରୀଡାବିତଙ୍କ ଦୃଷ୍ଟି ଆକର୍ଷଣ କରି ସେମାନଙ୍କ ସମର୍ଥନ ଲୋଡିବୁ ବୋଲି ରେସଲର ବଜରଙ୍ଗ ପୁନିଆ, ମହିଳା ରେସଲର ତଥା ୨୦୧୮ ଜାକର୍ତ୍ତା ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜୟିନୀ ଭିନେଶ ଫୋଗତ ଓ ୨୦୧୬ ରିଓ ଅଲିମ୍ପିକ କାଂସ୍ୟ ପଦକ ବିଜେତା ମହିଳା ରେସଲର ସକ୍ଷୀ ମଲିକ ସୂଚନା ଦେଇଛନ୍ତି। ସେହିପରି ଏହି ଆନ୍ଦୋଳନକୁ ଦେଶବ୍ୟାପୀ ବିସ୍ତାରିତ କରିବାକୁ ବାଧ୍ୟ ହେବୁ ବୋଲି ଆନ୍ଦୋଳନକାରୀ ରେସଲର କହିଛନ୍ତି। ପୁଣି ଥରେ ସୂଚାଇ ଦିଆ ଯାଇ ପାରେ ଯେ ବ୍ରିଜଭୂଷଣଙ୍କୁ ତୁରନ୍ତ ଗିରଫ କରାଯିବା ସହିତ ତାଙ୍କର ସାଂସଦ ପଦ ରଦ୍ଦ କରିବା ପାଇଁ ଦାବି କରି ରେସଲର ମାନେ ଗତ ଜାନୁୟାରୀ ମାସରେ ପ୍ରଥମେ ଆନ୍ଦୋଳନ ଆରମ୍ଭ କରିଥିଲେ। ତେଣୁ କେନ୍ଦ୍ର କ୍ରୀଡା ମନ୍ତ୍ରାଳୟ ଏହି ଅଭିଯୋଗ ନେଇ ତଦନ୍ତ କରିବା ସକାଶେ ଏକ ସ୍ୱତନ୍ତ୍ର କମିଟି ଗଠନ କରିଥିଲେ। ମାତ୍ର ବ୍ରିଜଭୂଷଣଙ୍କ ବିରୋଧରେ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ତେଣୁ ରେସଲର ମାନେ ଗତ ୨୩ ଦିନ ଧରି ଜନ୍ତରମନ୍ତର ଠାରେ ପୁଣି ଆନ୍ଦୋଳନ ଚଳାଇଛନ୍ତି।

### ଭାରତୀୟ ଟି-୨୦ ଦଳରେ ରୋହିତ, କୋହଲିଙ୍କୁ ସ୍ଥାନ ଦେବା ଅନୁଚିତ

# ଇନଫର୍ମ ଯୁବ ଖେଳାଳିଙ୍କ ଉପରେ ଫୋକସ କରିବା ଉଚିତ:ଶାସ୍ତ୍ରୀ



ନୂଆଦିଲ୍ଲୀ: ପୂର୍ବତନ ଭାରତୀୟ କ୍ରିକେଟ ଅଧିନାୟକ ତଥା ମୁଖ୍ୟ କୋଚ ରବି ଶାସ୍ତ୍ରୀ କହିଛନ୍ତି ଯେ ଆସନ୍ତା ବର୍ଷ ଟି-୨୦ କ୍ରିକେଟ ବିଶ୍ୱକପ ଅନୁଷ୍ଠିତ ହେବ। ତେଣୁ ଆଜି ଠାରୁ ସମ୍ଭାବ୍ୟ ଦଳକୁ ନେଇ ପରିକଳ୍ପନା କରାଯିବା ଉଚିତ। ତେବେ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ପରି ପୁରୁଖା ଖେଳାଳିଙ୍କୁ ଟି- ୨୦ ଦଳରେ ସାମିଲ କରାଯିବା ଅନୁଚିତ। କେବଳ ଇନଫର୍ମ ଯୁବ ଖେଳାଳିଙ୍କ ଉପରେ ଅଧିକ ଫୋକସ କରାଗଲେ ଭଲ ଫଳାଫଳ ଆଶା କରା ଯାଇ ପାରିବ। ରୋହିତ ଓ କୋହଲି ସେମାନଙ୍କ ଦକ୍ଷତା ପ୍ରମାଣିତ କରି ସାରିଛନ୍ତି। ତେଣୁ ବର୍ତ୍ତମାନ ସେମାନେ କିପରି ଖେଳୁଛନ୍ତି ,ତାହା ସମସ୍ତେ ଜାଣନ୍ତି। ଆଇପିଏଲରେ ଭଲ ପ୍ରଦର୍ଶନ କରିଥିବା ଯୁବ ଖେଳାଳିଙ୍କୁ ନେଇ ଭାରତୀୟ ଦଳ ଗଠନ ପ୍ରକ୍ରିୟା ଆରମ୍ଭ କରାଯିବା ଉଚିତ। ଯେଉଁ ଅଭିଜ୍ଞ ଖେଳାଳି ମାନେ ବର୍ତ୍ତମାନ ଟଇ-୨୦ ଫର୍ମାଟରେ ଖେଳୁଛନ୍ତି,ସେମାନଙ୍କୁ ଟେଷ୍ଟ ଓ ଦିନିକିଆ ଦଳରେ ସ୍ଥାନିତ କରାଯିବା ଉଚିତ। ସେହିପରି ଦଳରେ ଯୁବ ବାମହାତୀ ଓ ଡାହାଣ ହାତୀ ବ୍ୟାଟରଙ୍କୁ ମଧ୍ୟ ସାମିଲ କରିବା ଜରୁରି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଯେ ଦଳ ଗଠନ ବେଳେ କେବଳ ଭଲ ଫର୍ମରେ ଥିବା ଯୁବ ଖେଳାଳିଙ୍କୁ ଅଧିକ ଗୁରୁତ୍ୱ ଦେବା ଉଚିତ। ପୂର୍ବରୁ ଭଲ ଖେଳୁଥିବା ଖେଳାଳିଙ୍କ ପ୍ରଦର୍ଶନକୁ ଅଧିକ ଗୁରୁତ୍ୱ ନ ଦେଇ ବର୍ତ୍ତମାନର ଇନଫର୍ମ କ୍ରିକେଟରଙ୍କୁ ଚୟନକର୍ତ୍ତା ମାନେ ଦଳ ଗଠନ ପାଇଁ ଏକମାତ୍ର ମାନଦଣ୍ଡ ରଖିବା ଦରକାର। କାରଣ ଆଜି ଭଲ ଖେଳୁଥିବା ଜଣେ ଖେଳାଳି ଆସନ୍ତା କାଲି ଫର୍ମ ହରାଇବା ସମ୍ଭାବନା ରହିଛି। ତେଣୁ ଭଲ ରନ କରିବା ସହ ଏକାଗ୍ରତା ବଜାୟ ରଖି ପାରୁଥିବା ଖେଳାଳିଙ୍କ ଉପରେ ନଜର ରଖିବା ବିଶେଷ ଗୁରୁତ୍ୱପୂର୍ଣ୍ଣ। ଏହା ସହିତ କେଉଁ ସ୍ଥାନରେ କିଏ ଭଲ ପ୍ରଦର୍ଶନ କରି ପାରିବେ ତାହା ସେଥିପ୍ରତି ବିଶେଷ ଧ୍ୟାନ ଦିଆଯିବା ଉଚିତ। ରିଷଭ ପନ୍ତକ ଦୁର୍ଘଟଣାରେ ଗୁରୁତର ହୋଇ ବର୍ତ୍ତମାନ ଚିକିତ୍ସାଧୀନ ଅବସ୍ଥାରେ ଥିବାରୁ ସଞ୍ଜୁ ସାମସନ ଓ ଇଶାନ କିଶାନଙ୍କୁ ନେଇ ଭବିଷ୍ୟତ ପରିକଳ୍ପନା କରିବାକୁ ପଡିବ। ଟି-୨୦ ଦଳର ଅଧିନାୟକ ଭାବେ ହାର୍ଦ୍ଦିକ ପାଣ୍ଡ୍ୟା ନିଜର ଦକ୍ଷତା ପ୍ରତିପାଦନ କରି ସାରିଛନ୍ତି। ଆଇପିଏଲରେ ମଧ୍ୟ ସେ ଜଣେ ସଫଳ ଅଧିନାୟକ। ତେଣୁ ତାଙ୍କ ବ୍ୟତିତ ଅନ୍ୟ କିଛି ପରିକଳ୍ପନା କରିବା ଆବଶ୍ୟକ ନାହିଁ। ସର୍ବୋପରି ମହେନ୍ଦ୍ର ସିଂ ଧୋନିଙ୍କ ପରି ଫିନିଶର ଚୟନ କରିବା ମଧ୍ୟ ଜରୁରି ରହିଛି ବୋଲି ଶାସ୍ତ୍ରୀ କହିଛନ୍ତି।

# ଜାତୀୟ ବାଳିକା ହକି: ହରିୟାଣା ଚାମ୍ପିଅନ୍, ଓଡ଼ିଶା ତୃତୀୟ




ରାଉରକେଲା (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଅନୁଷ୍ଠିତ ଉପକନିଷ୍ଠ ଜାତୀୟ ମହିଳା ହକି ପ୍ରତିଯୋଗିତାରେ ହରିୟାଣା ଚାମ୍ପିଅନ୍ ଓ ଝାଡଖଣ୍ଡ ରନର୍ସଅପ୍ ହୋଇଛି। ଫାଇନାଲ ମ୍ୟାଚ୍‌ରେ ହରିୟାଣା ୩-୨ ଗୋଲରେ ଶକ୍ତିଶାଳୀ ଝାଡ଼ଖଣ୍ଡକୁ ପରାସ୍ତ କରିଥିଲା। ସେହିପରି ଉତ୍ତରପ୍ରଦେଶକୁ ସୁଟ୍‌ଆଉଟ୍ ଗୋଲରେ ପରାସ୍ତ କରି ଓଡ଼ିଶା ତୃତୀୟ ସ୍ଥାନ ହାସଲ କରିଛି। ତୃତୀୟ ସ୍ଥାନ ପାଇଁ ଖେଳାଯାଇଥିବା ଓଡ଼ିଶା-ଉତ୍ତରପ୍ରଦେଶ ମ୍ୟାଚ୍ ମଧ ସଂଘର୍ଷପୂର୍ଣ୍ଣ ହୋଇଥିଲା। ମ୍ୟାଚ୍‌ର ଷଷ୍ଠ ମିନିଟ୍‌ରେ ଉତ୍ତରପ୍ରଦେଶର ରଶ୍ମୀ ରାଇକୱାର ଗୋଲ୍ ଦେଇ ଦଳକୁ ୧-୦ରେ ଆଗୁଆ କରିଥିଲେ। ଦ୍ୱିତୀୟ କ୍ୱାର୍ଟର ଶେଷ ସୁଦ୍ଧା ଗୋଲ୍ ପରିଶୋଧ କରିବାକୁ ଓଡ଼ିଶା ଖେଳାଳି ଏକାଧିକ ପ୍ରୟାସ କରିଥିଲେ ମଧ ତାହା ବିଫଳ ହୋଇଥିଲା। ତେବେ ୪୩ତମ ମିନିଟ୍‌ରେ ଓଡ଼ିଶା ପାଇଥିବା ପେନାଲ୍‌ଟି କର୍ଣ୍ଣର ମ୍ୟାଚ୍‌ର ସମୀକରଣ ବଦଳାଇ ଦେଇଥିଲା। ପେନାଲ୍‌ଟି କର୍ଣ୍ଣର ସୁଯୋଗକୁ ସୋନାଲୀ ଏକ୍କା ଗୋଲ୍‌ରେ ରୂପାନ୍ତର କରି ସ୍କୋରକୁ ୧-୧ରେ ବରାବର କରିଥିଲେ। ଏହାପରେ ସୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ଓଡ଼ିଶା ୪-୩ରେ ଉତ୍ତରପ୍ରଦେଶକୁ ପରାସ୍ତ କରିଥିଲ।

# ଧୋନି ଆଉ ଆଇପିଏଲ୍ ଖେଳିବା ସମ୍ଭାବନା ନାହିଁ: କୈଫ୍

ନୂଆଦିଲ୍ଲୀ: ଚେନ୍ନାଇ ସୁପର କିଙ୍ଗସ ଫ୍ରାଞ୍ଚାଇଜର ସଫଳ ଅଧିନାୟକ ମହେନ୍ଦ୍ର ସିଂ ଧୋନି ଆସନ୍ତା ବର୍ଷ ଠାରୁ ଆଉ ଆଇପିଏଲ ଖେଳିବେ ନାହିଁ ବୋଲି ପୂର୍ବରୁ ଏକାଧିକବାର ସୂଚନା ଦେଇଛନ୍ତି। ରବିବାର ଚେନ୍ନାଇର ଏମଏ ଚିଦାମ୍ବରମ ଷ୍ଟାଡିୟମରେ ଅନୁଷ୍ଠିତ କୋଲକାତା ନାଇଟ ରାଇଡର୍ସ ବିପକ୍ଷ ମ୍ୟାଚ ଅବସରରେ ମଧ୍ୟ ପରୋକ୍ଷ ଇଙ୍ଗିତ ଦେଇଛନ୍ତି ବୋଲି ପୂର୍ବତନ କ୍ରିକେଟର ମହମ୍ମଦ କୈଫ୍ କହିଛନ୍ତି। ଅବଶ୍ୟ ଧୋନି ଚୂଡାନ୍ତ ଭାବେ ଏ ସମ୍ପର୍କରେ କିଛି କହି ନାହାନ୍ତି। ମାତ୍ର ସେ ଆଉ ଅଧିକ ଦିନ ଆଇପିଏଲ ଖେଳିବେ ନାହିଁ ବୋଲି ଗତ ବର୍ଷ ଠାରୁ ସୂଚନା ଦେଇ ଆସୁଛନ୍ତି। ତେବେ ଆଇପିଏଲ ଠାରୁ ସେ ସମ୍ପୂର୍ଣ୍ଣ ଦୂରେଇ ଯିବେ ନାହିଁ। ଅନ୍ୟ କୌଣସି ଭୂମିକାରେ ସେ ଅବତୀର୍ଣ୍ଣ ହେବେ ବୋଲି ମଧ୍ୟ ନିଜ ଆଡୁ ସୂଚନା ଦେଇଛନ୍ତି। ଅବଶ୍ୟ ଧୋନି ନିଜ କ୍ରିକେଟ ଜୀବନରେ ଏକାଧିକ ନିଷ୍ପତ୍ତି ନେଇ ସମସ୍ତଙ୍କୁ ବିସ୍ମିତ କରିଥାନ୍ତି। ତେଣୁ ଯେ କୌଣସି ମୁହୂର୍ତ୍ତରେ ସେ ଏହି ନିଷ୍ପତ୍ତି ନେଇ ପାରନ୍ତି ବୋଲି କୈଫ୍ କହିଛନ୍ତି। ସୂଚନା ଯୋଗ୍ୟ ଯେ ଧୋନି ୨୦୦୮ରୁ ଆଜି ପର୍ଯ୍ୟନ୍ତ ନିରନ୍ତର ଚେନ୍ନାଇ ସୁପର କିଙ୍ଗସର ନେତୃତ୍ୱ ନେଇ ଆସୁଛନ୍ତି। ତାଙ୍କର ସଫଳ ତଥା ବଳିଷ୍ଠ ନେତୃତ୍ୱ ବଳରେ ଚେନ୍ନାଇ ଚାରିଥର ଆଇପିଏଲ ଟାଇଟଲ ହାସଲ କରିଛି।

### ୧୮ରୁ ରାତ୍ରକାଳୀନ ଓଟିଏମ୍ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ ସଂସ୍କରଣ

# ଖେଳାଳି ଚୟନ ଓ ଜର୍ସି ଉନ୍ମୋଚିତ



ଟାଙ୍ଗୀ - ଚୌଦ୍ୱାର, (ଭାସ୍କର ନ୍ୟୁଜ): ଚୌଦ୍ୱାର ପୌରପାଳିକା ଆନ୍ତର୍ଗତ ୬,୭,୮,୧୧ ଓ ପଡିଆଠାରେ ରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଓଟିଏମ ପ୍ରିମିୟର ଲିଗ, ସଂସ୍କରଣ-୩ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଆଜି ଗାନ୍ଧିଛକ ସ୍ଥିତ ଟାଉନହଲ ପରିସରରେ ପ୍ରିମିୟର ଲିଗ କମିଟିର ଅଧକ୍ଷ ସୁବ୍ରତ ସାମଲଙ୍କ ପୌରହିତ୍ୟରେ ଖେଳାଳି ଚୟନ ଓ ଜର୍ସି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଲିଗ ମ୍ୟାଚରେ ଚଳିତବର୍ଷ ସାମିଲ ହୋଇଥିବା ୮ଟି ଟିମର ନାମ ଅର୍ଜୁନ ଆର୍ମି ୧୧, ଲିଟୁ ଲାଇଅନ୍ସ, ପାତ୍ର ପାୱାର, ଟୁକୁନା ଡିଜେ ଟାଇଗର, କାହ୍ନୁ କିଙ୍ଗସ, ଶାରଦା ସୁପର ଷ୍ଟାର, ଅମିତ ଆମ୍ପିସନ, ବିଭୁ ବ୍ଲାଷ୍ଟର। ଏହି ଲିଗରେ ସ୍ଥାନୀୟ ଅଞ୍ଚଳର ୧୦୮ ଜଣ ଯୁବକଙ୍କୁ ସୁଯୋଗ ଦିଆଯାଇଛି। ୪ଦିନ ଧରି ଅନୁଷ୍ଠିତ ହେବାକୁଥିବା ଏହି ପ୍ରିମିୟର ଲିଗରେ ୧୮ ତାରିଖ ଦିନ ଟ୍ରଫି ଉନ୍ମୋଚନ ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ୧୯, ୨୦ ଓ ୨୧ ତାରିଖରେ ସମସ୍ତ ଟିମ ଖେଳ ପ୍ରଦର୍ଶନ କରିବେ ବୋଲି କମିଟି ତରଫରୁ ନିଷ୍ପତ୍ତି ନିଆଯାଇଛି। ଆଜିର କାର୍ଯ୍ୟକ୍ରମରେ ଲିଗର ୮ ଜଣ ମାଲିକ ଅର୍ଜୁନ ପଣ୍ଡା, ସମ୍ବିତ ପ୍ରସନ୍ନ ନାୟକ, ସଞ୍ଜୟ ପାତ୍ର, ବିଶ୍ୱରଞ୍ଜନ ନାୟକ,ଟୁକୁନା ସାହୁ,ଶାରଦା ରଞ୍ଜନ ପରିଜା,ଅମିତ ବେଉରା,ବିଭୁ ପ୍ରସାଦ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାଗେଶ୍ୱର ବେହେରା, ସମ୍ମାନିତ ଅତିଥି ଭାବେ ପୌର ଉପାଧକ୍ଷ ଶୁଭେନ୍ଦୁ ସାମଲ, ଜ୍ଞାନରଞ୍ଜନ ନାୟକ, କମିଟିର ସଭାପତି ବିଶ୍ୱଜିତ ମହାନ୍ତି, ଉପଦେଷ୍ଟା ବିଶ୍ୱଜିତ ଭଞ୍ଜ, ଆନନ୍ଦ ସାମଲ, କାର୍ଯ୍ୟକାରୀ ସଭାପତି ଅଶୋକ ଦାସ, କୋଷାଧକ୍ଷ ବିଜୟ କୁମାର ଦାସ, ସାର୍ଥକ ମହାନ୍ତି, ରାଜେଶ ସ୍ୱାଇଁ, ଅବିନାଶ ଗଡ଼ନାୟକ, ଜଗନ କୁମାର ସାହୁ, ଦୀପକ ଜେନା, ଏସ୍ କେ ରହିମୁଦ୍ଦିନ, ସାଗର ମହାନ୍ତି, ସତ୍ୟବ୍ରତ ସ୍ୱାଇଁ, ଅବିନାଶ ଭୋଳ,ତାପସ ବେହେରା ପ୍ରମୁଖ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହିତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପରିଶେଷରେ ସମ୍ପାଦକ ବିଭୂତି ଭୂଷଣ ବଡୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଏକ ଦିବସୀୟ ରାତ୍ରୀକାଳିନ କ୍ରିକେଟ ଟୁର୍ଣ୍ଣାମେଣ୍ଟ



ସାଲେପୁର, (ଭାସ୍କର ନ୍ୟୁଜ୍) : ସାଲେପୁର ବ୍ଲକ୍ ଅନ୍ତର୍ଗତ ମାଧବାନନ୍ଦ କ୍ରିକେଟ କ୍ଲବ୍ ଗୋପିନାଥପୁର ଆନୁକୂଲ୍ୟରେ ରାତ୍ରୀକାଳିନ ଫ୍ଲଡ଼ଲାଇଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ହରିଡ଼ା ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୮ ଟିମ୍ ଗାଜିଆବାଦ, ଅଘୋରି ଇଲେଭେନ୍, ପାୱାର ଇଲେଭେନ୍, ଜଗଦିଶ ୱାରିୟର, ହ୍ୱାଇଟ୍ ଗାଲାକ୍ସି, ବିଏମ୍ ସିଟି କ୍ଲବ୍ ଭାଗ ନେଇଛନ୍ତି। ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ଏସ୍ ପି ବିକାଶ ଚନ୍ଦ୍ର ଦାଶ, ବ୍ଲକ୍ ଅଧକ୍ଷ ରାମଚନ୍ଦ୍ର ଭୋଇ, ଜିଲ୍ଲାପରିଷଦ ସଭ୍ୟା ସୁନିତା ମଲ୍ଲିକ, ସରପଞ୍ଚ ଦମୟନ୍ତୀ ମହାନ୍ତି, ସମିତିସଭ୍ୟ ହୃଷିକେଶ କାନୁନଗୋ, ହୃଷିକେଶ ରାଉତ, ଯୁଗଳ କିଶୋର ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟର ଅଘୋରୀ ଇଲେଭନ୍ ଓ ବିଏମ୍ ସିଟି ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ଅଘୋରୀ ଇଲେଭେନ୍ ବିଜୟ ଲାଭ କରିଥିଲା। ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ପାଗା ଫାଣ୍ଡି ଅଧିକାରୀ କୁଞ୍ଜମୋହନ ଧୀର, ସମ୍ମାନୀତ ଅତିଥି ଭାବେ ଫ୍ରେଣ୍ଡସ କ୍ଲବ୍ ସଭାପତି ହୃଷିକେଶ ରାଉତ ଯୋଗଦେଇ ବିଜେତା ଦଳକୁ ଅର୍ଥରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଫ୍ରେଣ୍ଡସ କ୍ଲବ୍‌ର ସଭ୍ୟ ଓ ମାଧବାନନ୍ଦ କ୍ରିକେଟ କ୍ଲବ୍‌ର ଶୁଭଙ୍କର ମହାନ୍ତି, ରାଜେଶ କୁମାର ସାହୁ, ଅରମାନ ମହାନ୍ତି, ଅଭିଷେକ ମହାନ୍ତି, ମନୋରଞ୍ଜନ ସାମଲ, ଅଭୟ ଦାସ, ପ୍ରଦୀପ ମାହୁନ୍ତ, ସ୍ୱପ୍ନଜିତ ନାୟକ, ଅଭିଷେକ ମାହୁନ୍ତ ପ୍ରମୁଖ ପରିଚାଳନା କରିଥିଲେ।



ବର୍ତ୍ତମାନ ସମୟରେ ସମସ୍ତେ ଫୋନ ଓ ଲାପଟପ ବ୍ୟବହାର କରିବା ସାଧାରଣ କଥା ହୋଇଗଲାଣି। ତେବେ ଏହାରି ମଧ୍ୟରେ ଲୋକଙ୍କର ଆଖି ସମସ୍ୟା ମଧ୍ୟ ଦେଖିବାକୁ ମିଳିଲାଣି। ସ୍କ୍ରିନର ଅଧିକ ବ୍ୟବହାର ହେତୁ କେବଳ ଆଖି ନୁହେଁ ବରଂ ସ୍କିନ ଉପରେ ମଧ୍ୟ ଖରାପ ପ୍ରଭାବ ପଡୁଛି। ଆଜ୍ଞା ହଁ ଡିଭାଇସ୍‌ରେ ଥିବା ବ୍ଲୁ ଲାଇଟ ଇଫେକ୍ଟରୁ ବଞ୍ଚିବା ପାଇଁ ଆମେ କେବଳ ଆଖି ପାଇଁ ଚଷମା ବ୍ୟବହାର କରୁଛେ। କିନ୍ତୁ ଏହାର ଖରାପ ପ୍ରଭାବ ସିଧା ସଳଖ ଆମ ସ୍କିନ ଉପରେ ମଧ୍ୟ ପଡୁଛି। ଡିଭାଇସରୁ ବାହାରୁ ଥିବା ବ୍ଲୁ ଲାଇଟ ସମୟ ପୂର୍ବରୁ ବୁଢ଼ା କରଦିଏ। ଏମିତି ବି କହିପାରିବା ଯେ ଏହି ଲାଇଟ ମଣିଷର ଆୟୁଷ ଛଡ଼ାଇନିଏ। ଅନେକ ରିସର୍ଚ୍ଚରୁ ମଧ୍ୟ ଜଣାପଡ଼ିଛି ଯେ ଇଲେକଟ୍ରୋନିକ ଡିଭାଇସ ଯେପରି ଫୋନ, ଲାପଟପ ଓ ଟିଭିରୁ ବାହାରୁଥିବା ବ୍ଲୁ ଲାଇଟ ସ୍କିନ ସେଲ୍ସ ର ଅନେକ ପରିବର୍ତ୍ତନ ଆଣିଥାଏ। ଯେମିତିକି ଏହା ସ୍କିନ ସେଲ୍ସକୁ କମ କରେ ଅବା ସେଲ୍ସକୁ ମାରି ମଧ୍ୟ ଦିଏ। ଏହି ଡେଡ୍‌ସେଲ୍ସ ଆମ ଶରୀର ପାଇଁ କ୍ଷତିକାରକ। ଏହି ଲାଇଟ୍ ଆଖିର ରେଟିନାକୁ କ୍ଷତି ପହଞ୍ଚାଉଥିବାର ପ୍ରମାଣ ମିଳିଛି। ଏହା ଦ୍ୱାରା ଆଖି ଉପରେ ଚାପ ପଡିଥାଏ ଓ ଅନ୍ୟ ସମସ୍ୟା ମଧ୍ୟ ସୃଷ୍ଟି ହୋଇଥାଏ। ଯାହାଫଳରେ ୫୦ ବର୍ଷ ହେବା ବେଳକୁ ସେ ଦୃଷ୍ଟିହୀନତାର ଶିକାର ହୋଇପାରନ୍ତି।



# ମନ ଖୋଲି କାନ୍ଦନ୍ତୁ ସୁସ୍ଥ ରୁହନ୍ତୁ



ଆପଣଙ୍କର କାନ୍ଦିବାର ଅଭ୍ୟାସ ଅଛି କି? ତେବେ ଆପଣ ରହିବେ ସବୁବେଳେ ସୁସ୍ଥ। ଆଜ୍ଞା ଆମେ ସୂଚାଉ ନାହୁଁ ବିଜ୍ଞାନରେ ଏହା ପ୍ରମାଣିତ ହୋଇଛି। ବିଜ୍ଞାନ କହିବାନୁସାରେ ଯଦି ତୁମେ ତୁମର ଭାବନାକୁ ଖୋଲାଖୋଲି ଭାବରେ ପ୍ରକାଶ କର ଏବଂ ହସିବା ସହିତ କାନ୍ଦୁଛ, ତେବେ ଏହାର ଅନେକ ଲାଭ ହୋଇପାରେ। ଯେପରି ଖୋଲାଖୋଲି ହସିବା ସ୍ୱାସ୍ଥ୍ୟ ପାଇଁ ଭଲ ବୋଲି ବିବେଚନା କରାଯାଏ, ସେହିଭଳି ବେଳେବେଳେ କାନ୍ଦିବା ମଧ୍ୟ ଶରୀର ଏବଂ ମନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାନ୍ଦିବା ଦ୍ୱାରା ମିଳିଥାଏ ଏହି ୫ଟି ଲାଭ। ଆସନ୍ତୁ ଜାଣିବା।

- **ଆରାମ ଅନୁଭବ ହୁଏ-:** ମେଡିକାଲ୍ ଟୁଡେରେ ପ୍ରକାଶିତ ଏକ ଖବର ଅନୁଯାୟୀ, ଯଦି ଆପଣ ହୃଦୟରୁ କାନ୍ଦନ୍ତି, ତେବେ ଆପଣ ହାଲୁକା ଅନୁଭବ କରନ୍ତି। ଯଦି ତୁମେ କୌଣସି ବିଷୟରେ ବିରକ୍ତ ହୋଇ କିଛି ଠିକ୍ କରିବାରେ ଅସମର୍ଥ, ତେବେ ତୁମର ହୃଦୟରୁ କାନ୍ଦିବା ଆରମ୍ଭ କର, ତୁମେ ନିଜକୁ ଆରାମରେ ଅନୁଭବ କରିବ। କେବଳ ଏତିକି ନୁହେଁ ବରଂ ଆପଣଙ୍କ ଚାପ ମଧ୍ୟ ହ୍ରାସ ପାଇବ ଏବଂ ଆପଣ ଶାନ୍ତ ଅନୁଭବ କରିବାକୁ ସମର୍ଥ ହେବେ। କାନ୍ଦିବା ପରେ, ଆପଣ ମଧ୍ୟ ସଠିକ୍ ନିଷ୍ପତ୍ତି ନେବାକୁ ସକ୍ଷମ ବୋଲି ଅନୁଭବ କରିପାରିବେ।
- **ଆଖି ସ୍ୱାସ୍ଥ୍ୟ ପାଇଁ ଭଲ-:** କାନ୍ଦିବା ଦ୍ୱାରା ଆଖି ମଧ୍ୟ ସଫା ହୋଇଯାଏ। ଆଖି ସଫା କରିବା ଏବଂ ଅନେକ ପ୍ରକାରର ଜୀବାଣୁରୁ ରକ୍ଷା କରିବା ପାଇଁ ଲୁହ ମଧ୍ୟ କାମ କରିଥାଏ। ଲୁହରେ ଉପସ୍ଥିତ ଥିବା ଲାଇସୋଜାଇମ୍ ଉପାଦାନରେ ପ୍ରକୃତରେ ଶକ୍ତିଶାଳୀ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ରହିଛି ଯାହା ଆଖିକୁ ଅନେକ ବାୟୋଟେରର୍ ଏଜେଣ୍ଟରୁ ରକ୍ଷା କରିଥାଏ।
- **ଭଲ ନିଦ ହୁଏ-:** ୨୦୧୫ ଅଧ୍ୟୟନରୁ ଜଣାପଡ଼ିଛି ଯେ ଯେତେବେଳେ ଶିଶୁ କାନ୍ଦନ୍ତି, କାନ୍ଦିବା ପରେ ସେମାନେ ଗଭୀର ନିଦରେ ଶୋଇଥାଆନ୍ତି। ସେହିଭଳି, ବୟସ୍କମାନଙ୍କ ସହିତ ମଧ୍ୟ ଏହା ଘଟେ। କାନ୍ଦିବା ଦ୍ୱାରା ମନ ଶାନ୍ତ ହୁଏ, ଅସ୍ଥିରତା ହ୍ରାସ କରେ ଏବଂ ନିଦକୁ ଉନ୍ନତ କରେ।
- **ମାନସିକ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ-:** ଯେତେବେଳେ ଆପଣ ବହୁତ ଟେନସନରେ ଅଛନ୍ତି, କାନ୍ଦିବା ଆପଣଙ୍କ ମାନସିକ ସ୍ୱାସ୍ଥ୍ୟ ପାଇଁ ବହୁତ ଭଲ। ଯେତେବେଳେ ତୁମେ କାନ୍ଦିବ, ଶରୀରରେ ଅକ୍ସିଟୋସିନ୍ ଏବଂ ଏଣ୍ଡୋରଫିନ୍ ରାସାୟନିକ ପଦାର୍ଥ ନିର୍ଗତ ହୁଏ, ଯାହା ତୁମର ମନୋବଳକୁ ଉନ୍ନତ କରିବା ସହିତ ଶାରୀରିକ ଏବଂ ମାନସିକ ଯନ୍ତ୍ରଣାକୁ ମଧ୍ୟ ହ୍ରାସ କରିଥାଏ।
- **ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିଥାଏ-:** ଯେତେବେଳେ ଜଣେ ବ୍ୟକ୍ତି କିଛି ଚାପ ଯୋଗୁଁ କାନ୍ଦନ୍ତି, ଶରୀରରେ ଉତ୍ପାଦିତ ବିଷାକ୍ତ ପଦାର୍ଥ ଧୀରେ ଧୀରେ ଲୁହ ସାହାଯ୍ୟରେ ବାହାରକୁ ଆସିବା ଆରମ୍ଭ କରେ। ଏହି ଲୁହ ଅନେକ ପ୍ରକାରର ଭଲ ହରମୋନ୍ ମୁକ୍ତ କରିଥାଏ ଯାହା ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ।

# 'କାନ୍ସ ଫିଲ୍ମ ଫେଷ୍ଟିଭଲ-୨୦୨୩'ରେ ନଜର ଆସିବେ ଅନୁଷ୍କା, ମାନୁସୀ

ବିଶ୍ୱର ସବୁଠୁ ବଡ ଫେଷ୍ଟିଭଲ ହେଉଛି 'କାନ୍ସ ଫିଲ୍ମ ଫେଷ୍ଟିଭଲ'। ମେ' ୧୬ରେ ଆରମ୍ଭ ହେବାକୁ ଯାଉଛି ଏହି ଉତ୍ସବ। ଫ୍ରାନ୍ସର ଉପକୂଳବର୍ତ୍ତୀ ଫ୍ରେଞ୍ଚ ରିଭିରା ଠାରେ କାନ୍ସ ଫିଲ୍ମ ଫେଷ୍ଟିଭାଲ-୨୦୨୩ ଅନୁଷ୍ଠିତ ହେବ। ଏହି ଅବସରରେ ବିଶ୍ୱର ବିଭିନ୍ନ ତାରକା ରେଡ୍ କାର୍ପେଟରେ ନିଜର ଆସିବେ। ବଲିଉଡର ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଏବଂ ଦୀପିକା ପାଦୁକୋନ୍ ପ୍ରତ୍ୟେକ ଥର ଏହି ଉତ୍ସବକୁ ଆସନ୍ତି। କିନ୍ତୁ ଏଥର ବଲିଉଡର ଅଭିନେତ୍ରୀ ଅନୁଷ୍କା ଶର୍ମା ଏବଂ ମାନୁସି ଛିଲର ଡେବ୍ୟୁ କରିବାକୁ ଯାଉଛନ୍ତି। ଏହି ଫ୍ରେଞ୍ଚ ଚଳଚ୍ଚିତ୍ର ମହୋତ୍ସବରେ ସ୍କ୍ରିନିଂ ପାଇଁ ମହିଳା ଏବଂ ପୁରୁଷଙ୍କ ପାଇଁ ଏକ ଡ୍ରେସ କୋଡ୍ ସ୍ଥିର କରାଯାଇଛି, ଯାହାକୁ ସମସ୍ତଙ୍କୁ କଡାକଡି ପାଳନ କରିବାକୁ ପଡିବ। ମହିଳାମାନେ କାକଟେଲ ଡ୍ରେସ୍ ପିନ୍ଧିପାରିବେ। ବ୍ଲାକ୍ ଟପ୍, ବ୍ଲାକ୍ ଟ୍ରାଉଜର ଏବଂ ଡାର୍କ ଟ୍ରାଉଜର କିମ୍ବା ଅନ୍ୟାନ୍ୟ ଆନୁଷ୍ଠାନିକ ପୋଷାକର ଏକ ବିକଳ୍ପ ମଧ୍ୟ ଅଛି। ସେହିଭଳି ଉତ୍ସବରେ ଯୋଗଦେଉଥିବା ପୁରୁଷମାନଙ୍କୁ ଡିନର ଜ୍ୟାକେଟ୍ କିମ୍ବା ସୁଟ୍ ପିନ୍ଧିବାକୁ ପଡିବ। ଏହା ବ୍ୟତୀତ ପୋଷାକ ସହିତ ସୁସଜ୍ଜିତ ଜୋତା ପିନ୍ଧିବା ଆବଶ୍ୟକ ବୋଲି ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି। ଏହି ଉତ୍ସବରେ ସେଲିବ୍ରିଟିଙ୍କ ବ୍ୟତୀତ ସାମ୍ବାଦିକ ଏବଂ ଚଳଚ୍ଚିତ୍ର ସମାଲୋଚକମାନେ ମଧ୍ୟ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଯୋଗ ଦେଇପାରିବେ। ତେବେ ଏଥିପାଇଁ ସେମାନଙ୍କୁ ୫ ଲକ୍ଷରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଟିକେଟ୍ କିଣିବାକୁ ପଡିବ। କାନ୍ସ ୱେବସାଇଟ୍ ପରିଦର୍ଶନ କରି ଅନଲାଇନରେ ଟିକେଟ ବୁକ୍ କରିପାରିବେ।







# 'ଜରା ହଟ୍‌କେ ଜରା ବଚକେ' ଟ୍ରେଲର ରିଲିଜ୍

ଭିକି 'ଜରା ହଟ୍‌କେ ଜରା ବଚକେ' ଫିଲ୍ମକୁ ନେଇ ବିକି କୌଶଲ ଏବଂ ସାରା ଅଲି ଖାନ ଖୁବ୍ ଚର୍ଚ୍ଚାରେ ଅଛନ୍ତି। ଏହି ଚଳଚ୍ଚିତ୍ରର ଟ୍ରେଲର ରିଲିଜ ହୋଇଛି। ଏହି ଚଳଚ୍ଚିତ୍ରରେ ଲଭ, ରୋମାନ୍ସ, ବିବାହ, ଡିଭର୍ସର ମଜା ନେବେ ଦର୍ଶକ। ଲକ୍ଷ୍ମଣ ଉତେକରଙ୍କ ନିର୍ଦ୍ଦେଶିତ ଏହି ପାରିବାରିକ ଚଳଚ୍ଚିତ୍ର ଜୁନ୍ ୨ ଜୁନ୍‌ରେ ବକ୍ସଅଫିସ୍‌କୁ ଆସିବ ବୋଲି ଆଶା କରାଯାଉଛି। ଏହି ଫିଲ୍ମ ଇନ୍ଦୋରରେ ସେଟ୍ ହୋଇଛି। ଯେଉଁଥିରେ ବିକି କପିଲ ଏବଂ ସାରା ମୁଖ ଭୂମିକାରେ ଅଭିନୟ କରିଛନ୍ତି। ଏକ ଛୋଟ ସହରରେ ଏହି ଦୁଇଜଣଙ୍କ ଦେଖାହୋଇଛି। ଧୀରେ ଧୀରେ ପ୍ରେମ ପରେ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି ଏହି ଯୋଡି। କୌଣସି କାରଣକୁ ନେଇ ଦାମ୍ପତ୍ୟ ଜୀବନରେ ଫାଟ ସୃଷ୍ଟି ହୋଇଛି। ଯେ କି ଛାଡ଼ପତ୍ର ଆଡକୁ କଥା ଯାଇଛି। ଏହି ଚଳଚ୍ଚିତ୍ର ପାଇଁ ପ୍ରଶଂସକମାନେ ମଧ୍ୟ ବହୁତ ଉତ୍ସାହିତ ଅଛନ୍ତି। କେହି କେହି କହୁଛନ୍ତି ଯେ ବିକି ଏବଂ ସାରାଙ୍କ ନୂତନ ଯୋଡି ସମସ୍ତଙ୍କୁ ପସନ୍ଦ ଆସିବ।




# ଲିଫ୍ଟ ମାଗି ବିନା ହେଲ୍‌ମେଟ୍‌ରେ ଗଲେ ବିଗ୍‌ବି



ମେଗାଷ୍ଟାର ଅମିତାଭ ବଚ୍ଚନ ସବୁବେଳେ ରାଇଟ୍ ଟାଇମ୍, ରାଇଟ୍ ଚଏସ୍‌କୁ ପସନ୍ଦ କରନ୍ତି। ଏମିତି କହିବାକୁ ଗଲେ ସେ ବହୁତ ପରିଶ୍ରମୀ ବି। ଏକ ସୁଟିଂ ସେଟ୍‌ରେ ପହଞ୍ଚିବା ପାଇଁ ବିଗ୍ ବି ଏପରି କିଛି କରିଥିଲେ ଯାହା ତାଙ୍କ ପ୍ରଶଂସକମାନେ ଜାଣିଲେ ଆଶ୍ଚର୍ଯ୍ୟ ହେବେ। ଏମିତି ସମୟ ଆସିଥିଲା ଯେ ଅଜଣା ଫ୍ୟାନ୍‌ଙ୍କ ଠୁ ଲିଫ୍‌ଟ୍ ମାଗି ବିନା ହେଲମେଟରେ ବାଇକ୍ ଯୋଗେ ଯାତ୍ରା କରିଥିଲେ। ଅମିତାଭ ବଚ୍ଚନ ସମୟକୁ ସବୁବେଳେ ଜଗନ୍ତି। ପରିସ୍ଥିତି ଏଭଳି ହୋଇଥିଲା ଯେ ମୁମ୍ବାଇର ଟ୍ରାଫିକ୍ ଜାମ୍ ଯୋଗୁଁ ସେ ଶୁଟିଂ ସ୍ଥାନରେ ପହଞ୍ଚିବା ପାଇଁ କୌଣସି ଆଶା ନଥିଲା। ସେତେବେଳେ ତାଙ୍କୁ ଜଣେ ଫ୍ୟାନ୍‌ଙ୍କ ବାଇକ୍‌ରେ ଲିଫ୍ଟ ମାଗି ଯିବାକୁ ପଡିଥିଲା। ଏହି ଫଟୋକୁ ବିଗ୍ ବି ସେୟାର କରି ପ୍ରଶଂସକଙ୍କୁ ଧନ୍ୟବାଦ ଦେଇଥିଲେ। ବିଗ୍ ବି ଏହି ପୋଷ୍ଟକୁ ସେୟାର କରି କ୍ୟାପସନରେ ଲେଖିଛନ୍ତି, 'ଆପଣଙ୍କ ଗାଡ଼ି ଚାଳନା ପାଇଁ ବନ୍ଧୁ ତୁମକୁ ଧନ୍ୟବାଦ। ତୁମେ ଜାଣି ନାହଁ, କିନ୍ତୁ ତୁମେ ମୋତେ ଠିକ୍ ସମୟରେ ମୋର କାର୍ଯ୍ୟସ୍ଥଳରେ ପହଞ୍ଚାଇଦେଲ। ଅସମାହିତ ଟ୍ରାଫିକ୍ ଜାମରୁ ଆମେ ବର୍ତ୍ତିଲୁ ତୁମକୁ ବହୁତ ବହୁତ ଧନ୍ୟବାଦ। ଅମିତାଭ ବଚ୍ଚନଙ୍କ ଏହି ପୋଷ୍ଟରେ ବହୁ କମେଣ୍ଟ ଆସିବାରେ ଲାଗିଛି। ତାଙ୍କ ନାତୁଣୀ ନବ୍ୟା ନବେଲି ଏହି ପୋଷ୍ଟରେ ସ୍ମାଇଲ ଏବଂ ରେଡ୍ ହାର୍ଟ ଇମୋଜି ସେୟାର କରିଛନ୍ତି। ସାୟାନୀ ଗୁପ୍ତା ଏହି ପୋଷ୍ଟରେ କମେଣ୍ଟ କରିଛନ୍ତି, 'ଆପଣ ସବୁଠାରୁ ସମୟାନୁବର୍ତ୍ତୀ ଅଟନ୍ତି। ଆମେ ଆପଣଙ୍କ ଠାରୁ ସମୟର ମୂଲ୍ୟ ବୁଝିପାରୁ। ମୁଁ ଭାବୁଛି ଅନ୍ୟ କଳାକାରମାନେ ମଧ୍ୟ ତୁମଠାରୁ ଶିଖନ୍ତୁ। ଏହି ଫଟୋକୁ କିଛି ପ୍ରଶଂସକ ବିଗ୍ ବି ହେଲମେଟ ପିନ୍ଧିନଥିବାରୁ ନାପସନ୍ଦ କରିଛନ୍ତି। ଅମିତାଭ ବଚ୍ଚନଙ୍କ କାର୍ଯ୍ୟକ୍ଷେତ୍ର ବିଷୟରେ କହିବାକୁ ଗଲେ ବିଗ୍ ବି ନାଗ ଅଶ୍ୱିନଙ୍କ 'ପ୍ରୋଜେକ୍ଟ କେ' ସୁଟିଂରେ ବ୍ୟସ୍ତ ଅଛନ୍ତି। ଫିଲ୍ମର ସୁଟିଂ ସମୟରେ ସେ ସେଟ୍‌ରେ ମଧ୍ୟ ଆହତ ହୋଇଥିଲେ। ନିକଟରେ ସେ ରିଭୁ ଦାସଗୁପ୍ତଙ୍କ ଦ୍ୱାରା ଲିଖିତ ତଥା ନିର୍ଦ୍ଦେଶିତ 'ସେକ୍ସନ୍ ୮୪' ପାଇଁ ମଧ୍ୟ ସାଇନ୍ କରିଛନ୍ତି। ଏଥିରେ ଡାଏନା ପେଣ୍ଟି, ଅଭିଷେକ ବାନାର୍ଜୀ ଏବଂ ନିମ୍ରତ କୌର ନଜର ଆସିବେ।



# ଦୁର୍ଘଟଣାରେ ଅଦା ଆହତ



ବିବାଦ ଭିତରେ ପ୍ରଶଂସା ସାଉଁଟୁଥିବା ଫିଲ୍ମ 'ଦି କେରଳ ଷ୍ଟୋରୀ'ର ମୁଖ୍ୟ ଭୂମିକାରେ ଅଭିନୟ କରିଥିବା ଅଦା ଶର୍ମା ସଡ଼କ ଦୁର୍ଘଟଣାରେ ଆହତ ହୋଇଛନ୍ତି। ଏ ନେଇ ଅଦା ସ୍ପଷ୍ଟୀକରଣ ଦେବା ସହ ନିଜ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ସୂଚନା ଦେଇଛନ୍ତି। ଦୁର୍ଘଟଣା ନେଇ ନିଜେ ଅଦା ଶର୍ମା ଟୁଇଟ କରି ସେ ଠିକ ଥିବା ଜଣାଇଛନ୍ତି। ଅଦା ଶର୍ମା ଆହତ ଖବର ଶୁଣି ସୋସିଆଲ ମିଡିଆରେ ପ୍ରଶଂସକମାନେ ତାଙ୍କର ସୁସ୍ଥ ଆରୋଗ୍ୟ କାମନା କରିଥିଲେ। ଏହା ପରେ ଅଦା ଶର୍ମା ନିଜ ଟୁଇଟରେ ଏକ ମେସେଜ ନିଜ ଫ୍ୟାନ୍ସଙ୍କ ଉଦ୍ଦେଶ୍ୟରେ ଛାଡିଛନ୍ତି। ଏଥିରେ ସେ କହିଛନ୍ତି, ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ସେ କିମ୍ବା ତାଙ୍କ ଟିମ ସହ ବିଶେଷ କିଛି ହୋଇନାହିଁ। ତାଙ୍କ ଦୁର୍ଘଟଣା ଖବର ପ୍ରଚାର ହେବା ପରେ ଅନେକ ମେସେଜ ସେ ପାଇଛନ୍ତି। ପୁରା ଟିମ ଆମର ଭଲ ଅଛନ୍ତି। ବ୍ୟସ୍ତ ହେବା ପରି କିଛି ଘଟିନାହିଁ' ବୋଲି ସେ ତାଙ୍କ ଟୁଇଟର ମେସେଜରେ ଉଲ୍ଲେଖ କରିଛନ୍ତି। ଏଥିସହିତ ସେ ଫ୍ୟାନ୍ସଙ୍କ ଉଦ୍ଦେଶ୍ୟରେ ହାର୍ଟ ଇମୋଜି ଦେଇ ଧନ୍ୟବାଦ ଜଣାଇଛନ୍ତି। ଅଦା ଶର୍ମାଙ୍କ ମେସେଜ ପାଇବା ପରେ ଫ୍ୟାନ୍ସମାନେ ବି ପ୍ରତିକ୍ରିୟା ରଖିଛନ୍ତି। ଘଟଣା ବିଷୟରେ ସୂଚନା ଦେଇଥିବାରୁ ତାଙ୍କୁ ଧନ୍ୟବାଦ ଜଣାଇବା ସହ ଯାତ୍ରା ସମୟରେ ଅଧିକ ସତର୍କ ରହିବା ପାଇଁ ପରାମର୍ଶ ଦେଇଛନ୍ତି ପ୍ରଶଂସକମାନେ। ଏହି ଘଟଣା ଉପରେ ନିର୍ଦ୍ଦେଶକ ସୁଦୀପ୍ତୋ ସେନ ମଧ୍ୟ ନିଜ ମତ ସେୟାର କରିଛନ୍ତି। ସେ ଲେଖିଛନ୍ତି, 'ସେମାନେ ଏକ ପ୍ରମୋଶନାଲ ଇଭେଣ୍ଟରେ ଯୋଗ ଦେବା ପାଇଁ ଯାଉଥିଲେ। କିନ୍ତୁ ମେଡିକାଲ ଏମରଜେନ୍ସି ଯୋଗୁ ଯାଇ ପାରିଲେ ନାହିଁ। ତେବେ ଆମ ସ୍ୱାସ୍ଥ୍ୟ ପାଇଁ ଚିନ୍ତା କରୁଥିବାରୁ ଧନ୍ୟବାଦ। ଆପଣଙ୍କ କଲ ଏବଂ ସୌହାର୍ଦ୍ଦପୂର୍ଣ୍ଣ ବାର୍ତ୍ତା ପାଇ ମୋତେ ବହୁତ ଖୁସି ଲାଗିଲା।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ମଣିନାଥପୁର ଗୋପବନ୍ଧୁ ଯୁବକ ସଂଘର ନବନିର୍ମିତ ଗୃହ ଓ ଲକ୍ଷ୍ମଣନାଥ ଦାଶ ପାଠାଗାରର ନୂତନ ଗୃହ ସୋମବାର ଉଦଘାଟିତ ହୋଇଯାଇଛି। ଯୁବକ ସଂଘ ସଭାପତି ଗଜେନ୍ଦ୍ର ଦାସ ଓ ସମ୍ପାଦକ ସୁରଥ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ପୁଲିସ ଅଧିକାରୀ ବୈଦ୍ୟନାଥ ସୋରେନ ମୁଖ୍ୟ ଅତିଥି, ଗାଁ ମୁରବୀ ବସନ୍ତ କୁମାର ବେଉରିଆ, ଶିକ୍ଷକ ସୂର୍ଯ୍ୟକାନ୍ତ ବରାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉଦଘାଟନ କରିଥିଲେ।୧୯୮୮ ମସିହାରେ ପ୍ରତିଷ୍ଠିତ ଏହି ସଂଘର ନୂତନ ଗୃହ ଆକର୍ଷଣୀୟ ଭାବେ ସଂଘ ସଦସ୍ୟଙ୍କ ନିଜସ୍ୱ ଉଦ୍ୟମରେ ନିର୍ମିତ ହୋଇଛି। ସେହିପରି ସ୍ୱର୍ଗତ ଶିକ୍ଷକ ଲକ୍ଷ୍ମଣନାଥ ଦାଶଙ୍କ ଦ୍ୱାରା ୧୯୬୧ ମସିହାରେ ପ୍ରତିଷ୍ଠିତ ପାଠାଗାର ନୂତନ ଗୃହ ଅନୁରୂପ ଭାବେ ନିର୍ମାଣ କରାଯାଇଛି। ଦୈନନ୍ଦିନ ପାଠକଙ୍କ ପାଇଁ ସ୍ୱତନ୍ତ୍ର କକ୍ଷ ନିର୍ମାଣ କରାଯାଇ ପୁସ୍ତକ ସଂଗ୍ରହ କରାଯାଇଛି। ଏହା ଦ୍ୱାରା ଗ୍ରାମବାସୀଙ୍କ ମଧ୍ୟରେ ପାଠକୀୟ ପ୍ରବୃତ୍ତି ଅତୁଟ ରହିପାରିବ ବୋଲି ଆଶା ପ୍ରକାଶ ପାଇଛି। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ଦୁଃଖିଶ୍ୟାମ ଦାଶଙ୍କ ସମେତ ସୁଶାନ୍ତ ବେହେରା, ଆଲୋକ ଦାସ, ପ୍ରଭାତ ମହାରଣା, ଅଜୟ ମହାଲିକ ପ୍ରମୁଖ ଯୁବକ ସଂଘ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବାରମ୍ବାର ବିଦ୍ୟୁତ୍ କାଟ ଓ ଲୋ-ଭୋଲଟେଜ୍ ସମସ୍ୟା ନେଇ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ



ରଘୁନାଥପୁର, (ଭାସ୍କର ନ୍ୟୁଜ୍): ରଘୁନାଥପୁର ବ୍ଲକ ବିଦୂତ ବିଭାଗ ଏସଡ଼ିଓଙ୍କ ଅଧୀନରେ ଥିବା ସ୍ଥାନୀୟ ପ୍ରହରାଜପୁର ପଞ୍ଚାୟତବାସୀ ବାରମ୍ବାର ବିଦୂତ କାଟ ଓ ଲୋଭୋଲଟ୍ଟେଜ ସମସ୍ୟା ଯୋଗୁଁ ଅତିଷ୍ଠ ହୋଇପଡିଲେଣି।ବାରମ୍ବାର ଅଭିଯୋଗ କରି ନିରାଶ ହେବାପରେ ସୋମବାର ବିଦୂତ କାର୍ଯ୍ୟାଳୟକୁ ଘେରାଉ କରିଥିଲେ।ଆସନ୍ତା ସାତଦିନ ମଧ୍ୟରେ ବିଦୂତ ବିଭାଗ ଉପଯୁକ୍ତ ସେବା ଯୋଗାଇବାରେ ବିଫଳ ହେଲେ ବାଧହୋଇ ଗ୍ରାମବାସୀ ନ୍ୟାୟାଳୟର ଆଶ୍ରୟ ନେବେ ବୋଲି ଚେତାବନୀ ଦେଇଛନ୍ତି।ସରପଞ୍ଚ ଅବଦୁଲ ଓ୍ୱାଇଦ ଖାଁ ଓ ସମିତି ସଭ୍ୟ ଲିଆକତ ଅଲ୍ଲୀ ଖାଁଙ୍କ ନେତୃତ୍ୱରେ ଶତାଧିକ ବିଦୂତ ଉପଭୋକ୍ତା ସେମାନଙ୍କ ସମାସ୍ୟା ଜଣାଇବା ପାଇଁ ଇଲେକ୍ଟ୍ରି ଏସଡ଼ିଓଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ।ସେଠାରେ ଦୀର୍ଘ ସମୟ ଅପେକ୍ଷା କରି ରହିଥିଲେ ମଧ୍ୟ ଏସ୍ଡିଓଙ୍କ ଦେଖା ମିଳିନଥିଲା।ଫଳରେ ଲୋକେ ଅସନ୍ତୋଷ ପ୍ରକାଶ କରି କାର୍ଯ୍ୟାଳୟକୁ ଘେରାଉ କରି ରଖିଥିଲେ।ଯନ୍ତ୍ରୀ କୃତିବାସ ମାଝୀ ଘେରାଉ ସ୍ଥଳରେ ପହଞ୍ଚି ପଞ୍ଚାୟତବାସୀଙ୍କ ପାଖରୁ ଲିଖିତ ଅଭିଯୋଗ ଗ୍ରହଣ କରିଥିଲେ।ଆସନ୍ତା ସାତଦିନ ମଧ୍ୟରେ ସମସ୍ୟାର ସମାଧାନ କରାନଗଲେ ନ୍ୟାୟ ପାଇଁ ପଞ୍ଚାୟତବାସୀ ବାଧହୋଇ କୋର୍ଟର ଦ୍ୱାରସ୍ଥ ହେବେବୋଲି ଚେତାବନୀ ଦେଇଛନ୍ତି।ଦୀର୍ଘଦିନ ହେବ ଉକ୍ତ ସମସ୍ୟା ଲାଗିରହିବା ଯୋଗୁଁ ପ୍ରଚଣ୍ଡ ରୌଦ୍ରତାପ ଓ ଅସହ୍ୟ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି।ଛୋଟ ଶିଶୁଙ୍କ ଠାରୁ ଆରମ୍ଭ କରି ରୋଗାଗ୍ରସ୍ତ ବ୍ୟକ୍ତି ଓ ସାଧାରଣଜନତା ପ୍ରବଳ ଗରମରେ ଆଉଟପାଉଟ ହେଉଛନ୍ତି।ଘରେ ବାହାରେ କେଉଁଠି ନିସ୍ତାର ମିଳୁନି।ଯେଉଁ ସମୟରେ କରେଣ୍ଟ ରହୁଛି ଲୋଭୋଲଟ୍ଟେଜ ସମସ୍ୟା ଯୋଗୁଁ ଟିଭି, ଫ୍ରିଜ, ପାଣିମଟର ଏପରିକି ଫ୍ୟାନ ମଧ୍ୟ ଠିକ ଭାବେ କାମକରୁନି ବୋଲି ସରପଞ୍ଚ ଖାଁ ପ୍ରକାଶ କରିଛନ୍ତି।ଅନେକ ଜିନିଷ ପୋଡି ଯାଉଛି ବୋଲି ବୋଲି ସେ ଅଭିଯୋଗ କରିଛନ୍ତି।ପାର୍ଶ୍ୱବର୍ତ୍ତି ଗ୍ରାମରେ ସଠିକ ବିଦୂତ ସେବା ଉପଲବ୍ଧ ହେଉଥିବାବେଳେ ଜାଣିଶୁଣି ବିଦୂତ ବିଭାଗ ଶକ୍ତି ସଞ୍ଚୟ କରିବା ପାଇଁ ସେମାନଙ୍କ ପ୍ରତିଏହିଭଳି ମନଭାବ ପୋଷଣ କରୁଛି ବୋଲି ସମିତି ସଭ୍ୟ ଖାଁ କ୍ଷୋଭର ସହ କହିଛନ୍ତି।ଏସକେ ସିରାଜ ଅଲ୍ଲୀ,ମଜବୁର ରେହାମାନ, ଖଲିଲ ଅହମଦ,ଶେଖ ସମିଲ ଅହମ୍ମଦ କାଦ୍ରୀ,ନାରାୟଣ ବେହେରା, ସାବିତ୍ରୀ ବେହେରା,ସ୍ୱର୍ଣ୍ଣଲତା ଦାସ,ଶରତ କୁମାର ଦତ୍ତ,ଚନ୍ଦନ ବେହେରା ଓ ଅମନ ବେହେରାଙ୍କ ସହ ଅନେକ ବ୍ୟକ୍ତି ସାମିଲ ହୋଇଥିଲେ।

## ନିମାପଡା ପାଲଟିଛି ନିଶା ବେପାରୀଙ୍କ ଭୂସ୍ୱର୍ଗ
# କାର୍ଯ୍ୟାନୁଷ୍ଠାନ କେବେ ?

ନିମାପଡା, (ଭାସ୍କର ନ୍ୟୁଜ୍): ନିମାପଡା ପାଲଟିଛି ନିଶା ବେପାରୀଙ୍କ ଭୂସ୍ୱର୍ଗ। ନିଶା ବେପାରୀମାନେ ବେଧଡକ ନିଶା କାରବାର କରୁଥିଲେ ମଧ୍ୟ ଅବକାରୀ ବିଭାଗ ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସଚେତନ ନାଗରିକମାନେ ଦାବି କରିଛନ୍ତି। ଅରିଷଣ୍ଡ ପଞ୍ଚାୟତରୁ ଏକ ଜଣାଶୁଣା ଧଳାଜହର ବ୍ୟବସାୟୀକୁ ଜିଲ୍ଲା ଅବକାରୀ ବିଭାଗ ଗିରଫ କରିଥିବା ବେଳେ ବାମଦେଇପୁର ଛକ ଠାରେ କେତେକ ବ୍ୟକ୍ତି ଦେଶୀ ବିଦେଶୀ ମଦ ଖିଲପାନ ଦୋକାନ ଓ ନିଜ ଘରେ ରଖି ବିକ୍ରି କରୁଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା କୁଶଭଦ୍ରା ନଦୀବନ୍ଧ ତ୍ରିନାଥ ମାର୍ଗ ଠାରୁ ମୁରାରୀପୁର ଗଡା ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ରାତ୍ରରେ ବେଧଡକ ଧଳାଜହର କାରବାର ଚାଲିଛି। ପାଟପୁର ଠାରୁ ବାମଦେଇପୁର ପର୍ଯ୍ୟନ୍ତ ନାଳବନ୍ଧ ରାସ୍ତାରେ ମଧ୍ୟ ବହୁ ପରିମାଣରେ ଜହର କାରବାର ଚାଲିଥିବା ବେଳେ ଇଶଣେଶ୍ୱର ମନ୍ଦିରସ୍ଥଳୀ ପାଲଟିଛି ନିଶା ବେପାରୀଙ୍କ ବୈଠକ ଖାନା। ପାଟପୁର ଠାରୁ ବାମନାଳ ପର୍ଯ୍ୟନ୍ତ ରାସ୍ତାରେ ବିଭିନ୍ନ ସ୍ଥାନରେ ନିଶା କାରବାର ଚାଲିଛି। ଧଳାଜହର ଖାଇ ଯୁବକମାନେ ଅପରାଧିକ କାର୍ଯ୍ୟ ଘଟାଉଛନ୍ତି। ଭଦ୍ର ମହିଳାମାନେ ରାସ୍ତାରେ ଯାତାୟତ ସମୟରେ ନିଶାଖୋରମାନେ ବିଭିନ୍ନ ଅଶ୍ଳୀଳ ମନ୍ତବ୍ୟ ପ୍ରୟୋଗ କରିବାରୁ ଦିନ ଦ୍ୱିପ୍ରହରରେ ମଧ୍ୟ ଯାତାୟାତ କରିବା ପାଇଁ ଲୋକମାନେ ସୁରକ୍ଷିତ ମଣୁନାହାଁନ୍ତି।

## ଦୁବାଇ ଗଲେ ବଣ୍ଡା ଯୁବତୀ

ଖଇରପୁଟ, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାର ଆଦିମ ବଣ୍ଡା ଜନଜାତିର ଯୁବତୀ ଦୁବାଇ ଯିବାର ସୁଯୋଗ ପାଇଥିବା ବେଳେ ଏହାକୁ ନେଇ ବେସ ଚର୍ଚ୍ଚା ଲାଗି ରହିଥିଲା । ତେବେ ବର୍ତ୍ତମାନ ଯୁବତୀ ଜଣଙ୍କ ଦୁବାଇ ଯାଉଥିବା ବେଳେ ଦୁବାଇରେ ଅନୁଷ୍ଠିତ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ସେ ମାଲକାନଗିରିରୁ ଯାତ୍ରା ଆରମ୍ଭ କରିଛନ୍ତି । ସୂଚନା ଅନୁଯାୟୀ ଜିଲ୍ଲାର ବଣ୍ଡା ଘାଟିର ଝିଅ ବୁଦ୍ରି କିର୍ସାନୀ ମାଲକାନଗିରିରେ ଥିବା ଆଇଟିଆଇ ରେ ଅଧ୍ୟୟନ କରୁଥିବା ବେଳେ ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ୫ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସେ ସ୍ଥାନ ପାଇଥିଲେ। ତେବେ ଏହା ଜିଲ୍ଲା ପାଇଁ ଏକ ଗୌରବର ବିଷୟ ହୋଇଥିବା ବେଳେ ଆଜି ବୁଦ୍ରି ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦରକୁ ଦୁବାଇ ଅଭିମୁଖେ ଯାତ୍ରା କରିଥିବା ସୂଚନା ମିଳିଛି। ଦୁବାଇରେ ଶିଳ୍ପ କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳ ଦେଖିବା ସହ ଶିକ୍ଷା ଗ୍ରହଣ କରି ଦୁଇ ଦିନ ପରେ ବୁଦ୍ରି ଓଡ଼ିଶାକୁ ଫେରିବେ।

## ଯୋଗାଣ ବିଭାଗ ଅଧିକାରୀଙ୍କ ନିକଟରେ ଦଲାଲ ସାଜିଛନ୍ତି ଡିଲରଙ୍କ ସ୍ୱାମୀ

ନିଆଳୀ, (ଭାସ୍କର ନ୍ୟୁଜ୍): ନିଆଳୀ ଯୋଗାଣ ବିଭାଗର ବିଚିତ୍ର ନୀତି। ଦିନକୁ ଦିନ ଖୋଲୁଛି ଦୁର୍ନୀତିର ଗୁମର ପେଡି। ଦୂର୍ନୀତିକୁ ଘଣ୍ଟ ଘୋଡାଇବା ପାଇଁ ଏସ.ଓ.ଜି. ଗ୍ରୁପ ଦାୟୀତ୍ୱରେ ଥିବା ମହିଳାଙ୍କ ସ୍ୱାମୀ ମାନେ ଯୋଗାଣ ବିଭାଗର ଅଫିସରେ ରହି କରୁଛନ୍ତି ଦଲାଲ ଗିରି। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ନିଆଳୀ ପଞ୍ଚାୟତ ନୃସିଂହନାଥ ଏସ.ଓ.ଜି. ଗ୍ରୁପରେ। ଏହି ଗ୍ରୁପରେ ଥିବା ମହିଳାଙ୍କ ସ୍ୱାମୀ ନୃସିଂହନାଥ ବେହେରା ଓରଫ ନୁରିଆ ଓ ମା କ୍ଷେତ୍ରପାଳ ଏସ.ଓ.ଜି. ଅଳଣା ଦାୟୀତ୍ୱରେ ଥିବା ମହିଳାଙ୍କ ସ୍ୱାମୀ ଯତୀନ୍ ଭୂୟାଁ ଯୋଗାଣ ବିଭାଗଙ୍କ କାର୍ଯ୍ୟାଳୟରେ ଦିନ ତମାମ ରହୁଛନ୍ତି। ଯାହାର ଫଟୋ ଏବେ ଭାଇରାଲ ହେବାରେ ଲାଗିଛି। ଗରୀବ ଲୋକମାନଙ୍କ ଆଗୁଆ ଟିପଚିହ୍ନ ଆଣି ୧୫ ଦିନ କାଳ ଦଉଡାଇ ରାସନ ୧ କିଲୋରୁ ୨ କିଲୋ କମ୍ ଦେଉଥିବା ଅଭିଯୋଗ ହେଉଛି। ଏବେ ସାଙ୍ଘାତିକ ତଥ୍ୟ ଅଭିଯୋଗ ହୋଇଛି ଯେ, ଜଣେ ମହିଳା ସରକାରୀ କର୍ମଚାରୀଙ୍କ ନାମରେ ଅନ୍ତୋଦୟ ରାସନ କାର୍ଡ ଥିବା ବେଳେ ସେ ରାସନ ଚାଉଳ ନିଅନ୍ତି ନାହିଁ। ଉକ୍ତ ଚାଉଳକୁ ଖାଉଛି କିଏ? ଏହା ତଦନ୍ତ ସାପେକ୍ଷ। ନିଆଳୀ ଯୋଗାଣ ବିଭାଗରେ ଏଭଳି ଦୁର୍ନୀତିର ତଥ୍ୟ ପଦାକୁ ଆସିବା ପରେ ନିଆଳୀ ଡିଲରଙ୍କ ମଧ୍ୟରେ ଛନକା ପଶିଛି। ଏ ନେଇ ନିଆଳୀ ଯୋଗାଣ ବିଭାଗ ଅଧିକାରୀ ନସୀମା ବେଗମଙ୍କୁ ଫୋନ୍ କରିଥିଲେ ବି ସେ ଫୋନ୍ ଉଠାଇ ନଥିଲେ। ଏଠାରେ ସୂଚନା ଥାଉକି ନିଆଳୀ ଅଞ୍ଚଳର ଏହି ଡିଲର ଚାଉଳ ବିକ୍ରୀ କରିବା ଅଭିଯୋଗରେ ନିଲମ୍ବିତ ହୋଇଥିଲେ।

## ଏରସମାରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଏରସମା, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ଏରସମାସ୍ଥିତ ଜେ. ଏମ. ଏସି କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୯ଟି କ୍ରିମିନାଲ୍, ୨ଟି ସିଭିଲ ସହିତ ମୋଟ ୩୧ଟି କେସର ଫଏସଲା ହୋଇଛି। ଜେ. ଏମ. ଏସି କୋର୍ଟର ମୁଖ୍ୟ ବିଚାରପତି ମହମ୍ମଦ ସାହା ଫଇଜଲଙ୍କ ଉପସ୍ଥିତିରେ ଏହି କେସ ଗୁଡ଼ିକର ଫଏସଲା କରାଯାଇଥିଲା।ଏରସମା ସଂଘ ସଭାପତି ଆଇନୀଜୀବୀ ନିକୁଞ୍ଜ କିଶୋର ସ୍ୱାଇଁ,ଏରସମା ସଂଘ ସମ୍ପାଦକ ଆଇନଜୀବୀ ପ୍ରତାପ କୁମାର ରାଉତ, ପ୍ରଭାତ ବହିରା, ଅଭୟ ସ୍ୱାଇଁ, ସୁବୋଧ କୁମାର ପ୍ରଧାନ, ମୁରଲୀଧର ମଲ୍ଲିକ ପ୍ରମୁଖ ଅଦାଲତ ପରିଚାଳନାରେ ସହଯୋଗ କରିଥିଲେ।

## ମମତା ସ୍ୱାଇଁଙ୍କ ସ୍ମୃତିଚାରଣ ସଭା

କୁଜଙ୍ଗ, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ସାଇଲୋ ପଞ୍ଚାୟତ ତେରମାଣପୁର ଗ୍ରାମର ପ୍ରଦୀପ ସ୍ୱାଇଁଙ୍କ ଧର୍ମପତ୍ନୀ ମମତା ସ୍ୱାଇଁ (୪୨)ଙ୍କର ହୃଦଘାତରେ ପରଲୋକ ହୋଇଥିଲା। ଏକାଦଶାହରେ ଅବସରରେ ଗ୍ରାମର ପ୍ରବେଶ ପଥରେ ସ୍ୱର୍ଗତା ସ୍ୱାଇଁଙ୍କ ସ୍ମୃତିରେ ଏକ ଅଶ୍ୱସ୍ତ ବୃକ୍ଷରୋପଣ କରାଯାଇଛି। ମହିମା ସାଧୁ ସୁଦର୍ଶନ ଦାସ ଯୋଗଦେଇ ବୃକ୍ଷ ରୋପଣ କରିଥିଲେ। ଏହି ଅବସରରେ ନୃସିଂହ ପୀଠରେ ମହନ୍ତ ଅଧିକାରୀ ରମାକାନ୍ତ ଦାସ, ନାଳିଆପାଳ ମଠର ମହନ୍ତ ସାଧୁ ନିତ୍ୟାନନ୍ଦ ଦାସ ମହାରାଜାଙ୍କ ସହ ସାଇଲୋ ପଞ୍ଚାୟତ ଯୁବ ସରପଞ୍ଚ ସରୋଜ ସେଠୀ, ବିଶିଷ୍ଟ ଶିକ୍ଷାବିତ୍ ଦିଲୀପ କୁମାର ସ୍ୱାଇଁ, ସମାଜସେବୀ ତାପସ ଦାଶ, ବିପିନ୍ ମିଶ୍ର, ପଙ୍କଜ ଦାଶ, ଚୌଧୁରୀ ତପନ ମିଶ୍ର, ଇଂ ସବ୍ୟସାଚୀ ଚୌଧୁରୀ, ମମତାଙ୍କ ପୁତ୍ର କୁଳଦୀପ ସ୍ୱାଇଁ, ଭାଇ ଦେବେନ୍ଦ୍ର ପାତ୍ର, ଶିବଚରଣ ପାତ୍ରଙ୍କ ସହ ପରିବାରର ସମସ୍ତ ସଦସ୍ୟ, ଗ୍ରାମର ମୁରବି ଓ ୧୦ମରେ ପଢୁଥିବା ପୁତ୍ର କୁଳଦୀପର ସହପାଠୀମାନେ କାର୍ଯ୍ୟକ୍ରମରେ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

## ଭାଗୀରଥିଙ୍କୁ ସହାୟତା କଲେ ସମାଜସେବୀ

ଏରସମା, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ସଂଗ୍ରାମପୁର ପଞ୍ଚାୟତ ବୁନ୍ଧିସାହି ଗ୍ରାମର ଭାଗୀରଥି ପରିଡ଼ା ଦୀର୍ଘ ୫ବର୍ଷରୁ ଅଧିକ ସମୟ ହେବ ଏକ ଅଜଣା ରୋଗରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ ଅଛନ୍ତି। ତାଙ୍କ ପତ୍ନୀ ଦୀର୍ଘ ୫ ବର୍ଷ ହେବ ମାଗୁଣି କରି ବିଭିନ୍ନ ମେଡିକାଲରେ ଚିକିତ୍ସା କରାଇ ଟଙ୍କା ଖର୍ଚ୍ଚ କରୁଛନ୍ତି ସିନା, ଡାକ୍ତର ରୋଗ ଚିହ୍ନଟ କରିବାରେ ସକ୍ଷମ ହେଉନାହାନ୍ତି। ଦାରିଦ୍ର୍ୟ ସୀମାରେଖାରେ ଥିବା ଭାଗୀରଥି, ନିଜ ପତ୍ନୀ ଓ ଦୁଇ ଛୁଆଙ୍କୁ ଆହାର ଦେବା ପାଇଁ ଏକମାତ୍ର ରୋଜଗାରିଆ ହୋଇଥିବା ବେଳେ ତାଙ୍କର ଅସୁସ୍ଥତା ପରିବାର ପାଇଁ ଦୁଃଖର କଳାପାହାଡ ସଦୃଶ ହୋଇଛି। ଏହି ଖବର ପାଇବା ପରେ ବାଲିକୁଦା-ଏରସମା ଯୁବ ନେତା ତଥା ଯୁବ ସମାଜସେବୀ ସଂଜୀବ କୁମାର ବିଶ୍ୱାଳ, ଅସହାୟ ପରିବାରକୁ ଭେଟି କିଛି ଆର୍ଥିକ ସହାୟତା ଯୋଗାଇଛନ୍ତି। ଏହାସହ ମେଡିସିନ୍ ଖର୍ଚ୍ଚ ବହନ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ସମାଜସେବୀ ଶ୍ରୀଯୁକ୍ତ ବିଶ୍ୱାଳଙ୍କ ଏଭଳି ମହାନତା କାର୍ଯ୍ୟ ପାଇଁ ପୀଡିତାଙ୍କ ପରିବାର ପକ୍ଷରୁ କୃତଜ୍ଞତା ପ୍ରକାଶ କରାଯାଇଛି।

### ଘୋରଡିଆ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଅଗ୍ନିକାଣ୍ଡ ଘଟଣା
## ସ୍ଥିତି ପରଖିଲେ ଜିଏମ୍, ଆର୍ଏମ୍

ଡେଲାଙ୍ଗ, (ଭାସ୍କର ନ୍ୟୁଜ୍): ଡେଲାଙ୍ଗ ବ୍ଲକ୍ ଅନ୍ତର୍ଗତ ଘୋରଡିଆ ଗ୍ରାମର ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରେ ରବିବାର ଦିନ ହୋଇଥିବା ଅଗ୍ନିକାଣ୍ଡରେ ପ୍ରାୟ ୧୫ଲକ୍ଷ ଟଙ୍କାର କ୍ଷୟକ୍ଷତି ହୋଇଛି ବୋଲି ଶାଖା ପରିଚାଳକ ସନ୍ତୋଷ କୁମାର ସାହୁ ସୂଚନା ଦେଇଛନ୍ତି।ତେବେ ବିଦ୍ୟୁତ୍ ସର୍ଟ ସର୍କିଟ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟି ଥାଇପାରେ ବୋଲି ସ୍ଥାନୀୟ ଅଗ୍ନିସେବା କେନ୍ଦ୍ର ସୂତ୍ରରୁ ସୂଚନା ମିଳିଥିବାବେଳେ ଏହି ଅଗ୍ନିକାଣ୍ଡ ଯୋଗୁଁ ବ୍ୟାଙ୍କର ୪ଟି କମ୍ପ୍ୟୁଟର ସିଷ୍ଟମ୍, ସିସିଟିଭି,୩ଟି ପ୍ରିଣ୍ଟର,ଗୋଟିଏ କ୍ୟାସ କାଉଣ୍ଟିଙ୍ଗ ମେସିନ,କ୍ୟାସ ଚାମ୍ବର,ସମ୍ମୁଖ ଭାଗ ଜେନେରାଲ ସୋ କେଶ୍ ସମେତ ୩ଟି ଚେୟାର,କବାଟ,ଝରକା ଓ ଜରୁରୀ କାଗଜପତ୍ର ପୋଡ଼ି ପାଉଁଶ ହୋଇଯାଇଥିବା ନେଇ ଶାଖା ପରିଚାଳକ ଶ୍ରୀ ସାହୁ ସୂଚନା ଦେଇଛନ୍ତି।ତେବେ ସୌଭାଗ୍ୟବଶତଃ ବ୍ୟାଙ୍କ୍ ଲକର ସମେତ ସୁନା ଅଳଙ୍କାର ଓ ଟଙ୍କା ସୁରକ୍ଷିତ ଥିବାରୁ ସ୍ଥାନୀୟ ଲୋକଙ୍କ ସହଯୋଗ ଏବଂ ଅଗ୍ନିଶମ ବାହିନୀର ତ୍ୱରିତ ପଦକ୍ଷେପ ଯୋଗୁଁ ଏହା ସମ୍ଭବ ହେଲା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।ରବିବାର ଦିନ ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କଠାରୁ ଖବର ପାଇ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଚେୟାରମ୍ୟାନ ମୋହନ ଏମ୍ ଏବଂ ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟର ମହାପ୍ରବନ୍ଧକ ଜେ ପି ନାୟକ ଘଟଣା ସ୍ଥଳ ପରିଦର୍ଶନ କରି ଫେରିଯାଇଛନ୍ତି।ସୋମବାର ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ,ପିପିଲିର ଆଞ୍ଚଳିକ ପ୍ରବନ୍ଧକ ପଙ୍କଜ ଜେନଙ୍କ ସମେତ ଉଚ୍ଚପଦସ୍ଥ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରି କ୍ଷୟକ୍ଷତିର ଆକଳନ କରିବା ସହ ସାଂପ୍ରତିକ ପରିସ୍ଥିତିର ସମୀକ୍ଷା କରିଛନ୍ତି।ତେବେ ଲୋକଙ୍କ ସୁବିଧା ପାଇଁ ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ୨୪ଘଣ୍ଟିଆ ଏଟିଏମ୍ ସେବା ଯୋଗାଇ ଦିଆଯାଇଥିବାବେଳେ ଆଉ ୨/୩ଦିନ ମଧ୍ୟରେ ଅସ୍ଥାୟୀ ଭାବେ ଲୋକଙ୍କୁ ସମସ୍ତ ବ୍ୟାଙ୍କିଙ୍ଗ ସୁବିଧା ଉପଲବ୍ଧ ହେବ ବୋଲି ଆଞ୍ଚଳିକ ପ୍ରବନ୍ଧକ ଶ୍ରୀ ଜେନ୍ ପ୍ରତିଶ୍ରୁତି ଦେଇଛନ୍ତି।ବ୍ୟାଙ୍କର ସୁରକ୍ଷା ପାଇଁ ସ୍ଥାନୀୟ ପୋଲିସ୍ ପ୍ରଶାସନ ପକ୍ଷରୁ ୨୪ ଘଣ୍ଟିଆ ପୋଲିସ୍ ମୁତୟନ ବ୍ୟବସ୍ଥା କରାଯାଇଛି।ତେବେ ଏଭଳି ଦୁର୍ଦ୍ଦିନରେ ସ୍ଥାନୀୟ ଜନସାଧାରଣ ବ୍ୟାଙ୍କର ନିୟମିତ ସ୍ୱାଭାବିକ ବ୍ୟବସ୍ଥା ହେବା ପର୍ଯ୍ୟନ୍ତ ସହଯୋଗ କରିବାକୁ ଶାଖା ପରିଚାଳକ ସନ୍ତୋଷ କୁମାର ସାହୁ ସମସ୍ତଙ୍କୁ ନିବେଦନ କରିଛନ୍ତି।

## ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା



ବାଲିପାଟଣା, (ଭାସ୍କର ନ୍ୟୁଜ୍) : ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ଆଇତଳଙ୍ଗ ନାରାୟଣୀ ମନ୍ଦିର ପ୍ରାଙ୍ଗଣ ରେ ଏହି ଅଞ୍ଚଳର ବରିଷ୍ଠ ନାଗରିକ ମାନଙ୍କର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି।ଜୟଦେବ ବିଧାୟକ ଡ଼ ଅରବିନ୍ଦ ଢ଼ାଲି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବରିଷ୍ଠ ନାଗରିକ ମାନଙ୍କର ଆଶିର୍ବାଦ କାମନା କରିବା ସହିତ ସାମାଜିକ କ୍ଷେତ୍ରରେ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ।ଯୁବକ ମାନଙ୍କୁ ଦିଗ୍ ଦର୍ଶନ ଦେଇ ନିଶାମୁକ୍ତ ତଥା ସୁସ୍ଥ ସମାଜ ଗଠନ ପାଇଁ ପ୍ରୟାସ କରିବାକୁ ସେ ପରାମର୍ଶ ଦେଇଥିଲେ।ବିଧାୟକ ଙ୍କ କାର୍ଯ୍ୟକାଳ ମଧ୍ୟରେ ହୋଇଥିବା ବିକାଶର ଚିତ୍ର ସେ ଉପସ୍ଥାପିତ କରିଥିଲେ। କାର୍ଯ୍ୟକ୍ରମ ରେ ଆଖ ପାଖ ଅଞ୍ଚଳରୁ ଶହେରୁ ଉର୍ଦ୍ଧ ବରିଷ୍ଠ ନାଗରିକ ଓ ଅବସପ୍ରାପ୍ତ କର୍ମଚାରୀ ମାନଙ୍କୁ ବିଧାୟକ ଡ଼ ଢ଼ାଲି ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।ଏହି ସମାବେଶ ରେ ଶତାଧିକ ବରିଷ୍ଠ ନାଗରିକ ଙ୍କ ସହିତ ଗଣମାଧ୍ୟମ ପ୍ରତିନିଧି ମାନେ ଯୋଗ ଦେଇଥିଲେ।

# ଦୁର୍ଘଟଣାରେ ମହିଳା ଗୁରୁତର, ଉତ୍ୟକ୍ତ ଲୋକେ ବାଇକ୍ ଜାଳିଦେଲେ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ଆଜି ମଧ୍ୟାହ୍ନରେ ନିଶ୍ଚିନ୍ତକୋଇଲି ଥାନା ବୁହାଲୋ ଗୋଲଡେନ କ୍ଲବ ନିକଟରେ ଦୁଇଟି ବାଇକ୍ ମଧ୍ୟରେ ଧକ୍କା ହେବା ଯୋଗୁ ଜଣେ ମହିଳା ଗୁରୁତର ଭାବେ ଆହତ ହୋଇଛନ୍ତି। ଆହତ ମହିଳାଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଉତ୍ୟକ୍ତ ଲୋକେ ଦୁର୍ଘଟଣା ଘଟାଇଥିବା ଗୋଟିଏ ବାଇକ୍ କୁ ନିଆଁ ଲଗାଇ ପୋଡି ଦେଇଥିବାର ଜଣାଯାଇଛି। ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ଆଜି ମଧ୍ୟାହ୍ନରେ ବୁହାଲୋ ଗ୍ରାମର ମନୋରଞ୍ଜନ ଦାସଙ୍କ ପୁତ୍ର କାହ୍ନା ରଞ୍ଜନ ଦାସ(୨୫) ଏକ ବାଇକ୍ ନଂ ଓଡି ୦୫ ଏଡି ୯୧୦୮ ଯୋଗେ ସ୍ଥାନୀୟ ରାଣୀ ବଜାରକୁ ଯାଉଥିଲେ। ଏହି ସମୟରେ ସ୍ଥାନୀୟ ବୁହାଲୋ ଗ୍ରାମର ନାରାୟଣ ମଲିକଙ୍କ ପତ୍ନୀ କବିତା ମଲିକ ଚାଲିଚାଲି ଯାଉଥିଲେ। ଏହି ସମୟରେ କାହ୍ନା ବାଇକ୍ ଚାଳନା କରି ଯାଉଥିଲା ବେଳେ ତାଙ୍କ ପଛରୁ ସ୍ଥାନୀୟ ଗ୍ରାମର ସନ୍ତୋଷ ଦାସ ମଧ୍ୟ ଦ୍ରୁତ ଗତିରେ ବାଇକ୍ ଚାଳନା କରି ଯାଉଥିଲେ। ସନ୍ତୋଷ ଦାସ ବେପରୁଆ ଭାବେ ଗାଡି ଚାଳନା କରି ଯାଉଥିଲା ବେଳେ ଏହି ଗାଡିଟି କାହ୍ନା ଦାସଙ୍କ ଗାଡିକୁ ଧକ୍କା ଦେଇଥିଲା। କାହ୍ନା ଦାସଙ୍କ ଗାଡି ଭାରସାମ୍ୟ ହରାଇ କବିତାଙ୍କୁ ଧକ୍କା ଦେଇଥିଲା। କବିତା ଗୁରୁତର ଭାବେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ କବିତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଅପରପକ୍ଷରେ ଦୁର୍ଘଟଣା ଘଟାଇଥିବା କାହ୍ନାକୁ ସ୍ଥାନୀୟ ଉତ୍ୟକ୍ତ ଲୋକେ ଉତମ ମଧ୍ୟମ ଦେବା ସହ କାହ୍ନାର ବାଇକ୍ କୁ ନିଆଁ ଲଗାଇ ପୋଡି ଦେଇଥିଲେ। ଖବର ପାଇ ନିଶ୍ଚିନ୍ତକୋଇଲି ଦମକଳ ବାହିନୀ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଂଚିଲା ବେଳକୁ ବାଇକଟି ସମ୍ପୂର୍ଣ୍ଣ ପୋଡି ଯାଇଥିଲା। ସୂଚନା ପାଇ ନିଶ୍ଚିନ୍ତକୋଇଲି ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ପୋଡି ଦିଆଯାଇଥିବା ବାଇକଟିକୁ ଉଦ୍ଧାର କରି ଥାନାରେ ରଖିଛନ୍ତି। ତେବେ ରିପୋର୍ଟ ଲେଖାହେଲା ବେଳକୁ ଏସମ୍ପର୍କରେ ଥାନାରେ କୌଣସି ଅଭିଯୋଗ କରାଯାଇନଥିବାର ଥାନା ଆଇଆଇସି ଚିନ୍ମୟୀ ସାହୁ ଙ୍କ ସୂତ୍ରରୁ ପ୍ରକାଶ। ତେବେ ଏହି ଘଟଣାକୁ କେନ୍ଦ୍ର କରି ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କ ପାଇଁ ସାମାଜିକ ସମୀକ୍ଷା

ଖଇରପୁଟ, (ଭାସ୍କର ନ୍ୟୁଜ୍): ମାଲକାନଗିରି ପୌର ପରିଷଦରେ ଆଜି ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ହିତାଧିକାରୀଙ୍କ ପାଇଁ ଏକ ସାମାଜିକ ସମୀକ୍ଷାର ଆୟୋଜିତ ହୋଇଯାଇଛି। ଏହି ସାମାଜିକ ସମୀକ୍ଷା କାର୍ଯକ୍ରମରେ ପୌରପରିଷଦର ଅଧକ୍ଷ ମନୋଜ କୁମାର ବାରିକ ଅଧକ୍ଷତା କରିଥିବା ବେଳେ ଉପାଧକ୍ଷ୍ୟା କବିତା ମାହୁନ୍ତ, କାର୍ଯ୍ୟନିର୍ବାହୀ ଅଧିକାରୀ କାହ୍ନୁଚରଣ ପଟ୍ଟନାୟକ, ଲାଇଫ ଏକାଡ଼େମୀ ଅଫ ଭୋକେସନାଲ ଷ୍ଟଡ଼ିଜର କର୍ମକର୍ତ୍ତା ମୁରଲୀଧର ବରାଡ଼ ଏହି କର୍ମଶାଳାରେ ଉପସ୍ଥିତ ଥିଲେ। ଏହି ଅବସରରେ ନଥିପତ୍ର ସମୀକ୍ଷା, ଗୋଷ୍ଠୀଗତ ଆଲୋଚନା, ସୁଗଭୀର ସାକ୍ଷାତକାର, ମୁଖ୍ୟ ସୂଚନା ସାକ୍ଷାତକାର, ଜନ ଶୁଣାଣି ଭଳି ପାଞ୍ଚ ଗୋଟି ଉପ କମିଟି ଗଠନ କରାଯାଇ, ସାମାଜିକ ସମୀକ୍ଷା କରାଯିବ ବୋଲି ସୂଚନା ଦିଆଯାଇଛି । ଆଗାମୀ ଦିନରେ ଏହି ଯୋଜନାର ଜନ ଶୁଣାଣି କରାଯିବ ଓ ଡିପିଆର, କେସ ରେକର୍ଡର ଅବିକଳ ନକଲ ଗ୍ୟାପ ଅନାଲିସିସ କରାଯାଇ କାର୍ମଶାଳା ସମାପ୍ତି କରାଯିବ ବୋଲି ସୂଚନ ଦିଆଯାଇଛି। ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ଯୋଜନାର ଯେଇ ଶୁଭକାନ୍ତ ଜେନା, ଯେଇ କରଣ ବୁରୁଦା, ଏସଡ଼ିଏ ସଭାପତି କେ.ରାହୁଲ ପ୍ରମୁଖଙ୍କ ସହ ସମସ୍ତ ଓ୍ୱାର୍ଡ ପରିଷଦର ସଭ୍ୟ/ସଭ୍ୟା, ହିତାଧିକାରୀ, ପରିଷଦର କର୍ମଚାରୀ, ବିଭିନ୍ନ ଓ୍ୱାର୍ଡରୁ ଆସିଥିବା ବାସିନ୍ଦା ମାନେ ଉପସ୍ଥିତ ଥିଲେ ।

## ମାଳିଙ୍କ ମୃତ୍ୟୁ ଘଟଣା: କାରଣ ଖୋଜୁଛି ପୋଲିସ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ସହରର ନୂଆ ପୋଖରୀରୁ ପାର୍କ ମାଳିଙ୍କ ମୃତଦେହ ପାଖ ପୋଖରୀରୁ ଠାବ ହୋଇଛି। ତାଙ୍କୁ ଉଦ୍ଧାର କରି ଢେଙ୍କାନାଳ ମୁଖ୍ୟ ଡକ୍ଟରଖାନାରେ ଭର୍ତ୍ତି କରାଯାଇଛି। ମୃତ ମାଳି ଜଣଙ୍କ ମାନସ ଦେହୁରୀ ଓ ସେ ପୌର କର୍ମଚାରୀ ବୋଲି ଜଣାପଡିଛି। ମୃତ ମାନସଙ୍କ ଘର ଗଁଦିଆ ଥାନା ବିଧାରପୁର ଅଂଚଳରେ। ସେ ଦୀର୍ଘ ବର୍ଷ ଧରି ଢେଙ୍କାନାଳ ପୌରସଂସ୍ଥାର ଗାନ୍ଧୀ ମନ୍ଦିର ରୋଡ ସ୍ଥିତ ନେହେରୁ ପାର୍କରେ ମାଳି ଭାବେ କାର୍ଯ୍ୟ କରନ୍ତି।ସେ ନେହେରୁ ପାର୍କରେ ପରିବାର ସହ ରୁହନ୍ତି। ତେବେ ଆଜି ଅପରାହ୍ନରେ ପୋଖରୀରୁ ବନିଶି ମାଧ୍ୟମରେ ମାଛ ଧରିବାକୁ ଯାଇଥିଲେ । ମାତ୍ର ସେ ଘରକୁ ନଫେରିବାରୁ ପରିବାର ଲୋକେ ଖୋଜିଥିଲେ। ପରେ ତାଙ୍କୁ ପୋଖରୀ ପାଣିରୁ ଉଦ୍ଧାର କରି ଢେଙ୍କାନାଳ ମୁଖ୍ୟ ଡକ୍ଟରଖାନାରେ ଭର୍ତ୍ତି କରିଥିଲେ । ତେବେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିବା ଜଣାପଡ଼ିଛି। ମୃତ୍ୟୁର ସଠିକ କାରଣ କଣ ଜଣ ପଡ଼ିନାହିଁ। ଟାଉନ ପୁଲିସ ମୃତଦେହ ବ୍ୟବଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି।

## ଅଡସପୁରରେ ବିକ୍ରି ହେଉଛି ନାମୀ ଦାମୀ କମ୍ପାନୀର ନକଲି ସିମେଣ୍ଟ

ନିଆଳୀ, (ଭାସ୍କର ନ୍ୟୁଜ୍): ଅଡସପୁର ବଜାରରେ ଛତୁ ଫୁଟିଲା ଭଳି ଖୋଲିଛି ସିମେଣ୍ଟ, ରଡ ଓ ଗୋଡି ଦୋକାନ, କିନ୍ତୁ ଜଣେ ପୁରୁଣା ଦୋକାନୀ ବହୁ ନାମୀ ଦାମୀ କମ୍ପାନୀର ଡିଲରସିପ ଆଣି ବହୁ ନାମୀ ଦାମୀ କମ୍ପାନୀର ନକଲୀ ସିମେଣ୍ଟ ଆଣି କିଛି ସ୍ଥାନୀୟ ବେପାରୀଙ୍କ ସହାୟତାରେ ବିକ୍ରୀ କରୁଛନ୍ତି। ଏ ପରି କି ସରକାରୀ କାମରେ ଏହି ସିମେଣ୍ଟକୁ ବ୍ୟବହାର କରାଯାଉଛି। ଯାହା ଫଳରେ କି ସାଧାରଣ ଲୋକେ ସିମେଣ୍ଟ ଚିହ୍ନିବା କଷ୍ଟକର ହୋଇ ପଡୁଛି। ଏହି ବେପାରୀ ଜଣକ ଲକ୍ଷାଧିକ ଟଙ୍କା ଟିକସ ଫାଙ୍କି କୋଟି କୋଟି ଟଙ୍କା ଆୟକରି ନିଜେ ଅମାପ ସମ୍ପତିର ଅଧିକାରୀ ହୋଇଛନ୍ତି। ଏ ପରିକି ସିମେଣ୍ଟ ନେଉଥିବା ବେପାରୀ ମାନେ ଅସଲି କି ନକଲି ସିମେଣ୍ଟ ଚିହ୍ନି ପାରୁ ନଥିବା ବେଳେ ସେମାନେ ମଧ୍ୟ ଧୋକା ଖାଉଛନ୍ତି। ସଂପୃକ୍ତ ଦୋକାନୀ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣ ଲୋକେ ଦାବି କରୁଛନ୍ତି।

## ଡିଏଭି ପବ୍ଲିକ୍ ସ୍କୁଲ ଛାତ୍ରଛାତ୍ରୀଙ୍କ ସଫଳତା

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ଚଳିତ ଦଶମ ପରୀକ୍ଷା ରେ ଭଂଜନଗର ସ୍ଥିତ ଡିଏଭି ପବ୍ଲିକ ସ୍କୁଲ ଛାତ୍ରଛାତ୍ରୀଙ୍କ ସଫଳତା । ଏହାକୁ ନେଇ ଛାତ୍ର ଛାତ୍ରୀ ଏବଂ ଶିକ୍ଷକଙ୍କ ମହଲରେ ଖୁସି ପ୍ରକାଶ ପାଇଛି । ଏହି ପରୀକ୍ଷା ରେ ଶିକ୍ଷାନୁଷ୍ଠାନ ର ଛାତ୍ରୀ ସିମରନ୍ ପଟ୍ଟନାୟକ ୯୪.୮ ପ୍ରତିଶତ ନମ୍ବର ରଖି ପ୍ରଥମ ହୋଇଥିବା ବେଳେ ୯୪.୪ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ରେ ରହିଛନ୍ତି ଛାତ୍ରୀ ପି.ଶ୍ରୀୟା ପାତ୍ର, ଆୟୁଷ୍ମାନ ମହାରଣା ୯୩.୬ ପ୍ରତିଶତ ରଖି ତୃତୀୟ ସ୍ଥାନ ରେ ଏବଂ ପ୍ରିତମ୍ ପ୍ରଧାନ ୯୧.୨ ପ୍ରତିଶତ ନମ୍ବର ମାର୍କ ରଖି ଚତୁର୍ଥ ସ୍ଥାନରେ ରହିଛନ୍ତି । ଏନେଇ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ବାସୁଦେବ ପାଣିଗ୍ରାହୀ, ଅଧକ୍ଷ ଅମରନାଥ ରଥ, ଅନୁଷ୍ଠାନର ତ୍ରୈଲୋକ୍ୟ ପଣ୍ଡା ଙ୍କ ସମେତ ସମସ୍ତ ଶିକ୍ଷକ, ଛାତ୍ରଛାତ୍ରୀ, ପରିଚାଳନା କମିଟି ଓ ଅଭିଭାବକ ମହଲରେ ଖୁସି ପ୍ରକାଶ ପାଇଛି।

## ଜଗନ୍ନାଥ ନୂତନ ମନ୍ଦିର ପ୍ରତିଷ୍ଠା ନେଇ ପ୍ରସ୍ତୁତି ବୈଠକ

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): ଲକ୍ଷ୍ମୀପୁର ପୁରୁଣା ବଜାର ଠାରେ ନିର୍ମାଣ ହୋଇଥିବା ନୂତନ ଜଗନ୍ନାଥ ମନ୍ଦିର ଚଳିତ ମାସ ୨୫ ତାରିଖରେ ପ୍ରତିଷ୍ଠା ହେବାକୁ ଜାଉଛି।ଏନେଇ ଏକ ପ୍ରସ୍ତୁତି ବୈଠକ ଆଜି ଅପରାହ୍ନରେ ସ୍ଥାନିୟ ପୁର୍ତ୍ତ ବିଭାଗ ବଙ୍ଗଳା ଠାରେ ଅନୁଷ୍ଠିତ ହୋଇ ଜାଇଛି।ଏହି ବୈଠକରେ ବିଡିଓ ପ୍ରିତୀରଞ୍ଜନ ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ,ସମାନିତ ଅତିଥି ଭାବେ ଥାନା ଅଧିକାରି ଶ୍ୱେତ ପଦ୍ମା ସେଠ,ଅତିରିକ୍ତ ତହସିଲଦାର୍ ମାଧବ ଭତ୍ରା,ରାସ୍ତା ଓ ଗୃହ ନିର୍ମାଣ ବିଭାଗର କନିଷ୍ଠ ଯନ୍ତ୍ରୀ ରମେସ ନାୟକ,ଆରଆଇ ଗୁପ୍ତ ପ୍ରସାଦ ନାୟକ ଯୋଗ ଦେଇଥିଲେ।କିପରି ୪ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ପ୍ରତିଷ୍ଠା ଉତ୍ସବ ସାନ୍ତି ଶୃଙ୍ଖଳା ସହ ସମ୍ପନ୍ନ ହେବ ଉକ୍ତ ବିସୟ ନେଇ ଅତିଥି ମାନେ ନିଜନିଜ ମତାମତ ପରି ପ୍ରକାସ କରିଥିଲେ।୧୯୯୫ ମସିହାରୁ ଏକ ଅସ୍ଥାଇ ଘରେ ତିନି ଠାକୁର ଆଜି ପର୍ଯ୍ୟନ୍ତ ପୂଜା ପାଇ ଆସୁଛନ୍ତି।ଦିର୍ଘ ୨୮ ବର୍ଷ ପରେ ବହୁ ବାଧା ବିଘ୍ନର ସାମ୍ନା କରି ଆଜି ନୂତନ ମନ୍ଦିରଟି ନିର୍ମାଣ ହୋଇ ପାରିଚି।କୌଣସି ଅନୁଦାନ ନୁହଁ ଲୋକଙ୍କ ଦାନ ଦକ୍ଷୀଣା ପାଇଁ ଆଜି ଅସ୍ଥାଇ ଘରୁ ନୂତନ ମନ୍ଦିରରେ ତିନି ଠାକୁର ପ୍ରବେଶ କରିବାକୁ ଜାଉଛନ୍ତି।ଜାହାକି ଅଞ୍ଚଳ ପାଇଁ ସବୁଠୁ ବଡ ଖୁସି କହିଲେ ଅତ୍ୟୁକ୍ତି ହେବ ନାହିଁ।ସମସ୍ତିଙ୍କ ପ୍ରଚେଷ୍ଟାର ଫଳକୁ ବୈଠକରେ ଉପସ୍ଥିତ ଭଦ୍ର ମଣ୍ଡଳି ଧନ୍ୟବାଦ ଅର୍ପଣ କରିଛନ୍ତି।ଆଜିର ଏଇ ବୈଠକରେ ମନ୍ଦିର କମିଟି ସଭାପତି ଦିନ ବନ୍ଧୁ ସାହୁ,ସମ୍ପାଦକ ଅଭିମନ୍ୟୁ ସାହୁ,କୋଷାଧକ୍ଷ ହୃଷିକେଶ ସାହୁ,ଡ.ଦେବାସ ଚନ୍ଦ୍ର ବେହେରା,ହରେ କୃଷ୍ଣ ସାହୁ,ଦେବେନ୍ଦ୍ର ନାଥ ସାହୁ,ବିସୁ ସାହୁ,ବରିଷ୍ଠ ନାଗରିକ ମୋହନ ଗରଡା,ମାଧବ କର୍କରା, ଭି.ନାଗରାଜୁ,ଇନ୍ଦ୍ର ସାହୁଙ୍କ ସମେତ ବହୁ ସଂଖ୍ୟାରେ ଅଞ୍ଚଳର ମାନ୍ୟ ଗନ୍ୟ ବ୍ୟକ୍ତି ମାନେ ଏହି ବୈଠକରେ ଉପସ୍ଥିତ ରହି ନିଜନିଜ ସୁଚିନ୍ତିତ ମତାମତ ପ୍ରକାସ କରିଥିଲା ବେଳେ ଗୋଲକ ଚନ୍ଦ୍ର ଲେଙ୍କା ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଷଷ୍ଠ ତମ ତିହାର ମହୋତ୍ସବ-୨୦୨୩ ଉଦ୍‌ଯାପିତ
# ମନମୋହିଲା ଚୁଟକୁଚୁଟା ଓ ଭାଇ ଜିଉଁନ୍ତିଆ ନୃତ୍ୟ



କନ୍ଧମାଲ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା କଣ୍ଟାମାଲ ବ୍ଲକ ସିମିଳିପଦର-ପତ୍ରାପାଲି ଗାଁ ର ଶଙ୍ଖନାଦ ସାଂସ୍କୃତିକ ଅନୁଷ୍ଠାନ ଅନୁକୁଲ୍ୟରେ ୨ ଦିନ ଧରି ଚାଲିଥିବା 'ତିହାର ମହୋତ୍ସବ-୨୦୨୩' ଆଜି ଉଦଯାପିତ ହୋଇଯାଇଛି !ଉଦଯାପନୀ ଦିବସରେ ଅନୁଷ୍ଠାନ ର ସଭାପତି ପ୍ରଫୁଲ୍ଲ କୁମାର ପ୍ରଧାନ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ସାଧାରଣ ସଭାରେ କଣ୍ଟାମାଲ ବିଧାୟକ ମହୀଧର ରଣା ମୁଖ୍ୟ ଅତିଥିଭାବେ ଯୋଗଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ନାଟ୍ୟକାର ହରିହର ପ୍ରଧାନ ,ସମ୍ମାନିତ ଅତିଥିଭାବେ ରାଜ୍ୟ ବୟନିକା ଅଧକ୍ଷ ପ୍ରକାଶ ଚନ୍ଦ୍ର ମେହେର ,ବରିଷ୍ଠ ଆଇନଜୀବୀ ରାଧାବଲ୍ଲଭ ପ୍ରଧାନ ,ବିଜେଡି ନେତା ସୁଧୀର କୁମାର ମହାକୁଡ଼ ,ଓଡିଶା କ୍ରିକେଟ ଆସୋସିଏସନ ର ସଦସ୍ୟ ପଠାନ ପଣ୍ଡା ,ସ୍ଥାନୀୟ ସରପଂଚ ସାରଦୁଲ ନାଗ ,ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ଯାନୀ ସେନାପତି ଓ ସମାଜସେବୀ ଶିତିକଣ୍ଠ ମିଶ୍ର ଓ ବିଦିତ ପ୍ରଧାନ ଯୋଗଦେଇଥିଲେ। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ନରେନ୍ଦ୍ର ଖେତୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ନାଟ୍ୟକାର ଲକ୍ଷଣ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଶିଷ୍ଟ କଣ୍ଠଶିଳ୍ପୀ ପୁରନ୍ଦର ଠେଲା ଓ ବ୍ରହ୍ମା କୁମ୍ଭାର ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଗତି ଅନୁଷ୍ଠାନ କଣ୍ଟାମାଲ ର କଳାକାର ମାନଙ୍କ ଦ୍ୱାରା ପଂଚରଶି,ଡାଲଖାଇ,ଓ ଢୋଲ ମହୁରୀ କଳାପରିଷଦ ବଲାଙ୍ଗୀର ର କଳାକାର ମାନଙ୍କ ଦ୍ୱାରା ପରିବେଷିତ ଭାଇ ଜିଉଁନ୍ତିଆ ଓ ଚୁଟକୁଚୁଟା ନୃତ୍ୟ କୁ ମଧରାତ୍ର ପର୍ଯ୍ୟନ୍ତ ଦର୍ଶକଙ୍କୁ ବାନ୍ଧି ରଖିବାକୁ ସକ୍ଷମ ହୋଇଥିଲା। ଦୁଇଦିନ ଧରି ଚାଲିଥିବା ଏହି ମହୋତ୍ସବ କୁ ସଫଳ କରିବାରେ ଅନୁଷ୍ଠାନ ର ସମ୍ପାଦକ ସୁମନ୍ତ କୁମାର ମିଶ୍ର ,ସଦସ୍ୟ ସୁଶାନ୍ତ ମିଶ୍ର ସୁବୋଧ ଖେତୀ ,ଗଣେଶ ବାରିକ ,ବିଶ୍ୱନାଥ ମହାପାତ୍ର ,ସତ୍ୟ ପଲିଆ ,ଶ୍ରବଣ ଖେତୀ, ବୁଧୁରମ ଖେତୀ, ବିଜୟ ଗହୀର, ଚିତ୍ତରଞ୍ଜନ ଖେତୀ, ରଶ୍ମିରଂଜନ ଖେତୀ, ସଚ୍ଚି ମେଁଡିଲି, ସତ୍ୟ ଛତ୍ରିଆ, ଅଜିତ କୁମାର ବସ୍ତିଆ, ଶୈଳେନ୍ଦ୍ର ବସ୍ତିଆ ,ସଶାଙ୍କ ଖେତୀଙ୍କ ସମେତ ଉଭୟ ସିମିଳିପଦର ଓ ପତ୍ରାପାଲି ଗ୍ରାମବାସୀ ସହଯୋଗ କରିଥିଲେ।



କଟକ(ଭାସ୍କର ନ୍ୟୁଜ୍): ସିଡ଼ିଏ, ସେକ୍ଟର-୬, ୱାର୍ଡ ନଂ ୬ସ୍ଥିତ 'ସିଡ଼ିଏ ୟୁଥ ଉଇଙ୍ଗ' ପକ୍ଷରୁ ଅୟୋଜିତ ବୃକ୍ଷରୋଣ ସଂଗଠନର ସମ୍ପାଦକ ସନ୍ଦିପ ବିଶ୍ୱାଳଙ୍କ ଅଧକ୍ଷତାରେ ଉପସ୍ଥିତ ମର୍କତ ନଗର ଆବାସିକ ସଂଘ' ସେକ୍ଟର-୬ର ସଭାପତି ଆଇନଜିବୀ ଦୟାନିଧି ଲେଙ୍କା, ଉପସଭାପତି ପ୍ରଫୁଲ୍ଲ କୁମାର ଆଚାର୍ଯ୍ୟ, ସମ୍ପାଦକ ମାନଓ ରଞ୍ଜନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ବଙ୍କିମ ଚନ୍ଦ୍ର ମହାନ୍ତି, କୋଷାଧ୍ୟକ୍ଷ ଇଂ. ନିଶାକର ଦାଶ, ୬ନଂ ୱାର୍ଡ଼ର ପୂର୍ବତନ କର୍ପୋରେଟର ସଂଯୁକ୍ତା ସାହୁ ଓ 'ଲିସା'ର ଆବାହକ ଆଇନଜୀବୀ ଗଦାଧର ସାହୁ ଅତିଥିରୂପେ ଯୋଗଦେଇ ବୃକ୍ଷରୋପଣ କରିବା ସହ ସିଡ଼ିଏ ୟୁଥ ଉଇଙ୍ଗ ପକ୍ଷରୁ ଆୟୋଜିତ ଜନହୀତକର କାର୍ଯ୍ୟର ଭୂୟସୀ ପ୍ରଶଂସା କରିବା ସହ ସୁସ୍ଥ ଜୀବନ ଯାପନ ପାଇଁ ବୃକ୍ଷରୋପଣର ଆବଶ୍ୟକତା ରହିଛି ବୋଲି ଉପସ୍ଥିତ ଅତିଥିଭାବେ ମତପ୍ରକାଶ କରିଥିଲେ । ଏଥିରେ ସଂଗଠନର ସଭାପତି ଅମିତ ଦେ, ଉପ ସଭାପତି ରୋଶନ ସାହୁ, ଯୁଗ୍ମ ସମ୍ପାଦକ ସୁଧାଂଶୁ ଶେଖର, କୋଷାଧକ୍ଷ ବିବେକ ପଟ୍ଟନାୟକଙ୍କ ସହ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ବୃକ୍ଷରୋପଣରେ ସହଯୋଗ କରିଥିଲେ ।



# ପକ୍ଷୀଙ୍କ ତୃଷ୍ଣା ମେଣ୍ଟାଇବାକୁ ନିଆରା ପ୍ରୟାସ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଧୂ ଧୂ ଖରାରେ ଡ଼ହଳ ବିକଳ ଜନଜୀବନ । ବର୍ତ୍ତମାନ ପାରଦ ୪୦ ଉପରେ ରହୁଥିବା ବେଳେ ଘରୁ ବାହାରିବା ମୁସ୍କିଲ୍ ହୋଇପଡ଼ିଛି । ସାଧାରଣତଃ ଏ ଗ୍ରୀଷ୍ମ ସମୟରେ ପଶୁପକ୍ଷୀ ଅଧିକ ସମସ୍ୟାରେ ପଡ଼ିଥାନ୍ତି । ପିଇବା ପାଇଁ ଟୋପେ ପାଣି ପାଆନ୍ତି ନାହିଁ । କଥା କହି ପାରୁନଥିବା ନିରୀହ ପକ୍ଷୀମାନଙ୍କ ପାଇଁ ସୁଖ ଦୁଃଖର ସାଥି ପାଲଟି ଯାଇଛନ୍ତି ପରିବେଶବିତ୍ ତଥା ପକ୍ଷୀପ୍ରେମୀ ସୁଶାନ୍ତ ସାହୁ । ସେମାନଙ୍କ ଜୀବନ ବଞ୍ଚାଇବାକୁ ପକ୍ଷୀମାନଙ୍କ ପାଇଁ ପାଣି ପାତ୍ର ତିଆରି କରିବାର ପଣ ଆପଣେଇ ନେଇଛନ୍ତି । ସ୍ଥାନୀୟ ଅଞ୍ଚଳରେ ରହୁଥିବା କୁନି କୁନି ପିଲା ଓ କିଛି ସାମାଜିକକର୍ମୀ ଏ କାର୍ଯ୍ୟରେ ସ୍ୱତଃପ୍ରବୃତ୍ତି ନିଜକୁ ସାମିଲ୍ କରିଛନ୍ତି । ଅଦରକାରୀ ପ୍ଲାଷ୍ଟିକ୍ ବୋତଲ, ସଡ଼େଇ ଇତ୍ୟାଦିକୁ ବ୍ୟବହାର କରି ପକ୍ଷୀମାନଙ୍କ ଲାଗି ସୁନ୍ଦର ସୁନ୍ଦର ପାଣି ଓ ଖାଦ୍ୟ ପାତ୍ର ତିଆରି କରି ଚାଲିଛନ୍ତି । ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବଢ଼ି ଚାଲିଥିବା ବେଳେ ଗଛ ଡ଼ାଳରେ କିଚିରି ମିଚିରି ହେଉଥିବା ପକ୍ଷୀମାନଙ୍କ ପାଇଁ ନିଃସ୍ୱାର୍ଥପର ଭାବେ ସୁଶାନ୍ତ ଦୈନନ୍ଦିନ ଚାଉଳ, ଗହମ ଓ ଅନ୍ୟାନ୍ୟ ଶୁଖିଲା ଖାଦ୍ୟ ଗଛ ଡ଼ାଳରେ ପାତ୍ର ବାନ୍ଧି ପକ୍ଷୀମାନଙ୍କ ତୃଷ୍ଣା ଓ ଭୋକ ମେଣ୍ଟାଇବା ପାଇଁ ଘର ପାଖ ଗଛ ଓ ଛାତ ଉପରେ ବାନ୍ଧିଛନ୍ତି ଖାଦ୍ୟ ଓ ପାନୀୟ ଜଳ । ତାଙ୍କୁ ଏ କାର୍ଯ୍ୟରେ ସହଯୋଗ କରୁଛନ୍ତି ପତ୍ନୀ ଅନସୂୟା, ପୁଅ ଶାନ୍ତନୁ, ସାମାଜିକ କର୍ମୀ ତ୍ରିଲୋଚନ ବେଉରା, ବାପିନା ନାୟକ ଏବଂ ପ୍ରିୟବ୍ରତ ପଣ୍ଡା । ଏଭଳି ନିଆରା କାର୍ଯ୍ୟକୁ ସାଧାରଣରେ ବେଶ୍ ପ୍ରଶଂସା କରାଯାଇଛି ।

# 'ସଷ୍ଟେନ: ଦ କ୍ରାଫ୍ଟ ଇଡିଅମ୍' ଶୀର୍ଷକ ପ୍ରଦର୍ଶନୀ ଉଦ୍‌ଘାଟିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱରରେ ଜି-୨୦ ସଂସ୍କୃତି କାର୍ଯ୍ୟଗୋଷ୍ଠୀ ବୈଠକ ଅବସରରେ 'ସଷ୍ଟେନ : ଦ କ୍ରାଫ୍ଟ ଇଡିଅମ୍' ଶୀର୍ଷକ ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦଘାଟନ କରିଛନ୍ତି । ଭୁବନେଶ୍ୱରସ୍ଥିତ କଳା ଭୂମି ପରିସରରେ ଆୟୋଜିତ ଏହି ପ୍ରଦର୍ଶନୀର ଉଦଘାଟନୀ ସମାରୋହରେ କେନ୍ଦ୍ର ସଂସ୍କୃତି, ପର୍ଯ୍ୟଟନ ଓ ଡୋନର ମନ୍ତ୍ରୀ ଜି. କିଷନ ରେଡ୍ଡୀ ଏବଂ ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଉପସ୍ଥିତ ଥିଲେ। ଜି୨୦ ସଂସ୍କୃତି କାର୍ଯ୍ୟଗୋଷ୍ଠୀର ଦ୍ୱିତୀୟ ବୈଠକର ଅଂଶବିଶେଷ ସ୍ୱରୂପ 'ସଷ୍ଟେନ : ଦ କ୍ରାଫ୍ଟ ଇଡିଅମ୍' ଶୀର୍ଷକ ପ୍ରଦର୍ଶନୀ ଭୁବନେଶ୍ୱରସ୍ଥିତ ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ-କଳାଭୂମି ପରିସରରେ ଆୟୋଜନ କରାଯାଉଛି । ସଂସ୍କୃତି କାର୍ଯ୍ୟଗୋଷ୍ଠୀ ଦ୍ୱାରା ଗ୍ରହଣ କରାଯାଇଥିବା ଦ୍ୱିତୀୟ ପ୍ରାଥମିକତା 'ଏକ ଦୀର୍ଘସ୍ଥାୟୀ ଭବିଷ୍ୟତ ପାଇଁ ଜୀବନ୍ତ ଐତିହ୍ୟର ଉପଯୋଗ' ବିଷୟବସ୍ତୁକୁ ଆଧାର କରି ଏହି ପ୍ରଦର୍ଶନୀ ଆୟୋଜନ କରାଯାଉଛି । ଆସନ୍ତାକାଲି ଠାରୁ ୨୨ ତାରିଖ ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ସାଧାରଣ ଜନତାଙ୍କ ପାଇଁ ଖୋଲା ରହିବ । ଜି-୨୦ ସଦସ୍ୟ ରାଷ୍ଟ୍ର, ଅନ୍ତର୍ଜାତୀୟ ସଂଗଠନର ପ୍ରତିନିଧିମାନେ ପ୍ରଦର୍ଶନୀ ବୁଲି ଦେଖିଥିଲେ ଏବଂ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା ଶିଳ୍ପୀମାନଙ୍କ ସହିତ ମତ ବିନିମୟ କରିଥିଲେ । ସେମାନେ ମଧ୍ୟ କାରିଗରମାନଙ୍କ ଠାରୁ ବିଭିନ୍ନ ହସ୍ତକଳାର ତିଆରି ପଦ୍ଧତିର ପ୍ରତ୍ୟକ୍ଷ ଭାବେ ଦେଖିବା ଓ ଅନୁଭୂତି ହାସଲ କରିଥିଲେ।

# ଅନୁଭବ-ବର୍ଷା ମାମଲା

ପରିବାର ଅଦାଲତରେ ବର୍ଷାଙ୍କୁ ଜେରା

କଟକ(ଭାସ୍କର ନ୍ୟୁଜ୍): କଟକର ପରିବାର ଅଦାଲତରେ ଆଜି ଅନୁଭବ-ବର୍ଷା ଛାଡପତ୍ର ମାମଲାର ଶୁଣାଣି ହୋଇଯାଇଛି । ମାମଲାର ଶୁଣାଣିବେଳେ ଆଜି ପରିବାର ଅଦାଲତରେ ଉଭୟ ଅନୁଭବ ମହାନ୍ତି ଓ ବର୍ଷା ପ୍ରିୟଦର୍ଶିନୀ ହାଜର ହୋଇଥିଲେ । ଏହି ମାମଲାରେ ଆଜି ବର୍ଷାଙ୍କୁ ଜେରା କରାଯାଇଥିଲା । ଜେରା ଅସମ୍ପୂର୍ଣ୍ଣ ରହିଥିବାରୁ ଆସନ୍ତା ୧୬ ତାରିଖରେ ପୁଣି ଥରେ ବର୍ଷାଙ୍କୁ ଜେରା କରାଯିବ । ସୂଚନାଥାଉକି ବର୍ଷା-ଅନୁଭବ ଛାଡପତ୍ର ମାମଲା ଏବେ କଟକର ପରିବାର ଅଦାଲତରେ ବିଚାରଧିନ ରହିଛି । ଅନୁଭବ ବର୍ଷାଙ୍କ ବିରୋଧରେ ଦିଲ୍ଲୀର ପଟିଆଲା କୋର୍ଟରେ ମାମଲା ରୁଜୁ କରିଥିବାବେଳେ ଏହି ମାମଲା ବର୍ଷାଙ୍କ ଆବେଦନ ଆଧାରରେ କଟକର ପାରିବାରିକ ଅଦାଲତକୁ ସ୍ଥାନାନ୍ତର ହୋଇଥିଲା ।

## ଡାଲି ବ୍ୟବସାୟୀ ଫାରୁକ୍ ହତ୍ୟାକାଣ୍ଡ ମାମଲା

# ନିର୍ଦ୍ଦୋଷରେ ଖଲାସ ହେଲେ ଧଳସାମନ୍ତ ଭ୍ରାତା

କଟକ(ଭାସ୍କର ନ୍ୟୁଜ୍): ବହୁ ଚର୍ଚ୍ଚିତ ମାଲଗୋଦାମ ଡାଲି ବ୍ୟବସାୟୀ ଫାରୁକ୍ ଶେଖ୍ ହତ୍ୟା ଘଟଣାରେ ଆଜି ଧଳସାମନ୍ତ ଭ୍ରାତା କଟକ ଜିଲ୍ଲା କୋର୍ଟରେ ନିର୍ଦ୍ଦୋଶରେ ଖଲାସ ହୋଇଛନ୍ତି । ସେହିପରି ମାମଲାର ଅନ୍ୟତମ ଅଭିଯୁକ୍ତ ଆରିଫ୍ ଖାନ୍‌କୁ ମଧ୍ୟ କୋର୍ଟ ଉପଯୁକ୍ତ ପ୍ରମାଣ ଅଭାବରୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି । ଗତ ୨୦୧୪ ମସିହାରେ ମାଲଗୋଦାମର ଡାଲି ବ୍ୟବସାୟୀ ଫାରୁକ୍ ଶେଖ୍‌କୁ ହତ୍ୟା କରାଯାଇଥିଲା ବେଳେ ଏହି ଘଟଣାରେ ପୋଲିସ୍ ୮ ଜଣଙ୍କୁ ଗିରଫ କରିଥିଲା । ଏହି ମାମଲାରେ ପୋଲିସ୍ ଦୁଇଟି ପର୍ଯ୍ୟାୟରେ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା । ୨୦୧୮ ମସିହା ପୋଲିସ୍ ଏହି ମାମଲାରେ ସୁଶୀଲ୍ ଧଳସାମନ୍ତ, ସୁଶାନ୍ତ ଧଳସାମନ୍ତ, ଆରିଫ୍ ଖାନ୍ ପ୍ରମୁଖଙ୍କ ବିରୋଧରେ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା । ପରବର୍ତ୍ତୀ ସମୟରେ ଏହି ମାମଲାରେ କମିଶନରେଟ୍ ପୋଲିସ୍ ଦ୍ୱିତୀୟ ପର୍ଯ୍ୟାୟରେ ଅଭିଯୁକ୍ତ ଚନ୍ଦନ ବେହେରା, ଲଲନ୍ ଗୁପ୍ତା, ଦୀପକ୍ କୁମାର ନାୟକ, ରଞ୍ଜନ ବେହେରାଙ୍କ ନାମରେ କୋର୍ଟରେ ଅଭିଯୋଗଫର୍ଦ୍ଦ ଦାଖଲ କରିଥିଲା । କଟକର ଜିଲ୍ଲା ଓ ଦୌରାଜଜ୍‌ଙ୍କ ଅଦାଲତରେ ଏହି ମାମଲାର ଶୁଣାଣି ଚାଲିଥିଲା । କୋର୍ଟରେ ଏହି ମାମଲାରେ ଅନ୍ୟତମ ମୁଦାଲା ଆରିଫ୍ ଖାନ୍, ସୁଶୀଲ୍ ଧଳସାମନ୍ତ, ସୁଶାନ୍ତ ଧଳସାମନ୍ତଙ୍କ ଜମାନବନ୍ଦୀ ଗ୍ରହଣ କରାଯାଇ ଥିବାବେଳେ ମାମଲାର ତତ୍‌କାଳୀନ ତଦନ୍ତ ଅଧିକାରୀ ରବିନାରାୟଣ ଶତପଥୀଙ୍କୁ ମଧ୍ୟ ଜେରା କରାଯାଇଥିଲା । ଏହି ମାମଲାରେ ସମୁଦାୟ ୨୮ ଜଣଙ୍କର ସାକ୍ଷ୍ୟଗ୍ରହଣ କରାଯାଇଥିଲା । ସୂଚନାଥାଉକି ସଫେଇ ସଂସ୍ଥା ରାମ୍‌କୀଠାରୁ ଦାଦାବଟି ଆଦାୟ ମାମଲାରେ ଜେଏମ୍‌ଏଫ୍‌ସି କୋର୍ଟ ଧଳସାମନ୍ତ ଭ୍ରାତାଙ୍କୁ ଇତି ମଧ୍ୟରେ ନିର୍ଦ୍ଦୋଶରେ ଖଲାସ କରିଛନ୍ତି । ସଫେଇ ସଂସ୍ଥା ରାମ୍‌କୀଠାରୁ ଧଳସାମନ୍ତ ଭ୍ରାତା ମାସିକ ୨ ଲକ୍ଷ ଟଙ୍କାର ଦାଦାବଟି ଆଦାୟ କରୁଥିବା ନେଇ ବାଦାମବାଡି ଥାନାରେ ଅଭିଯୋଗ କରାଯାଇଥିଲା । ଏହି ମାମଲାରେ ବାଦାମବାଡି ପୋଲିସ୍ ଧଳସାମନ୍ତ ଭ୍ରାତାଙ୍କ ବିରୋଧରେ ଅଭିଯୋଗ ଆଧାରରେ ଏତଲା ରୁଜୁ କରିଥିଲା । ଏହା ପରେ କୋର୍ଟରେ ଉଭୟଙ୍କ ବିରୋଧରେ ମଧ୍ୟ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା ।

# ଓଡ଼ିଶା ମିଶନ ଶକ୍ତି କର୍ମଚାରୀ ସଂଘର କାର୍ଯ୍ୟକାରିଣୀ ବୈଠକ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅଲ୍ ଓଡ଼ିଶା ମିଶନ ଶକ୍ତି ବିଭାଗରେ କାର୍ଯ୍ୟରତ ବିଏମ୍‌ସି, ବିଏଲ୍‌ସି, ଏସ୍‌ଡିସି ଓ ଆକାଉଣ୍ଟାଣ୍ଟମାନଙ୍କୁ ନେଇ ଗଠନ ହୋଇଥିବା ଓଡ଼ିଶା ମିଶନଶକ୍ତି କର୍ମଚାରୀ ସଂଘର ଏକ ଜରୁରୀକାଳୀନ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଘର ସ୍ଥାୟୀ ସଭାପତି ତଥା ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ହୋଇଥିବା ବୈଠକରେ ସଂଘର ମୁଖ୍ୟ ଉପଦେଷ୍ଟା ସୁରେନ୍ଦ୍ର କୁମାର ସ୍ୱାଇଁ ଉପସ୍ଥିତ ଥିଲେ । ରାଜ୍ୟର ସବୁ ଜିଲ୍ଲାରୁ କାର୍ଯ୍ୟକର୍ତ୍ତା ଓ କାର୍ଯ୍ୟକାରୀ କମିଟି ସଦସ୍ୟ ଓ ସଦସ୍ୟାମାନେ ଯୋଗଦେଇଥିଲେ । ସରକାରଙ୍କ ସମସ୍ତ ଯୋଜନାଗୁଡ଼ିକୁ ଗ୍ରାମାଞ୍ଚଳରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କ ଭିତରେ ମିଶନ ଶକ୍ତି କର୍ମଚାରୀମାନଙ୍କର ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ ଓ ଆପଣମାନଙ୍କ ଦାବିଗୁଡ଼ିକ ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ । ଜୀବିକା ମିଶନ୍ ଆମ ରାଜ୍ୟରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି ଓ ମହିଳାମାନଙ୍କୁ କର୍ମସଂସ୍ଥାନ ଦେଇ ରାଜ୍ୟର ଅର୍ଥନୈତିକ ବିକାଶରେ ସେମାନଙ୍କୁ ଯୋଡ଼ିବାରେ ଲାଇଭ୍‌ଲିହୁଡ୍ ମିଶନ ଏହି କାର୍ଯ୍ୟ ଆରମ୍ଭ କରିଛି । ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ରାଜ୍ୟରେ ପ୍ରାୟ ୧ ହଜାର କର୍ମଚାରୀ ଭିନ୍ନଭିନ୍ନ ପଦବୀରେ ରହି ରାତିଦିନ କାର୍ଯ୍ୟ କରୁଥିବା ସତ୍ତ୍ୱେ ସେମାନେ ଠିକା କର୍ମଚାରୀ ଭାବେ ନିୟୋଜିତ ହୋଇଥିବାରୁ ସେମାନଙ୍କୁ ନିୟମିତ ନିଯୁକ୍ତି ସହ ଅନ୍ୟାନ୍ୟ ସମସ୍ତ ସରକାରୀ ସୁବିଧା ପାଇବା ପାଇଁ ଏମାନଙ୍କ ଦାବିଗୁଡ଼ିକ ସରକାରଙ୍କୁ ଜଣାଇବା ପାଇଁ ଆମ ଟ୍ରେଡ୍ ୟୁନିଅନ୍ ତରଫରୁ ସରକାରଙ୍କ ନିକଟରେ ଦାବି ଜଣାଇବୁ ବୋଲି କହିଛନ୍ତି ମିଶନ ଶକ୍ତି କର୍ମଚାରୀ ସଂଘର ସଭାପତି ତଥା ହିନ୍ଦ୍ ମଜଦୁର ସଭା ଓଡ଼ିଶାର ସାଧାରଣ ସମ୍ପାଦକ ପ୍ରଭାତ କୁମାର ତ୍ରିପାଠୀ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଧନଞ୍ଜୟ ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ସର୍ବଶ୍ରୀ ପ୍ରିୟଦର୍ଶୀ ଦାସ, ଉପସଭାପତି ମାନସ ଦାସ, ଦୀନେଶ ମହାରଣା, ଚାମିଲି ସାଠୁଆ, ମୋନାଲିସା ନାୟକ, ରତିକାନ୍ତ ପ୍ରଧାନ, ପଙ୍କଜ କୁମାର ବେହେରା, ଅକ୍ଷୟ ଭଞ୍ଜ, ପ୍ରଭାତ କୁମାର ମଲ୍ଲିକ, ପ୍ରସନ୍ନକାନ୍ତି ପରିଡ଼ା, ରୋଜାଲିନି ନାୟକ, ଜୋନସ୍ ମିଞ୍ଜ୍, କମଳାକାନ୍ତ ଘଡ଼େଇ, ଗୋପାଳ ବେହେରା, ରୋଜାଲିନ୍ ଦଳେଇ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଜି-୨୦ ସଂସ୍କୃତି କାର୍ଯ୍ୟଗୋଷ୍ଠୀର ପ୍ରତିନିଧିସ୍ତରୀୟ ଆଲୋଚନା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜି-୨୦ ସଂସ୍କୃତି କାର୍ଯ୍ୟ ଗୋଷ୍ଠୀ ବୈଠକର ପ୍ରତିନିଧିସ୍ତରୀୟ ଆଲୋଚନା ଆଜି ଠାରୁ ଭୁବନେଶ୍ୱରରେ ଆରମ୍ଭ ହୋଇଛି । କେନ୍ଦ୍ର ସଂସ୍କୃତି, ପର୍ଯ୍ୟଟନ ଏବଂ ଡୋନର ମନ୍ତ୍ରୀ ଜି.କିଷନ ରେଡ୍ଡୀ, କେନ୍ଦ୍ର ଗୃହ ରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ ଉଦଘାଟନୀ ଅଧିବେଶନରେ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରତିନିଧିମାନଙ୍କୁ ସମ୍ବୋଧିତ କରି ଜି. କିଷନ ରେଡ୍ଡୀ କହିଥିଲେ ଯେ, ବିଶ୍ୱ ନୀତି ନିର୍ଦ୍ଧାରଣରେ ସଂସ୍କୃତି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। କାରଣ ଏହା ବର୍ତ୍ତମାନର ସମସ୍ୟା ପାଇଁ ଅଧିକ ସମାବେଶୀ ଓ ଦୀର୍ଘସ୍ଥାୟୀ ସମାଧାନ ଯୋଗାଇ ଦେଇଥାଏ। ସେ ଆହୁରି କହିଥିଲେ ଯେ, ଏହି ପରିପ୍ରେକ୍ଷୀରେ ଜି-୨୦ ସଂସ୍କୃତି କାର୍ଯ୍ୟଗୋଷ୍ଠୀ ବିଭିନ୍ନ ସଦସ୍ୟମାନଙ୍କ ମଧ୍ୟରେ ସହଭାଗିତାକୁ ପ୍ରୋତ୍ସାହନ ଦେବା ଏବଂ ଆଲୋଚନାକୁ ପ୍ରସାରିତ କରିବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଆମେ ସାଂସ୍କୃତିକ ଆଲୋଚନାକୁ ପ୍ରୋତ୍ସାହନ ଦେବା, ସହଭାଗୀ ଅଧ୍ୟୟନକୁ ଆଗେଇ ନେବା ଏବଂ ସଦସ୍ୟମାନଙ୍କ ମଧ୍ୟରେ ସହଯୋଗକୁ ସୁଦୃଢ଼ କରିବା ଲାଗି ସଂକଳ୍ପବଦ୍ଧ ରହିଛୁ । ଏଥିସହିତ ପ୍ରତ୍ୟେକ ରାଷ୍ଟ୍ରର ଅଭିନବ ସାଂସ୍କୃତିକ ପରିଦୃଶ୍ୟ ଏବଂ ଐତିହ୍ୟକୁ ଯଥୋଚିତ ମାନ୍ୟତା ଦେଉଛୁ । ପ୍ରତିନିଧିମାନଙ୍କୁ ସମ୍ବୋଧିତ କରି କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଥିଲେ ଯେ, ଭାରତର ଜି୨୦ ଅଧକ୍ଷତା ଏବଂ 'ଅମୃତ କାଳ' ସମାନ ସମୟରେ ଆରମ୍ଭ ହୋଇଛି । ସ୍ୱାଧୀନତାର ୧୦୦ ବର୍ଷ ପୂରଣ ସୁଦ୍ଧା ଭାରତ ଏକ ଭବିଷ୍ୟଉନ୍ମୁଖୀ, ସମୃଦ୍ଧ, ସମାବେଶୀ ଓ ବିକଶିତ ରାଷ୍ଟ୍ର ଗଠନ ଦିଗରେ ଅଗ୍ରସର ହେଉଛି । ଉଦଘାଟନୀ ଅଧିବେଶନକୁ ସମ୍ବୋଧିତ କରି ସଂସ୍କୃତି ମନ୍ତ୍ରଣାଳୟ ସଚିବ ଗୋବିନ୍ଦ ମୋହନ ଜି-୨୦ ବିଷୟବସ୍ତୁକୁ ବିଶ୍ୱ ସ୍ତରରେ ସମସ୍ତଙ୍କ ପାଇଁ ନ୍ୟାୟପୂର୍ଣ୍ଣ ଏବଂ ନ୍ୟାୟସଂଗତ ବିକାଶର ଏକ ଶକ୍ତିଶାଳୀ ବାର୍ତ୍ତା ବୋଲି କହିଥିଲେ।

# ମା'ମଙ୍ଗଳାଙ୍କ ଚନ୍ଦନ ଯାତ୍ରା ହଳଦୀପାଣିରେ ଉଦ୍‌ଯାପିତ



କାକଟପୁର (ଭାସ୍କର ନ୍ୟୁଜ୍): ଗତ ଅକ୍ଷୟ ତୃତୀୟା ଠାରୁ ମା' ମଙ୍ଗଳାଙ୍କ ମନ୍ଦିରରେ ଆରମ୍ଭ ହୋଇଥିବା ଚନ୍ଦନ ଯାତ୍ରା ରବିବାର ଦିନ ହଳଦୀ ପାଣିରେ ଶେଷ ହୋଇଛି। ମନ୍ଦିରର ପୂର୍ବନୀତି ନିର୍ଘଣ୍ଟ ଅନୁଯାୟୀ ମଙ୍ଗଳା ମନ୍ଦିରରୁ ସନ୍ଧ୍ୟା ୬ ଘଟିକା ଠାରୁ ମନ୍ଦିର ମଧ୍ୟରେ ଥିବା ରାଧାକୃଷ୍ଣ ଜୀଉଙ୍କୁ ଏକ ସୁସଜ୍ଜିତ ବିମାନରେ ମନ୍ଦିର ପୂଜାପଣ୍ଡା ସେବାୟତଙ୍କ ଦ୍ୱାରା ବିଜେ କରାଯାଇ ପାରମ୍ପରିକ ବାଦ୍ୟ, ଢୋଲ ମାଦଳ, ଘଣ୍ଟ ଘଣ୍ଟା, ଶଙ୍ଖ କାହାଳି ଇତ୍ୟାଦି ବାଦ୍ୟର ତାଳେ ତାଳେ ଏକ ବିରାଟ ପଟୁଆରରେ ମଙ୍ଗଳା ମନ୍ଦିର ଠାରୁ ଚନ୍ଦନ ଘାଟକୁ ବିଜେ କରିଥିଲେ। ଏହି ପାଟୁଆରରେ ସ୍ଥାନୀୟ ତହସିଲଦାର ତଥା ମନ୍ଦିର ଟ୍ରଷ୍ଟି ବିରଞ୍ଚି ନାରାୟଣ ବେହେରା, କାକଟପୁର ଥାନା ଅଧିକାରୀ ପ୍ରିୟ ରଞ୍ଜନ ନାୟକ , ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶ ଆଲଟ ଚାମର କରି ବିମାନକୁ ଚନ୍ଦନ ଘାଟ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ଏହି ଅବସରରେ ଚନ୍ଦନ ଘାଟକୁ ବିଜେ କରୁଥିବା ଜୀଉଙ୍କୁ ଦର୍ଶନ କରିବା ପାଇଁ ମଙ୍ଗଳା ମନ୍ଦିର ଠାରୁ ଚନ୍ଦନ ଘାଟ ପର୍ଯ୍ୟନ୍ତ କାକଟପୁର ବଜାରର ୨ ପାର୍ଶ୍ୱରେ ଶତାଧିକ ଶ୍ରଦ୍ଧାଳୁମାନେ ଅପେକ୍ଷା କରି ରହିଥିବା ଦେଖିବାକୁ ମିଳିଥିଲା। ଚନ୍ଦନ ମଣ୍ଡପ ଠାରେ ପଟୁଆର ପହଞ୍ଚିବା ପରେ ସେଠାରେ ପ୍ରାଚୀ ନଦୀର ସୁବାସିତ ଜଳରେ ରାଧାକୃଷ୍ଣଙ୍କୁ ସ୍ନାନ କରାଯିବାପରେ ବାଳଭୋଗ ନୀତି ଅନୁଷ୍ଠିତ ହେଇଥିଲା। ପରେ ପରେ ଶ୍ରୀ ବିଗ୍ରହଙ୍କୁ ପ୍ରାଚୀ ନଦୀରେ ଚାପ ଡଙ୍ଗାରେ ବିଜେ କରାଯାଇ ଜଳକ୍ରୀଡା କରାଯିବାପରେ ଶ୍ରୀ ବିଗ୍ରହ ବାଟରେ ଚାଚେରୀ ଭୋଗ ଲାଗି କରାଯାଇ ମନ୍ଦିର ବିଜେ କରାଯାଇଥିଲା। ଉକ୍ତ ଯାତ୍ରାକୁ ସେବକ ସମିତି ସଭାପତି ମନୋରଞ୍ଜନ ପଣ୍ଡା, ସମ୍ପାଦକ ପବିତ୍ର ମୋହନ ଦୀକ୍ଷିତ, ଉପସଭାପତି କମଳ ଲୋଚନ ଦୀକ୍ଷିତ, ତୁଷାର ରଞ୍ଜନ ଦୀକ୍ଷିତ, ପ୍ରଦୀପ୍ତ ଦୀକ୍ଷିତ, ପ୍ରଦୀପ କୁମାର ପଣ୍ଡାଙ୍କ ସମେତ ସମସ୍ତ କାର୍ଯ୍ୟ ସମାପନ କରାଯାଇଥିଲା

# କବି ରୁବିଲତା ଦାସଙ୍କୁ ଗୀତିଞ୍ଜାନ ଦର୍ଶନ ସମ୍ମାନ

ତିହିଡ଼ି,(ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ କାଁପଡ଼ା ପଞ୍ଚାୟତର କବୀ ରୁବିଲତା ଦାସଙ୍କୁ ଭୁବନେଶ୍ୱରର ଓଡ଼ିଶା ସାହିତ୍ୟିକ ସଂଗଠନ ପକ୍ଷରୁ ଗୀତିଞ୍ଜାନ ଦର୍ଶନ ଉପାଧିରେ ସମ୍ମାନିତ କରାଯାଇଛି। ଏ ନେଇ ଶନିବାର ଭୁବନେଶ୍ୱର ଜୟଦେବ ଭବନରେ ଓଡ଼ିଶା ସାହିତ୍ୟିକ ସଂଗଠନ ପକ୍ଷରୁ ଆୟୋଜିତ ବାର୍ଷିକ ମହୋତ୍ସବରେ ସଂଗଠନର ରାଜ୍ୟ ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର ପୌରୋହିତ୍ୟ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବରେ ସାହିତ୍ୟିକ ଓ ସ୍ତମ୍ଭକାର ଭୁପେନ ମହାପାତ୍ର, ମୁଖ୍ୟବକ୍ତା ଭାବେ ପୂର୍ବତନ ସାଂସଦ ଡ. ପ୍ରସନ୍ନ ପାଟଶାଣୀ, ସମ୍ମାନିତ ଅତିଥି ଭାବେ ଡ. ଅଶୋକ କୁମାର ଦୋରା, ଡ.ଅଲେଖ ପ୍ରସାଦ ମହାରଣା, ଜାନକୀ ମହନ୍ତ, ମଙ୍ଗୁଲୁ କୁମାର ଦାସ ଓ ଡ. ନନ୍ଦକିଶୋର ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। କବି ଶ୍ରୀମତୀ ଦାସ ସାହିତ୍ୟ ଜଗତକୁ ବଳିଷ୍ଠ ଅବଦାନ ଦେବା ସହିତ ଓଡ଼ିଶାର ସାହିତ୍ୟ ଓ ସଂସ୍କୃତିକୁ ଋଦ୍ଧିମନ୍ତ କରି ଆସୁଛନ୍ତି। ଏଥିପାଇଁ ତାଙ୍କୁ ଏହି ଉତ୍ସବରେ ସଂଗଠନ ପକ୍ଷରୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

# ହେତୁବାଦୀ ରାଜା ସୁରେଶଙ୍କ ଶ୍ରଦ୍ଧାଞ୍ଜଳି ସଭା ଅବସରରେ ଆଲୋଚନାଚକ୍ର




ବ୍ରହ୍ମପୁର, (ଭାସ୍କର ନ୍ୟୁଜ): ଋଷିକୂଲ୍ୟା ଗ୍ରାମ୍ୟ ଅଫିସର ସଙ୍ଘ କାର୍ଯ୍ୟାଳୟ ପରିସରରେ ବିଶିଷ୍ଟ ହେତୁବାଦୀ ରାଜା ସୁରେଶଙ୍କ ଦ୍ୱିତୀୟ ମୃତ୍ୟୁ ବାର୍ଷିକୀ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି । କିଶୋର ଚନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସର୍ବପ୍ରଥମେ ରାଜା ସୁରେଶଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରାଯିବା ସହ ସମାଜରୁ ରୁଢ଼ିବାଦୀ ଓ ଅବୈଜ୍ଞାନିକ ବିଶ୍ୱାସ ଦୂର କରିବାରେ ତାଙ୍କର ଭୂମିକାକୁ ସମସ୍ତେ ମନେ ପକାଇଥିଲେ । ଏହି ଅବସରରେ ବିଦ୍ୟାଳୟ ପାଠ୍ୟକ୍ରମରେ ଡାରବିନଙ୍କ ବିବର୍ତ୍ତନବାଦ ଉଚ୍ଛେଦ କେତେ ଯଥାର୍ଥ ? ବିଷୟରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଭାଲଚନ୍ଦ୍ର ଷଡଙ୍ଗୀ, ବିଧୁପ୍ରଭା ରଥ, ପ୍ରଫୁଲ୍ଲ ସାମନ୍ତରା, ପ୍ରତାପ ଚୌଧୁରୀ, ଭଗବାନ ସାହୁ, ଶଙ୍କର ସାହୁ, ଅବନୀ ଗୟା, ଅମୀର ସାହୁ, ଅଧ୍ୟାପିକା ରାଜବାଳା ତ୍ରିପାଠୀ, ବିଘ୍ନେଶ୍ୱର ସାହୁ, ନିମାଇଁ ଚରଣ ସାହୁ, ଗୋପାଳ ମହାପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ । କେନ୍ଦ୍ର ସରକାରଙ୍କ ପରିଚାଳନାଧିନ ଏନସିଇଆରଟି ବିଦ୍ୟାଳୟ ପାଠ୍ୟକ୍ରମରେ ଡାରଉଇନଙ୍କ ବିବର୍ତ୍ତନବାଦକୁ ଉଚ୍ଛେଦ କରି ଛାତ୍ର ଛାତ୍ରୀ ତଥା ସମଗ୍ର ମାନବ ଜାତିର ମନରୁ ବୈଜ୍ଞାନିକ ମନୋଭାବକୁ ଲୋପ କରିବା ପାଇଁ ଏକ ପରିକଳ୍ପନା । ଏହା ସମ୍ବିଧାନର ଧାରା ୫୧ (କ)(ଜ) ଧାରାରେ ଭାରତର ସମସ୍ତ ନାଗରିକଙ୍କ ଦାୟିତ୍ୱ ବୈଜ୍ଞାନିକ ମନୋଭାବ ସୃଷ୍ଟି କରିବା, ପ୍ରଶ୍ନ କରିବା, ମାନବିକତା ଓ ସଂସ୍କାର ଆଣିବାକୁ ରହିଥିଲେ ବି ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ପଦକ୍ଷେପ ସମାଜକୁ ମଧ୍ୟଯୁଗକୁ ଠେଲିଦେବା ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ପୁଷ୍ପମାଳା ତ୍ରିପାଠୀ, ସ୍ୱପ୍ନାଦେବୀ, ସିଏଚ୍ ଆନନ୍ଦ, ଇ.ନରସିଂହଲୁ, ନିମାଇଁ ଚରଣ ସାହୁ,ପପୁନ୍ ସାହୁ, ସଂଜୀତ କୁମାର ସାହୁ, ଶଙ୍କର ସାହୁ, ପ୍ରତାପ ପ୍ରଧାନ, ଲକ୍ଷ୍ମୀ ନୃସିଂହ ରଥ, ଡି.ମୋହନ ରାଓ, ସୁନେଜ କୁମାର ପାଣିଗ୍ରାହୀ, କେ. ବାସବରାଜୁ, କ୍ରିଷ୍ଣା ରାଓ, ଗୋପାଳ ଚନ୍ଦ୍ର ମହାପାତ୍ର, ବିଭୁ ଭୂଷଣ ସାହୁ, ହାକିମ ଖାଁ, ପ୍ରତାପ ଚନ୍ଦ୍ର ପ୍ରଧାନ ସମେତ ବହୁ ବୁଦ୍ଧିଜୀବୀ ତଥା ସାମାଜିକ ଓ ରାଜନୈତିକ କର୍ମୀ ଯୋଗ ଦେଇଥିଲେ । ଶେଷରେ ସଂଗଠନର ଜିଲ୍ଲା ସମ୍ପାଦକ କେ.ନନ୍ଦେଷୁ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

# 'ବନ୍ଧୁ ହିଁ ସବୁ ସୁଖ ଦୁଃଖର ସାଥି'




କୋଣାର୍କ, (ଭାସ୍କର ନ୍ୟୁଜ୍) : କୋଣାର୍କ ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ପୀଠରେ ବାଲିଦୋକାନ ବଟେଶ୍ୱର ଉଚ୍ଚ ବିଦ୍ୟାଳୟର ୧୯୯୯ ମସିହାରେ ଦଶମ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ନେଇ ବନ୍ଧୁମିଳନ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଦୀର୍ଘ ୨୪ବର୍ଷ ପରେ ବନ୍ଧୁମିଳନ ଉତ୍ସବ ପାଳନ ହୋଇଥିବାରୁ ସ୍କୁଲ୍ ବେଳର ଗୁରୁମାନଙ୍କ ସହ ଭାବ ଆଦାନ ପ୍ରଦାନ ବେଳେ ଛାତ୍ରଛାତ୍ରୀମାନେ ଭାବବିହ୍ୱଳ ହୋଇ ଆଖିରୁ ଲୁହ ଗଡାଉଥିବା ଦେଖିବାକୁ ମିଳିଥିଲା। ପୁରୀ ଜିଲ୍ଲା କାକଟପୁର ବ୍ଲକର ଅନ୍ୟତମ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ଭାବେ ବାଲିଦୋକାନ ବଟେଶ୍ୱର ଉଚ୍ଚ ବିଦ୍ୟାଳୟ ବେଶ୍ ଜଣାଶୁଣା। ଉକ୍ତ ସ୍କୁଲର ୧୯୯୯ ମସିହାରେ ଦଶମ ଶ୍ରେଣୀରେ ପଢୁଥିବା ୧୦୩ଜଣ ଛାତ୍ରଛାତ୍ରୀମାନଙ୍କ ଉଦ୍ୟମରେ ୨୪ବର୍ଷ ପରେ ସପରିବାର ସଦସ୍ୟମାନଙ୍କୁ ନେଇ ଏକ ମହାମିଳନ ପର୍ବ ଅନୁଷ୍ଠିତ କରାଯାଇଥିଲା। ଏହି ପର୍ବରେ ସେ ସମୟରେ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ସଂସ୍କୃତ ଶିକ୍ଷକ ପଣ୍ଡିତ ଦେବ ପ୍ରସାଦ ଦାଶ, ବିଜ୍ଞାନ ଶିକ୍ଷକ ଲକ୍ଷ୍ମଣ କୁମାର ପଣ୍ଡା, ଗଣିତ ଶିକ୍ଷକ ଜଟାଧାରୀ ପ୍ରଧାନ, ଇଂରାଜୀ ଶିକ୍ଷକ ମନେମୋହନ ସ୍ୱାଇଁ, ଇତିହାସ ଶିକ୍ଷକ ରବୀନ୍ଦ୍ର ନାରାୟଣ ନନ୍ଦ ଓ କ୍ରୀଡ଼ା ଶିକ୍ଷକ ଭୁବନାନନ୍ଦ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ର ଜୀବନର ଅଭୁଲା ସ୍ମୃତିକୁ ମନେପକାଇବା ସହିତ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ମଣିଷ ହେବା ପାଇଁ ପ୍ରେରଣା ଦାୟୀ ବକ୍ତବ୍ୟ ପ୍ରଦାନ କରିଥିଲେ। ବନ୍ଧୁ ହିଁ ସବୁ ସୁଖ ଦୁଃଖର ସାଥି ବୋଲି ବିବେଚନା କରି ସବୁ ବନ୍ଧୁ ଅନ୍ୟବନ୍ଧୁମାନଙ୍କ ପ୍ରତି ସେବା, ତ୍ୟାଗ ଓ ସାହାଯ୍ୟ ମନବୃତ୍ତି ରଖି ସମୟ ଦେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଉପସ୍ଥିତ ଗୁରୁମାନଙ୍କୁ ପୂଜାର୍ଚ୍ଚନା ସହ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବିଦ୍ୟାଳୟରେ ଶିକ୍ଷକତା କରି ସମସ୍ତଙ୍କୁ ଛାଡ଼ି ଆରପାରିକୁ ଯାଇଥିବା ଦିବଂଗତ ପ୍ରଧାନଶିକ୍ଷକ ଭ୍ରମରବର ମହାରଣା, ହିନ୍ଦୀ ଶିକ୍ଷକ ମନ୍ମଥ ସାହୁ, ଇଂରାଜୀ ଓ ସାହିତ୍ୟ ଶିକ୍ଷକ ସୁନାକର ପ୍ରଧାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏଥି ସହିତ ଦୁର୍ଘଟଣାରେ ଚିକିତ୍ସିତ ହେଉଥିବା ପୂର୍ବତନ ପ୍ରଧାନଶିକ୍ଷକ ରାମଚନ୍ଦ୍ର ପଣ୍ଡାଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା। ଏହି ମହାବନ୍ଧୁମିଳନ ଉତ୍ସବରେ ଦୀପକ, ଆଲୋକ, ତପନ, ପଡିଆ, ବିପିନ, ସତ୍ରେଶ, ତାପସ, ସୁରିଆ, କାଳିଆ, ଦିପୁ, ବୁବୁ, ବାବୁ, ବିବୁ, ଅଞ୍ଜନ, ସୁକୁଟା, ଅଦିଆ, ରୁଲ, ଶୁକା, ଟୁଟା, ନିରୁ, ଜଗା, ବାବୁନି, ଚିତନ, ଲିପନ, ମୁନା, ମିକୁ, ଲୁଲୁ, ଝିଲି, ରୁବୀ, ଚୁନି, ମୀରା, ସ୍ମିତା, ବନିତା, ସୁମି, ଜିନା, ଅନିତା ଓ ମନୋରମା ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ ।

# ଅନୁଦାନ ପାଇଥିବା ଶିକ୍ଷାନୁଷ୍ଠାନର ବିଦ୍ୟାର୍ଥୀଙ୍କ ସହ କଥା ହେଲେ ୫-ଟି ସଚିବ



ହିଞ୍ଜିଳିକାଟୁ (ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫ଟି ସଚିବ ଭି. କେ. ପାଣ୍ଡିଆନ ଚଳିତ ମାସ ୦୭ ତାରିଖରେ ହିଞ୍ଜିଳି ନିର୍ବାଚନ ମଣ୍ଡଳୀ ଗସ୍ତରେ ଆସି ବିଭିନ୍ନ ଶିକ୍ଷାନୁଷ୍ଠାନ ପରିଦର୍ଶନ କରିଥିଲେ। ପରିଦର୍ଶନ କରିବାର ମାତ୍ର ୨୪ ଘଣ୍ଟା ଭିତରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଆର୍ଥିକ ସହାୟତା ରାଶି ମଞ୍ଜୁର କରାଯାଇଥିଲା। ଏନେଇ ଆଜି ସ୍ଥାନୀୟ ହିଞ୍ଜିଳିକାଟୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଭିଡିଓ କନଫ୍ରେନ୍ସ ଯୋଗେ ୫ଟି ସଚିବ ଭି. କେ. ପାଣ୍ଡିଆନ ଅନୁଦାନ ପ୍ରାପ୍ତ ଶିକ୍ଷାନୁଷ୍ଠାନର ପରିଚାଳନା ମୁଖ୍ୟ, ଛାତ୍ର, ଛାତ୍ରୀ ଏବଂ ଅଭିଭାବକମାନଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଛତ୍ରପୁର ଉପ-ଜିଲ୍ଲାପାଳ ପ୍ରସନ୍ନ କୁମାର ପାତ୍ର, ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁବ୍ରତ କୁମାର ଜେନା, ତହସିଲଦାର ପ୍ରଭାତ କୁମାର ପରିଡ଼ା, ହିଞ୍ଜିଳିକାଟୁ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଜୁବୁଲି ଚରଣ ବେହେରା, ହିଞ୍ଜିଳିକାଟୁ ବିଜ୍ଞାନ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ବିଷ୍ଣୁପ୍ରିୟା ପଣ୍ଡା, ବେଲେଶ୍ୱର ସ୍ନାତକ ମହାବିଦ୍ୟାଳୟର ଅଧକ୍ଷ ରାମକୃଷ୍ଣ ଗୌଡ଼, ଖାମ୍ବେୟାଦୋରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ସୂର୍ଯ୍ୟ ନାରାୟଣ ପଣ୍ଡା, ବେଲେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଅମିତ ପଣ୍ଡା, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷ ଅରୁଣ କୁମାର ପଟେଲ, ଯୁକ୍ତ ଦୁଇ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କଞ୍ଚୁରୁ ଭାରପ୍ରାପ୍ତ ଅଧକ୍ଷ ଏଲ୍. ଗୌରୀ ଆଚାରୀ ଏବଂ ସଂପୃକ୍ତ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀମାନେ ଉପସ୍ଥିତ ଥିଲେ।